ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୮/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, December 8/2023 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 15 | ମୂଲ୍ୟ ₹୭/-

DSPL-446

Skilled in ODISHA | ଆମ ଓଡ଼ିଶା ନବୀନ ଓଡ଼ିଶା

# EMPOWERING FUTURE OF YOUTH WITH

# NUA Odisha

*Nutana Unnata Abhilasha*



- MoU with NIOS for **12th Class Certificate for ITI Students**
- Launch of **New Age Skilling Courses**
- MoU with NASSCOM for **Digital Skilling**
- Launch of **Decentralised Skilling Programs in Districts**

**8th December 2023**

## e-SKILLING OPPORTUNITIES FOR 1,00,000 YOUTHS EVERY YEAR

Online Courses through industry leaders like Microsoft, IBM, Coursera, NASSCOM, etc.

## 20,000+ STUDENTS IN ITI TO GET 12TH CLASS CERTIFICATE ANUALLY

- Along with ITI Certificate students get 12th class pass certificate
- Open avenues for higher education

## DECENTRALISED SKILLING IN 30 DISTRICTS FOR LOCAL YOUTH THROUGHOUT THE YEAR

Skilling at the doorstep through District Skill Center

## 5000+ ITI STUDENTS TO BE UPSKILLED IN NEW AGE TRADES

Short term courses in addition to regular courses to enhance employability

## WSC SHAKTI

Creating women leader through Executive MBA Programme & CoE for Girl Students

REGISTER AT

nua.skillodisha.gov.in

IBM | CISCO | Microsoft | AUTODESK
coursera | TATA STRIVE | TATA STEEL #WeAlsoMakeTomorrow
IT - ITeS SSC nasscom | BIRDGROUP Imagine. Innovate. Inspire!
NIIT FOUNDATION | SCMS

#NUAOdisha
#OdishaOnTheMove

OUTR | BPUT | VSSUT | SCTEVT | WSC WORLD SKILL CENTER

OIPR-44011/13/0027/2324



**SKILL DEVELOPMENT AND TECHNICAL EDUCATION DEPARTMENT, GOVT. OF ODISHA**

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୭୯,୫୬୫ ଆବେଦନ

## ଯାଞ୍ଚ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୭ା୧୨(ଅସମାପିକା ସାହୁ)**

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଅଧୀନ ୧୪ଟି ବିଭାଗରେ ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ମୋଟ ୭୯,୫୬୫ଜଣ ଆବେଦନ କରିଥିବାବେଳେ ଏହାର ଯାଞ୍ଚ ମଧ୍ୟ ଆରମ୍ଭ ହୋଇଛି। ବିଭିନ୍ନ ସ୍ତରରେ ଯାଞ୍ଚ କରାଯାଇ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ପୁରସ୍କାର ଦିଆଯିବ ବୋଲି ଗୁରୁବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ସୂଚନାନୁସାରେ, ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର ପାଇଁ ମୋଟ ୫,୦୨୫ଟି ବିଦ୍ୟାଳୟ ଆବେଦନ କରିଛନ୍ତି। ପ୍ରଧାନଶିକ୍ଷକ (ମାଧ୍ୟମିକ ବିଦ୍ୟାଳୟ) ପାଇଁ ୪,୩୦୪ ଜଣ ଓ ଶିକ୍ଷକ ପୁରସ୍କାର (ମାଧ୍ୟମିକ ବିଦ୍ୟାଳୟ) ପାଇଁ ୧୪,୨୬୨ ଜଣ ଶିକ୍ଷକ ଆବେଦନ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ପାଇଁ ୧୦,୦୨୩ଟି ବିଦ୍ୟାଳୟ ଆବେଦନ କରିଥିବାବେଳେ ପ୍ରଧାନଶିକ୍ଷକ(ପ୍ରାଥମିକ ବିଦ୍ୟାଳୟ) ପୁରସ୍କାର ପାଇଁ ୮,୪୫୪ଜଣ ଓ ଶିକ୍ଷକ ପୁରସ୍କାର(ପ୍ରାଥମିକ ବିଦ୍ୟାଳୟ) ନିମନ୍ତେ ସାରା ରାଜ୍ୟରୁ ୩୦,୯୯୯ ଜଣ ଶିକ୍ଷକ ଆବେଦନ କରିଛନ୍ତି। ସେହିପରି ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର ପାଇଁ ବିଭିନ୍ନ ବିଦ୍ୟାଳୟରୁ ମୋଟ ୩,୫୯୫ଟି କମିଟି ଆବେଦନ କରିଛନ୍ତି। ଅନ୍ୟପଟେ ଜିଲା ପୁରସ୍କାର ପାଇଁ ୨୩, ବ୍ଲକ ପୁରସ୍କାର ପାଇଁ ୧୩୮, ଜିଲା ଶିକ୍ଷାଧିକାରୀ ପୁରସ୍କାର ପାଇଁ ୨୪, ବ୍ଲକ୍ ଶିକ୍ଷାଧିକାରୀ ପୁରସ୍କାର ପାଇଁ ୧୦୩, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି) ପୁରସ୍କାର ପାଇଁ ୩୦, ଗ୍ରାମପଞ୍ଚାୟତ ପୁରସ୍କାର ପାଇଁ ୧,୨୧୭, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆର୍‌ସିସି) ପୁରସ୍କାର ପାଇଁ ୧,୩୬୮ଟି ଆବେଦନ ଆସିଛି। ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ କମିଟିରେ ଏହି ଆବେଦନର ଯାଞ୍ଚ କରାଯାଇ ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ଚୟନ କରାଯିବ।

ଉଲ୍ଲେଖଯୋଗ୍ୟ, ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକର ମେଧାବୀ ଛାତ୍ରୀଛାତ୍ର, ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା ପ୍ରଶାସକ, ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଉଲ୍ଲେଖନୀୟ ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ରେ ପୁରସ୍କୃତ କରାଯିବ। ରାଜ୍ୟସ୍ତରରେ ୧୯,୪୬୭ଟି ପୁରସ୍କାର ବାବଦରେ ୩୨,୧୭,୨୯,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲାସ୍ତରରେ ୪,୬୮୦ଟି ପୁରସ୍କାର ପାଇଁ ୨୪,୫୮,୫୦,୦୦୦ ଟଙ୍କା ପୁରସ୍କାର ରାଶି ଦିଆଯିବ। ବ୍ଲକ୍‌ସ୍ତରରେ ୩୪,୮୫୪ଟି ପୁରସ୍କାର ବାବଦକୁ ୫୯,୯୭,୪୦,୦୦୦ ଟଙ୍କା ପ୍ରଦାନ କରାଯିବ। ମହାନଗର ନିଗମ ସ୍ତରରେ ୫୦ଟି ଓ ସବ୍‌ଡିଭିଜନାଲ ସ୍ତରରେ ୫୮ଟି ପୁରସ୍କାର ପାଇଁ ୧୧,୬୦,୦୦୦ଟଙ୍କାର ପୁରସ୍କାର ରାଶି ଦିଆଯିବ।

# ମା' ତାରିଣୀଙ୍କ ହୁଣ୍ଡି ଗଣତି

## ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୮୬ ଗ୍ରାମ୍ ସୁନା ମିଳିଲା

**ଘଟଗାଁ,୭ା୧୨**
**(ରାଜେନ୍ଦ୍ର କୁମାର ପଟ୍ଟନାୟକ)**

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ଗୁରୁବାର ଖୋଲାଯାଇ ଗଣତି କରାଯାଇଛି। ବାହାର ଓ ଭିତରେ ଥିବା ମୋଟ ୧୩ ହୁଣ୍ଡିରୁ ୧୯ ଲକ୍ଷ ୬୧ ହଜାର ୪୯୦ ଟଙ୍କା, ୮୬ ଗ୍ରାମ୍ ୧୧୦ ମିଲିଗ୍ରାମ୍ ସୁନା, ୫୭୯ ଗ୍ରାମ ୯୭୦ ଗ୍ରାମ ରୁପା ମିଳିଛି। ମନ୍ଦିରର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ସନାତନ ନାଏକ, ତରଣୀସେନ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଚନ୍ଦନ ବେହେରା, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ, ସିପୁନ ସାହୁ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ ଏଏସ୍‌ଆଇ ଉପେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।




































ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୮/୨୦୨୩
Bhubaneswar, Friday, December 8/2023

# ଜନଶତାବ୍ଦୀ ଏକ୍ସପ୍ରେସ୍‌ରେ ନିଆଁ



କଟକ,୭।୧୨ (କାର୍ତ୍ତିକ ସାହୁ)

ଭୁବନେଶ୍ୱରରୁ ହାଓଡ଼ା ଯାଉଥିବା ଜନଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ (ନଂ-୧୨୦୭୪)ରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ହେଲେ ତ୍ୱରିତ ପଦକ୍ଷେପ ଯୋଗୁ ଯାତ୍ରୀମାନେ ସୁରକ୍ଷିତ ରହିବା ସହ କୌଣସି କ୍ଷତି ହୋଇନାହିଁ। ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍) ଓ ଅଗ୍ନିଶମ ବାହିନୀର ତତ୍ପରତା ହେତୁ କଟକ ରେଲଷ୍ଟେଶନରେ ଦୁର୍ଘଟଣାକୁ ରୋକାଯାଇପାରିଛି। ସୂଚନା ଅନୁସାରେ, ଜନଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ ଗୁରୁବାର ସକାଳ ପ୍ରାୟ ୬ଟା ୩୦ ମିନିଟ୍‌ରେ କଟକ ରେଲଷ୍ଟେଶନର ୧ ନମ୍ବର ପ୍ଲାଟ୍‌ଫର୍ମକୁ ପ୍ରବେଶ କଲାବେଳେ ଡି-୯ ବଗିରେ ଲାଗିଥିବା ବ୍ରେକ୍‌ରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଯାତ୍ରୀମାନେ ଟ୍ରେନ୍ ଭିତରୁ ଓହ୍ଲାଇ ପଡ଼ିଥିଲେ। ପ୍ଲାଟ୍‌ଫର୍ମରେ କାର୍ଯ୍ୟରତ ଆର୍‌ପିଏଫ୍ କର୍ମଚାରୀମାନେ ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ଧରଣର ଦୁର୍ଘଟଣାରୁ ଟ୍ରେନ୍‌ଟି ରକ୍ଷା ପାଇଯାଇଛି। ଏ ସମ୍ପର୍କରେ ପୂର୍ବତଟ ରେଳ ଡିଭିଜନ ପକ୍ଷରୁ କୁହାଯାଇଛି, ଟ୍ରେନ୍ ଚକା ସହ ବ୍ରେକ୍ ଚାପି ହୋଇ ରହିଯିବା ଓ ଚକାରୁ ବ୍ରେକ୍ ନ ଖୋଲିବା କାରଣରୁ ଅତ୍ୟଧିକ ଘର୍ଷଣ ହୋଇ ନିଆଁ ଲାଗିଥିଲା। ଚକାରୁ ବ୍ରେକ୍ ଖୋଲାଯିବା ପରେ ଟ୍ରେନ୍‌ଟି ନିରାପଦରେ ସକାଳ ୭ଟା ୧୫ ମିନିଟ୍‌ରେ ଗନ୍ତବ୍ୟ ପଥ ହାଓଡ଼ା ଅଭିମୁଖେ ଯାତ୍ରା କରିଥିଲା। କୌଣସି କୋଚ୍ ଭିତରେ ନିଆଁ ଲାଗିନାହିଁ। ଟ୍ରେନ୍ ଚକାରୁ ବ୍ରେକ୍ ନ ଖୋଲିବା କାରଣ ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି ରେଲୱେ ପକ୍ଷରୁ କୁହାଯାଇଛି।

# ପେଟ୍ରୋଲ ନିଆଁରେ ୩ ବର୍ଷର ଶିଶୁ ଦଗ୍ଧ

## ବରଯାତ୍ରୀଙ୍କ ବାଇକ୍‌ରେ ପେଟ୍ରୋଲ ଭରିବାକୁ ଆସିଥିଲା

- ୩ ଗୁରୁତର, ବିବାହ ବାତିଲ
- ୨ ବଖରା ସହ ଜଳିଗଲା ଟେଣ୍ଟ

ପଟ୍ଟାମୁଣ୍ଡାଇ, ୭।୧୨ (କଳ୍ପତରୁ ନାୟକ)

ବାହାଘର ପାଇଁ ବନ୍ଧୁବାନ୍ଧବ ଆସି ଘରେ ପହଞ୍ଚି ସାରିଥିଲେ। ବରକୁ ନେଇ ବରଯାତ୍ରୀ କନ୍ୟାଘରକୁ ଯିବାକୁ ପ୍ରସ୍ତୁତ ହେଉଥିଲେ। ସମସ୍ତ ଏଥିପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏକ ଅଭାବନୀୟ ଘଟଣା ବହୁ ଓଲଟପାଲଟ କରିଦେଇଥିଲା। ବରଯାତ୍ରୀଙ୍କ ଗାଡ଼ିରେ ପକାଯିବା ପାଇଁ ଆସିଥିବା ପେଟ୍ରୋଲରେ ହଠାତ୍ ନିଆଁ ଲାଗିବା ଓ ଏଥିରେ ଜଣେ ୩ ବର୍ଷର ଶିଶୁ ଜୀବନ୍ତ ଦଗ୍ଧ ହେବା ଘଟଣା ବିବାହ ଉତ୍ସବକୁ ଲୁହରେ ଭିଜାଇ ଦେଇଥିଲା। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ଗ୍ରାମରେ ଗୁରୁବାର ଏହି ଦୁଃଖଦ ଘଟଣା ଘଟିଛି। ସେହି ନିଆଁରେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ୨ ବଖରା ଘର ସହ ଟେଣ୍ଟ ମଧ୍ୟ ଜଳିଯାଇଛି। ଏଭଳି ଘଟଣା ପରେ ପରିବାର ପକ୍ଷରୁ ବିବାହକୁ ବାତିଲ କରି ଦିଆଯାଇଛି। କାନ୍ଦ ବୋବାଳିରେ ଗାଁ ଫାଟି ପଡୁଥିବା ବେଳେ ବଡ଼ପଡ଼ା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବଡ଼ପଡ଼ା ଗ୍ରାମର ରତ୍ନାକର ମଳିକଙ୍କ ବଡ଼ପୁଅ ଜାଗେଶ୍ୱରଙ୍କ ଚଉଦକୁଲାଟ ଅଞ୍ଚଳରେ ବିବାହ ପାଇଁ ଗୁରୁବାର ତିଥି ଧାର୍ଯ୍ୟ ହୋଇଥିଲା। ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। ବରଯାତ୍ରୀ ବାଇକ୍‌ରେ ଯିବା ପାଇଁ ବର ଘର ପକ୍ଷରୁ ଏକ ପ୍ଲାଷ୍ଟିକ ଜାରରେ ପେଟ୍ରୋଲ ଆଣି ଘରେ ରଖାଯାଇଥିଲା। ବରଯାତ୍ରୀ କନ୍ୟାଘର ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ହୋଇ ସାରିଥିଲେ। ବର ଓ ବରଯାତ୍ରୀ କନ୍ୟାଘର ଅଭିମୁଖେ ବାହାରିବାର ୧୦ ମିନିଟ୍ ପୂର୍ବରୁ ଅଗ୍ନିକାଣ୍ଡ ଘଟିଗଲା। ପେଟ୍ରୋଲକୁ ଲାଗି ଏକ ହେଁସ ରଖାଯାଇଥିଲା। ତାହା ଉପରେ ବିଦ୍ୟୁତ୍ ତାର ଯାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଝୁଲ ପଡ଼ି ରଖାଯାଇଥିବା ହେଁସ ଉପରେ ପଡ଼ି ପେଟ୍ରୋଲରେ ଲାଗି ଯାଇଥିଲା। ନିମିଷକେ ଏହି ନିଆଁ ଘରର ଚାରି ଆଡେ ବ୍ୟାପୀ ଯାଇଥିଲା। ଘରେ ବନ୍ଧୁ ବାନ୍ଧବ, ସ୍ତ୍ରୀ, ପିଲା, ଭର୍ତ୍ତି ହୋଇ ରହିଥିଲେ। ନିଆଁ ମଧ୍ୟରୁ ପଦାକୁ ବାହାରି ଆସିବା ପାଇଁ ହୋହଲ୍ଲା ହୋଇଥିଲା। ଠେଲା ପେଲାରେ ଯିଏ ଯେମିତି ପାରିଲେ ପଦାକୁ ଦୌଡ଼ି ପଳାଇ ଆସିଥିଲେ। ହେଲେ ପିଉସୀ ଘରକୁ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅନ୍ତର୍ଗତ ମାଟିଆ ଗ୍ରାମର ଅରବିନ୍ଦ ମଳିକ (ପପୁ)ଙ୍କ ପୁଅ ଗୁଗୁଲ (୩) ଘର ଭିତର ନିଆଁରୁ ବାହାରି ପାରି ନ ଥିଲେ। ଫଳରେ ଗୁଗୁଲୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ପୁତୁରା ଗୁଗୁଲକୁ ବଞ୍ଚାଇବାକୁ ଯାଇ ଦାଦା ଶିପୁ ମଳିକ(୧୪) ଗୁରୁତର ଆହତ ହୋଇଛନ୍ତି। ମୃତ ଓ ଆହତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ☞ପୃଷ୍ଠା-୯

# ଅର୍ଜୁନ ମୁଣ୍ଡା ନୂଆ କୃଷିମନ୍ତ୍ରୀ



ନୂଆଦିଲ୍ଲୀ,୭।୧୨

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ପ୍ରହ୍ଲାଦ ସିଂ ପଟେଲ ଓ ରେଣୁକା ସିଂ ସରୁତାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି। ଏହି ୩ ଭାଜପା ନେତା ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ତୋମାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି କୃଷି ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ଭାର ପ୍ରଦାନ କରାଯାଇଛି। ଆଇଟି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କୁ ଜଳଶକ୍ତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାଓ୍ୱାରଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ଏକବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ୪,୮୦୪.୩୫ କୋଟିର ୧୯ ପ୍ରକଳ୍ପକୁ ଅନୁମୋଦନ

## ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

- ସୃଷ୍ଟି ହେବ ୧୭,୫୫୩ ନିଯୁକ୍ତି ସୁଯୋଗ
- କେନ୍ଦ୍ରାପଡ଼ାରେ ସ୍ଥାପନ ହେବ ୨୦୦ କୋଟିର ବୟନଶିଳ୍ପ
- ଢେଙ୍କାନାଳରେ ହେବ ୯୯୧ କୋଟିର ପେଣ୍ଟ(କେମିକାଲ) କାରଖାନା

ଭୁବନେଶ୍ୱର,୭।୧୨(ଅନିଲ ଦାସ)

ରାଜ୍ୟ ସରକାର ୪,୮୦୪.୩୫ କୋଟି ଟଙ୍କାର ୧୯ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୭,୫୫୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ପୋଷାକ ଓ ବୟନଶିଳ୍ପ, ଇସ୍ପାତ ଡାଉନଷ୍ଟ୍ରିମ୍, ପେଣ୍ଟ(ରାସାୟନିକ), ପ୍ଲାଷ୍ଟିକ୍, ପ୍ୟାକେଜିଂ/ମେଟାଲ୍ ଡାଉନଷ୍ଟ୍ରିମ୍, ରସାୟନିକ, ଖାଦ୍ୟ ପ୍ରକ୍ରିୟାକରଣ, ପାନୀୟ ଓ ଆନୁଷଙ୍ଗିକ କ୍ଷେତ୍ର, ଇସ୍ପାତ(ଫେରୋ ଆଲୟେଜ୍), ଆଇଟି ଭିତ୍ତିଭୂମି, କୃଷି ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି ଭଳି ପ୍ରମୁଖ କ୍ଷେତ୍ରରେ ଏହି ପୁଞ୍ଜିନିବେଶ ହେବ। ଏହି ପ୍ରକଳ୍ପ ଅନୁମୋଦନ ହେବା ଫଳରେ ରାଜ୍ୟରେ ପୁଞ୍ଜିନିବେଶ ସ୍ଥିତି ଆହୁରି ସୁଦୃଢ଼ ହୋଇଛି। ୧୦ଟି ଜିଲାରେ ଉକ୍ତ ଶିଳ୍ପଗୁଡ଼ିକ ସ୍ଥାପନ କରିବା ପ୍ରସ୍ତାବ ରହିଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାରେ ୱେଲସ୍ପନ୍ ଲିଭିଂ ଲିମିଟେଡ୍ ୨୦୦ କୋଟି ଟଙ୍କା ବିନିଯୋଗରେ ପୋଷାକ ଓ ବୟନ ଶିଳ୍ପ ସ୍ଥାପନ କରିବ। ଏଥିରେ ୨୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଏହା ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ। ସେହିପରି ଟାଟା ଷ୍ଟିଲ୍ ଡାଉନଷ୍ଟ୍ରିମ୍ ପ୍ରଡକ୍ଟସ୍ ଲିମିଟେଡ୍ ପକ୍ଷରୁ ଯାଜପୁରର କଳିଙ୍ଗ ନଗରରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଇସ୍ପାତ ସେବା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଥିରେ ୭୩୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୩୩୫ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରୁଙ୍ଗଟା ପେଣ୍ଟସ୍ ଲିମିଟେଡ ପକ୍ଷରୁ ଢେଙ୍କାନାଳଠାରେ ୯୯୧ କୋଟି ଟଙ୍କା ☞ପୃଷ୍ଠା-୯




# ତେଲଙ୍ଗାନାରେ ରେଭନ୍ତ ସରକାର

## କ୍ୟାବିନେଟ୍‌ରେ ୧୧ ମନ୍ତ୍ରୀ ସାମିଲ




ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଅନୁମୁଲା ରେଭନ୍ତ ରେଡ୍ଡୀ ଶପଥ ନେଉଛନ୍ତି।

ହାଇଦ୍ରାବାଦ,୭।୧୨

ତେଲଙ୍ଗାନା ବିଧାନସଭାରେ କଂଗ୍ରେସକୁ ବଡ଼ ବିଜୟ ପ୍ରଦାନ କରିବାରେ ମୁଖ୍ୟ ଭୂମିକା ନିଭାଇଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଅନୁମୁଲା ରେଭନ୍ତ ରେଡ୍ଡୀ ଗୁରୁବାର ରାଜ୍ୟର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ହାଇଦ୍ରାବାଦର ଲାଲ୍‌ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ରେଭନ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ କ୍ୟାବିନେଟରେ ୧୧ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମାଲ୍ଲୁ ଭଟ୍ଟି ଭିକରମାର୍କା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ପୂର୍ବତନ ପିସିସି ସଭାପତି ଏନ. ଉତ୍ତମ କୁମାର ରେଡ୍ଡୀ,ଶ୍ରୀଧର ବାବୁ, ପୋନମ ପ୍ରଭାକର, ☞ପୃଷ୍ଠା-୯

## ୪ ବର୍ଷରେ ବାଘ ଆକ୍ରମଣରେ ୨୯୩ ମୃତ

ନୂଆଦିଲ୍ଲୀ,୭।୧୨

ଦେଶରେ ଗତ ୪ ବର୍ଷ ମଧ୍ୟରେ ବାଘ ଆକ୍ରମଣରେ ୨୯୩ ଜଣଙ୍କ ଜୀବନ ଯାଇଥିବାବେଳେ ହାତୀ ଆକ୍ରମଣରେ ୨,୬୫୭ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟ ସଭାରେ କେନ୍ଦ୍ର ସରକାର ଗୁରୁବାର ଏହି ତଥ୍ୟ ଦେଇଛନ୍ତି। ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି। ୨୦୧୮ରେ ବାଘ ଆକ୍ରମଣରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ରେ ୪୯, ୨୦୨୦ରେ ୫୧, ୨୦୨୧ରେ ୫୯ ଏବଂ ୨୦୨୨ରେ ୧୦୩ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୮-୧୯ ବର୍ଷରେ ହାତୀ ଆକ୍ରମଣରେ ୪୫୭ ଜଣ ପ୍ରାଣ ହରାଇଥିବାବେଳେ ୨୦୧୯-୨୦ରେ ୫୮୬, ୨୦୨୦-୨୧ରେ ୪୬୪ ଏବଂ ୨୦୨୧-୨୨ରେ ୫୪୫ ଲୋକଙ୍କ ଜୀବନ ଯାଇଛି।

ଆଜିର ସମ୍ପାଦକୀୟ
ପ୍ରାକୃତିକ ଭିତ୍ତିଭୂମି

# ପେନ୍‌କିଲର ମେଫଟାଲର ପାର୍ଶ୍ୱ ପ୍ରତିକ୍ରିୟା, ସତର୍କ କରାଇଲେ ସରକାର

ନୂଆଦିଲ୍ଲୀ,୭।୧୨




ସାଧାରଣତଃ ମହିଳାମାନଙ୍କ ଋତୁସ୍ରାବ ସମୟରେ ଏବଂ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଉପଶମ ପାଇଁ ବ୍ୟବହାର ହେଉଥିବା ପେନ୍‌କିଲର 'ମେଫଟାଲ'ର ପ୍ରତିକୂଳ ପ୍ରତିକ୍ରିୟା ରହିଥିବା ନେଇ ଇଣ୍ଡିଆନ୍ ଫାର୍ମାକୋପୋଇଆ କମିଶନ (ଆଇପିସି) ସତର୍କତା ଜାରି କରିଛି। ଉକ୍ତ ଯନ୍ତ୍ରଣା ଉପଶମକାରୀ ଔଷଧର ପ୍ରତିକୂଳ ପ୍ରତିକ୍ରିୟାକୁ ଅନୁଧ୍ୟାନ କରିବା ଲାଗି ଆଇପିସି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିୟୋଜିତ ପେସାଦାର ଏବଂ ରୋଗୀମାନଙ୍କୁ ପରାମର୍ଶ ଦେଇଛି। ମେଫେନାମିକ ଏସିଡ୍ ପେନ୍‌କିଲରକୁ ରୁମାଟଏଡ୍ ଆର୍ଥ୍ରେଟିସ୍, ଅଷ୍ଟେଓଆର୍ଥ୍ରେଟିସ୍, ଡିସ୍‌ମେନୋରିଆ, ସାମାନ୍ୟରୁ ମଧ୍ୟମ ଯନ୍ତ୍ରଣା, ପ୍ରଦାହ, ଜ୍ୱର ଏବଂ ଦାନ୍ତ ଯନ୍ତ୍ରଣା ଉପଶମ ପାଇଁ ଦିଆଯାଇଥାଏ। ଫାର୍ମାକୋଭିଜିଲାନ୍ସ ପ୍ରୋଗ୍ରାମ ଅଫ୍ ଇଣ୍ଡିଆ (ପିଭିପିଆଇ) ଡାଟାବେସ୍‌ରେ ଏହି ଔଷଧର ବିପରୀତ ପ୍ରତିକ୍ରିୟା ଥିବା ନେଇ ପ୍ରାରମ୍ଭିକ ଅନୁଶୀଳନ କରାଯାଉଛି। ସ୍ୱାସ୍ଥ୍ୟସେବା ସହ ସମ୍ପୃକ୍ତ ବ୍ୟକ୍ତି, ଗ୍ରାହକ ଓ ରୋଗୀ ଏଭଳି ପ୍ରତିକ୍ରିୟା ଅନୁଭବ କଲେ ତୁରନ୍ତ ପିଭିପିଆଇ ଜାତୀୟ ସମନ୍ୱୟ କେନ୍ଦ୍ରକୁ ୱେବ୍‌ସାଇଟ୍ ଜରିଆରେ ଜଣାଇବାକୁ କୁହାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଳି ମାଙ୍କୁଡ଼ି**
**ଏ ଡାଳ ସେ ଡାଳ ଡେଉଁଛି ଖାଲି ।**

ସାଧାରଣତଃ ଗାଁ ଗହଳିରେ ଝିଅ ବୋହୂମାନେ ବରଗଛ ଓହଳରେ ଡାଳି ମାଙ୍କୁଡ଼ି ଖେଳ ଖେଳିଥାନ୍ତି। ପରୋକ୍ଷରେ ଚଞ୍ଚଳ ସ୍ୱଭାବ ବିଶିଷ୍ଟା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡାଲି ବଘାରିଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ**
**ଯଉବନ ଗଲା ମୁଖ ମଉଳିଲା**
**ପଚାରିବେ କାହିଁ ପାଇଁ ।**

ଯୌବନ ଚିରସ୍ଥାୟୀ ହୋଇ ନ ଥାଏ। ଯୌବନାବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ଏପରି ସ୍ଥିତିରେ ବ୍ୟକ୍ତି ଅନ୍ୟ ଆଖିରେ ନିଜର ଆକର୍ଷଣ ହରାଇ ବସିବା ସହ ଅଲୋଡ଼ା ହୋଇଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଧରାପଡ଼ିଲେ ୯ ମାଓବାଦୀ, ୭ କୋର୍ଟ ଚାଲାଣ

## ବାଳସୁଧାର ଗୃହକୁ ଗଲେ ୨ ନାବାଳକ

ମାଲକାନଗିରି,୭।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ୯ ମାଓବାଦୀଙ୍କ ମଧ୍ୟରୁ ଯବାନମାନେ ଗୁରୁବାର ୭ ଜଣଙ୍କୁ ଗୁରୁବାର ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଥିବା ୨ଜଣ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଛତିଶଗଡର ଦନ୍ତେୱାଡା ଜିଲା ଚିଡ୍ରାପାଲ ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରିଥିବା ନେଇ ଜିଲା ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇଥିଲା। ପରେ ଡିଆରଜି, ବସ୍ତର ଫାଇଟର୍ସ ସିଆରପିଏଫର ଯବାନମାନେ ମିଳିତ ଭାବେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ଚିଡ୍ରାପାଲ ଜଙ୍ଗଲ ନିକଟରେ ଯବାନମାନଙ୍କୁ ଦେଖି ମାଓବାଦୀମାନେ ପଳାଇ ଯାଉଥିବା ବେଳେ ୯ ଜଣଙ୍କୁ ଯବାନମାନେ କାବୁ କରିଥିଲେ। ପଚରାଉଚରା ବେଳେ ସେମାନେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ। ଏମାନଙ୍କ ମଧ୍ୟରେ ୨ଜଣ ନାବାଳକ ଥିବା ବେଳେ ଅନ୍ୟ ୭ ଜଣ ମାଓବାଦୀଙ୍କୁ ଯବାନମାନେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ମହିଳାଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ମାର୍‌ପିଟ୍‌

ବାଲେଶ୍ୱର, ୭।୧୨ (ମାନସ ବିଶ୍ୱାଳ)

ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ଗୁରୁବାର ଅପରାହ୍ନରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ରଣକ୍ଷେତ୍ର ପାଲଟିଥିଲା। ମୃତ ମହିଳାଙ୍କ ସ୍ୱାମୀ ଓ ତାଙ୍କ ବାପଘର ଲୋକଙ୍କ ମଧ୍ୟରେ ମାର୍‌ପିଟ୍ ଲାଗିଥିଲା। ଡାକ୍ତରଖାନା ପରିସରରେ ଥିବା ଫାଣ୍ଡି ସମ୍ମୁଖରେ ଏଭଳି ଘଟଣା ଘଟୁଥିବା ଦେଖି ପୋଲିସ ଅଟକାଇବାକୁ ଚେଷ୍ଟା କରି ମାଡ଼ ଖାଇଥିବା ଦେଖିବାକୁ ମିଳିଥିଲା। ଡାକ୍ତରଖାନାରେ ଥିବା ଅନ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇପଡ଼ିଥିଲେ। ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମୃତ ମହିଳାଙ୍କ ପେଟକୁ ତାଙ୍କ ସ୍ୱାମୀ ଗୋଇଠା ମାରି ହତ୍ୟା କରିଥିବା ନେଇ ଡାକ୍ତରଖାନା ପରିସରରେ ତାଙ୍କ ବାପଘର ଲୋକେ ଗଣମାଧ୍ୟମ ଆଗରେ କହିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ସୁଦ୍ଧା କୌଣସି ଲିଖିତ ଅଭିଯୋଗ କରିନାହାନ୍ତି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ମଙ୍ଗଳପୁର ଅଞ୍ଚଳର କର୍ମବୀର ସେନାପତି ୨୦୧୯ ଡିସେମ୍ବରରେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ମଲ୍ଲିପୁର ଅଞ୍ଚଳର କଲ୍ୟାଣୀ ସେନାପତି (୩୦)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। କର୍ମବୀର ସୋରରେ ଏକ ବ୍ୟାଙ୍କରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବାରୁ ସେଠାରେ ଭଡ଼ା ନେଇ ଉଭୟେ ରହିଆସୁଥିଲେ।

### ଗୋଇଠା ମାରି ହତ୍ୟା କରାଯାଇଥିବା ଅଭିଯୋଗ

ଇତିମଧ୍ୟରେ ସେମାନଙ୍କର ଗୋଟିଏ ୨ବର୍ଷର ଝିଅ ଓ ୬ମାସର ପୁତ୍ର ସନ୍ତାନ ରହିଛି। ଗତ ବୁଧବାର କଲ୍ୟାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ପ୍ରଥମେ ସୋର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ପ୍ରାୟ ସନ୍ଧ୍ୟା ୬ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କଲ୍ୟାଣୀଙ୍କ ବାପଘର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ଡାକ୍ତରଙ୍କ ରିପୋର୍ଟ ଅନୁସାରେ ଫାଣ୍ଡି ତରଫରୁ ଏକ ଅପମୃତ୍ୟୁ ମାମଲା (ନଂ. ୧୮୬/୨୩) ରୁଜୁ କରାଯାଇ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। କଲ୍ୟାଣୀଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ତାଙ୍କ ଝିଅଙ୍କୁ ଶାଶୁ ଘର ଲୋକେ ନିର୍ଯ୍ୟାତନା ଦେଇଆସୁଥିଲେ। ନିଜ ଇଚ୍ଛା ବିରୋଧରେ ଗର୍ଭପାତ କରାଉଥିଲେ। କଲ୍ୟାଣୀ ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ତାଙ୍କ ଠିକ୍ ଚିକିତ୍ସା କରାଯାଉ ନ ଥିଲା। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।




# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ନବରଙ୍ଗପୁର ଜିଲା ବିଜେଡି ନେତା

ଭୁବନେଶ୍ୱର,୭।୧୨(ଅନିଲ ଦାସ)



ନବରଙ୍ଗପୁର ଜିଲାର ବିଜେଡି ନେତାମାନେ ଗୁରୁବାର ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ନିଜର ଉଦ୍ୟମ ଜାରି ରଖିଥିବାରୁ ସେମାନେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହିତ ୨୦୨୩ ମାର୍ଚ୍ଚ ୧୭ ଓ ୧୮ ତାରିଖରେ ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତ ପରେ ନବରଙ୍ଗପୁରରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାକୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେଖିଥିବା ସ୍ୱପ୍ନକୁ ସାକାର କରିବା ଲାଗି ପାଣ୍ଡିଆନ ଜିଲାର ନେତାମାନଙ୍କୁ ଆହ୍ୱାନ କରିଛନ୍ତି। ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ, ଏସ୍‌ଡିସି ଉପଦେଷ୍ଟା ପ୍ରଦୀପ ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଉମରକୋଟ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଓଏଲ୍‌ଆଇସି ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବିଜୁ ମହିଳା ଜନତା ଦଳ ଜିଲା ପର୍ଯ୍ୟବେକ୍ଷକ ରେଣୁ ଜେନା ପ୍ରମୁଖ ପାଣ୍ଡିଆନଙ୍କୁ ସାକ୍ଷାତ କରିଥିଲେ।

# 'ପିଏମ୍-ଉଷା ଯୋଜନା କାର୍ଯ୍ୟକାରୀ କରିବାକୁ ଅନୁରୋଧ'

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୧୨ (ସୁନୀତି ମିଶ୍ର)

ଓଡ଼ିଶାରେ ଉଚ୍ଚ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ପାଇଁ ପିଏମ୍-ଉଷା ଯୋଜନା କାର୍ଯ୍ୟକାରୀ କରିବା ତଥା ଏହି ଯୋଜନାର ଲାଭ ନେବା ପାଇଁ ନିରନ୍ତର ସମର୍ଥନ ଓ ସହଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା)କୁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ(ପିଏମ୍-ଉଷା) ନାମରେ ଶୁଭାରମ୍ଭ କରାଯାଇଛି। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଜାରି ରଖିବା ପାଇଁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଯୋଜନା ପିଏମ୍ ଉଷାକୁ ଅନୁମୋଦନ ମିଳିଥିବା ବେଳେ ୧୨ ହଜାର ୯୨୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନୂଆ ଜାତୀୟ ଶିକ୍ଷାନୀତିର କ୍ରିୟାନ୍ୱୟନ ସମୟରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ ଦିଗରେ ପିଏମ୍-ଉଷା କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନୂଆ ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଏବଂ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକର ସାମଗ୍ରିକ ଉନ୍ନତି ଏହି ଯୋଜନାର ଲକ୍ଷ୍ୟ ରହିଛି। ବିଶେଷ ଭାବେ ଦୁର୍ଗମ, ଜନଜାତି ଅଧ୍ୟୁଷିତ, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଉଚ୍ଚତର ଶିକ୍ଷା ପାଇଁ ସୁଯୋଗ ସୃଷ୍ଟି କରିବାର ଉଦ୍ଦେଶ୍ୟ ରହିଛି। ସେହିପରି ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ଦୂରକରିବା ଦିଗରେ ଏହି ଯୋଜନା ସହାୟକ ହେବ। ଯୋଜନାର ଗାଇଡ୍‌ଲାଇନ ଅନୁସାରେ ପିଏମ୍ ଉଷା ଯୋଜନାକୁ କ୍ରିୟାନ୍ୱୟନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ବୁଝାମଣା ସ୍ୱାକ୍ଷରିତ(ଏମ୍ଓୟୁ) କରିବା ଦରକାର।

ସୂଚନାଯୋଗ୍ୟ, ବୁଝାମଣା ପତ୍ରର ଫର୍ମାଟ୍ ଗତବର୍ଷ ଜୁନ ୨୪ରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ


ଧର୍ମେନ୍ଦ୍ର ପ୍ରଧାନ

ଦିଆଯାଇସାରିଛି। ପିଏମ୍-ଉଷା ନିର୍ଦ୍ଦେଶାବଳୀ ଅଧୀନରେ ନିର୍ଦ୍ଧାରିତ ବୁଝାମଣାପତ୍ର ସ୍ୱାକ୍ଷର କରିବା ଓଡ଼ିଶା ଭଳି ରାଜ୍ୟ ପାଇଁ ପ୍ରାଥମିକତା। ଏମ୍ଓୟୁରେ ପିଏମ୍ ଉଷାର ଠିକ୍ ଯୋଜନା, କାର୍ଯ୍ୟକାରିତା ଏବଂ ତଦାରଖ ସମ୍ପର୍କିତ ବିବରଣୀ ପ୍ରଦାନ କରାଯାଇଛି। ମଲ୍‌ଟିପୁଲ୍ ଏଣ୍ଟ୍ରି-ଏକଜିଟ୍, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍, ଏନ୍‌ଏଚ୍‌ଇକ୍ୟୁଏଫ୍, ଭାରତୀୟ ଜ୍ଞାନ ବ୍ୟବସ୍ଥା ଭଳି ସଂସ୍କାର ସହିତ ଯୋଡ଼ି ଓଡ଼ିଶା ରାଜ୍ୟ ଦ୍ୱାରା ପ୍ରସ୍ତାବଗୁଡ଼ିକର ଯୋଜନା ଏବଂ ଡ୍ରାଫ୍ଟ ପ୍ରସ୍ତୁତ କରିବାର ପ୍ରତିବଦ୍ଧତା ଦେଶର ଉଚ୍ଚଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ନୀତି ଏବଂ ଯୋଜନା ମଧ୍ୟରେ ଉତ୍ତମ ସମନ୍ୱୟ ଆଣିବ। ରୁସାର ପୂର୍ବ ପର୍ଯ୍ୟାୟରେ ଓଡ଼ିଶା ସକ୍ରିୟ ଅଂଶଗ୍ରହଣ କରି ରାଜ୍ୟରେ ଉଚ୍ଚଶିକ୍ଷାର ଉନ୍ନତି ପାଇଁ ଯୋଜନା ଅନ୍ତର୍ଗତ ଆସିଥିବା ଆର୍ଥିକ ସହାୟତାକୁ ଉପଯୋଗ କରିବାରେ ସଫଳ ହୋଇଛି। ତେବେ ପିଏମ୍ ଉଷାର ନୂତନ ପର୍ଯ୍ୟାୟରେ ଓଡ଼ିଶା ଏ ପର୍ଯ୍ୟନ୍ତ ଏମ୍ଓୟୁ ସ୍ୱାକ୍ଷର କରିନାହିଁ। ଏହି ଯୋଜନାରେ ଅନୁଦାନ ପାଇବା ପାଇଁ ପ୍ରସ୍ତାବଗୁଡ଼ିକର ଦାଖଲ ପ୍ରକ୍ରିୟା ଗତ ବର୍ଷ ଅକ୍ଟୋବର ୨୧ରୁ ଆରମ୍ଭ ହୋଇସାରିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ପିଏମ୍ ଉଷା ଯୋଜନାର କ୍ରିୟାନ୍ୱୟନ ପାଇଁ ସହଯୋଗ ଏବଂ ନିରନ୍ତର ସମର୍ଥନ ଦେବା ପାଇଁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ଗତବର୍ଷ ଜୁନ୍ ୧୫ରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ପିଏମ୍-ଉଷା ଯୋଜନାର ଶୁଭାରମ୍ଭ ନେଇ ପତ୍ର ମାଧ୍ୟମରେ ଧର୍ମେନ୍ଦ୍ର ଅବଗତ କରାଇଥିଲେ।

# ଓଡ଼ିଆ କୃଷି ବୈଜ୍ଞାନିକଙ୍କୁ ଅନ୍ତର୍ଜାତୀୟ ପୁରସ୍କାର

ଭୁବନେଶ୍ୱର, ୭।୧୨ (ଅସମାପିକା ସାହୁ)

ବିଶ୍ୱ ଚାଉଳ ଶିଳ୍ପରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଆ କୃଷି ବୈଜ୍ଞାନିକ ଡ. ସମରେନ୍ଦୁ ମହାନ୍ତିଙ୍କୁ ଅନ୍ତର୍ଜାତୀୟ ପୁରସ୍କାର ମିଳିଛି। ଫିଲିପାଇନ୍ସର ସେବୁଠାରେ ଅନୁଷ୍ଠିତ ବିଶ୍ୱ ଚାଉଳ ସମ୍ମିଳନୀରେ ତାଙ୍କୁ 'ୱାର୍ଲଡ ରାଇସ୍ ଇଣ୍ଡଷ୍ଟ୍ରି ଗ୍ଲୋବାଲ ସର୍ଭିସ ଆୱାର୍ଡ' ପ୍ରଦାନ କରାଯାଇଛି। ଆନ୍ତର୍ଜାତିକ ଚାଉଳ ଗବେଷଣା ପ୍ରତିଷ୍ଠାନ(ଆଇଆର୍‌ଆର୍‌ଆଇ)ର ପୂର୍ବତନ ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ତଥା ପ୍ରୋଗ୍ରାମ ଲିଡର ସମରେନ୍ଦୁ ବର୍ତ୍ତମାନ ଆନ୍ତର୍ଜାତିକ ଆଳୁ କେନ୍ଦ୍ର(ସିଆଇପି)ର ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଭାରତୀୟ ଚାଉଳ ବିଶ୍ୱର ଶ୍ରେଷ୍ଠ ଚାଉଳ ତାଲିକାର ୩ ନମ୍ବର ସ୍ଥାନରେ ରହିଛି।

ସମ୍ମିଳନୀରେ ବିଶ୍ୱର ପ୍ରାୟ ୬୦୦ ଚାଉଳ ବ୍ୟବସାୟୀ


ସମ୍ମିଳନୀରେ ଓଡ଼ିଆ କୃଷି ବୈଜ୍ଞାନିକ ଡ. ସମରେନ୍ଦୁ ମହାନ୍ତିଙ୍କୁ 'ୱାର୍ଲଡ ରାଇସ୍ ଇଣ୍ଡଷ୍ଟ୍ରି ଗ୍ଲୋବାଲ ସର୍ଭିସ ଆୱାର୍ଡ' ପ୍ରଦାନ କରାଯାଉଛି।

ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଶ୍ୱର ଶ୍ରେଷ୍ଠ ଚାଉଳ ପ୍ରତିଯୋଗିତା ପାଇଁ ଥାଇଲାଣ୍ଡ, ଭିଏତନାମ, କାମ୍ବୋଡିଆ, ଭାରତ, ପାକିସ୍ତାନ ଓ ଫିଲିପାଇନ୍ସ ସମେତ ୧୦ରୁ ଅଧିକ ଦେଶର ଏକାଧିକ ନମୁନା ରହିଥିଲା। ଭାରତୀୟ ଚାଉଳ ବିଶ୍ୱର ଶ୍ରେଷ୍ଠ ଚାଉଳ ତାଲିକାର ୩ ନମ୍ବର ସ୍ଥାନରେ ରହିବା ସହ କାମ୍ବୋଡିଆ ଓ ଭିଏତନାମ ସହ ପ୍ରତିଯୋଗିତାର ଫାଇନାଲରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ଚାଉଳ ବ୍ୟବସାୟୀମାନେ ୨୦୨୪ ଏପ୍ରିଲରେ ଭାରତରେ ପ୍ରଥମ ଥର ପାଇଁ ବିଶ୍ୱ ଚାଉଳ ସମ୍ମିଳନୀ ଆୟୋଜନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ଭାରତୀୟ ଚାଉଳ ଶିଳ୍ପ ପାଇଁ ଏହା ଏକ ଉତ୍ତମ ସୁଯୋଗ ହେବ। ଯେଉଁଥିରେ ଭାରତର ବିଭିନ୍ନ ଭାଗରେ ଉତ୍ପାଦିତ ପାରମ୍ପରିକ ସୁଗନ୍ଧିତ କିସମ ସହିତ ଭାରତୀୟ ଚାଉଳକୁ ବିଶ୍ୱ ଚାଉଳ ସମୁଦାୟଙ୍କ ସମ୍ମୁଖରେ ପ୍ରଦର୍ଶିତ

### ଶ୍ରେଷ୍ଠ ୩ ନମ୍ବର ସ୍ଥାନରେ ଭାରତୀୟ ଚାଉଳ

କରାଯିବ। ଖୁବ୍‌ଶୀଘ୍ର ଏହାର ସ୍ଥାନ ଓ ତାରିଖ ଘୋଷଣା କରାଯିବ ବୋଲି ସମରେନ୍ଦୁ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଡ. ମହାନ୍ତି ବିଶ୍ୱ ଚାଉଳ ବଜାରକୁ ସୁରୁଖୁରୁରେ ଚଳାଇବା ପାଇଁ ଠିକ୍ ତଥ୍ୟ ଆଣିବାରେ ସରକାର ଏବଂ ଚାଉଳ ଶିଳ୍ପଙ୍କ ସହ ମିଶି କାମ କରୁଛନ୍ତି। ସେ ମଧ୍ୟ ଅନେକ ଏସୀୟ ଦେଶର କୃଷକଙ୍କ ସହ ମିଶି ନୂତନ ଜ୍ଞାନ କୌଶଳ ଗ୍ରହଣ, ବିହନ ପ୍ରଣାଳୀ ବିକାଶ ଏବଂ ବଜାର ସଂଯୋଗୀକରଣ ମାଧ୍ୟମରେ ସେମାନଙ୍କ ଜୀବିକାରେ ଉନ୍ନତି ଆଣିବା ଦିଗରେ ନିଜକୁ ସମର୍ପିଛନ୍ତି। ଓଡ଼ିଶାକୁ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାରେ ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସହ ମଧ୍ୟ ସେ କାର୍ଯ୍ୟ କରି ଆସୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚିବର୍ଦ୍ଧକ ହେବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବ ଓ ଶାନ୍ତି ଫେରିଆସିବ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଦେଖାଦେବ। ଯାତ୍ରା ସମୟରେ ସତର୍କ ରୁହନ୍ତୁ।

**ବୃଷ** - ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିବେ। ଖଳ ଲୋକମାନଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଦୂରେଇ ରହିବା ଭଲ ହେବ।

**ମିଥୁନ** - ଟିକିଏ ଟିକିଏ କଥାରେ କଳହ ଲାଗିପାରେ ଏଣୁ ଭାବିଚିନ୍ତି କଥାବାର୍ତ୍ତା କରିବା ଭଲ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସନ୍ଧ୍ୟା ସମୟରେ ପରିଜନ ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** - ଅର୍ଥଲାଭ ହେଲେ ମଧ୍ୟ ପାରିବାରିକ କ୍ଷେତ୍ର ବିପଦସଙ୍କୁଳ ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଓ ମନୋରଞ୍ଜନ ପ୍ରିୟ ହେବେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ସିଂହ** - ଆଜି ପାଖପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହେବାର ସୂଚନା ଦେଖାଦେଇପାରେ। ମାତ୍ର ଆପଣ ଉପସ୍ଥିତବୁଦ୍ଧି ଖଟାଇ କାର୍ଯ୍ୟସାଧନ କରପାରିବେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**କନ୍ୟା** - କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ ଫଳରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ ତଥାପି ଉନ୍ନତ ଚିନ୍ତାରୁ ପ୍ରୀତ ହେବେ। ଅପରାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** - ଯାହା ପାଉଛନ୍ତି ସେତିକିରେ ସନ୍ତୁଷ୍ଟ ରହିବା ଭଲ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ଆଜିର ଯାତ୍ରା ଶୁଭପ୍ରଦ ହେବ ମାତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**ବିଛା** - ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। କର୍ମ କ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିପାରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** - ନୂତନ କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ବନ୍ଧୁମାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହବ। ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** - ପରିବାରରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହଜନିତ ଅଶାନ୍ତି ଭାବନା ସୃଷ୍ଟି ହୋଇପାରେ। ଯାତ୍ରା ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଅର୍ଥସଂକଟକୁ ବନ୍ଧୁ ଜଣେ ସମାଧାନ କରିବାରେ ସଫଳ ହେବେ।

**କୁମ୍ଭ** - ମିତ୍ରମାନେ ମଧ୍ୟ ଆକସ୍ମିକ ଭାବରେ ଶତ୍ରୁ ପାଲଟି ଯିବାର ଆଶଙ୍କା ରହିଛି। ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଅଧିକ ବୁଲାବୁଲି କାରଣରୁ ଶିରପୀଡାଜନିତ ଅସୁସ୍ଥତା ଦେଖାଦେବ।

**ମୀନ** - ସକାଳୁ ସକାଳୁ ଖୁସି ଖବରଟିଏ ପାଇବେ ଯାହାକି ମନରେ ଉତ୍ସାହ ଭରିଦେବ। ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମାନସିକ ଶାନ୍ତି ବୃଦ୍ଧିପ୍ରାପ୍ତ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ମାର୍ଗଶିର କୃଷ୍ଣ ଏକାଦଶୀ ଶୁକ୍ରବାର, ଡିସେମ୍ବର ୮ ତାରିଖ, ରାଶି ନକ୍ଷତ୍ର- ଦିବା ଘ.୦୮।୫୨ ଗତେ ଚିତ୍ରା/କନ୍ୟା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୨ମି ଗତେ ଘ.୦୬।୫୬ମି. ମଧ୍ୟେ, ଘ.୦୭।୩୯ ମି. ଗତେ ଘ.୦୮।୫୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୬ ମି. ଗତେ ଘ.୧୧।୩୮ମି.ମଧ୍ୟେ ରାହୁକାଳ।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୮/୨୦୨୩ | Bhubaneswar, Friday, December 8/2023 

SSR 2024
27 ଅକ୍ଟୋବର, 2023ରୁ 9 ଡିସେମ୍ବର, 2023
ଭାରତ ନିର୍ବାଚନ ଆୟୋଗ

ଆପଣ 'ଦେଶର ଫର୍ମ' ପୂରଣ କଲେଣି କି ?
ଜଣେ ମତଦାତା ହୁଅନ୍ତୁ କିମ୍ବା ମତଦାତା ତାଲିକାରେ ବିବରଣୀକୁ ଅପ୍‌ଡେଟ୍ କରନ୍ତୁ
ଅଧିକ ଜାଣିବା ପାଇଁ 8929441950 ରେ ଏକ ମିସ୍‌ଡ କଲ୍ ଦିଅନ୍ତୁ

ଫଲୋ କରନ୍ତୁ
/ecisveep /eci
/ECIVoterEducation
/Election Commission of India

ଲଗ୍ ଅନ୍ କରନ୍ତୁ voters.eci.gov.in
ମତଦାତା ସୁବିଧା କେନ୍ଦ୍ର ମାଧ୍ୟମରେ ଆବେଦନ କରନ୍ତୁ କିମ୍ବା ଆପଣଙ୍କର BLOଙ୍କ ସହିତ ସମ୍ପର୍କ କରନ୍ତୁ
ଭୋଟର ହେଲ୍‌ପଲାଇନ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ
Play Store
Apple Store



ଶ୍ରୀ ରାଜକୁମାର ରାଓ
ଭାରତ ନିର୍ବାଚନ ଆୟୋଗର ରାଷ୍ଟ୍ରୀୟ ଆଇକନ୍
CBC 52101/13/0014/2324

## 'ଅଗ୍ନି-୧'ର ପରୀକ୍ଷଣ



**ବାଲେଶ୍ୱର, ୭।୧୨(ମାନସ ବିଶ୍ୱାଳ)**

ଭଦ୍ରକ ଜିଲା ଧାମରାସ୍ଥିତ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଗୁରୁବାର ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର 'ଅଗ୍ନି-୧'ର ପ୍ରଶିକ୍ଷଣ ଉତ୍କ୍ଷେପଣ ସଫଳ ହୋଇଛି। ଦ୍ରୁତଗତିରେ ଲକ୍ଷ୍ୟଭେଦ କରିବାର କ୍ଷମତା ଏହି କ୍ଷେପଣାସ୍ତ୍ରର ରହିଛି। ଏହା ୧ହଜାର କି.ଗ୍ରା. ପର୍ଯ୍ୟନ୍ତ ଆଣବିକ ଯୁଦ୍ଧାସ୍ତ୍ର ପରିବହନ କରିପାରିବ।

# ମଦ ସାମ୍ରାଜ୍ୟ ଉପରେ ଚଢ଼ାଉ ଜାରି

## ୨ଦିନରେ ଜବତ ହେଲାଣି ୨୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ରାୟଗଡ଼ା/ବଲାଙ୍ଗୀର/ସମ୍ବଲପୁର/ଭୁବନେଶ୍ୱର(ଆଶିଷ ରଞ୍ଜନ ପଣ୍ଡା/ବୀରେନ୍ଦ୍ର କୁମାର ଝାଙ୍କର/ ଭବାନୀ ଶଙ୍କର ଭୋଇ/ସତ୍ୟଜିତ୍ ରାଉତ), ୭।୧୨**

ରାଜ୍ୟରେ ବିଭିନ୍ନ ମଦ ବ୍ୟବସାୟୀ ସଂସ୍ଥା ଏବଂ ବ୍ୟବସାୟୀଙ୍କ ଉପରେ ଦୁଇଦିନ ହେଲା ଆୟକର ବିଭାଗ ପକ୍ଷରୁ ବଡ଼ଧରଣର ଚଢ଼ାଉ ଜାରି ରହିଛି। ଗୁରୁବାର ଖବର ଲେଖାହେବା ପର୍ଯ୍ୟନ୍ତ ୨୫୦ କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରାଗଲାଣି। ଏହାକୁ ନେଇ ସବୁଆଡ଼େ ଚର୍ଚ୍ଚାର ବିଷୟ ହୋଇଛି। ଏଭଳିସ୍ଥିତିରେ ଆୟକର ବିଭାଗ ଡିଜି ସଞ୍ଜୟ ବାହାଦୁର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେ ବରିଷ୍ଠ ଅଧିକାରୀଙ୍କ ସହ ଚଢ଼ାଉ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।

ବଲାଙ୍ଗୀର ଜିଲା ସୁଦପଡ଼ା ମଦ ଭାଟିରେ ଚଢ଼ାଉ ବେଳେ ଆଲ୍‌ମିରା ଭର୍ତ୍ତି ବିଡ଼ା ଟଙ୍କା ଜବତ ହୋଇଛି। ଏହାକୁ ଦେଖି ଆୟକର ଅଧିକାରୀମାନେ ଚକିତ ହୋଇଯାଇଥିଲେ। ଦୁଇଟି ଆଲ୍‌ମିରାରେ ଥିବା ଏହି ଟଙ୍କାକୁ ୧୫୬ଟି ଅଖା ଓ ବ୍ୟାଗରେ ଭର୍ତ୍ତି କରାଯାଇ ବଲାଙ୍ଗୀର ଏସ୍‌ପି ଅଫିସ ସାମ୍ନା ଏସ୍‌ବିଆଇ ଶାଖାକୁ ନିଆଯାଇ ଗଣାଯାଉଛି। ମଦଭାଟି ଦାୟିତ୍ୱରେ ଥିବା ରାଜେଶ ସାହୁଙ୍କୁ ଟିମ୍ ଉଠାଇ ନେଇ ପଚରାଉଚରା କରୁଛି। ଏଠାରେ କାମ କରୁଥିବା ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ କେଉଁଆଡ଼େ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁଦପଡ଼ା ମଦଭାଟି ମ୍ୟାନେଜର ରାଜେଶ ସାହୁ ଓ ବଣ୍ଟି ସାହୁଙ୍କ ଉପସ୍ଥିତିରେ ଟଙ୍କା ଗଣା ଚାଲିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ୧୦ଟି ବ୍ୟାଗର ଟଙ୍କା ଗଣାଯାଇଥିବା ଜଣାପଡ଼ିଛି। ଏହି ଟଙ୍କା ଗଣତି ପାଇଁ ଆହୁରି ୨ରୁ ୩ଦିନ ଲାଗିବ ବୋଲି କୁହାଯାଉଛି। ସେହିପରି ଆୟକର ଟିମ୍ ସମ୍ବଲପୁର ଧନୁପାଲିସ୍ଥିତ ମହାବୀରପଡ଼ା ଦେଶୀ ମଦଭାଟି ଏବଂ ବଡ଼ବଜାର ଅଞ୍ଚଳରେ ଥିବା ବଳଦେବ ସାହୁ ଓ ସନ୍ସର ଅଫିସରେ ଚଢ଼ାଉ ଜାରି ରଖିଛି। ମହାବୀରପଡା ☞ପୃଷ୍ଠା-୯



ଆଲ୍‌ମିରା ଭର୍ତ୍ତି ଟଙ୍କା

# ଏନ୍‌ସିଇଆର୍‌ଟି ବହିରେ 'ଜୟଦେବ' ବେଙ୍ଗଲର

## ଭୁଲ୍ ତଥ୍ୟକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା

**ଭୁବନେଶ୍ୱର, ୭।୧୨ (ଅସମାପିକା ସାହୁ)**

ଛାତ୍ରୀଛାତ୍ରଙ୍କୁ ଭୁଲ୍ ତଥ୍ୟ ଦେଉଛି ନ୍ୟାଶନାଲ କାଉନ୍‌ସିଲ୍ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି)। ଏନ୍‌ସିଇଆର୍‌ଟି ପକ୍ଷରୁ ୨୦୨୨ରେ ଇଂଲିଶ ଭାଷାରେ ପ୍ରକାଶିତ ସପ୍ତମ ଶ୍ରେଣୀ ଇତିହାସ ବହିରେ ଓଡ଼ିଆ କବି ତଥା ପ୍ରସିଦ୍ଧ କାବ୍ୟ ଗୀତ ଗୋବିନ୍ଦର ରଚୟିତା ଜୟଦେବଙ୍କୁ ବେଙ୍ଗଲର ବୋଲି ଉଲ୍ଲେଖ କରାଯାଇଛି। ଉକ୍ତ ବହି (Social science : Our Pasts – II , Textbook of History for Class VII)ର ୭୨ ନମ୍ବର ପୃଷ୍ଠାରେ ଲେଖାଯାଇଛି ଯେ, Jayadeva of Bengal composed Gita Govinda in Sanskrit। ☞ପୃଷ୍ଠା-୯




DSPL - 447
Government of India
ଓଡ଼ିଶା ସରକାର

ପବିତ୍ର ମୋହନ ପ୍ରଧାନ
ସରକାରୀ ଚିକିତ୍ସାଳୟ, ତାଳଚେର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ଶୁଭ ଉଦ୍‌ଘାଟନ

ସଦୟ ଉପସ୍ଥିତି

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ମାନ୍ୟବର ମନ୍ତ୍ରୀ
ଶିକ୍ଷା, ଦକ୍ଷତା ବିକାଶ ତଥା ଉଦ୍ୟୋଗିକରଣ
ଭାରତ ସରକାର

ଶ୍ରୀ ପ୍ରହ୍ଲାଦ ଭେଙ୍କଟେଶ ଯୋଶୀ
ମାନ୍ୟବର ମନ୍ତ୍ରୀ
ସଂସଦୀୟ ବ୍ୟାପାର, କୋଇଲା ତଥା ଖଣି
ଭାରତ ସରକାର

ଶ୍ରୀ ମହେଶ ସାହୁ
ମାନ୍ୟବର ସାଂସଦ
ଢେଙ୍କାନାଳ

ଶ୍ରୀ ନିରଞ୍ଜନ ପୂଜାରୀ
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ
ଓଡ଼ିଶା ସରକାର

ଶ୍ରୀ ବ୍ରଜକିଶୋର ପ୍ରଧାନ
ମାନ୍ୟବର ବିଧାୟକ
ତାଳଚେର

୮ ଡିସେମ୍ବର ୨୦୨୩









ଓଡ଼ିଶା ସରକାର
OIPR-10001/13/0124/2324

> ମଧ୍ୟଯୁଗରେ ସନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। **-ଶ୍ରୀଅରବିନ୍ଦ**

# ପ୍ରାକୃତିକ ଭିତ୍ତିଭୂମି



ଏରିକ୍ ବେର୍ଗଲୋଫ୍

ସହସ୍ର ବର୍ଷ ଧରି ନଦୀ, ଆର୍ଦ୍ରଭୂମି, ଉପକୂଳ ଅଞ୍ଚଳ, ବାଲୁକା ସ୍ତୂପ ଏବଂ ଜଙ୍ଗଲ ଭଳି ପ୍ରାକୃତିକ ଭିତ୍ତିଭୂମି ମାନବ ସଭ୍ୟତା ବିକାଶରେ ସହଯୋଗ କରିଆସିଛି। ଅବଶ୍ୟ ଖାଦ୍ୟଠାରୁ ଆରମ୍ଭ କରି ପାନୀୟଜଳ ଏବଂ ବାତ୍ୟାରୁ ସୁରକ୍ଷା ଓ ବନ୍ୟା ପ୍ରଭାବ ହ୍ରାସ ଲାଗି ଆମେ ଏହିସବୁ ଭିତ୍ତିଭୂମିକୁ ଅତ୍ୟଧିକ ଉପଯୋଗ କରିଆସୁଛୁ। ଏହା ମଧ୍ୟ ଆମ ଭବିଷ୍ୟତ ଜୀବନ ପାଇଁ ପ୍ରମୁଖ ଭୂମିକା ନେବ। ଅତ୍ୟାଧୁନିକ ଜ୍ଞାନକୌଶଳ ଏହି ଭିତ୍ତିଭୂମିର ବିବର୍ତ୍ତନକୁ ଗତିଶୀଳ କରିଛି। ସବୁଜ ଭୂମି କଂକ୍ରିଟ, କେବଲ, ଇସ୍ପାତ, ଶକ୍ତି, ଯୋଗାଯୋଗ ଏବଂ ପରିବହନ ଯୋଗୁ ନିଷ୍ପ୍ରଭ ବା ଫିକା ହୋଇଯାଉଛି। ଏହାକୁ ନେଇ ଅପ୍ରତ୍ୟାଶିତ ଅଭିବୃଦ୍ଧି ଓ ବିକାଶର ଲକ୍ଷ୍ୟରେ ସବୁଜ ଭିତ୍ତିଭୂମି ସତ୍ତା ହରାଉଛି। ତେବେ ଦ୍ରୁତ ଆଧୁନିକୀକରଣ ଅକଳନୀୟ ସମୃଦ୍ଧି ଆଣୁଥିବାବେଳେ ଏହାର ଗମ୍ଭୀର ଅନପେକ୍ଷିତ ପରିଣାମ ରହିଆସିଛି। ଏହା କେବଳ ପରିବେଶର ଅଧୋଗତି ଘଟାଉନାହିଁ, ବରଂ ଅତ୍ୟଧିକ ସବୁଜଗୃହ ବାଷ୍ପ ନିର୍ଗମନ ଯୋଗୁ ଆମର ଏବକାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଚାଲିଛି।

ପ୍ରଶ୍ନ ହେଉଛି, ସବୁଜ ଗୃହ ବାଷ୍ପ ନିର୍ଗମନକୁ ହ୍ରାସ କରିବା ଏବଂ ଜୈବ ବିବିଧତାର ସୁରକ୍ଷା ଓ ପୁନରୁଦ୍ଧାର କରିବା, ବିକାଶଶୀଳ ଅର୍ଥନୀତିକୁ ସେମାନଙ୍କର ବୈଧ ଅଭିବୃଦ୍ଧି ଆକାଂକ୍ଷା ପୂରଣ କରିବାରେ ସକ୍ଷମ କରାଯିବା ଭଳି ଜରୁରୀ ପରିବେଶଗତ ଲକ୍ଷ୍ୟ କେମିତି ହାସଲ କରାଯିବ। ଏସୀୟ ଭିତ୍ତିଭୂମି ନିବେଶ ବ୍ୟାଙ୍କର ଏକ ସଦ୍ୟ ରିପୋର୍ଟରୁ ଏହାର ଉତ୍ତର ମିଳେ। ଏଥିରେ ଦର୍ଶାଯାଇଛି ଯେ, ଏହି ଲକ୍ଷ୍ୟ ହାସଲ ଲାଗି ପ୍ରକୃତିକୁ ଏକ ଭିତ୍ତିଭୂମି ଭାବରେ ସ୍ୱୀକାର କରି ପ୍ରଥମେ କାର୍ଯ୍ୟ ଆରମ୍ଭ କରିବା ସବୁଠୁ ଭଲ ଉପାୟ। ପ୍ରକୃତିକୁ ଭିତ୍ତିଭୂମି ଭାବରେ ଦେଖିବା ଏକ ପରିବର୍ତ୍ତନଶୀଳ ଦୃଷ୍ଟିକୋଣକୁ ଦର୍ଶାଏ। କାରଣ ଏହା ଆମକୁ ଅଧିକ ବ୍ୟବସ୍ଥିତ ଢଙ୍ଗରେ ଚିନ୍ତା କରିବାକୁ ବାଧ କରିଥାଏ। ଆମେ ଅଭିବୃଦ୍ଧି ଏବଂ ବିକାଶକୁ ଅନୁସରଣ କରୁଛୁ। ଅତ୍ୟାବଶ୍ୟକ ସେବା ଯୋଗାଇବାରେ ପ୍ରକୃତିର ବ୍ୟାପକ ଶକ୍ତିକୁ ବ୍ୟବହାର କରୁଥିବାରୁ ଆମେ କେବଳ ପ୍ରକୃତିର କ୍ଷତିକୁ ରୋକିବାରେ ସୀମିତ ନ ରହି ବରଂ ପ୍ରକୃତି ସକାରାତ୍ମକ ନିବେଶ ମାଧ୍ୟମରେ ଏହାକୁ ମଜଭୁତ ଏବଂ ସମୃଦ୍ଧ କରିବା ଆବଶ୍ୟକ।

ଜୀବବିଜ୍ଞାନୀମାନେ ଅବକ୍ଷୟ ହୋଇଥିବା ଜମିକୁ କିପରି ପୁନରୁଦ୍ଧାର କରିବେ, ତାହାର ମାନକ ସ୍ଥିର କରି ସେମାନଙ୍କ କାର୍ଯ୍ୟ କରିସାରିଲେଣି। କିନ୍ତୁ ଅର୍ଥନୀତିଜ୍ଞମାନେ ପ୍ରକୃତି ଦିଗରେ ପୁଞ୍ଜିର ମୂଲ୍ୟ ଓ ଜଟିଳତା ନିର୍ଣ୍ଣୟ କରିବା ଲାଗି ସେମାନଙ୍କର କାର୍ଯ୍ୟରେ ବିକାଶ ଆଣିବା ଦରକାର। ଉଦାହରଣ ସ୍ୱରୂପ, ଜୈବବିବିଧତା କେବଳ ପ୍ରଜାତିଗୁଡ଼ିକର ସଂଖ୍ୟା ନୁହେଁ, ବରଂ ତାହା ସେମାନଙ୍କର ଆନୁବାଂଶିକ ବିବିଧତା ଏବଂ କାର୍ଯ୍ୟଗୁଡ଼ିକର ବିବିଧତାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ। ଜୈବବିବିଧତାର ଅନ୍ୟ ଏକ ଦିଗ ହେଉଛି, ପ୍ରଜାତିର ଜଟିଳ ବିବର୍ତ୍ତନର ଇତିହାସ। ଜୈବବିବିଧତା ଏସବୁ ବିଷୟରେ ଆମର ଗଭୀର ବିଚାର ଦ୍ୱାରା ହିଁ ପ୍ରକୃତିର ପୂର୍ଣ୍ଣ ଶକ୍ତି ଏବଂ ଏହା ଉପରେ ଆମର ପ୍ରଭାବକୁ ହୃଦୟଙ୍ଗମ କରିପାରିବା। ଏହି ଜ୍ଞାନ ପୂରା ସ୍ୱତନ୍ତ୍ର। ଏହାକୁ ହାସଲ କରିବା ପାଇଁ ବୈଜ୍ଞାନିକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଅବଦାନ ଆବଶ୍ୟକ। ଭଲ ଖବର ହେଉଛି, ଏଭଳି ସହଯୋଗ ପାଇଁ ପୂର୍ବରୁ ଅନେକ ମଡେଲ ରହିଛି। ଉତ୍ତର ଚାଇନାରେ ଦୁଇଟି ବୃହତ୍ ମରୁଭୂମି ମିଶ୍ରଣକୁ ରୋକିବା ପାଇଁ ଉଦ୍ଦିଷ୍ଟ ବୃହତ୍ ସାନବେଇ ବୃକ୍ଷରୋପଣ ପ୍ରକଳ୍ପ ଆରମ୍ଭରେ ଏକ ତ୍ରୁଟିପୂର୍ଣ୍ଣ ପ୍ରୟାସ ଥିଲା, ଯେଉଁଥିରେ ଗୋଟିଏ ପ୍ରକାର ଗଛ ଲଗାଯାଇଥିଲା। କିନ୍ତୁ ଦୁଇ ଦଶନ୍ଧି ମଧ୍ୟରେ ସ୍ଥାନୀୟ ପରିବେଶ ବିଷୟରେ ଗଭୀର ଜ୍ଞାନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣ ଏହାକୁ ସଫଳ କରାଇଲା।



ପ୍ରାକୃତିକ ଭିତ୍ତିଭୂମିର ଯତ୍ନ ଏବଂ ସୁରକ୍ଷା ପାଇଁ ଶାସନ ତଥା ପ୍ରୋତ୍ସାହନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଇଣ୍ଡୋନେସିଆରେ ମ୍ୟାନ୍‌ଗ୍ରୋଭଗୁଡ଼ିକ ଦୀର୍ଘଦିନ ହେଲା ଜନସମୁଦାୟ ବିଶେଷକରି ଅତି ଗରିବ ପରିବାରଗୁଡ଼ିକୁ ଭୟଙ୍କର ଜୁଆର ବନ୍ୟାରୁ ସୁରକ୍ଷା ଦେଇ ଆସିଛି। କିନ୍ତୁ ଦୁର୍ବଳ ଶାସନ ବ୍ୟବସ୍ଥା ଯୋଗୁ ସେହି ଅଞ୍ଚଳରେ ସେମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଅନ୍ୟପଟେ ଇଜିପ୍ଟରେ ମ୍ୟାନ୍‌ଗ୍ରୋଭର ପୁନରୁଦ୍ଧାର ପ୍ରୟାସକୁ ଇକୋ-ଟୁରିଜମ ଏବଂ ମହୁଚାଷ ଆୟ ସାହାଯ୍ୟ କରିଥାଏ। ମହୁଚାଷରେ ମହୁ ଉତ୍ପାଦନ ହେବା ସହ ସେହି ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପରାଗ ରେଣୁ କାର୍ଯ୍ୟ ମଧ୍ୟ ସମ୍ପାଦିତ ହୋଇଥାଏ। ପ୍ରକୃତିକୁ ଭିତ୍ତିଭୂମି ଭାବେ ବିଚାର କରିବାର ଦୃଷ୍ଟିକୋଣ ଦାବି କରେ ଯେ, ଅତ୍ୟାଧୁନିକ ବିକାଶ ଉପରେ ବିଚାର କରିବା ପୂର୍ବରୁ ପ୍ରକୃତି କ'ଣ ଦେଇପାରିବ ସେ ସମ୍ପର୍କରେ ଆମେ ଆକଳନ କରିବା ଦରକାର। ଏହା ପରିବେଶ ସହନୀୟ ପଦ୍ଧତିରେ ଥିବା ଭିତ୍ତିଭୂମି ସମ୍ବନ୍ଧିତ ବାଧା ଦୂର କରିବାରେ ଦେଶଗୁଡ଼ିକୁ ସାହାଯ୍ୟ କରିବ। କିନ୍ତୁ ଅଭିବୃଦ୍ଧି ଓ ବିକାଶ ପାଇଁ ଆଧୁନିକ ବିକାଶ ସବୁବେଳେ ଆବଶ୍ୟକ। ହେଲେ ଆମକୁ ପରିବେଶ ଉପରେ ଏହାର ପ୍ରଭାବକୁ ହ୍ରାସ କରିବା ଲାଗି ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣକୁ ପରିବେଶ ଉପଯୋଗୀ କରିବାକୁ ହେବ। ଆଧୁନିକ ବିକାଶ କ୍ଷେତ୍ରଗୁଡ଼ିକରେ ଆଉ କେତୋଟି ସହାୟକ ଭିତ୍ତିଭୂମି ଯୋଡ଼ିବା (ଯେପରିକି ବନ୍ୟଜନ୍ତୁ ରାଜପଥ ଅତିକ୍ରମ କରିବା, ସହରରେ ସବୁଜ କ୍ଷେତ୍ର ଏବଂ ପ୍ରକୃତି-ପୁନରୁଦ୍ଧାର ବିକଳ୍ପ ବ୍ୟବସ୍ଥା) ସିଦ୍ଧାନ୍ତ ପରିବେଶଗତ ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

ଅବଶ୍ୟ ପାଣ୍ଠି ଯୋଗାଣ ଏଥିରେ ଏକ ଆହ୍ୱାନ ସୃଷ୍ଟି କରିପାରେ। ଏକ ବର୍ଷ ପୂର୍ବେ କୁନ୍‌ମିଂ-ମଣ୍ଟ୍ରିଆଲ ବୈଶ୍ୱିକ ଜୈବବିବିଧତା ଢାଞ୍ଚା ଏହା ଉପରେ ଏକମତ ହୋଇଥିଲା। ଏହାର ଆକଳନ ଅନୁଯାୟୀ, ଜୈବବିବିଧତା ପାଣ୍ଠିର ଅଭାବ ଦୂର କରିବା ପାଇଁ ୨୦୩୦ ସୁଦ୍ଧା ବାର୍ଷିକ ୫୯୮-୮୨୪ ବିଲିୟନ ଡଲାର ଆବଶ୍ୟକ ହେବ। ପ୍ରକୃତିର ସୁରକ୍ଷା ଏବଂ ତା'ପରେ ପୁନଃ ସଂରକ୍ଷଣ ପାଇଁ ଆବଶ୍ୟକ ହେଉଥିବା ଏହି ପରିମାଣର ପାଣ୍ଠି କେବଳ ପ୍ରକୃତିର ଉଚିତ ମୂଲ୍ୟାୟନ ଏବଂ ଘରୋଇ ଓ ଆନୁଷ୍ଠାନିକ ପୁଞ୍ଜି ସଂଗ୍ରହ ପାଇଁ ଉପଯୁକ୍ତ ବଜାର ସୃଷ୍ଟି ଦ୍ୱାରା ସମ୍ଭବ ହେବ। ଏଥିପାଇଁ ନୂତନ ପଦ୍ଧତି ଏବଂ ଆର୍ଥିକ ଉପକରଣ ବ୍ୟବହାର କରି ଭିତ୍ତିଭୂମି ଭାବରେ ପ୍ରକୃତିକୁ ଏକ ସମ୍ପତ୍ତି ଭାବି ତାହାକୁ ବିକଶିତ କରିବା ଆବଶ୍ୟକ। ପ୍ରକୃତିର ସେବାଗୁଡ଼ିକର ଉନ୍ନତ ମୂଲ୍ୟ ଆବଶ୍ୟକ କରିବ। ବ୍ୟକ୍ତିଗତସ୍ତରୀୟ ବଜାର ନୀତିସବୁ ଅନ୍ୟ ଆର୍ଥିକ ପଦ୍ଧତିର ବିକାଶକୁ ସମର୍ଥନ କରିବ ଏବଂ ପରିଶେଷରେ ବଜାରଗୁଡ଼ିକ କାର୍ଯ୍ୟଦକ୍ଷତା ସମ୍ପର୍କିତ ବଣ୍ଡ୍, ନୀତି-ଆଧାରିତ ଋଣ ଏବଂ ପ୍ରକୃତ ଆଧାରିତ ଋଣ ଦ୍ୱାରା ପ୍ରକୃତି କ୍ଷେତ୍ରକୁ ଅଧିକ ପାଣ୍ଠି ଆସିପାରିବ। ଅତୀତର ଭୁଲ୍‌ଗୁଡ଼ିକର ପୁନରାବୃତ୍ତି ନ ହେବା ପାଇଁ ଅଙ୍ଗାରକାମ୍ଳ ବଜାରରୁ ପାଇଥିବା ଶିକ୍ଷା ପ୍ରତି ଧ୍ୟାନ ଦେବା ଉଚିତ।

ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ। ଏମାନଙ୍କ ମଧ୍ୟରୁ ଅନେକ ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶୀୟ ଅବକ୍ଷୟ ପାଇଁ ଅତ୍ୟଧିକ ଅସୁରକ୍ଷିତ ସ୍ଥିତିରେ ଅଛନ୍ତି। କିନ୍ତୁ ଏହି ଦେଶଗୁଡ଼ିକରେ ସମୃଦ୍ଧ ପ୍ରାକୃତିକ ସମ୍ପଦ ରହିଛି, ଯାହାର ଉପଯୁକ୍ତ ମୂଲ୍ୟାୟନ ହେବା ଉଚିତ। ବହୁପକ୍ଷୀୟ (ବିଭିନ୍ନ ଦେଶରେ ଥିବା) ବିକାଶ ବ୍ୟାଙ୍କଗୁଡିକ ପ୍ରକୃତି-ଭିତ୍ତିଭୂମି ଆଭିମୁଖ୍ୟକୁ ଅନୁକରଣ କରିବା ସହ ସେମାନଙ୍କର ସମସ୍ତ କାର୍ଯ୍ୟରେ ତାହା ଅନ୍ତର୍ଭୁକ୍ତ ହୋଇଛି ବୋଲି ନିଶ୍ଚିତ କରିପାରିବେ। ପରିଶେଷରେ, ଏହି ଦୃଷ୍ଟିକୋଣ ବ୍ୟକ୍ତିଗତ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜାତୀୟ ଅଭିବୃଦ୍ଧି ରଣନୀତିକୁ ମଧ୍ୟ ମାର୍ଗଦର୍ଶନ କରିବା ଉଚିତ। ଏବେ ଆମେ ଗ୍ରହଣ କରୁଥିବା ଭିତ୍ତିଭୂମି ନିଷ୍ପତ୍ତିଗୁଡ଼ିକର ପରିଣାମ ଆଗାମୀ ଦିନରେ ଅନୁଭବ କରିବା। କେବଳ ସବୁଜ କ୍ଷେତ୍ରରେ ନିବେଶର ପ୍ରତିଶ୍ରୁତି ଦେଇ ଏବଂ ଅତ୍ୟାଧୁନିକ ଉନ୍ନତି କରି ଏକ ସୁନ୍ଦର, ଅଧିକ ସ୍ଥାୟୀ ଏବଂ ସମାବେଶୀ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ପାଇଁ ମୂଳଦୁଆ ପକାଇବୁ ବୋଲି ଆମେ କ'ଣ ନିଶ୍ଚିତ କରିପାରିବା!

**ମୁଖ୍ୟ ଅର୍ଥନୀତିଜ୍ଞ, ଏସିଆନ୍ ଇନଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ**

# ପ୍ରହସନ ନୁହେଁ ତ



ସୌଭାଗ୍ୟ ରଞ୍ଜନ ମହାନ୍ତି

ନିକଟରେ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବ୍ଲକସ୍ତରରୁ ଆରମ୍ଭ କରି ଲୋକସେବା ଭବନରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ସଚିବ, ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତି ନ କରିବା ଲାଗି ଶପଥ ନେଇଛନ୍ତି। ମାତ୍ର ଦୁର୍ନୀତି କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ସବୁଠୁ ଉଦ୍‌ବେଗର ଘଟଣା ହେଉଛି ଯେ, ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ରାଜ୍ୟରେ ଲାଞ୍ଚ ନେବା ଏବଂ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଇଞ୍ଜିନିୟର, କିରାଣି ପର୍ଯ୍ୟନ୍ତ ୬ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ଧରିବା ସହ କୋଟି କାଟି ଟଙ୍କାର ବେଆଇନ ସମ୍ପତ୍ତି ଜବତ କରିଛି। ଗତ ୨୦୧୮ରୁ ୨୦୨୩ ମଧ୍ୟରେ ଅର୍ଥାତ୍ ୫ ବର୍ଷ ମଧ୍ୟରେ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ଅଢେଇ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ୯୦୦ରୁ ଉର୍ଦ୍ଧ୍ୱ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ପ୍ରାୟ ୫୯୭ କୋଟିରୁ ଅଧିକ ଟଙ୍କାର ବେଆଇନ ସମ୍ପତ୍ତି ଜବତ ହୋଇଛି। ସେହିପରି ଚଳିତ ବର୍ଷ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୧୦ମାସ ମଧ୍ୟରେ ୩୦୫ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯେଉଁମାନଙ୍କ ମଧ୍ୟରେ ୩୮ ପ୍ରଥମ ଶ୍ରେଣୀ କର୍ମଚାରୀ, ୩୭ ଜଣ ଦ୍ୱିତୀୟ ଶ୍ରେଣୀ, ୧୬୧ ଜଣ ତୃତୀୟ ଶ୍ରେଣୀ ଓ ୭ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅନ୍ତର୍ଭୁକ୍ତ। ଆହୁରି ମଧ୍ୟ ୪୮ଜଣ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଅର୍ଥାତ୍ ଇଞ୍ଜିନିୟର ଏବଂ ୭୪ଜଣ ବାହାର ବ୍ୟକ୍ତି ଅଛନ୍ତି। ଏଥିରୁ ଦୁର୍ନୀତିର ଚେର ଯେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ବ୍ୟାପିଛି, ଏହା ନିଃସନ୍ଦେହରେ କୁହାଯାଇପାରେ।

ରାଜ୍ୟରେ ବିଭିନ୍ନ ସ୍ତରରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଭିଜିଲାନ୍ସଠାରୁ ଆରମ୍ଭ କରି ବହୁ ସଂସ୍ଥା ରହିଛି। ଆଇନ ମଧ୍ୟ ଅଛି। ଏହା ସତ୍ତ୍ୱେ ଦୁର୍ନୀତି ବଢିଚାଲିଛି। ଆଇନକୁ ଯେପରି ସେମାନଙ୍କର ପରବାୟ ନାହିଁ। ରାଜ୍ୟ ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତାର ପ୍ରଦର୍ଶନ କରିବା ସହ ଗତ ୫ ବର୍ଷ ମଧ୍ୟରେ ୧୧ଶହ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ବେଳେ କେତେକଙ୍କ ଅବସରକାଳୀନ ପେନ୍‌ସନ ଏବଂ ସରକାରୀ ସୁବିଧା ସୁଯୋଗ ବନ୍ଦ କରିଦିଆଯାଇଛି। ଏହା ସତ୍ତ୍ୱେ ଦୁର୍ନୀତିଗ୍ରସ୍ତଙ୍କ ଉପରେ ଆଇନ କିମ୍ବା ସରକାରଙ୍କର କଠୋର ଆଭିମୁଖ୍ୟର କୌଣସି ପ୍ରଭାବ ପଡୁଥିବା ମନେ ହୁଏ ନାହିଁ। ଦିନକୁ ଦିନ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢିଚାଲିଛି। ଏହା ନିଶ୍ଚିତ ଯେ, ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ଯେଉଁ ମାତ୍ରାରେ ବଢୁଛି, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)ର ଚଢାଉ ଅଭିଯାନ ମଧ୍ୟ ସେତିକି ତୀବ୍ର ହେଉଛି। ଭିଜିଲାନ୍ସର ଚଢ଼ାଉ ଏବେ ଦୈନିକ ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଛି କହିଲେ ଭୁଲ୍ ହେବ ନାହିଁ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ମାମଲା ରୁଜୁ କରୁଛି, ସେମାନଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଉଛି। ସେମାନଙ୍କ ଦ୍ୱାରା ଅର୍ଜିତ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଜବତ କରୁଛି। ମାତ୍ର ଅଦାଲତରେ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଦଣ୍ଡବିଧାନ ହାର ଅତିନଗଣ୍ୟ, ଅଦାଲତରେ ମଧ୍ୟ ଭିଜିଲାନ୍ସର ବଳିଷ୍ଠ ପ୍ରମାଣ ଅଭାବରୁ ବହୁ ଦୁର୍ନୀତିଗ୍ରସ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି। ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ଦଣ୍ଡବିଧାନ ହାର ମାତ୍ର ୩ ପ୍ରତିଶତ ରହିଛି। ଅଥଚ ଦୁର୍ନୀତିଗ୍ରସ୍ତଙ୍କଠାରୁ ଚଢାଉ ସମୟରେ ଜବତ ବେଆଇନ ସମ୍ପତ୍ତି ରିପୋର୍ଟରେ ଆଖିଖୋସି ହୋଇଯାଉଛି। କେତେକ କ୍ଷେତ୍ରରେ ମଧ୍ୟ ଭିଜିଲାନ୍ସ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ (ଚାର୍ଜଶିଟ୍) ଦାଖଲ କରି ନ ପାରିବା ଯୋଗୁ ମାମଲା ଖାରଜ ହୋଇଥିବା ବହୁ ନଜୀର ରହିଛି। ଭିଜିଲାନ୍ସର ଚଢାଉ ଓ ଲାଞ୍ଚୁଆ ସରକାରୀ କର୍ମଚାରୀଙ୍କୁ ଗିରଫ କରି ସେମାନଙ୍କୁ ଜେଲକୁ ପଠାଇବା ସ୍ୱାଗତଯୋଗ୍ୟ। ମାତ୍ର ଅଦାଲତରେ ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବ ପାଇଁ ବଳିଷ୍ଠ ପ୍ରମାଣ ସହ ତତ୍ପରତା ପ୍ରକାଶ ନ କରିବା ରହସ୍ୟ କ'ଣ ବୁଝାପଡୁନାହିଁ। ଭିଜିଲାନ୍ସ ଯଦି ଲୋକଦେଖାଣିଆ ଭାବେ କେବଳ ଚଢାଉ କରେ, ମାତ୍ର ଅଦାଲତରେ ସେମାନଙ୍କୁ ଦଣ୍ଡିତ କରିବାରେ ବିଫଳ ହୁଏ, ଦୁର୍ନୀତି ବଢିବ ସିନା କମିବ ନାହିଁ ଏବଂ ଦୁର୍ନୀତି ନିବାରଣ ସପ୍ତାହ ପାଳନ, ଶପଥ ଗ୍ରହଣ କେବଳ ପ୍ରହସନ ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ।

**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

ଶିକ୍ଷାରେ କିଭଳି ଅଧିକରୁ ଅଧିକ ପିଲା ସାମିଲ ହେବେ ତାହାର ଏକ ଅଭିନବ ଉପାୟ ଆପଣାଇଛନ୍ତି ପଶ୍ଚିମବଙ୍ଗର ଦୀପ୍ ନାରାୟଣ ନାୟକ। ସେ ରାସ୍ତାରେ ଏବେ ୧୦,୦୦୦ ଅସହାୟ ପିଲାଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ଘରର ମାଟିକାନ୍ଥକୁ କଳାପଟା କରି ଅସହାୟ ପିଲାଙ୍କ ମାତାପିତା, ଜେଜେ କିମ୍ବା ଜେଜମା'ଙ୍କୁ ବି ପଢ଼ାଇବା ଜାରି ରଖିଛନ୍ତି। ଏହା ଦ୍ୱାରା ଘରଲୋକେ ଶିକ୍ଷା ଉପରେ ସଚେତନ ହେବା ଯୋଗୁ ଡ୍ରପ୍‌ଆଉଟ ହ୍ରାସ ପାଉଛି। ସେ ପିଲାମାନଙ୍କୁ ଆବଶ୍ୟକ ପାଠ୍ୟ ଉପକରଣ ମାଗଣାରେ ଯୋଗାଉଛନ୍ତି। ଜାମୁରିଆ ଜିଲା ସମେତ ଅନ୍ୟ ୭ଟି ଜିଲା ଏପରି କି ଝାଡ଼ଖଣ୍ଡରେ ବି ସେ ଏହି କାର୍ଯ୍ୟ ଚଳାଇଛନ୍ତି। ତାଙ୍କ ଟିମ୍‌ରେ ଏବେ ୫୦ ଜଣ ଶିକ୍ଷକ ଓ ୧୫୦ ସହଯୋଗୀ ରହିଛନ୍ତି। ସେମାନେ ବିଭିନ୍ନ ଗାଁକୁ ଯାଇ ସେଠାରେ ଶିକ୍ଷିତ ପିଲାଙ୍କୁ ପ୍ରଶିକ୍ଷଣ ଦେଇ ପିଲାମାନଙ୍କୁ ପଢାଇବାର ବ୍ୟବସ୍ଥା କରୁଛନ୍ତି। ଦୀପ୍‌ଙ୍କୁ 'ରାସ୍ତାର ମାଷ୍ଟର' ବା ରାସ୍ତାର ଶିକ୍ଷକ ବୋଲି ଲୋକେ ସମ୍ବୋଧନ କରୁଛନ୍ତି। ଜାମୁରିଆ ଜିଲାର ନନ୍ଦିଗାଁଓ ଗ୍ରାମର ବାସିନ୍ଦା ଦୀପ୍ ନାରାୟଣ ପିଲାଦିନେ ଅଭାବ ଭିତରେ ବଢିଛନ୍ତି ଓ ପଢିଛନ୍ତି। ତାଙ୍କ ପିତା ଥିଲେ ଦିନମଜୁରିଆ। ସେ ବିଜ୍ଞାନରେ ଡିଗ୍ରୀ ହାସଲ କରି ଶିକ୍ଷକତା କରୁଥିଲେ। ପରେ ଅସହାୟ ପିଲାମାନଙ୍କୁ ଶିକ୍ଷାଦେବା ଲାଗି ନିଜ ଜୀବନକୁ ସମର୍ପିତ କରିଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୮ ଡିସେମ୍ବର ୧୯୭୪

- ପଣ୍ଡିଚେରୀଠାରେ ଶ୍ରୀ ଅରବିନ୍ଦ ଆଶ୍ରମ ପକ୍ଷରୁ ନିର୍ମିତ ହେଉଥିବା ଆନ୍ତର୍ଜାତିକ ନଗରୀ ଅରୋଭିଲ ପାଇଁ ଅର୍ଥ ସାହାଯ୍ୟ ପ୍ରସ୍ତାବ ୟୁନେସ୍କୋ ଦ୍ୱାରା ଅନୁମୋଦିତ।
- ନରୋରେ ପ୍ରସ୍ତୁତ ୧୩ ଦଫା କାର୍ଯ୍ୟକ୍ରମ ରାଜ୍ୟରେ ତୁରନ୍ତ କାର୍ଯ୍ୟକାରୀ କରାଯିବା ନେଇ ପ୍ରଦେଶ କଂଗ୍ରେସ କମିଟିର ଉଚ୍ଚସ୍ତରୀୟ ନେତୃ ସମାବେଶରେ ନିଷ୍ପତ୍ତି।
- ୟୁରୋପୀୟ ନିରାପତ୍ତା ପାଇଁ ତୁଙ୍ଗ ସମ୍ମିଳନୀ ଡକାଇବା ନିମନ୍ତେ ରୁଷ୍ ପ୍ରସ୍ତାବକୁ ଫ୍ରାନ୍ସର ସମର୍ଥନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | |
| | 5 | | 2 | | | | 3 | |
| 1 | | | 5 | 4 | | | | |
| | | | | | 4 | | | |
| 2 | 7 | | | | | | | 9 |
| | | 8 | | | | 4 | 5 | 6 |
| | | | 3 | 5 | | | 2 | 8 |
| | | 1 | | | 9 | | | |
| 3 | | | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହାରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 5 | 9 | 4 | 3 | 6 | 7 | 2 |
| 9 | 4 | 6 | 7 | 2 | 1 | 5 | 8 | 3 |
| 7 | 2 | 3 | 6 | 5 | 8 | 4 | 9 | 1 |
| 6 | 3 | 7 | 2 | 9 | 4 | 1 | 5 | 8 |
| 2 | 9 | 4 | 1 | 8 | 5 | 3 | 6 | 7 |
| 5 | 8 | 1 | 3 | 7 | 6 | 9 | 2 | 4 |
| 4 | 7 | 2 | 5 | 1 | 9 | 8 | 3 | 6 |
| 3 | 5 | 8 | 4 | 6 | 7 | 2 | 1 | 9 |
| 1 | 6 | 9 | 8 | 3 | 2 | 7 | 4 | 5 |

ଗତକାଲିର ଉତ୍ତର

# ସ୍ପିଡ୍ ବ୍ରେକର



ଦ୍ୱିତୀ ଚନ୍ଦ୍ର ସାହୁ

ରାସ୍ତାରେ ଆପଣ ଯାଉଥିବେ। ହଠାତ୍ ଆପଣ ଛେଚିହେବେ ନିଜ ବସିବା ସ୍ଥାନରେ। ବିରକ୍ତି ହେବେ ପ୍ରଥମେ। ତା'ପରେ ଜାଣିବେ ରାସ୍ତାରେ ସ୍ପିଡ୍ ବ୍ରେକର ଥିଲା, ତେଣୁ ଡ୍ରାଇଭର ବ୍ରେକ୍ କଷିବାରୁ ଧକ୍କା ଖାଇବାକୁ ପଡ଼ିଲା। ଆପଣ ନିଜେ ଗାଡ଼ି ଚଲେଇ ଯାଉଛନ୍ତି। ବ୍ୟସ୍ତ ଭିତରେ ଥିବେ। ଅପ୍ରତ୍ୟାଶିତ ଭାବେ ଆଗରେ ଦେଖିବେ ସ୍ପିଡ୍ ବ୍ରେକର ଅଛି। ଗାଡ଼ିର ଗତି କମେଇବେ ତ ନିଶ୍ଚିତ, ତା'ସହିତ ନିଜେ ମନେ ମନେ ଦି'ଚାରି ପଦ ଶୋଧିବେ ରାସ୍ତା ତିଆରି କରିଥିବା ବିଚରା ଲୋକଟି ଉପରେ, ଯଦିଓ ଇଞ୍ଜିନିୟରଙ୍କ ନିର୍ଦ୍ଦେଶକ୍ରମେ ନିର୍ମାଣ ହୋଇଥିବ ସ୍ପିଡ୍ ବ୍ରେକର। ଗାଡ଼ିର ଗତି କମାଇବା ଲାଗି, ଟ୍ରାଫିକ୍ ସୁବ୍ୟବସ୍ଥିତ କରିବା ପାଇଁ, ଜନଗହଳିପୂର୍ଣ୍ଣ ରାସ୍ତାରେ ଦୁର୍ଘଟଣା କମାଇବା ପାଇଁ ଅବା ଚାରିଛକରେ ମୁହାଁମୁହିଁ ଧକ୍କା ନ ହେବା ଭଳି ଅନେକ କାରଣ ହେତୁ ରାସ୍ତାରେ ନିର୍ଦ୍ଦିଷ୍ଟ ମାପ ଅନୁଯାୟୀ ସ୍ପିଡ୍ ବ୍ରେକର ଲାଗିଥାଏ। ଏହା ଅବଶ୍ୟ ଚାଳକ ତଥା ଯାତ୍ରୀଙ୍କ ପାଇଁ ଅସହ୍ୟ ହେଲେ ବି ସୁରକ୍ଷା ଯୋଗାଇଥାଏ। ଏସବୁ ସତ୍ତ୍ୱେ ଏଇ ସ୍ପିଡ୍ ବ୍ରେକର ଯୋଗୁ ବର୍ଷକୁ ହାରାହାରି ଦଶହଜାର ବେପରୁଆ ଚାଳକଙ୍କ ମୃତ୍ୟୁ ହେଉଥିବା ବି ଆକଳନ କରାଯାଇଛି। ଆଗରେ ସ୍ପିଡ୍ ବ୍ରେକର ଥିବା ସତ୍ତ୍ୱେ ଦ୍ରୁତଗତିରେ ଗାଡ଼ି ଚଲେଇବାର ଅଭ୍ୟାସ ହେତୁ ବାଡ଼େଇ ହୋଇ ଦୁର୍ଘଟଣା ଘଟେ। ଚାଲି ନ ଜାଣିଲେ ବାଟର ଦୋଷ ଭଳି ଅନେକ ସମୟରେ ରାସ୍ତାକୁ ଦୋଷ ଦେଉ। ଅଥଚ ନିଜ ଦୋଷ ପ୍ରତି ଅଣଦେଖା କରୁ।

ଜୀବନ ବି ଗୋଟେ ଲମ୍ବା ରାସ୍ତା। ଏହାକୁ ଛୋଟ କରିଦେଉ ଆମେ। ବ୍ୟସ୍ତତା ଓ କ୍ଷିପ୍ରଗତିରେ ଯିବାର ଆବେଗରେ ବେଳେବେଳେ ପହଞ୍ଚିବା ଅପେକ୍ଷା ଆଦୌ ନ ପହଞ୍ଚିବା ଭଳି ସ୍ଥିତି ସୃଷ୍ଟିକରୁ। ଜୀବନର ଏଇ ଅନୁଭବମୟ ଦୀର୍ଘରାସ୍ତା ବାସ୍ତବରେ ଖୁବ୍ ସୁନ୍ଦର। ଏଠି ନିଜେ ଚାଲି ହୁଏ ଏବଂ ଅନ୍ୟକୁ ଚଲାଇ ହୁଏ। ଏଠି ଶିଖି ହୁଏ ପୁଣି ଅନ୍ୟକୁ ଶିଖାଇ ହୁଏ। କିଏ କିଏ ଅନ୍ୟକୁ ଦେଖି ଶିଖି ବି ପାରନ୍ତି। ତଥାପି ଜୀବନ ପ୍ରତି ଆମର ଅଭିଯୋଗ ଅନେକ। ଜୀବନର ମହତ୍ତ୍ୱକୁ ନ ବୁଝି ଅନେକ ପରାମର୍ଶ ନିଜେ ଜୀବନକୁ ଦେଇପାରୁ। ଜୀବନ କିନ୍ତୁ ନିଜ ବାଟରେ ଚାଲେ। କେବେ କେବେ ବିନା ଡ୍ରାଇଭରରେ। ଆଉ କେବେ ଜୀବନଧାରଣ କରିଥିବା ବ୍ୟକ୍ତି ଚାଳକ ସାଜେ। ସୁବ୍ୟବସ୍ଥିତ ଭାବେ ଜୀବନ ଚାଲିବାକୁ ଚାହେଁ। ସେ ନିଜପଣରେ ଆଗକୁ ବଢ଼େ। ସେଇକ୍ରମରେ ଆମକୁ ଯିବାକୁ ହୁଏ। ଏଥିରେ ଆମର ବ୍ୟତିକ୍ରମ ବହୁତ। କିଏ ଧୀମା ଯିବାକୁ ଇଚ୍ଛା କରେ ତ କିଏ ପୁଣି ଦୌଡ଼ି ଦୌଡ଼ି ପହଞ୍ଚିବାକୁ ଆଗ୍ରହ ଅଧିକ ରଖେ। ସଫଳତା ପ୍ରାପ୍ତିର ବିଭୋରପଣ ବସ୍ତୁତଃ ମଣିଷକୁ କ୍ଷିପ୍ର କରେ। ଆତୁରପଣ ଜୀବନର ଗତିପଥକୁ ବଢ଼େଇବାକୁ ଚାହେଁ। କେବେ କେବେ ବଳ ପ୍ରୟୋଗପୂର୍ବକ ଗତିକୁ ବଢ଼େଇଦିଏ। ସେତିକିବେଳେ ଧକ୍କା ଖାଇବାର ସମ୍ଭାବନା ଅଧିକ ଥାଏ। ଏଇ ଅନିୟନ୍ତ୍ରଣ ଆବେଗ ଓ ଦୌଡ଼ିବାର ନିଶା ମଣିଷକୁ ପଥଭ୍ରଷ୍ଟ କରାଏ। ଏସବୁକୁ ସୁଧାରିବାକୁ ଜୀବନରେ ସ୍ପିଡ୍ ବ୍ରେକରର ଆବଶ୍ୟକତା ଥାଏ। ରାସ୍ତାରେ ଥିବା ଭିନ୍ନ ଭିନ୍ନ କିସମର ସ୍ପିଡ୍ ବ୍ରେକର ଭଳି ବ୍ୟକ୍ତିଗତ ଜୀବନରେ ସ୍ପିଡ୍ ବ୍ରେକର ଭିନ୍ନ ଭିନ୍ନ ଢଙ୍ଗରେ ଉଭା ହୁଅନ୍ତି। ଆମ ଭିତରେ ଅଧିକ ଚଗଲାମି ବଢ଼ିଗଲେ କିମ୍ବା ବେଶି ସିଆଣିଆ ହୋଇ ଅଧିକ ଉତ୍ପାତ ହେଲେ ଆମ ମା'ବାପା, ଗୁରୁଜନ ସେଥିରୁ କ୍ଷାନ୍ତ ହେବାକୁ ପରାମର୍ଶ ଦିଅନ୍ତି। ସ୍ପିଡ୍ ବ୍ରେକର ଭଳି ନିଜ ଅନୁଭୂତିକୁ ପାଥେୟକରି ରୁଚିକର ପରାମର୍ଶ ଦିଅନ୍ତି। ସେସବୁକୁ ଅନେକ ସମୟରେ ଅଣଦେଖା କରି ଆଗକୁ ସେମିତି ବଢ଼ିବାକୁ ଆଗ୍ରହ ରଖୁ। ମୂଲ୍ୟହୀନ ପରାମର୍ଶ କୋଉ କାମକୁ ନୁହଁ ବୋଲି ବିଚାରବୋଧ କରିଦେଉ। ଗୁରୁଜନଙ୍କ ମହତ୍ ବାଣୀରୂପକ ନାଲି ସିଗ୍‌ନାଲକୁ ଭ୍ରୂକ୍ଷେପ ନ କରି ଥେଇ ଥେଇ ହେଲେ ବିପଦର ସମ୍ମୁଖୀନ ହେଉ। ତା'ପରେ ହିଁ ଗୁରୁଜନଙ୍କ କଥାର ଓଜନକୁ ବୁଝିପାରୁ।



ଆଜିକା ସମାଜରେ ଗୁରୁଜନଙ୍କ ପ୍ରତି ପରପିଢ଼ିଙ୍କ ହେୟ ମନୋଭାବ ଯୋଗୁ ଅକାରଣରେ ଜୀବନକୁ ଦୁଃଖମୟ ଆଡ଼କୁ ଟାଣିନେଉ। ଗୁରୁଜନ ସବୁବେଳେ ଆମ ପାଇଁ ସ୍ପିଡ୍ ବ୍ରେକର। ଉଚିତ୍ ସମୟରେ ସତର୍କ କରାଇ ଦିଅନ୍ତି ଆଗତ ବିପଦ ସମ୍ପର୍କରେ। ଜୀବନ ପୁଣି ଜଞ୍ଜାଳମୟ ଓ ସମସ୍ୟାବହୁଳ ବୋଲି ପ୍ରାୟତଃ ଅଭିଯୋଗ ଶୁଣିବାକୁ ମିଳେ। ଜୀବନ ରାସ୍ତାରେ ସମସ୍ୟା ହେଉଛି ସ୍ପିଡ୍ ବ୍ରେକର। ତାକୁ ଧୀରସ୍ଥିରରେ ପାରି କରିବାକୁ ହେବ। ଜୀବନ ରାସ୍ତାରେ ଆଗକୁ ବଢ଼ିବାକୁ ହେବ। ସମସ୍ୟା ମଣିଷକୁ ବ୍ୟତିବ୍ୟସ୍ତ କରାଏ ସତ, କିନ୍ତୁ ସମସ୍ୟା ମଣିଷକୁ ସଚେତନ କରାଇଦିଏ। ଜିଇବାକୁ ଏବଂ ବଢ଼ିବାକୁ ଉଚିତ୍ ଶିକ୍ଷା ଦିଏ। ବିପଦ ପୂର୍ବର ସୂଚନା ଭଳି ସ୍ପିଡ୍ ବ୍ରେକର ଜୀବନରେ ରହିଆସିଛି। ଧୋକା ଖାଇବା, ଠକି ହେବା, ବିପଦର ସମ୍ମୁଖୀନ ହେବା, ବିଫଳତା ଲଭିବା, ଦୁର୍ଘଟଣାର ଶିକାର ହେବା ଏସବୁ ଏକପ୍ରକାର ଜୀବନର ସ୍ପିଡ୍ ବ୍ରେକର ଜୀବନକୁ ବୁଝିବାକୁ ଓ ହେଜିବାକୁ ସୁଯୋଗ ଦିଏ। ସେଥିରୁ ଶିଖି ଆଗକୁ ବଢ଼ିଲେ ଜୀବନର ଗତିପଥ ବଦଳିଯାଏ। ଅନ୍ୟଥା ଜୀବନ ଦୁର୍ବିସହ ହୋଇପଡ଼େ।

ପରିବେଶ ଦିଗରେ ବି ମଣିଷକୁ ପ୍ରତି ମୁହୂର୍ତ୍ତରେ ପ୍ରକୃତି ସ୍ପିଡ୍ ବ୍ରେକର ଭଳି ଚେତାବନୀ ଦେଇଚାଲିଛି। କରୋନା ଭଳି ମହାବିପତ୍ତି ମାଡ଼ି ଆସି ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ବିଶ୍ୱତାପନ ଆମ ପରି ସ୍ଥାନ ପ୍ରତି ଚରମ ଆହ୍ୱାନ ଭାବେ ଉଭା ହୋଇଛି। ଏସବୁରୁ ଅନେକ କଥା ବୁଝିବାର ବେଳ ମଣିଷ ନିକଟରେ ଆସି ପହଞ୍ଚି ସାରିଛି। ନିଜକୁ ନିୟନ୍ତ୍ରଣ କରିବାକୁ ପଡ଼ିବ ଓ ବିକାଶକୁ ସାଥୀକରି ବଢ଼ିବାକୁ ହେବ। ପରିବେଶ ଓ ପ୍ରକୃତିର ସଂରକ୍ଷଣ ଏବଂ ସୁରକ୍ଷା ଦିଗରେ ବିଭିନ୍ନ ସଂସ୍ଥା ସ୍ପିଡ୍ ବ୍ରେକର ସାଜିବା ଦରକାର। ବଦଳୁଥିବା ପରିବେଶକୁ ନେଇ ଲୋକଙ୍କୁ ସଚେତନ ଓ ଜାଗ୍ରତ କରାଇବା ଆବଶ୍ୟକ। ଓଡ଼ିଶାବାସୀ ତଥା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପ୍ରକୃତି ସୁରକ୍ଷା ଦିଗରେ ଅନେକ କାମ କରିବାର ଆବଶ୍ୟକତା ମନେହେଉଛି।

ମନୋବିଜ୍ଞାନ ଦୃଷ୍ଟିରୁ ମଣିଷ ସେତେବେଳ ଯାଏ ସଚେତନ ହୋଇ ନ ଥାଏ ଯେତେବେଳ ଯାଏ ତା' ସାମ୍ନାରେ ଉତ୍ପ୍ରେରକଟିଏ ନ ଥାଏ। ଉତ୍ପ୍ରେରକକୁ ସାମ୍ନା କଲେ ମଣିଷର ସ୍ୱାଭାବିକ କ୍ରିୟାରେ ପରିବର୍ତ୍ତନ ଆସିଯାଏ। ସେ ଜୀବନ ସମସ୍ୟା ହେଉ ଅବା ସ୍ପିଡ୍ ବ୍ରେକର ଜୀବନର ଉତ୍ତମ ଉତ୍ପ୍ରେରକ, ଏଇଠୁ ଜୀବନକୁ ସୁସଂହତ କରିବା ଆବଶ୍ୟକ। କିନ୍ତୁ ଭଙ୍ଗା ସ୍ପିଡ୍ ବ୍ରେକରର ଖାଲି ଅଂଶ ଦେଇ ଗାଡ଼ିକୁ ଦ୍ରୁତଗତିରେ ଚଲାଇବା ଭଳି ଜୀବନକୁ ସବୁବେଳେ ଫାଙ୍କ ଦେଇ ଆଗକୁ ବଢ଼େଇବାକୁ ଦିଆ ନ ଯାଉ। କିଏ କହିବ ଭଙ୍ଗା ସ୍ପିଡ୍ ବ୍ରେକରର ସେପଟେ ବଡ଼ ବିପଦ ଥିବ ଏବଂ ସେଇଠି ସବୁକିଛି ଶେଷ ହୋଇଯିବ। ଏଣିକି ବିଚାର ଆପଣଙ୍କର!

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ଚାଉଳ କେବଳ ଭୋଟ ପାଇଁ

ମହାଶୟ,

ଲୋକ ସଭା ଭୋଟ ଆଉ ମାତ୍ର ପାଞ୍ଚ ଛଅ ମାସ ରହିଲା। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ କେନ୍ଦ୍ର ସରକାର ଆଜିଠୁ ଯୋଜନାମାନ କଲେଣି। ମାଗଣାରେ ଚାଉଳ ଦେବା କଥା କହିଲେଣି। ଏହା କେବଳ ଭୋଟ ପାଇଁ କରୁଛନ୍ତି। କେନ୍ଦ୍ର ସରକାର ଦେଶରେ ୮୦କୋଟି ଗରିବ ଅଛନ୍ତି ବୋଲି ପ୍ରମାଣ ଦେଉଛନ୍ତି। ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ, ସରକାର ଗରିବଙ୍କ ସଂଖ୍ୟା କମାଉ ନାହାନ୍ତି ବରଂ ସେମାନଙ୍କ ସଂଖ୍ୟା କାଗଜ କଲମରେ ବଢାଇ ସାହାଯ୍ୟ ଦେବା ବାହାନାରେ ଯୋଜନାମାନ କରୁଛନ୍ତି। ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥ ଆତ୍ମସାତ କରି ନିଜ ଫାଇଦା ପାଇଁ ଆଦାନୀ, ଅମ୍ବାନୀଙ୍କ ପରି ପୁଞ୍ଜିପତିମାନଙ୍କୁ ସୃଷ୍ଟି କରୁଛନ୍ତି। ଯୋଜନାରେ ଖାଲି ଶୋଷଣ ଆଉ ଶୋଷଣ। ଲୋକଙ୍କର କହିବାର ଅଧିକାର ନାହିଁ। ଏହା କେତେ ଦିନ ?

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସିକ୍ତ କରି ରିକ୍ତ ମାଟି ରକ୍ତ ଉର୍ମି ଉଠଇ ଉଜାଣି
ଚଳଇ ଧରଣୀ ପରେ ମରଣ ନିର୍ଭୀକ
ଦୃପ୍ତପଦେ ଦୁନିଆର ଅନ୍ତନାଡି ଦନ୍ତେ ଦୃଢ଼େ ଟାଣି
ନାଚି ଉଠେ ଶତାବ୍ଦୀର ଶୋଣିତ ସୈନିକ।
-(ଶତାବ୍ଦୀ-ସୈନିକ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ଏବେ ଶିଖିବ 'ଇଣ୍ଡିଆ'

## ୧୦ ଦିନ ପରେ ଆସନ ବୁଝାମଣା

ନୂଆଦିଲ୍ଲୀ,୭।୧୨
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୨୦୨୩ ଜୁଲାଇ ୧୭-୧୮ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ବିରୋଧୀଙ୍କ ମିଳିତ ବୈଠକରେ ସ୍ଲୋଗାନ ରହିଥିଲା 'ଇଣ୍ଡିଆ: ୟୁନାଇଟେଡ୍ ୱି ଷ୍ଟାଣ୍ଡ!'

ନଭେମ୍ବର ୭ରୁ ୨୫ ମଧ୍ୟରେ ଅନୁଷ୍ଠିତ ୫୧୯ ବିଧାନସଭା ଆସନ ନିର୍ବାଚନର ପରିଣାମ କେବଳ କଂଗ୍ରେସ ନୁହେଁ, ସବୁ ବିରୋଧୀ ନେତାଙ୍କ ପାଇଁ ଏକ ସତର୍କଘଣ୍ଟି। କାରଣ ଏହି ନେତାମାନେ ମେଣ୍ଟଧର୍ମକୁ ସମ୍ପୂର୍ଣ୍ଣ ଭୁଲିଯାଇ ଭିନ୍ନ ଭିନ୍ନ ବାଟ ବାଛିଥିଲେ।

ଯଦିଓ ୨୦୨୪ ଲୋକ ସଭା ନିର୍ବାଚନକୁ ଆଖି ଆଗରେ ରଖି 'ଇଣ୍ଡିଆ' ଗଢ଼ାଯାଇଥିଲା ତଥାପି ବିଧାନସଭା ଭୋଟରୁ ଏହି ମେଣ୍ଟ ସଫଳତା ହାସଲ କରି ଏକ ସୁଦୂରପ୍ରସାରୀ ସନ୍ଦେଶ ଦେଇପାରିଥାଆନ୍ତା। ତାହା ହିଁ ହୋଇଥାନ୍ତା ମୋଦିଙ୍କ ବିଜୟ ରଥକୁ ରୋକିବା ପାଇଁ ମିଳିତ ସାମର୍ଥ୍ୟର ଆଦ୍ୟ ପ୍ରମାଣ। କିନ୍ତୁ ସ୍ୱକୀୟ ମହତ୍ତ୍ୱାକାଂକ୍ଷା ସେମାନଙ୍କୁ 'ଡିଭାଇଡେଡ୍ ୱି ଫଲ୍' ଆଡ଼କୁ ଟାଣିନେଇଛି।

### ୨୦୨୪: ଏକାଠି ଲଢ଼ିଲେ ଜିତିବ, ବିଭାଜିତ ହେଲେ ହାରିବ




ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ନିର୍ବାଚନରେ କଂଗ୍ରେସର ପରାଜୟ ବିରୋଧୀଙ୍କ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଡିସେମ୍ବର ମଧ୍ୟଭାଗରେ ହେବାକୁ ଥିବା ଏହି ମେଣ୍ଟର ମିଳିତ ବୈଠକ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ସମ୍ଭବତଃ ଆତ୍ମସମୀକ୍ଷା ପାଇଁ ଶେଷ ସୁଯୋଗ। ତେଣୁ କେନ୍ଦ୍ରରେ ଭାଜପାକୁ ହଟାଇବାକୁ ହେଲେ ସଦ୍ୟ ପରାଜୟରୁ ଶିକ୍ଷାଲାଭ କରି ରଣନୀତି ପ୍ରସ୍ତୁତ କରିବା କେତେ ଅନିବାର୍ଯ୍ୟ, ତାହା କଂଗ୍ରେସ ମୁଖିଆ ମଲ୍ଲିକାର୍ଜୁନ ଖାର୍ଗେ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ବୁଝିସାରିଲେଣି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଦ୍ୱିତୀୟ ବ୍ୟକ୍ତିତ୍ୱର କରିସ୍ମା କୁହନ୍ତୁ ଅଥବା ବିକାଶମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ସମର୍ଥନ, ଉପରୋକ୍ତ ୩ ରାଜ୍ୟର ଜନାଦେଶ ତାଙ୍କୁ ଦେଶରେ ଏକପ୍ରକାର ଅପରାଜେୟ ନେତାର ମାନ୍ୟତା ଦେଇଛି। ଏହି ପୃଷ୍ଠଭୂମିରେ ୨ ଡଜନରୁ ଊର୍ଦ୍ଧ୍ୱ ଦଳକୁ ନେଇ ଗଠିତ 'ଇଣ୍ଡିଆ' ନେତାମାନେ ବିଶେଷକରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର କଂଗ୍ରେସ ଉପରେ ଦୋଷ ଲଦିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ତ ନିର୍ବାଚନ ପୂର୍ବରୁ ହିଁ ମେଣ୍ଟରୁ ଓହରି 'ଏକ୍‌ଲା ଚଲୋ' ନୀତି ଆପଣାଇଥିଲେ। ଫଳରେ ବିଧାନସଭା ନିର୍ବାଚନର ପରିଣାମ ସେମାନଙ୍କୁ ଚେତାଇଦେଲା, ଏକତା ନ ରହିଲେ ପତନ ଅବଶ୍ୟମ୍ଭାବୀ। ଫଳାଫଳ ଆସିବା ପରେ ଖାର୍ଗେ ତାଙ୍କ ନୂଆଦିଲ୍ଲୀ ବାସଭବନରେ ବୁଧବାର (ଡିସେମ୍ବର ୬ରେ) ବୈଠକ ଡାକିଥିଲେ। ଗୁରୁବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଶପଥ ଗ୍ରହଣ ଉତ୍ସବକୁ ମମତାଙ୍କ ସମେତ 'ଇଣ୍ଡିଆ'ର କେତେଜଣ ନେତାଙ୍କୁ ଡକାଯାଇଥିଲା। କିନ୍ତୁ କେହି ଆସିଲେନି। କୁହାଯାଉଛି ଯେ, ଡିସେମ୍ବର ୧୭ରୁ ୨୦ ମଧ୍ୟରେ ବିରୋଧୀ ମେଣ୍ଟର ଆଉ ଏକ ବୈଠକ ହେବ। ଉକ୍ତ ବୈଠକରେ ୨୦୨୪ ନିର୍ବାଚନରେ ଭାଜପା ବିରୋଧରେ ପ୍ରତ୍ୟେକ ଆସନରୁ ମିଳିତ ପ୍ରାର୍ଥୀ ଦେବା ପାଇଁ ଭାଗବଣ୍ଟା ହିସାବ କିତାବ କରାଯିବ। ଯେତେ ଶୀଘ୍ର ସହମତି ପ୍ରକାଶ ପାଇବ, ବିଭିନ୍ନ ରାଜ୍ୟରେ ସ୍ଥାନୀୟ ସ୍ଥିତି ଅନୁଯାୟୀ ଆଗୁଆ ପ୍ରଚାର ପାଇଁ ସେତେ ଅଧିକ ସମୟ ମିଳିବ।

ଡିସେମ୍ବର ୩ ଫଳାଫଳକୁ 'ଇଣ୍ଡିଆ'ର ନୁହେଁ, ବରଂ କଂଗ୍ରେସର ପରାଜୟ ବୋଲି ମମତା ତତ୍କାଳ ଦର୍ଶାଇଥିବବେଳେ ଆଗକୁ ଏଥିରୁ ଶିକ୍ଷାଲାଭ କରି ଆଗାମୀ ବୈଠକରେ ସାମିଲ ହେବାକୁ ସଙ୍କେତ ଦେଇଛନ୍ତି। ସେହିପରି 'ସୁଶାସନ ବାବୁ' ନୀତୀଶ ମଧ୍ୟ ପରବର୍ତ୍ତୀ ବୈଠକରେ ଯୋଗଦେବେ। ହାତରେ କମ୍ ସମୟ ଥିବାରୁ ଯଥାଶୀଘ୍ର ସମ୍ଭବ ଆସନ ବୁଝାମଣା ଚୂଡ଼ାନ୍ତ କରିବା ଗୁରୁତ୍ୱ ସମ୍ପର୍କରେ ମେଣ୍ଟ ନେତାମାନଙ୍କୁ ବୁଝାଇବେ ବୋଲି ସେ କହିଛନ୍ତି। ନୀତୀଶଙ୍କ ମତରେ ୩ ହିନ୍ଦୀଭାଷୀ ରାଜ୍ୟରେ ମଧ୍ୟ କଂଗ୍ରେସର ପ୍ରଦର୍ଶନ ଅତି ନୈରାଶ୍ୟଜନକ ନୁହେଁ। ତେଲଙ୍ଗାନାରେ ବି ସର୍ବ ପୁରାତନ ଦଳ ଭଲ ନମ୍ବର ଆଣିଛି। ନିର୍ବାଚନରେ ଜୟ ପରାଜୟ ଲାଗିରହିଥାଏ। ଯେଉଁ ଦଳ ଭାରତ ରାଷ୍ଟ୍ର ସମିତିର ୧୦ ବର୍ଷର ଦୁର୍ଗକୁ ଭୁଶୁଡ଼ାଇବାରେ ସକ୍ଷମ ହେଲା ତାକୁ ଅଣଦେଖା କରିବା ଭୁଲ୍ ହେବ ବୋଲି ବୋଧେ ନୀତୀଶ ବୁଝିଗଲେ। ତେଲଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଏକଚାଟିଆ ପ୍ରଧାନମନ୍ତ୍ରୀ ହେବା ମହତ୍ତ୍ୱାକାଂକ୍ଷା ତାଙ୍କ ପତନର କାରଣ ସାଜିଥିବା ସମ୍ଭବତଃ 'ଇଣ୍ଡିଆ' ଅଂଶୀଦାର ଦଳର ନେତାମାନେ ମର୍ମେ ମର୍ମେ ଅନୁଭବ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ନୀତୀଶଙ୍କ ଦ୍ୱାରା ଆହୂତ ପ୍ରଥମ ବିରୋଧୀ ମେଳି ପାଟନାରେ ହୋଇଥିଲା। ଜୁନ୍ ୨୩ରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)ର ନୂଆ ସଂସ୍କରଣ ଦେଖିବାକୁ ମିଳିଥିଲା। 'ଇଣ୍ଡିଆ' ବ୍ଲକ୍‌ର ତୃତୀୟ ବଡ଼ ବୈଠକ ମୁମ୍ବାଇରେ ଅଗଷ୍ଟ ୩୧, ସେପ୍ଟେମ୍ବର ୧ରେ ଅନୁଷ୍ଠିତ ହୋଇଥିଲା। ଏହାର ସମନ୍ୱୟ ସମିତି ବୈଠକ ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୩ରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଅକ୍ଟୋବର ୯ରେ ଭାରତର ନିର୍ବାଚନ କମିଶନ ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା, ଛତିଶଗଡ଼ ଓ ମିଜୋରାମ ଭୋଟ ଗ୍ରହଣ ତାରିଖ ଘୋଷଣା କରିବା ପରେ ବିରୋଧୀ ନେତାମାନେ କେହି କାହାକୁ ଧରାଛୁଆଁ ଦେଇ ନ ଥିଲେ। ଏବେ ସେମାନେ ବୁଦ୍ଧି ଶିଖିଲେଣି। କିନ୍ତୁ ଲଗାତର ଗଡ଼ ଜିତି ଚାଲିଥିବା ମୋଦିଙ୍କ ବ୍ୟକ୍ତିତ୍ୱ ଆଗରେ ବିରୋଧୀଙ୍କ ମିଳିତ ରଣନୀତିକୁ ଭୋଟର କିଭଳି ଦେଖିବେ ତାହା ସମୟ କହିବ।




ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ଚାଲିଥିବା କପ୍‌୨୮ରେ ରେକର୍ଡ ସଂଖ୍ୟକ ୮୪,୦୦୦ ଲୋକ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ହଜାର ଆକ୍ଟିଭିଷ୍ଟ ଓ ସିଭିଲ୍ ସୋସାଇଟି ମେମ୍ବର ରହିଛନ୍ତି। ଜାତିସଂଘର ଏହି ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଆୟୋଜନ ସ୍ଥଳ ଏକ୍ସପୋ ସିଟି ନିକଟରେ ଗ୍ଲୋବାଲ୍ ପିପୁଲ୍ସ କାରାଭନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଗ୍ରାମାଞ୍ଚଳର ଲୋକଙ୍କୁ ସଙ୍ଗଠିତ କରି ଖାଦ୍ୟ, ଭୂମି ଓ ଜଳବାୟୁ ନ୍ୟାୟ ଆଦି ପ୍ରସଙ୍ଗର ସମାଧାନ କରିବା ହେଉଛି ଏହି ମୁଭ୍‌ମେଣ୍ଟର ଉଦ୍ଦେଶ୍ୟ।

## ସଂକ୍ଷେପରେ

### ପିସିସି ସଭାପତି ପଦରୁ କମଲ ନାଥଙ୍କ ଇସ୍ତଫା



**ଭୋପାଳ,୭।୧୨:** ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ପଦରୁ ବରିଷ୍ଠ ନେତା କମଲ୍ ନାଥ ଗୁରୁବାର ଇସ୍ତଫା ଦେଇଛନ୍ତି। ନୂଆ ପିସିସି ସଭାପତିଙ୍କ ସମ୍ପର୍କରେ କଂଗ୍ରେସ ହାଇକମାଣ୍ଡ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ। ମଙ୍ଗଳବାର କମଲ ନାଥ ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଅନ୍ୟ ବରିଷ୍ଠ ନେତାମାନଙ୍କୁ ଭେଟିଥିଲେ। ନୂଆ ପିସିସି ସଭାପତି ନିଯୁକ୍ତ କରିବାକୁ ଉକ୍ତ ବୈଠକରେ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଆସନ ବୁଝାମଣାକୁ ନେଇ ଇଣ୍ଡିଆ ବ୍ଲକ୍ ନେତା ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ପ୍ରତି କମଲ ନାଥଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ନେତୃତ୍ୱ ଅସନ୍ତୁଷ୍ଟ ଥିଲେ। ସଦ୍ୟସମାପ୍ତ ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପାକୁ ୧୬୩ ଆସନ ମିଳିଥିବାବେଳେ କଂଗ୍ରେସ ୬୬ଟିରେ ଜିତିଥିଲା।

### ନିର୍ବାଚନୀ ପ୍ରତିଶ୍ରୁତି ପୂରଣକଲେ ରେଭନ୍ତ

**ହାଇଦ୍ରାବାଦ,୭।୧୨:** ରେଭନ୍ତ ରେଡ୍ଡୀ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ଅଳ୍ପ କେତେ ମିନିଟ୍ ପରେ ନିଜ ସରକାରୀ ବାସଭବନ ସମ୍ମୁଖକୁ ଆସି ନିର୍ବାଚନ ପ୍ରଚାର ବେଳେ ଦିଆଯାଇଥିବା ଅନ୍ୟତମ ମୁଖ୍ୟ ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି। ଏପରିକି ଶପଥ ଗ୍ରହଣ ଉତ୍ସବ ଶେଷ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ହାଇଦ୍ରାବାଦର ପ୍ରଗତି ଭବନଠାରେ ବ୍ୟଗ୍ରତା ଦେଖିବାକୁ ମିଳିଥିଲା। କେତେକ ବୁଲ୍‌ଡୋଜର, ଟ୍ରାକ୍ଟର ଓ ନିର୍ମାଣ ଶ୍ରମିକ ନିୟୋଜିତ ହୋଇ ସେଠାରେ ଲାଗିଥିବା ଲୁହା ବାରିକେଡ୍‌କୁ ଉଠାଇଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରୁ ବାରିକେଡ୍ ହଟାଇଦିଆଯିବ ବୋଲି ରେଭନ୍ତ ପ୍ରଚାର ବେଳେ କହିଥିଲେ।

### ସହପାଠୀଙ୍କୁ ଗୁଳିକଲେ ରୁଷୀୟ ଛାତ୍ରୀ: ଜଣେ ମୃତ

**ମସ୍କୋ,୭।୧୨:** ରୁଷିଆର ଜଣେ ସ୍କୁଲ୍ ଛାତ୍ରୀ ଗୁରୁବାର ତା'ର କେତେଜଣ ସହପାଠୀଙ୍କୁ ଗୁଳି ଚଳାଇଥିଲେ। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇଥିବା ଛାତ୍ରୀ ଜଣକ ନିଜକୁ ମଧ୍ୟ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ୟୁକ୍ରେନ୍ ସୀମାରେ ଥିବା ବ୍ର୍ୟାନ୍‌ସ୍କାସ୍ଥିତ ଏକ ସ୍କୁଲ୍‌ରେ ଏହି ଗୁଳିକାଣ୍ଡ ଘଟିଛି। ଆହତଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ଛାତ୍ରୀ ଜଣକ ଏକ ଟ୍ୟୁବ୍‌ରେ ବନ୍ଧୁକ ଲୁଚାଇ ସ୍କୁଲ୍‌କୁ ଆଣିଥିଲେ।

### ଅଇଁଠା ପ୍ଲେଟ୍ ଅତିଥିଙ୍କ ଦେହରେ ବାଜିବାରୁ ୱେଟରଙ୍କୁ ହତ୍ୟା

**ନୂଆଦିଲ୍ଲୀ,୭।୧୨:** ଉତ୍ତରପ୍ରଦେଶର ଗାଜିଆବାଦରେ ଅଇଁଠା ପ୍ଲେଟ୍ ଥିବା ଏକ ଟ୍ରେ ଅତିଥିମାନଙ୍କ ଦେହରେ ଲାଗିଯିବାରୁ ଜଣେ ୨୬ ବର୍ଷୀୟ ୱେଟରଙ୍କୁ ହତ୍ୟା କରାଯାଇଛି। ଗତମାସ ୧୭ ସନ୍ଧ୍ୟାରେ ଗାଜିଆବାଦର ପୁଷ୍ଟ ରୋଡରେ ଥିବା ସିଜିଏସ୍ ବାଟିକା ଗେଷ୍ଟ ହାଉସ୍‌ରେ ବିବାହ ଉତ୍ସବ ଚାଲିଥିଲା। ଜଣେ ୱେଟର ଟ୍ରେରେ ଅଇଁଠା ପ୍ଲେଟ୍‌ଗୁଡ଼ିକୁ ନେଉଥିବାବେଳେ ଏହା ସେଠାରେ ଥିବା କେତେଜଣ ଅତିଥିଙ୍କ ଦେହରେ ଲାଗିଥିଲା। ଏହାକୁ ନେଇ ବଚସାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପଙ୍କଜ ନାମକ ଉକ୍ତ ୱେଟରକୁ କେତେଜଣ ଲୋକ ନିର୍ଘାତ ପିଟିଥିଲେ। ପଙ୍କଜ ମରିଗଲେ ଭାବି ଅଭିଯୁକ୍ତମାନେ ତାଙ୍କୁ ଜଙ୍ଗଲରେ ଫିଙ୍ଗିଦେଇଥିଲେ। ତା' ପରଦିନ ଗଭୀର କ୍ଷତ ଥିବା ପଙ୍କଜଙ୍କ ମୃତଦେହ ମିଳିଥିଲା। ପଙ୍କଜ ଗେଷ୍ଟ ହାଉସ୍‌କୁ କାମ କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ ବୋଲି ତାଙ୍କ ମାଆ ପୋଲିସକୁ କହିଥିଲେ।

## ଏଆଇ ମଡେଲ୍ ଜେମିନି ଲଞ୍ଚ କଲା ଗୁଗଲ

ୱାଶିଂଟନ,୭।୧୨

ବିଶ୍ୱର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦୌଡ଼ରେ ଗୁଗଲ୍ ସାମିଲ ହୋଇଛି। ଏହି କମ୍ପାନୀ ଜେମିନି ନାମରେ ଏଆଇ ମଡେଲ ଶୁଭାରମ୍ଭ କରିଛି। ଏହି ମଡେଲ୍ ମାନବ ଭଳି ଆଚରଣ ଦେଖାଇବା ନିମନ୍ତେ ତାଲିମ୍ ପାଇଥିବା କୁହାଯାଉଛି। ଏହା ପର୍ଯ୍ୟାୟକ୍ରମେ ବଜାରକୁ ଆସିବ। ପ୍ରଥମ ପର୍ଯ୍ୟାୟରେ ଜେମିନିର କମ୍ ଆଧୁନିକ ଭର୍ସନ ଗୁଗଲ୍‌ର ଏଆଇ କ୍ଷମତାଯୁକ୍ତ ଚାଟ୍‌ବୋଟ୍ ବାର୍ଡ ଏବଂ ଏହାର ପିକ୍ସେଲ୍ ୮ ପ୍ରୋ ସ୍ମାର୍ଟଫୋନ୍‌ରେ ତୁରନ୍ତ ସଂଯୋଗ ହେବାକୁ ଯାଉଛି। ଏଆଇ ବିକାଶରେ ଏହା ଏକ ଉଲ୍ଲେଖନୀୟ ସଫଳତା ଏବଂ ଗୁଗଲରେ ଆମ ପାଇଁ ଏକ ନୂଆ ଯୁଗର ଆରମ୍ଭ ବୋଲି ଗୁଗଲ୍ ଡିପ୍‌ମାଇଣ୍ଡର ସିଇଓ ଡେମିସ୍ ହସାବିସ୍ କହିଛନ୍ତି।

## ଡ. ସମୀର ଶାହ ହେବେ ବିବିସିର ନୂଆ ଅଧ୍ୟକ୍ଷ

ଲଣ୍ଡନ,୭।୧୨



ବ୍ରିଟେନ୍ ବ୍ରଡକାଷ୍ଟିଂରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମିଡିଆ ଏକ୍ସିକ୍ୟୁଟିଭ୍ ଭାବେ କାର୍ଯ୍ୟରତ ଭାରତ ଜନ୍ମିତ ଡ.ସମୀର ଶାହ ବିବିସି (ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନ)ର ନୂଆ ଅଧ୍ୟକ୍ଷ ହେବାକୁ ଯାଉଛନ୍ତି। ବ୍ରିଟେନ୍ ସରକାର ଏହି ପଦବୀ ପାଇଁ ୭୨ ବର୍ଷୀୟ ଡ. ଶାହଙ୍କୁ ମନୋନୀତ କରିଛନ୍ତି। ୨୦୧୯ରେ ତତ୍କାଳୀନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ସମୀରଙ୍କୁ ସିବିଇରେ ସମ୍ମାନିତ କରିଥିଲେ। ସେ ରିଚାର୍ଡ ଶାର୍ପଙ୍କ ସ୍ଥାନରେ ବିବିସି ଅଧ୍ୟକ୍ଷ ହେବାକୁ ଯାଉଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସହ ରିଚାର୍ଡଙ୍କର ଯୋଗାଯୋଗ ଥିବା ଜଣାପଡ଼ିବା ପରେ ତାଙ୍କୁ ଇସ୍ତଫା ଦେବା ପାଇଁ ବାଧ କରାଯାଇଥିଲା। ଡ. ଶାହ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ହାଉସ୍ ଅଫ୍ କମନ୍ସ ମିଡିଆ କଲ୍‌ଚର, ମିଡିଆ ଆଣ୍ଡ ସ୍ପୋର୍ଟ ସିଲେକ୍ସନ କମିଟିର ଏମ୍‌ପିମାନେ ତାଙ୍କୁ ପଚରାଉଚରା କରିବେ।

## କନ୍‌ସୁଲାର ଆକ୍ସେସ୍ ଅନୁମତି ଦେଲା କାତାର

### ମୃତ୍ୟୁ ଦଣ୍ଡାଦେଶ ପାଇଛନ୍ତି ୮ ପୂର୍ବତନ ନୌସେନା ଅଧିକାରୀ

ନୂଆଦିଲ୍ଲୀ,୭।୧୨

ଗୁପ୍ତଚର ବୃତ୍ତି ଅଭିଯୋଗରେ କାତାରରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତୀୟ ନୌସେନାର ୮ ପୂର୍ବତନ ଅଧିକାରୀଙ୍କ ପାଇଁ କନ୍‌ସୁଲାର ଆକ୍ସେସ୍ (ଦୂତାବାସ ଜରିଆରେ ଆଇନଗତ ସହାୟତା) ଅନୁମତି ମିଳିଛି। ଗତ ୩ ତାରିଖରେ ଭାରତୀୟ ଦୂତାବାସର ଜଣେ କୂଟନୀତିଜ୍ଞଙ୍କୁ କାତାର କନ୍‌ସୁଲାର ଆକ୍ସେସ୍ ମଞ୍ଜୁର କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। କେନ୍ଦ୍ର ସରକାର ଉକ୍ତ ମାମଲାକୁ ଅନୁଧ୍ୟାନ କରୁଛନ୍ତି ଓ ସମସ୍ତ ଆଇନଗତ କନ୍‌ସୁଲାର ସହାୟତା ଯୋଗାଇଦେବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି ଗଣମାଧ୍ୟମକୁ କହିଛନ୍ତି।

## କେଶବାନନ୍ଦ ଭାରତୀ ରାୟ ୧୦ ଭାଷାରେ ଉପଲବ୍ଧ

ନୂଆଦିଲ୍ଲୀ,୭।୧୨(ପି.ଟି.)

ସମ୍ବିଧାନର 'ମୂଳ ଢାଞ୍ଚାର ସିଦ୍ଧାନ୍ତ'କୁ ବ୍ୟାଖ୍ୟା କରିଥିବା କେଶବାନନ୍ଦ ଭାରତୀ ରାୟ ଏବେ ୧୦ଟି ଭାରତୀୟ ଭାଷାରେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଉପଲବ୍ଧ ବୋଲି ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର କହିଛନ୍ତି। ଚଳିତ ବର୍ଷ ଦେଶ ଏହି ଐତିହାସିକ ରାୟର ୫୦ ବର୍ଷ ପାଳନ କରୁଥିବାବେଳେ ଏହାକୁ ୧୦ଟି ଭାରତୀୟ ଭାଷାରେ ଉପଲବ୍ଧ କରାଯାଇଛି। ସମ୍ବିଧାନର 'ମୌଳିକ ଢାଞ୍ଚା' ସିଦ୍ଧାନ୍ତ ଉପରେ ୧୯୭୩ର ଏହି ରାୟରେ ସମ୍ବିଧାନ ସଂଶୋଧନ ପାଇଁ ପାର୍ଲାମେଣ୍ଟର ବ୍ୟାପକ କ୍ଷମତାକୁ ସଙ୍କୁଚିତ କରାଯାଇ, ଏହାର ଉଲ୍ଲଂଘନ ହୋଇଥିଲେ ଯେକୌଣସି ସଂଶୋଧନକୁ ନ୍ୟାୟପାଳିକା ତର୍ଜମା କରିପାରିବ ବୋଲି କ୍ଷମତା ଦିଆଯାଇଥିଲା। ଉକ୍ତ ରାୟ ଯେପରି ସମାଜର ବୃହତ୍ତର ବର୍ଗଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ଏକ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଅଦାଲତ କାର୍ଯ୍ୟକୁ ସାଧାରଣ ଲୋକେ ବୁଝିବା କ୍ଷେତ୍ରରେ ରହିଥିବା ଭାଷାଗତ ପ୍ରତିବନ୍ଧକ ଦୂର କରିବା ପାଇଁ ଏହାକୁ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ କରିବାକୁ ଚିନ୍ତା କରାଯାଇଥିଲା ବୋଲି ସିଜେଆଇ କହିଛନ୍ତି।

## ଯୌତୁକ ପାଇଁ ଭାଙ୍ଗିଲା ବାହାଘର: ଡାକ୍ତରଙ୍କ ଆତ୍ମହତ୍ୟା

ଥିରୁଭାନନ୍ତପୁରମ୍,୭।୧୨

ଯୌତୁକ ପାଇଁ ବିବାହ ଭାଙ୍ଗିଯିବାରୁ କେରଳ ଥିରୁଭାନନ୍ତପୁରମ୍‌ର ୨୬ ବର୍ଷୀୟା ଡାକ୍ତର ଶାହନା ଆତ୍ମହତ୍ୟା କରିଛନ୍ତି। ଯୌତୁକ ଦାବି କରିବା ଏବଂ ଆତ୍ମହତ୍ୟା ପାଇଁ ବାଧ କରିବା ଅଭିଯୋଗରେ ଡାକ୍ତରଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରାଯାଇଛି। ଯୌତୁକ ଦାବି ପୂରଣ କରିବାକୁ ଡାକ୍ତରଙ୍କ ପରିବାର ଅକ୍ଷମତା ପ୍ରକାଶ କରିବାରୁ ପୁରୁଷ ବନ୍ଧୁ ବିବାହ ଭାଙ୍ଗିଦେଇଥିଲେ। ଫଳରେ ଥିରୁଭାନନ୍ତପୁରମ୍ ମେଡିକାଲ କଲେଜ ସର୍ଜରି ବିଭାଗର ପିଜି ଛାତ୍ରୀ ଶାହନା ମଙ୍ଗଳବାର ସକାଳେ ତାଙ୍କ ଭଡ଼ାଘରେ ଆତ୍ମହତ୍ୟା କରିଥିଲେ। ଯୌତୁକ ବାବଦରେ ପୁରୁଷ ବନ୍ଧୁ ସୁନା, ଜମି, ବିଏମ୍‌ଡବ୍ଲ୍ୟୁ କାର ଆଦି ମାଗିଥିଲେ ବୋଲି ଶାହନାଙ୍କ ପରିବାର ଅଭିଯୋଗ କରିଛି। ଶାହନାଙ୍କ ବାପା ଯିଏକି ମଧ୍ୟପ୍ରାଚ୍ୟରେ ରହି କାମ କରୁଥିଲେ, ନିକଟରେ ତାଙ୍କର ପରଲୋକ ହୋଇଥିଲା। ତେଣୁ ଯୌତୁକ ଦାବି ପୂରଣ କରିବା ପରିବାରର କ୍ଷମତା ବାହାରେ ଥିଲା। ଫଳରେ ମେଡିକାଲ କଲେଜ ପିଜି ଡାକ୍ତର ଆସୋସିଏଶନର ପ୍ରତିନିଧିତ୍ୱ କରୁଥିବା ବୟଫ୍ରେଣ୍ଡ ଡ. ରୁୱାଇସେ ଶାହନାଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ରୁୱାଇସେଙ୍କୁ ଗିରଫ କରି ତଦନ୍ତ ଚଳାଇଛି।



ଶାହନା

## ନାଗରିକତ୍ୱ ଆଇନ ଧାରା ୬ଏ କେବଳ ଆସାମ ପାଇଁ କାହିଁକି

### ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୭।୧୨

ନାଗରିକତ୍ୱ ଆଇନର ଧାରା ୬ଏ କେବଳ ଆସାମ ପାଇଁ କାହିଁକି ବୋଲି ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ବାଂଲାଦେଶ ସହ ପଶ୍ଚିମବଙ୍ଗର ଅଧିକ ସୀମା ସଂଲଗ୍ନ ଥିବାବେଳେ ଉକ୍ତ ରାଜ୍ୟକୁ ବାଦ୍ ଦେଇ କେବଳ ଆସାମକୁ ବଛାଯିବାର କାରଣ ଅଦାଲତ ପଚାରିଛନ୍ତି। ନାଗରିକତ୍ୱ ଆଇନର ଧାରା ୬ଏ' ଆସାମର ବେଆଇନ ପ୍ରବାସୀଙ୍କ ପାଇଁ ଉଦ୍ଦିଷ୍ଟ। ବେଆଇନ ଆପ୍ରବାସ ଏକ ଗମ୍ଭୀର ସମସ୍ୟା ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଟିପ୍ପଣୀ ଦେଇଛନ୍ତି। ସୀମାର ସୁରକ୍ଷା ପାଇଁ କେନ୍ଦ୍ର ସରକାର କ'ଣ କରୁଛନ୍ତି ବୋଲି ସାମ୍ବିଧାନିକ ପୀଠ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ପ୍ରଶ୍ନ କରିଥିଲେ। ସାମ୍ବିଧାନିକ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଏମ୍.ଏମ୍. ସୁନ୍ଦ୍ରେଶ, ଜେ.ପି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। ଶୁଣାଣି ଆରମ୍ଭରେ କେନ୍ଦ୍ର ସ୍ପଷ୍ଟୀକରଣ ଦେଇଥିଲା ଯେ, ନାଗରିକତ୍ୱ ଆଇନ ଧାରା ୬ଏ'ର ସାମ୍ବିଧାନିକ ବୈଧତାର ଯାଞ୍ଚରେ ଉକ୍ତ ଆଇନର ଅନ୍ୟ ସଂଶୋଧନ ସହ କିଛି କରିବାର ନାହିଁ। ଧାରା ୬ଏ'ର କାର୍ଯ୍ୟକାରିତା କେବଳ ନିର୍ଦ୍ଦିଷ୍ଟ ସମୟ ପାଇଁ ସୀମିତ ବୋଲି ମେହେଟା କହିଥିଲେ। ଜଣେ ବ୍ୟକ୍ତିଙ୍କ ଜେଜେମାଆବାପାଙ୍କ ମଧ୍ୟରୁ କେହି ଅବିଭାଜିତ ଭାରତରେ ଜନ୍ମ ହୋଇଥିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ନାଗରିକ ବିବେଚନା କରାଯିବ। ଏହି ବର୍ଗ ଅତ୍ୟନ୍ତ ସୀମିତ ଏବଂ କେବଳ ଆସାମର ଏକ ସୀମିତ ଭୌଗୋଳିକ ଅଞ୍ଚଳ ପାଇଁ ଲାଗୁ ହେଉଛି। ଏହି ବର୍ଗର ଲୋକେ କେବଳ ବାଂଲାଦେଶର ସୀମିତ ଅଞ୍ଚଳରୁ ଅନୁମତି ପାଇଥାନ୍ତି ବୋଲି ମେହେଟା କହିଥିଲେ। ଏକ ସୀମିତ ଅଞ୍ଚଳରୁ ଭାରତକୁ ଆସି ନାଗରିକତ୍ୱ ପାଇ ନ ଥିବା ଲୋକଙ୍କର କ'ଣ ହେବ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ୧୯୬୬ ଜାନୁୟାରୀ ୧ରୁ ୧୯୭୧ ମାର୍ଚ୍ଚ ୨୫ ମଧ୍ୟରେ ଆସାମରେ କେତେଜଣ ବାଂଲାଦେଶୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଛି, ତା'ର ସବିଶେଷ ତଥ୍ୟ ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ଆସାମ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# କଳାହାଣ୍ଡିରେ ଦାଉସାଧିଲା 'ମିଗ୍‌ଜୋମ'



କେନ୍ଦୁପାଟିର ଜଣେ ଚାଷୀ ତାଙ୍କ ଧାନ ଗଜା ହୋଇଥିବା ଦେଖାଉଛନ୍ତି।

**ଭବାନୀପାଟଣା,୭।୧୨(ଉତ୍ତମ କୁମାର ଦାଶ)**

- ■ପାଣିରେ ଭାସୁଛି ଧାନ, ବର୍ଷାରେ ଭିଜି ଗଜା ହେଲା ଧାନ
- ■ଭାଙ୍ଗିଗଲା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ
- ■ସହାୟତା ଅପେକ୍ଷାରେ ଚାଷୀ

କଳାହାଣ୍ଡି ଜିଲାରେ ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ'ର ପ୍ରଭାବ ଦେଖିବାକୁ ମିଳିଛି। ୩ଦିନ ଧରି ଝିପିଝିପି ଲଗାଣ ବର୍ଷା ଯୋଗୁ ଚାଷୀଙ୍କ ଧାନ ଏବେ ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଏବେ ଚାଷୀଙ୍କ ଧାନ ଗଜା ହୋଇଯାଇଥିବା ବେଳେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଜିଲାର ଜୁନାଗଡ଼ ସମେତ ଧର୍ମଗଡ଼, କୋକସରା, କଲମପୁର, ଜୟପାଟଣା ଆଦି ବିଭିନ୍ନ ବ୍ଲକରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଜୁନାଗଡ଼ ବ୍ଲକର ୩୪ଟି ପଞ୍ଚାୟତରେ ଚଳିତବର୍ଷ ୨୯ ହଜାର ୮୫୫ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଗତ ସୋମବାରଠାରୁ କୋହଲା ପାଗ ଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରୁ ଗୁରୁବାର ପର୍ଯ୍ୟନ୍ତ ଝିପିଝିପି ବର୍ଷା ହୋଇଥିଲା। ଏହାର ପ୍ରଭାବରେ ୩୪ଟି ପଞ୍ଚାୟତରେ ଅନେକ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଜିଲାରେ ଖରିଫ ଧାନ ଅମଳ ଚାଲିଛି। ଚାଷୀ ଧାନ ଅମଳ କରିବାରେ ବ୍ୟସ୍ତଥିବା ବେଳେ ଉଜାଡ଼ି ଦେଇଛି ଲଘୁଚାପ ବର୍ଷା। ବିଲଗୁଡିକରେ କାଟିଲା ଧାନ ପଡିରହିଥିବା ବେଳେ ଖଳାଗୁଡିକରେ ଧାନ ଗଦା ହୋଇଛି। ଏପଟେ ଲଘୁଚାପ ବର୍ଷା ଚାଷୀଙ୍କୁ ଏକ ଶକ୍ତ ଧକ୍କା ଦେଇଛି। ଫଳରେ ଧାନଗୁଡିକ ଗଜା ହୋଇ ନଷ୍ଟ ହୋଇଯାଇଛି। ଜୁନାଗଡ଼ ବ୍ଲକ କେନ୍ଦୁପାଟି ପଞ୍ଚାୟତ ଅନେକ ଚାଷ ଜମିରେ ଧାନ ଫସଲ ତଳେ ଶୋଇ ପଡ଼ି ଗଜା ହୋଇଥିବା ଜଣାପଡିଛି। ଚାଷୀମାନେ ଧାର କରଜ କରି ଚାଷ କରିଥିବା ବେଳେ ଅମଳ ସମୟରେ ବର୍ଷା ଚାଷୀଙ୍କ ଦାଉ ସାଧୁଛି। ସେହିପରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଜିଲାରେ ଚାଷ ହୋଇଥିବା ପନିପରିବା ଚାଷ ଓ ଡାଲି ଜାତୀୟ ଫସଲ ମଧ୍ୟ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ଚଳିତବର୍ଷ ଜିଲାରେ ଖରିଫ ଧାନ ମଣ୍ଡିରେ ବିକ୍ରି କରିବା ପାଇଁ ୧ ଲକ୍ଷ ୧୨ ହଜାର ୨୦୨ଜଣ ଚାଷୀ ସ୍ଥାନୀୟ ପ୍ୟାକ୍ସରେ ପଞ୍ଜୀକରଣ କରିଛନ୍ତି। ସେହିପରି ଏଥର ଖରିଫ ଧାନ ଟାର୍ଗେଟ ୫୦ ଲକ୍ଷ ୪୧ ହଜାର ୧୭୬ କୁଇଣ୍ଟାଲ ଆସିଥିବାବେଳେ ଜିଲାରେ ୨୧୯ଟି ପାକ୍ସ ଓ ଡବ୍ଲୁଏସଏଚଜିଙ୍କୁ ଧାନ କିଣିବା ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ଧାନ ଭିଜି ଯାଇଥିବା ବେଳେ ନଛୋଡବନ୍ଧା ମିଲର୍ସମାନଙ୍କ ଶିକାର ହେବେ ଚାଷୀ। ଅଧିକ କଟନିଛଟନି କରି ଚାଷୀ ଝାଳବୁହା ପାରିଶ୍ରମିକକୁ କମ ରେଟରେ କିଣି ନେବେ। ସରକାର ତୁରନ୍ତ ସରଜମିନ ତଦନ୍ତ କରି ଚାଷୀଙ୍କୁ ଉଚିତ ଭାବେ କ୍ଷୟକ୍ଷତି ସହାୟତା ଯୋଗାଇ ଦେବାକୁ ଚାଷୀମାନେଳ ନିବେଦନ କରିଛନ୍ତି।

## କ୍ଷୟକ୍ଷତି ଆକଳନ କଲେ ବିଭାଗୀୟ ଅଧିକାରୀ

**କର୍ଲାମୁଣ୍ଡା,୭।୧୨(ପ୍ରଦୀପ କୁମାର ସାହୁ)**



ରାଜସ୍ୱ, କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ମଙ୍ଗଳବାରଠୁ ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ'ର ପ୍ରଭାବରେ ଲଗାଣ ବର୍ଷା ଓ କୋହଲା ପାଗ ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ଗୁରୁବାର ତହସିଲଦାର ଅରୁଣ ବର୍ଗେ, ସହକାରୀ କୃଷି ଅଧିକାରୀ କୁମାର ଚିରଞ୍ଜିବୀ, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ରୀଙ୍କୁ ପ୍ରଧାନ ଓ ଗ୍ରାମ୍ୟ କୃଷି କର୍ମୀମାନେ ବିଭିନ୍ନ ଗାଁକୁ ଯାଇ କ୍ଷୟକ୍ଷତି ଆକଳନ କରୁଥିବା ଦେଖିବାକୁ ମିଳିଛି। ଅମଳ ଅବସ୍ଥାରେ ଧାନ ପେଟା ମାଟିରେ ପଡିଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବ୍ଲକର ୧୨ଟି ପଞ୍ଚାୟତ ପ୍ରାୟ ସବୁ ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଚାଷୀମାନେ ଧାନ ଅମଳ କରି ଘରକୁ ଆଣି ଖଳାରେ ରଖିଛନ୍ତି। ଅନେକ ଚାଷୀ ଧାନ କାଟି କ୍ଷେତରେ ପକାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଲଗାଣ ବର୍ଷା ପବନ ଯୋଗୁ ଧାନ ଏବେ ଗଜା ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ବ୍ଲକ ବିଜାପାଟି, ଭୋଇରମୁଣ୍ଡା, ଟେର୍ଚାପଲା, କାର୍ନିଖୁଣ୍ଟି, ସିସଖାଲ ଆଦି ସ୍ଥାନରେ ଅମଳ ହେବାକୁ ଥିବା କପା ସବୁ ଭିଜି ଯାଇଛି। ଚାଷୀ ଏବେ ଫସଲହାନୀ ଆଶଙ୍କା କରି ଚିନ୍ତାରେ ରହିଛନ୍ତି। ଅନ୍ୟ ପଟେ ଯୋରାଡବରାରେ ପ୍ରାଥମିକ କୃଷି ସମବାୟ ସମିତିର ବିଜାପାଟି ମଣ୍ଡିରେ ଚାଷୀଙ୍କ ୧୫୦୦ ଶହ କୁଇଣ୍ଟାଲ ଧାନ ପଡିରହିଛି। ବର୍ଷା ଯୋଗୁ ମିଲ ମାଲିକ ମଧ୍ୟ ଧାନ ଉଠେଇ ପାରୁ ନାହାନ୍ତି। ଶୀତ କାକର ସାଙ୍ଗକୁ ଅଦିନିଆ ବର୍ଷାରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଗୋପୀନାଥ



@ ମହେଶ



@ ରଶ୍ମି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଦିନିଆ ବର୍ଷା: ବ୍ୟାପକ ଫସଲ କ୍ଷତି

### କୃଷକ ସଂଘର୍ଷ ସଂଘର ଦାବିପତ୍ର ପ୍ରଦାନ

**ଦେବଗଡ,୭।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲାରେ ବାତ୍ୟା 'ମିଗ୍‌ଜୋମ୍' ପ୍ରଭାବରେ ବ୍ୟାପକ ଧାନ ଓ ପନିପରିବା ଫସଲ କ୍ଷୟକ୍ଷତି ହୋଇଛି। ତୁରନ୍ତ ଏହାର ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା କୃଷକ ସଙ୍ଘର୍ଷ ସଙ୍ଘ ପକ୍ଷରୁ ଦାବି କରାଯାଇଛି। ସଂଘ ସଭାପତି ସେମ ହେମ୍ବ୍ରମ କାର୍ଯ୍ୟକର୍ତ୍ତାଙ୍କ ସହିତ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ଏବେ ସୁଦ୍ଧା ଶତକଡା ୭୫ ପ୍ରତିଶତ ଧାନ କଟା ହୋଇ ଜମିରେ ପଡିଥିବା ବେଳେ ଅବଶିଷ୍ଟ ପ୍ରାୟ ୨୫ ପ୍ରତିଶତ ଅମଳ ହେବାକୁ ବାକି ରହିଛି। ଏପରିସ୍ଥଳେ ବୁଧବାର ସକାଳୁ ବର୍ଷା ଲାଗି ରହିଥିବା ବେଳେ ବିଭିନ୍ନ ଗ୍ରାମରେ ବ୍ୟାପକ ଧାନ ଚାଷ ନଷ୍ଟ ହୋଇଛି। ଏଥିସହ ବହୁ ପରିବା ଚାଷୀ ମଧ୍ୟ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ସଂଘର୍ଷ ସଂଘ ପକ୍ଷରୁ ଦାବି କରାଯାଇଛି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ



ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ।

**ଦେବଗଡ,୭।୧୨(ଶଶାଙ୍କ ଶେଖର ଝାଙ୍କର)**

ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ତିଲେଇବଣି ବ୍ଲକ କଂସରସ୍ଥିତ ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା ଡ. ବିନିତା ମାହାପାତ୍ରଙ୍କ ସଭାପତିତ୍ୱ ଓ ନୋଡାଲ ଅଫିସର ବଳରାମ ପରିଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ପରିଚାଳନା ସମିତି ସଭାପତି ବିଭୁତି ଗଙ୍ଗଦେବ ମୁଖ୍ୟ ଅତିଥି, ଶିକ୍ଷାବିତ ପ୍ରମୋଦ କୁମାର ଝାଙ୍କର ମୁଖ୍ୟବକ୍ତା ଓ ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ଡା. ବନମାଳୀ ସାହୁ, ଅଶୋକ ଗଙ୍ଗଦେବ, ପୁରୁଷୋତ୍ତମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କଲେଜରେ ରକ୍ତ ଚିହ୍ନଟ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କୁଚିଣ୍ଡା,୭।୧୨(ବିରଞ୍ଚି ଦର୍କା)**

କୁଚିଣ୍ଡା କଲେଜରେ ଆରମ୍ଭ ହୋଇଥିବା ନୂଆଁ-ଓ କାର୍ଯ୍ୟକ୍ରମରେ ଗୁରୁବାର ରକ୍ତ ବର୍ଗୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତତିନି ବିଭାଗ ନୋଡାଲ ଅଫିସର ଡ଼. ଅମିୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ା. ଶରତ ଗୌନ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭୋଜପୁର ଡିଏମ୍‌ଏଲ୍‌ଟି ଓ କୁଚିଣ୍ଡା ଉପଖଣ୍ଡ କର୍ମଚାରୀ ରକ୍ତ ବର୍ଗୀକରଣ କରିଥିଲେ। ଏହାକୁ ଅଧ୍ୟାପିକା ବେଲମତି କୁମୁରା ପରିଚାଳନା କରିଥିବା ବେଳେ ମମତା ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତଦୁଇ ନୋଡାଲ ଅଫିସର ଡ. ସୁମନ୍ତ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ ପରିଷଦ ପକ୍ଷରୁ କାର୍ଟୁନ, ଡ୍ରଇଂ, ମେହେନ୍ଦି ଓ ଯୁକ୍ତତିନି କ୍ରୀଡା ବିଭାଗରେ ଖୋଖୋ, ଚେସ ଓ କ୍ୟାରମ ଆଦି ପ୍ରତିଯୋଗିତା ହୋଇଥିଲା।ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶିକା ପ୍ରଫେସର ପ୍ରଭାବତୀ ଗୁରୁ, ଉପଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାସ, ଜିଲା ନୋଡାଲ ଅଫିସର ପ୍ରଫେସର ଅଖିଳ ବିଶାଳ କଲେଜ ପରିଦର୍ଶନ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ପୁରୁଣାପାଣି ଚାମ୍ପିୟନ



ଅତିଥିଙ୍କ ସହ ଖେଳାଳିମାନେ।

**ଦେବଗଡ଼,୭।୧୨(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ ରେମ୍ଫେଇ ଗ୍ରାମ ପଞ୍ଚାୟତର ଖଜୁରୀବାହାଲ ଗ୍ରାମରେ ଦିବ୍ୟଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପଥୁରିନାଳୀ ଦଳକୁ ପରାସ୍ତ କରି ପୁରୁଣାପାଣି ଫୁଟବଲ ଦଳ ଚାମ୍ପିୟନ ହୋଇଛି। ରେଫରି ଭାବେ ବିକ୍ରମ କିଷାନ, ଡବ୍ଲୁ କୁମାର ଓ ମନୋଜ ପାତ୍ର ଖେଳ ପରିଚାଳନା କରିଥିଲେ। ଆଜି ସଂଧ୍ୟାରେ ଆୟୋଜକ ଦିବ୍ୟଜ୍ୟୋତି କ୍ଲବର ସଭାପତି ପଟେଲ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ ମୁଖ୍ୟ ଅତିଥି ଓ ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ସଦସ୍ୟ ଭୁପେନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ କ୍ଲବ ସମ୍ପାଦକ ବନମାଳୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ନୃତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଦେବଗଡ,୭।୧୨(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ଚାଲିଥିବା 'ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅବସରରେ ବାରକୋଟସ୍ଥିତ ଡଁରା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଷ୍ଟେଟ ନୋଡାଲ ଅଫିସର ରାଜେଶ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ ଯୋଗଦେଇଥିଲେ। ଅଧ୍ୟାପିକା ଶିବାରାଣୀ କୁଅଁର ଓ ମଧୁମିତା ନନ୍ଦଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।

## ଜିଏମ୍‌ୟୁ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ

**ସମ୍ବଲପୁର,୭।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ରେଙ୍ଗାଲି ବ୍ଲକ ରମ୍ପେଲା ଗ୍ରାମରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିଟାଲ ଫାଇନାନ୍ସ, ବ୍ୟାଙ୍କିଂ ସେବା, ମ୍ୟୁଚୁଆଲ ଫଣ୍ଡ ସହିତ ସରକାରଙ୍କ ବିଭିନ୍ନ ଆର୍ଥିକ ସ୍କିମ୍ ଓ ସାଇବର ଠକେଇର ନିରାକରଣ ଉପରେ ଆଲୋକପାତ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡ. ଶ୍ରୀନିବାସ ଦାଶ, ସହକାରୀ ପ୍ରଫେସର ସ୍ମୃତି ମିଶ୍ରଙ୍କ ସମେତ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ର ଉକ୍ତ ଗ୍ରାମରେ ଘରକୁ ଘର ବୁଲି ଲୋକଙ୍କ ଆର୍ଥିକ ଅବସ୍ଥା ସମ୍ପର୍କରେ ଅବଗତ ହେବା ସହ ସେମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଏହାସହ ମହିଳାମାନଙ୍କୁ ନେଇ ବୈଠକ କରି ଆର୍ଥିକ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ବିଭାଗୀୟ ମୁଖ୍ୟ ଭାବେ ଡ. ଦାଶ ବୈଠକକୁ ସମ୍ବୋଧିତ କରିଥିଲେ। ସହାକାରୀ ପ୍ରଫେସର ମିଶ୍ର ଆର୍ଥିକ ସ୍କିମ୍ ଗୁଡ଼ିକର ବ୍ୟବହାରିକ ପ୍ରୟୋଗ ଓ ଏହାର ପ୍ରଭାବ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରିଥିଲେ।





ଜିଏମ୍‌ୟୁ ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ।

## ଜିଲା ବରିଷ୍ଠ ନାଗରିକ ଫୋରମ ବୈଠକ



ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ।

**ଦେବଗଡ଼,୭।୧୨(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ କ୍ଲବ ଗୃହଠାରେ ଜିଲା ବରିଷ୍ଠ ନାଗରିକ ଫୋରମର ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ ଭାବେ ଡିଜେ ସାଉଣ୍ଡର ତୀବ୍ରତାକୁ ନିୟନ୍ତ୍ରଣ କରାଯିବା ଓ ଫୋରମର କାର୍ଯ୍ୟାଳୟ ପାଇଁ ସରକାରୀ ଗୃହ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଏହାପରେ ଫୋରମର କାର୍ଯ୍ୟକର୍ତ୍ତା ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସାକ୍ଷାତ କରି ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶେଷରେ ଫୋରମର ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଯୁଧିଷ୍ଠିର ଦାଶ, ଅଜୟ କୁମାର ବେହେରା, ଭୁବନେଶ୍ୱର ପ୍ରଧାନ, ସୁନୀଲ କୁମାର କପରଦାର, ବିମଳ କୁମାର ଦ୍ୱିବେଦୀ, ଲକ୍ଷ୍ମଣ କୁମାର ପ୍ରଧାନ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଳାହାଣ୍ଡିରେ ଦାଉସାଧିଲା 'ମିଗ୍‌ଜୋମ'



କେନ୍ଦୁପାଟିର ଜଣେ ଚାଷୀ ତାଙ୍କ ଧାନ ଗଜା ହୋଇଥିବା ଦେଖାଉଛନ୍ତି।

**ଭବାନୀପାଟଣା,୭।୧୨(ଉତ୍ତମ କୁମାର ଦାଶ)**

- ପାଣିରେ ଭାସୁଛି ଧାନ, ବର୍ଷାରେ ଭିଜି ଗଜା ହେଲା ଧାନ
- ଭାଙ୍ଗିଗଲା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ
- ସହାୟତା ଅପେକ୍ଷାରେ ଚାଷୀ

କଳାହାଣ୍ଡି ଜିଲାରେ ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ'ର ପ୍ରଭାବ ଦେଖିବାକୁ ମିଳିଛି। ୩ଦିନ ଧରି ଝିପିଝିପି ଲଗାଣ ବର୍ଷା ଯୋଗୁ ଚାଷୀଙ୍କ ଧାନ ଏବେ ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଏବେ ଚାଷୀଙ୍କ ଧାନ ଗଜା ହୋଇଯାଇଥିବା ବେଳେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଜିଲାର ଜୁନାଗଡ଼ ସମେତ ଧର୍ମଗଡ଼, କୋକସରା, କଲମପୁର, ଜୟପାଟଣା ଆଦି ବିଭିନ୍ନ ବ୍ଲକରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଜୁନାଗଡ଼ ବ୍ଲକର ୩୪ଟି ପଞ୍ଚାୟତରେ ଚଳିତବର୍ଷ ୨୯ ହଜାର ୮୫୫ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଗତ ସୋମବାରଠାରୁ କୋହଲା ପାଗ ଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରୁ ଗୁରୁବାର ପର୍ଯ୍ୟନ୍ତ ଝିପିଝିପି ବର୍ଷା ହୋଇଥିଲା। ଏହାର ପ୍ରଭାବରେ ୩୪ଟି ପଞ୍ଚାୟତରେ ଅନେକ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଜିଲାରେ ଖରିଫ ଧାନ ଅମଳ ଚାଲିଛି। ଚାଷୀ ଧାନ ଅମଳ କରିବାରେ ବ୍ୟସ୍ତଥିବା ବେଳେ ଉଜାଡ଼ି ଦେଇଛି ଲଘୁଚାପ ବର୍ଷା। ବିଲଗୁଡ଼ିକରେ କାଟିଲା ଧାନ ପଡ଼ିରହିଥିବା ବେଳେ ଖଳାଗୁଡ଼ିକରେ ଧାନ ଗଦା ହୋଇଛି। ଏପଟେ ଲଘୁଚାପ ବର୍ଷା ଚାଷୀଙ୍କୁ ଏକ ଶକ୍ତ ଧକ୍କା ଦେଇଛି। ଫଳରେ ଧାନଗୁଡ଼ିକ ଗଜା ହୋଇ ନଷ୍ଟ ହୋଇଯାଇଛି। ଜୁନାଗଡ଼ ବ୍ଲକ କେନ୍ଦୁପାଟି ପଞ୍ଚାୟତ ଅନେକ ଚାଷ ଜମିରେ ଧାନ ଫସଲ ତଳେ ଶୋଇ ପଡ଼ି ଗଜା ହୋଇଥିବା ଜଣାପଡ଼ିଛି। ଚାଷୀମାନେ ଧାର କରଜ କରି ଚାଷ କରିଥିବା ବେଳେ ଅମଳ ସମୟରେ ବର୍ଷା ଚାଷୀଙ୍କ ଦାଉ ସାଧୁଛି। ସେହିପରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଜିଲାରେ ଚାଷ ହୋଇଥିବା ପନିପରିବା ଚାଷ ଓ ଡାଲି ଜାତୀୟ ଫସଲ ମଧ୍ୟ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ଚଳିତବର୍ଷ ଜିଲାରେ ଖରିଫ ଧାନ ମଣ୍ଡିରେ ବିକ୍ରି କରିବା ପାଇଁ ୧ ଲକ୍ଷ ୧୨ ହଜାର ୨୦୨ଜଣ ଚାଷୀ ସ୍ଥାନୀୟ ପ୍ୟାକ୍ସରେ ପଞ୍ଜୀକରଣ କରିଛନ୍ତି। ସେହିପରି ଏଥର ଖରିଫ ଧାନ ଟାର୍ଗେଟ ୫୦ ଲକ୍ଷ ୪୧ ହଜାର ୧୭୬ କୁଇଣ୍ଟାଲ ଆସିଥିବାବେଳେ ଜିଲାରେ ୨୧୯ଟି ପାକ୍ସ ଓ ଡବ୍ଲୁଏସଏଚଜିଙ୍କୁ ଧାନ କିଣିବା ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ଧାନ ଭିଜି ଯାଇଥିବା ବେଳେ ନଛୋଡବନ୍ଧା ମିଲର୍ସମାନଙ୍କ ଶିକାର ହେବେ ଚାଷୀ। ଅଧିକ କଟନିଛଟନି କରି ଚାଷୀ ଝାଳବୁହା ପାରିଶ୍ରମିକକୁ କମ ରେଟରେ କିଣି ନେବେ। ସରକାର ତୁରନ୍ତ ସରଜମିନ ତଦନ୍ତ କରି ଚାଷୀଙ୍କୁ ଉଚିତ ଭାବେ କ୍ଷୟକ୍ଷତି ସହାୟତା ଯୋଗାଇ ଦେବାକୁ ଚାଷୀମାନେଳ ନିବେଦନ କରିଛନ୍ତି।

## କ୍ଷୟକ୍ଷତି ଆକଳନ କଲେ ବିଭାଗୀୟ ଅଧିକାରୀ

**କର୍ଲାମୁଣ୍ଡା,୭।୧୨(ପ୍ରଦୀପ କୁମାର ସାହୁ)**



ରାଜସ୍ୱ, କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ମଙ୍ଗଳବାରଠୁ ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ'ର ପ୍ରଭାବରେ ଲଗାଣ ବର୍ଷା ଓ କୋହଲା ପାଗ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଗୁରୁବାର ତହସିଲଦାର ଅରୁଣ ବର୍ଗେ, ସହକାରୀ କୃଷି ଅଧିକାରୀ କୁମାର ଚିରଞ୍ଜିବୀ, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ରୀଙ୍କୁ ପ୍ରଧାନ ଓ ଗ୍ରାମ୍ୟ କୃଷି କର୍ମୀମାନେ ବିଭିନ୍ନ ଗାଁକୁ ଯାଇ କ୍ଷୟକ୍ଷତି ଆକଳନ କରୁଥିବା ଦେଖିବାକୁ ମିଳିଛି। ଅମଳ ଅବସ୍ଥାରେ ଧାନ ପେଟା ମାଟିରେ ପଡ଼ିଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବ୍ଲକର ୧୨ଟି ପଞ୍ଚାୟତ ପ୍ରାୟ ସବୁ ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ଚାଷୀମାନେ ଧାନ ଅମଳ କରି ଘରକୁ ଆଣି ଖଳାରେ ରଖିଛନ୍ତି। ଅନେକ ଚାଷୀ ଧାନ କାଟି କ୍ଷେତରେ ପକାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଲଗାଣ ବର୍ଷା ପବନ ଯୋଗୁ ଧାନ ଏବେ ଗଜା ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ବ୍ଲକ ବିଜାପାଟି, ଭୋଇରମୁଣ୍ଡା, ଟେର୍ଚାପଲା, କାର୍ନିଖୁଣ୍ଟି, ସିସଖାଲ ଆଦି ସ୍ଥାନରେ ଅମଳ ହେବାକୁ ଥିବା କପା ସବୁ ଭିଜି ଯାଇଛି। ଚାଷୀ ଏବେ ଫସଲହାନୀ ଆଶଙ୍କା କରି ଚିନ୍ତାରେ ରହିଛନ୍ତି। ଅନ୍ୟ ପଟେ ଯୋରାଡବରାରେ ପ୍ରାଥମିକ କୃଷି ସମବାୟ ସମିତିର ବିଜାପାଟି ମଣ୍ଡିରେ ଚାଷୀଙ୍କ ୧୫୦୦ ଶହ କୁଇଣ୍ଟାଲ ଧାନ ପଡ଼ିରହିଛି। ବର୍ଷା ଯୋଗୁ ମିଲ ମାଲିକ ମଧ୍ୟ ଧାନ ଉଠେଇ ପାରୁ ନାହାନ୍ତି। ଶୀତ କାକର ସାଙ୍ଗକୁ ଅଦିନିଆ ବର୍ଷାରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

## ଖୋଲା ଆକାଶରେ ଧାନ, ଚିନ୍ତାରେ ଚାଷୀ



ଖୋଲା ଆକାଶ ତଳେ ଥିବା ଧାନ।

**ନୂଆପଡ଼ା,୭।୧୨(ମକାରୁ ବେମାଲ)**

ବାତ୍ୟା ପ୍ରଭାବରେ ସମଗ୍ର ଓଡ଼ିଶାରେ ବର୍ଷା ଅନୁଭୂତ ହେଉଛି। ନୂଆପଡ଼ା ଜିଲାରେ ସାମୁଦ୍ରିକ ଝଡ଼ 'ମିଗ୍‌ଜୋମ'ର ପ୍ରଭାବରେ ତିନି ଦିନ ହେବ ଝିପିଝିପି ବର୍ଷା ଲାଗି ରହିଛି। ଜିଲାରେ ୭୬ଟି ଧାନ କ୍ରୟ କେନ୍ଦ୍ର ଖୋଲାଯାଇଥିବା ବେଳେ ୫୨ଟି କେନ୍ଦ୍ରରେ ଛାତ ପଡ଼ିଛି ଓ ଅନ୍ୟ ୧୮ଟି କେନ୍ଦ୍ରରେ ଖୋଲା ଆକାଶ ତଳେ ଚାଷୀ ପାଲ ଘୋଡାଇ ଧାନ ରଖୁଛନ୍ତି। ଅନ୍ୟପଟେ ଏବେ ମଧ୍ୟ ଅନେକ ସ୍ଥାନରେ ଧାନ ଅମଳ ସରିନାହିଁ। ବିଶେଷ କରି ଚାଷୀଙ୍କ ଧାନ ଖଳାରୁ ଘରକୁ ଆସି ନାହିଁ। ଅନ୍ୟପଟେ ମଣ୍ଡିରୁ ନିୟମିତ ଧାନ ନ ଉଠିବା ଯୋଗୁ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଯାଇଛି। ଯୋଗାଣ ବିଭାଗ ତଥ୍ୟ ମୁତାବକ ମଣ୍ଡି ଖୋଲିବାର ୧୩ ଦିନ ପରେ ଜିଲାରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ୪୨,୩୯୧ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ମାତ୍ର ଲକ୍ଷେ ୨୦ ହଜାର ୮୫ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ମଣ୍ଡିରେ ୪୩୩ ଜଣ ଚାଷୀଙ୍କ ୪୫,୪୩୧ ବସ୍ତା ଧାନ ପଡ଼ିରହିଛି। ବିଶେଷ କରି ଯେଉଁ ମଣ୍ଡିଗୁଡ଼ିକରେ ଖୋଲା ଆକାଶ ତଳେ ଧାନ ପଡ଼ିରହିଛି ତାହା ଆଦ୍ରତା କାରଣରୁ ଧାନ ଏଫଏକ୍ୟୁ ମାନ ହରାଇବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଯଦି ଶୁକ୍ରବାର ସୁଦ୍ଧା ବର୍ଷା ଜାରି ରହିବ ତେବେ ଚାଷୀଙ୍କ ଅସୁବିଧା ବହୁ ପରିମାଣରେ ବଢ଼ିବ ବୋଲି ଚାଷୀ ଆଶଙ୍କା କରୁଛନ୍ତି।

## ରୁକ୍ମଣୀଙ୍କୁ ସହାୟତା ପ୍ରଦାନ



ସହାୟତା ରାଶି ପ୍ରଦାନ କରାଯାଉଛି।

**ନୂଆପଡ଼ା,୭।୧୨(ମକାରୁ ବେମାଲ)**

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କର୍ଲାକୋଟ ଗାଁର ଝିଅ ରୁକ୍ମଣୀ ହେର୍ଣ୍ଡ୍ରା ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ କଳା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ। ପରିବାର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଚଳିତବର୍ଷ ସେ ନାମ ଲେଖାଇ ପାରି ନ ଥିଲେ। ପାଠ ପଢ଼ିବାର ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ଅନାଟନ ପାଇଁ ପାଠ ପଢ଼ିବା ଆଶା ମଉଳି ଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଏହି ବିଷୟ ଜାଣିବା ପରେ ବିପଦର ବନ୍ଧୁ ସଦସ୍ୟଙ୍କୁ ଏ ବିଷୟରେ ଜଣାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ସଙ୍ଗଠନର ସ୍ୱତନ୍ତ୍ର ଶାଖା ମୁଁବି ସ୍କୁଲ ଯିବି ପରିଚାଳନାରେ ନାମ ଲେଖା ଅର୍ଥ ରାଶି ସଂଗ୍ରହ କରି ରୁକ୍ମଣୀଙ୍କୁ ପ୍ରଦାନ କରିଥିଲେ। ମଉଳି ଯାଇଥିବା ଆଶା ଏଆମ ସହଯୋଗରେ ନବ ଜୀବନ ପାଇବା ପରେ ରୁକ୍ମଣୀ ମୁହଁରେ ଖୁସିର ଲହରି ଖେଳିଯାଇଛି ।

### ସଂକ୍ଷେପରେ

## ଘର ଭାଙ୍ଗି ୨ ମହିଳା ଗୁରୁତର



**କୋକସରା,୭।୧୨(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ କେନ୍ଦୁଗୁଡ଼ା ଗ୍ରାମରେ ଗୁରୁବାର ଭୋରରୁ ନିଆଁ ପୋଉଁଥିବା ସମୟରେ ହଠାତ ଘର ଭୁଶୁଡ଼ିଛି। ଏଥିରେ ଚାପି ହୋଇ ୨ଜଣ ମହିଳା ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୁରୁତର ମହିଳା ହେଲେ ସୁଭଦ୍ରା ନାଏକ(୫୦) ଓ ଅଖିଳ ପୁଝାରି(୫୫)। ଆହତ ମଧ୍ୟରେ ଗୋବିନ୍ଦ ନାଏକ ଓ ପ୍ରୀତି ରାଉତ ଥିବା ଜଣାପଡ଼ିଛି। ଆହତମାନଙ୍କୁ ଉଦ୍ଧାର କରି ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ସହାୟତାରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ୨ ମହିଳାଙ୍କ ଅବସ୍ଥା ଜଟିଳ ହେବାରୁ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୭।୧୨(ଉତ୍ତମ କୁମାର ଦାଶ)**

### ନୂଆଗାଁ ହତ୍ୟା ମାମଲାର ରାୟ ପ୍ରକାଶ

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମରେ ୨୦୧୭ରେ ଗୁଣି ଗାରେଡିକୁ କେନ୍ଦ୍ରକରି ଘଟିଥିବା ଏକ ହତ୍ୟାକାଣ୍ଡର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଦିପ୍ତୀ ରଞ୍ଜନ କାନୁନ୍ ଗୋ ମୋଟ ୩୬ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଉକ୍ତ ଗ୍ରାମର ଥବୀର ଓରଫ ଛବିରାମ ପୁଟେଲଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୬ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଧାରା ୩୦୭ରେ ୧୦ବର୍ଷ ଜେଲ ଦଣ୍ଡାଦେଶ ଓ ୧୦ହଜାର ଟଙ୍କା ଜରିମାନା ମଧ୍ୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୩ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ଅନ୍ୟ ୩ଜଣ ଅଭିଯୁକ୍ତଙ୍କୁ ଖଲାସ କରାଯାଇଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଚାଲିଥିବା ସମୟରେ ମୃତ୍ୟୁ ବରଣ କରିଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ଥବୀର ପୁଟେଲ ତାଙ୍କ ସ୍ତ୍ରୀଙ୍କ ଅସୁସ୍ଥତା ପାଇଁ ଉକ୍ତ ଗ୍ରାମର ଭୁବନେ ନାଗଙ୍କ ପରିବାର ଲୋକଙ୍କୁ ଦାୟୀ କରୁଥିଲେ। ଭୁବନେଙ୍କ ପରିବାର ଲୋକେ ତାଙ୍କ ସ୍ତ୍ରୀଙ୍କୁ ଗୁଣିଗାରେଡି କରୁଥିବାରୁ ଅସୁସ୍ଥତା ହେଉଥିବା ଥବୀର ସନ୍ଦେହ କରିଥିଲେ। ଏହାର ରାଗ ରଖି ଗତ ୧।୮।୨୦୧୭ରେ ଦ୍ୱିପହରରେ ଥବୀର ଏକ ଟାଙ୍ଗି (ପର୍ଶୁ) ଭୁବନେ ନାଗଙ୍କ ପୁଅ ଯୁଧେଷ୍ଠିକୁ ଆକ୍ରମଣ କରିଥିଲେ। ଏଥିରେ ଯୁଧେଷ୍ଠି ଆହତ ହୋଇ ଘଟଣା ସ୍ଥଳରୁ ପଳାୟନ କରିଥିଲେ। ଏହାପରେ ଅଭିଯୁକ୍ତ ଥବୀର ଭୁବନେଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ଗୋଡାଇ ଗୋଡାଇ ନୂଆଗାଁ ସ୍କୁଲ ନିକଟରେ ଟାଙ୍ଗିରେ ମାରି ହତ୍ୟା କରିଥିଲେ। ଏ ନେଇ ଭବାନୀପାଟଣା ସଦର ଥାନାରେ ଏତଲା ପରେ ଏକ ମାମଲା (ନଂ. ୧୭୨/୧୭) ରୁଜୁ ହୋଇଥିଲା। ସଦର ଥାନାଧିକାରୀ ଉତ୍ତମ କୁମାର ସାହୁ ଏହି ଘଟଣାର ତଦନ୍ତ କରି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲା ସରକାରୀ ଓକିଲ ନିର୍ଦ୍ଦର୍ଶିନୀ ରଥ ପରିଚାଳନା କରିଥିଲେ।

## ଡିଗ୍ରୀ ମହିଳା ମହାବିଦ୍ୟାଳୟ ନୂତନ ଗୃହ ଉଦ୍‌ଘାଟିତ

**ଖଡ଼ିଆଳ,୭।୧୨(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ନୂତନ ନିଜସ୍ୱ ଗୃହ ଉଦଘାଟନ ହୋଇଛି। ଛାତ୍ରୀ, ଅଧ୍ୟାପିକା, ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତି ଗୁରୁବାର ନିଜସ୍ୱ ଗୃହ ପ୍ରବେଶ କରିଛନ୍ତି। ୨୦୧୬ରେ ଆରମ୍ଭ ହୋଇଥିବା ବେଳେ ୨୦୧୯ରେ ନିଜସ୍ୱ ଗୃହ ନିର୍ମାଣ ନେଇ ଡ. ଫଣିନ୍ଦମ ଦେଓ ଭୂମିପୂଜନ କରିଥିଲେ। ଦୀର୍ଘ ୪ ବର୍ଷ ପରେ କଲେଜ ନିଜସ୍ୱ ଗୃହ ନିର୍ମାଣ କରି ଗୃହ ପ୍ରବେଶ କରିଛନ୍ତି। ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଆସନ୍ତା ଦିନରେ ପୂର୍ଣ୍ଣାଙ୍ଗ ମହିଳା ଉଚ୍ଚ ଶିକ୍ଷାର ଅନୁଷ୍ଠାନ ରୂପେ ଗଢ଼ି ତୋଳିବା ସ୍ୱପ୍ନ ରହିଛି। ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ପାଢ଼ୀ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଡ. ଫଣିନ୍ଦମ୍ ଦେଓ, ଡ. ମେଜର ରାମ ଚନ୍ଦ୍ର ମିଶ୍ର, ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ, ପ୍ରତିଷ୍ଠାତା ସମ୍ପାଦକ ପଦ୍ମ ଲୋଚନ ବର୍ମା, ଜଗଦୀଶ ପ୍ରସାଦ ତ୍ରିବେଦି, ନିମାଇ ଚରଣ ତାଣ୍ଡି, ଡୋଲା ମୋହନ ସିଂ ବାବୁ, ବିଜୟ କୁମାର ବିଶୋଇ, ତପନ ଦାଶ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଯୋଗ ଦେଇଥିଲେ। କଲେଜର ତିନି ଜଣ ଛାତ୍ରୀ ଫିତା କାଟି ଗୃହ ପ୍ରବେଶ କରିଥିଲେ। ଏହି ଉପଲକ୍ଷେ ଏକ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଛି।

## ୨ ଅନାଥଙ୍କୁ ଥଇଥାନ କଲା ଶିଶୁ ସୁରକ୍ଷା ବିଭାଗ



**ବେହେରା,୭।୧୨(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମପଞ୍ଚାୟତସ୍ଥ ପଲସପାଣି ଗ୍ରାମର ମା'ବାପା ଛେଉଣ୍ଡ ୨ ଭାଇ ମୁଙ୍ଗେଷ୍ (୧୮) ଓ ଗୁରୁବାରୁ (୧୪)ଙ୍କୁ ଗୁରୁବାର ଶିଶୁ ସୁରକ୍ଷା ବିଭାଗ ଥଇଥାନ କରିଛି। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ୨ ଭାଇଙ୍କୁ ଉଦ୍ଧାର କରି ଧର୍ମଗଡ଼ ଯଶୋଦା ଅନାଥ ଆଶ୍ରମରେ ଥଇଥାନ କରିଛନ୍ତି। ଏ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି। ଦୁଇ ଅନାଥ ଭାଇ ଦୀର୍ଘ ବର୍ଷରୁ ନିଜ ବୁଢ଼ୀ ମା'ପାଖରେ ଅସହାୟ ଅବସ୍ଥାରେ ଜୀବନ ଯାପନ କରୁଥିଲେ। ଏହି ଖବର ପ୍ରକାଶ ପରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଆଉଟ୍‌ରିଚ୍ କର୍ମୀ ଗୁରୁ ପ୍ରସାଦ ନାଏକ, ସାମାଜିକ କର୍ମୀ ଜୟଶ୍ରୀ ପାଣି, ରାଜ୍ୟ ସମାଜ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାଏକ, ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ପଲସପାଣି ବୃଦ୍ଧା ସେଖା ହଂସଙ୍କ ଘରେ ପହଞ୍ଚି ୨ ଭାଇ ମୁଙ୍ଗେଷ୍ ଓ ଗୁରୁବାରୁଙ୍କଠାରୁ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଧର୍ମଗଡ଼ ବ୍ଲକ୍ ଯୋଗାଣ ନିରୀକ୍ଷକ ପ୍ରଶାନ୍ତ କୁମାର ଦାସ ବୃଦ୍ଧା ସେଖାଙ୍କ ଘରେ ପହଞ୍ଚି ତଦନ୍ତ କରିବା ସହ ଅନ୍ତୋଦୟ ଯୋଜନାରେ ସାମିଲ କରି ମାସକୁ ୩୫ କିଲୋ ଚାଉଳ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନୂଆପଡ଼ା,୭।୧୨(ମକାରୁ ବେମାଲ):** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୂନେତ୍ର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ସୁନେତ୍ର ନୂଆପଡା ଓ ସମଗ୍ର ଶିକ୍ଷା ନୂଆପଡାଙ୍କ ମିଳତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡାଙ୍କ ତ୍ୱତାବଧାନରେ ବ୍ଲକ ଅଧୀନ ବାଳିକା ଉଚ୍ଚ ବିଦ୍ୟାଳୟ ବୃନ୍ଧିକୋମନା,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧରମପୁର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠୋଙ୍ଗୋ, ଉଚ୍ଚ ବିଦ୍ୟାଳୟ ଛତାଠାରେ ଅନୁଷ୍ଠିତ ହୋଇଥିଲା। ଚକ୍ଷୁ ପରୀକ୍ଷା ଶିବିରରେ ଚକ୍ଷୁ ପରୀକ୍ଷକ ଭାବେ ମଳୟ ମହାନ୍ତି, ସୁମିତ କୁମାର ପ୍ରଧାନ, କୈଳାଶ ଚନ୍ଦ୍ର ଶବର, ସିଥାର୍ଦ୍ଧ ମେହେର ଓ ପରେଶ କୁମାର ବାଗ ଯୋଗଦେଇ ୧୦୩୪ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ୨୫୦ଜଣ ପାଇଁ ଚଷମା ଓ ୩୦ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅସ୍ତ୍ରୋପ୍ରଚାର ପାଇଁ ପଠାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଶିକ୍ଷା ଅଧିକାରୀ କୋମନା, ବିଆରଟି ସମେସ ତ୍ରିପାଠୀ, ଓମପ୍ରଣବ ନାୟକ, ବ୍ଲକର ସମସ୍ତ ସିଆରସିସି ଓ ଆଇଆଇ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ଆଦିବାସୀ ସଂଘ ପକ୍ଷରୁ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କୋକସରା,୭।୧୨(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଯୋଗଦେଇଥିବା ବ୍ଲକ ଗୋଷ୍ଠି ଅଧିକାରିଣୀ ସ୍ନେହାପ୍ରଭା ମାଝିଙ୍କୁ କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆଦିବାସୀ ସଂଘ ବ୍ଲକ ସଭାପତି ହେମନ୍ତ କୁମାର ମାଝି, ସମ୍ପାଦକ ତ୍ରିନାଥ ଶବର, ନୀଳକଣ୍ଠ ମାଝି, ମୁକ୍ତେଶର ନାଏକ, ହିମାଞ୍ଚଳ ପୂଝାରି, ଧର୍ମାନନ୍ଦ ନେଗି ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଡ଼ିଓ ସ୍ନେହାପ୍ରଭା ମାଝି ମଧ୍ୟ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**କର୍ଲାମୁଣ୍ଡା,୭।୧୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଜେକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ- ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ହେମନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ରିଷିଡା ସରପଞ୍ଚ ସେବତୀ ରଣା, ବାବା ଭଗବାନ ସାହୁ ପ୍ରମୁଖ ଯୋଗଦେଇ ଯୁବଶକ୍ତିର ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ କିଭଳି ଜଣେ ଭଲ ମଣିଷ ହୋଇପାରିବେ, ସେ ଦିଗରେ ପରାମର୍ଶ ଦେଇଥିଲେ। ଏଥିରେ କ୍ରୀଡା ଶିକ୍ଷକ ଲଳିତ ଦାଶ, ଚିନ୍ମୟ ରଣା, ସୌମ୍ୟରଞ୍ଜନ ତ୍ରିପାଠୀ, ଜଗଦୀଶ ଭୋଇ, ନାରାୟଣ ଗହୀର, ଯୋଗୀନ୍ଦ୍ର ବେହେରା, ପାଣ୍ଡବ ହରିଜନ, କଳ୍ପନା ରଣା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଗିରିରାଜ ଗହୀର ସ୍ୱାଗତ ଭାଷଣ ଓ ଅଧ୍ୟାପକ ନିଳାମ୍ବର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖରେ ଉଦ୍‌ଯାପିତ ହେବାକୁ ଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

## କଳାହାଣ୍ଡିର ୩ ପ୍ରତିଯୋଗୀଙ୍କ ଗୁଜରାଟ ଗସ୍ତ

**ଲାଞ୍ଜିଗଡ଼,୭।୧୨(ରମେଶ ଚନ୍ଦ୍ର ନାୟକ)**



ଗୁଜରାଟ ଗସ୍ତ କରିଥିବା ଖେଳାଳିଙ୍କ ସହ କୋଚ୍।

### ୬୭ତମ ଜାତୀୟ ଇଣ୍ଟର କଲେଜ ତୀରନ୍ଦାଜ ପ୍ରତିଯୋଗୀତା

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସରକାରୀ (ଏସଏସଡି)ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ଜଣ ତୀରନ୍ଦାଜ ପ୍ରତିଯୋଗୀ ୬୭ତମ ଜାତୀୟ ଇଣ୍ଟର କଲେଜ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗୁରୁବାର ଗୁଜରାଟ ଗସ୍ତ କରିଛନ୍ତି। ଗୁଜରାଟ ନଦିଆଡ଼ ଜିଲାର ମରିଡା ଭାଗଲସ୍ଥିତ ଜିଲା କ୍ରୀଡ଼ା କମ୍ପ୍ଲେକ୍ସଠାରେ ଆସନ୍ତା ୯ରୁ ୧୦ ତାରିଖ ପର୍ଯ୍ୟନ୍ତ ୨ ଦିନ ଧରି ହେବାକୁ ଥିବା ଜାତୀୟ ଇଣ୍ଟର କଲେଜ ତିରନ୍ଦାଜ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ଲାଞ୍ଜିଗଡ଼ ସରକାରୀ (ଏସଏସଡି)ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ ଛାତ୍ର ବିକ୍ରମ ମାଝି,ସଞ୍ଜୟ ମାଝି ଓ ଶୀମାଞ୍ଚଳ ମାଝି ଗୁଜରାଟ ଗସ୍ତ କରିଛନ୍ତି। ଏହି ଖେଳାଳିମାନେ ଗତ ନଭେମ୍ବରରେ ମୟୂରଭଞ୍ଜ ଜିଲା ବାରିପଦା ଉଚ୍ଚ ମାଧ୍ୟମିକ ସ୍କୁଲରେ ହୋଇଥିବା ଅଲ୍ ଓଡ଼ିଶା ଇଣ୍ଟର କଲେଜ ତୀରନ୍ଦାଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିକ୍ରମ ୬୨୨ ସ୍କୋର କରି ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ଓ ସଞ୍ଜୟ ୬୧୮ ସ୍କୋର କରି ରୌପ୍ୟ ପଦକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଶୀମାଞ୍ଚଳ ମାଝି ୫୭୦ ସ୍କୋର କରି ଚତୁର୍ଥ ସ୍ଥାନ ହାସଲ କରି ଜାତୀୟ ଇଣ୍ଟର କଲେଜ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପାଇଁ ଗସ୍ତ କରିଥିବାରୁ ଲାଞ୍ଜିଗଡ଼ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ନିହାରକାନ୍ତ ବିଶ୍ୱାଳ, ଜିଲା ଆଥଲେଟିକ୍ ଆସୋସିଏଶନ୍ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ଆଲୁମିନା ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ସିଏସ୍‌ଆର୍ ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ରମେଶ ପାଢ଼ୀ, ଆଇପି ସଞ୍ଜୟ ମିଶ୍ର, ପୂର୍ବତନ ଆଇପି ମହେନ୍ଦ୍ର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଲାଞ୍ଜିଗଡ଼ ଏସ୍‌ଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି, ବେଦାନ୍ତ ସିଏସ୍‌ଆର୍ ଅଭିନବ ପ୍ରତାପଙ୍କ ସମେତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟାପକ ଅଧ୍ୟାପିକା ଓ ବେଦାନ୍ତ ଲିମିଟେଡ୍ କର୍ମଚାରୀମାନେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ତାଙ୍କ ସଫଳ କାମନା କରିଛନ୍ତି।

# ବର୍ଜ୍ୟଜଳ ପରିଚାଳନା ଏକ ବଡ଼ ଆହ୍ୱାନ

**ସୋନପୁର,୭।୧୨(ମୃତ୍ୟୁଞ୍ଜୟ ଶତପଥୀ)**



ସୋନପୁର ଟାଉନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସାମ୍ପ୍ରତିକ ପରିସ୍ଥିତିରେ ସ୍ନାନ ଓ ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟଜଳ ପରିଚାଳନା ଏକ ବଡ ଆହ୍ୱାନ। ଦିନକୁ ଦିନ ସହରାଞ୍ଚଳରେ ବର୍ଜ୍ୟଜଳର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଏହା ଜନସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ କୁପ୍ରଭାବ ପକାଉଛି। ତେଣୁ ଏହାର ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସଠିକ୍ ଭାବେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଗଲେ ନିଶ୍ଚିତ ଭାବେ ସହରକୁ ସ୍ୱଚ୍ଛ ସହ ପରିବେଶର ସୁରକ୍ଷା କରା ଯାଇପାରିବ ବୋଲି ମତପ୍ରକାଶ ପାଇଛି। ବୁଧବାର ସୁବର୍ଣ୍ଣପୁର ନୂତନ ଟାଉନ ହଲଠାରେ ବର୍ଜ୍ୟଜଳ ପରିଚାଳନା ସମ୍ପର୍କିତ ଏକ କର୍ମଶାଳା ଓ ତାଲିମ ଶିବିରରେ ଯୋଗଦେଇ ଅତିଥି ଓ ଲୋକ ପ୍ରତିନିଧିମାନେ ଉପରୋକ୍ତ ମତ ଦେଇଛନ୍ତି।

ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗ୍ରେ ୱାଟର(ଧୂସର ଜଳ) ପରିଚାଳନା ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଯୋଗଦେଇ ବର୍ଜ୍ୟ ପରିଚାଳନା କାର୍ଯ୍ୟ ସଠିକ୍ ଓ ଦକ୍ଷତାର ସହ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିଡି ଡୁଡା(ପ୍ରକଳ୍ପ ନିର୍ଦ୍ଦେଶକ ସହରାଞ୍ଚଳ ଉନ୍ନୟନ ସଂସ୍ଥା) ବିଶ୍ୱନାଥ ବାରିକ ଯୋଗଦେଇ ଜିଲାର ପରିମଳ ବ୍ୟବସ୍ଥା କିପରି ରହିଛି ସେ ବିଷୟରେ ଆଲୋଚନା କରିଥିଲେ। ଗ୍ରେ ୱାଟର ପରିଚାଳନା ରାଜ୍ୟ ଟିମ୍‌ର ବରିଷ୍ଠ ପରାମର୍ଶଦାତା ହେମନ୍ତ କୁମାର ପଣ୍ଡା ଯୋଗଦାନ କରି ଗ୍ରେ ୱାଟର ପରିଚାଳନା କେବଳ ପରିବେଶ ଅବକ୍ଷୟ ଓ ସ୍ୱାସ୍ଥ୍ୟ ପ୍ରତି ବିପଦ ସହିତ ଜଡିତ ନୁହେଁ, ବରଂ ଏହା ବର୍ଜ୍ୟଜଳ ପରିବର୍ତ୍ତେ ମୂଲ୍ୟବାନ ସମ୍ବଳର ଉତ୍ସ ଭାବରେ ମଧ୍ୟ ପରିଗଣିତ ହେଉଛି। କୃଷି କାର୍ଯ୍ୟରେ ଗ୍ରେ ୱାଟରର ପୁନଃବ୍ୟବହାର କେବଳ ଗଛିତ ପାନୀୟ ଜଳ ଖର୍ଚ୍ଚକୁ ହ୍ରାସ କରେ ନାହିଁ ବରଂ ଏହା ଖାଦ୍ୟ ସୁରକ୍ଷାକୁ ମଧ୍ୟ ବୃଦ୍ଧି କରିଥାଏ। ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣପୁର ପୌରାଞ୍ଚଳ, ବିନିକା ଓ ତରଭା ବିଜ୍ଞାପିତ ଅଞ୍ଚଳରେ ଗ୍ରେ ୱାଟର ପରିଚାଳନା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି କାର୍ଯ୍ୟକୁ ସଠିକ୍ ଭାବେ ପରିଚାଳନା କରିବା ନିମନ୍ତେ ସରକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ସମସ୍ତ ଅଧିକାରୀ, ନିର୍ବାଚିତ ଲୋକ ପ୍ରତିନିଧି, କାର୍ଯ୍ୟକର୍ତ୍ତା, ମିଶନ ଶକ୍ତି ଗୋଷ୍ଠି, ମୁକ୍ତା କର୍ମକର୍ତ୍ତା, ସ୍ୱଚ୍ଛ ସାଥୀ, ସୁପରଭାଇଜରଙ୍କ ଦକ୍ଷତା ବୃଦ୍ଧି କରୁଛନ୍ତି।

## ଗ୍ରେ ୱାଟର ପରିଚାଳନା ସମ୍ପର୍କିତ କର୍ମଶାଳା

ସେମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରି ଅତି ସହଜ ଓ ସରଳ ଭାବେ କାର୍ଯ୍ୟ ପରିଚାଳନା କରିପାରିବେ। ଏହି କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ପୌରପାଳିକା ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ, ତରଭା ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ବିନିକା ଏନଏସି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଭୁଏ, ତରଭା ଏନଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମିକାନ୍ତ ମଲ୍ଲିକ, ବିନିକା ଏନଏସି ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଏମଇ ଇଂ.ଯଯାତି କିଶୋର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଅଜୟ ସ୍ୱାଇଁ, ପ୍ରବୋଧ କୁମାର ବାରିକ୍ ଓ ସମସ୍ତ କାଉନସିଲର ବୃନ୍ଦ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

# ସୁବଳୟା ଗୋକୁଳାଷ୍ଟମୀ ଯାତ୍ରା ଉଦ୍‌ଯାପିତ


ଗୋକୁଳାଷ୍ଟମୀ ଯାତ୍ରାର କଂସ ଦରବାରରେ ବିଧାୟକ ଓ ଅନ୍ୟମାନେ।

**ଅମରପାଲି,୩।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଗୋକୁଷ୍ଟମୀ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବଳଦେବ କ୍ଲବ ଆନୁକୂଲ୍ୟରେ ହେଉଥିବା ଉକ୍ତ ଯାତ୍ରା ଶନିବାର ଉଦ୍‌ଘାଟିତ ହୋଇଥିଲା। ସନ୍ତୋଷ ପୂଝାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୁବଳୟା ସମିତି ସଭ୍ୟା ଲିଲି ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଦିବସ ମାନଙ୍କରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଆମ୍ବା ଅଧ୍ୟକ୍ଷ ବିବସତୀ ପଣ୍ଡାଙ୍କ ସମେତ ଅନେକ ରାଜନେତା ଓ ପ୍ରଶାସନିକ ଅଧିକାରୀ ରାଜ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତ୍ୟହ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଥିଲା କୃଷ୍ଣଲୀଳା ନାଟକ। ନାଟ୍ୟାଭିକ୍ରମରେ କୃଷ୍ଣଙ୍କ ବାଲ୍ୟଲୀଳା ଉପରେ ନାଟକ ପରିବେଷଣ ହୋଇଥିଲ। କଂସ ଭୂମିକାରେ ଅଲେଖ ମହାକୁର ନିଖୁଣ ଅଭିନୟ କରୁଥିଲେ। ପରମ୍ପରା ଅନୁଯାୟୀ ଏଠାକାର ଗୋକୁଳାଷ୍ଟମୀ ଯାତ୍ରାରେ କଂସ ବଧ ଦୃଶ୍ୟ ଅଭିନୀତ ହୋଇ ନ ଥାଏ। ଯାତ୍ରାର ଶେଷ ଦିବସରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ବରିଷ୍ଠ ନାଗରିକ ନନ୍ଦି କିଶୋର ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ଅଲେଖ ମହାକୁର, ସମ୍ପାଦକ ସମ୍ପଦ ପୂଝାରୀ, ଶ୍ରୀତମ ବାଘ, ରାଧାମୋହନ ସାହୁ, ଶରତ କର, ନନ୍ଦନ ସାହୁ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବର୍ଷାରେ ଭିଜିଲା କଟାଧାନ

**ତରଭା, ୭।୧୨(ମାନଭଞ୍ଜନ ମିଶ୍ର )**

ଲଘୁଚାପଜନିତ ଲଗାଣ ବର୍ଷା ଚାଷୀର ଚିନ୍ତା ବଢାଇଛି। ଚାଷୀ ଧାନ କାଟି ଅମଳ କରିବାରେ ଲାଗିଛି। ଠିକ୍ ଏହି ସମୟରେ ଅଦିନିଆ ବର୍ଷା ଦାଉସାଧିବାରେ ଲାଗିଲା। ମଙ୍ଗଳବାର ରାତି ଠୁ ଗୁରୁବାର ପର୍ଯ୍ୟନ୍ତ ଝିପିଝିପି ବର୍ଷା ଲାଗିରହିଛି। ତରଭା ବ୍ଲକରେ ମୋଟ ୮୨୨୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ସେଥିରୁ କେତେକ ଧାନକାଟି ଅମଳ କରି ସାରିଥିବା ବେଳେ ଅଧିକାଂଶ ଚାଷୀଙ୍କ ଧାନ ବିଲରେ ପଡିରହିଛି। ବିଲରେ ପଡିରହିଥିବା ଧାନରୁ କେତେକ କଟା ସରିଥିବା ବେଳେ କେତେକ ଗଦାହୋଇଛି। ବର୍ଷାରେ ଉଭୟ ଗଦା ଏବଂ କଟା ଧାନ ଭିଜିବାରେ ଲାଗିଛି। ଲଗାତର ବର୍ଷାରେ ଧାନ ଗଜା ହେବାର ଆଶଙ୍କା ରହିଛି। ଏଯାଏ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇନାହିଁ। କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ନାହାନ୍ତି । ଏନେଇ ଚାଷୀ ମିତ୍ରବ୍ରତ ମିଶ୍ର ଲଗାଣ ବର୍ଷା ଜନିତ ସମସ୍ୟାର ତୁରନ୍ତ ସମାଧାନ ନହେଲେ ଚାଷୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି କହିଛନ୍ତି। ତରଭା କୃଷି ଅଧିକାରୀ ସୁଶ୍ରୀସ୍ମିତା ପଣ୍ଡା କ୍ଷୟକ୍ଷତି ଆକଳନ ପାଇଁ କୃଷି କର୍ମଚାରୀ ପଠାଇବା ପ୍ରତିଶ୍ରୁତି ଦେଇଛନ୍ତି।

### ଲିଙ୍ଗଗତ ହିଂସା ସଚେତନତା କାର୍ଯକ୍ରମ

**ଅମରପାଲି, ୭।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ଉଫୁଲାସ୍ଥିତ ସ୍ୱଧାର ଗୃହ ପରିସରରେ ଲିଙ୍ଗଗତ ହିଂସା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ନଭେମ୍ବର ୨୫ରୁ ଚାଲିଥିବା ଉକ୍ତ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସ୍ୱଧାର ଗୃହ ତତ୍ତ୍ୱାବଧାରକ ସର୍ଣ୍ଣପ୍ରଭା ମାଝିଙ୍କ ତତ୍ତ୍ୱାବଧାନରେ ଚାଲିଛି। ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଫୁଲା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ବୀରମହାରାଜପୁର ଥାନା ଅଧିକାରୀ ରଜେଶ୍ୱରୀ ଭୋଇ, ଜିଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିତା ଗୁରୁ, ଉପଖଣ୍ଡ ଡାକ୍ତରଖାନା ଡାକ୍ତର ପ୍ରଣବ କୁମାର ମହାପାତ୍ର, ସମାଜସେବୀ ମୀନକେତନ ମହାକୁର, ଶିକ୍ଷାବିତ୍ ରାମକୃଷ୍ଣ ହୋତା, ଆସିଡ଼ିଏସ ସୁପ୍ରଭାଇଜର ଶ୍ରଦ୍ଧାଞ୍ଜଳି ପଣ୍ଡା, ସଖାର କର୍ମକର୍ତ୍ତା ଆମନି ଜେନା ଓ ସୁକେଶି ଏକା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଲିଙ୍ଗଗତ ହିଂସା କାର୍ଯ୍ୟକଳାପ ଉପରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ଲିଙ୍ଗଗତ ଭେଦଭାବ ଯୋଗୁ ଅନେକ ନାରୀ ଆଜି ଦିନରେ ମଧ୍ୟ ଅବହେଳିତ ହୋଇ ରହିଛନ୍ତି। ଏହା ଉପରେ ଦେଶରେ ଥିବା ଆଇନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଙ୍ଗନୱାଡି କର୍ମୀ, ସମସ୍ତ ଆଶାକର୍ମୀ ଏବଂ ସ୍ୱଧାର ଗୃହ କର୍ମଚାରୀ ସହଯୋଗ କରିଥିଲେ ।

# ଉଲୁଣ୍ଡା ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ


ଅତିଥିମାନେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

**ଉଲୁଣ୍ଡା, ୭।୧୨(ଉରୁକ୍ରମ ପାଣ୍ଡିଆ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ପ୍ରଥମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ଗୋବିନ୍ଦ ଦାସ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଧନୁଯାତ୍ରା ମହୋତ୍ସବକୁ ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ସୁବର୍ଣ୍ଣପୁର ମହିଳା ମହାବିଦ୍ୟାଳୟ ଅଧ୍ୟାପକ ମଦନ ସୁନ୍ଦର ଖେତୀ ଉଲୁଣ୍ଡା ଧନୁଯାତ୍ରା ମହୋତ୍ସବ ଆଞ୍ଚଳିକ ଲୋକକଳାର ବିକାଶ ଦିଗରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ବୋଲି କହଥିଲେ। ସମ୍ମାନୀତ ଅତିଥି ଭାବେ ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବିଡ଼ିଓ କରୀସ୍ମା ବେଶ୍ରା, ତହସିଲଦାର ଦିଲ୍ଲୀପ ମାଝି, ଆଇଆଇସି ପଞ୍ଚାନନ ନାଏକ, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, କଣ୍ଠଶିଳ୍ପୀ ଶତ୍ରୁଘନ ଲୁହା, ପୂର୍ବତନ ଧନୁଯାତ୍ରା କମିଟି ସଭାପତି ହିମାଂଶୁ ଶେଖର ତ୍ରିପାଠୀ, କଂସ ମହାରାଜ ଗୋପାଳ ପଣ୍ଡା, ସ୍ଥାନୀୟ ସରପଞ୍ଚ ରଶ୍ମିତା ଭୋଇ ଏବଂ ସମିତି ସଭ୍ୟା ସନ୍ତୋଷିନୀ ଭୋଇ ମଞ୍ଚାସୀନ ହୋଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବିଶ୍ୱଜିତ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ହରିଶଙ୍କର ତରାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧର୍ମ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହା ପୂର୍ବରୁ ଗଣ୍ଡାବାହାଲଠାରେ ଗୋପପୁର ମଣ୍ଡପକୁ ପୂର୍ବତନ ଧନୁଯାତ୍ରା କମିଟି ସଭାପତି ତ୍ରିପାଠୀ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

# ଡୁଙ୍ଗୁରିପାଲିରେ ଓବିସି ଜନଜାଗରଣ ରଥ

**ଡୁଙ୍ଗୁରିପାଲି, ୭।୧୨(ଦୀନବନ୍ଧୁ ସୁନା)**

ରାଜ୍ୟ ଓବିସି ମଞ୍ଚର ଜନ ଜାଗରଣ ରଥ ବୁଧବାର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ପହଞ୍ଚି ଥିଲା। ରାଜ୍ୟସଭାପତି ଶଙ୍କର ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ସଂଯୋଜକ ବିରଞ୍ଚି ସାହୁ, ଜିଲା ଓବିସି ମଞ୍ଚ ଉପସଭାପତି ଗୋବିନ୍ଦ ବାରିକ, ରାଜ୍ୟ କୋଷାଧ୍ୟକ୍ଷ ପରଦେଶୀ ବିଶାଳ, ରାଜ୍ୟ ଲିଗାଲସେଲ ସଂଯୋଜକ ବଳଦେବ ପ୍ରଧାନ, ରଥ ସାହୁ, ହେମନ୍ତ ବିଶ୍ୱାଳ, ଅର୍ଜୁନ ମାଝି କାର୍ଯ୍ୟକ୍ରମରେ ସାମିଲ ଥିଲେ। ବିଭିନ୍ନ ପଞ୍ଚାୟତ ପରିକ୍ରମା ବେଳେ ରଥକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ହାଇସ୍କୁଲ ଛକ ନିକଟରେ ଥିବା ଏକ ହୋଟେଲ ପରିସରରେ ଓବିସି ବର୍ଗର ସଦସ୍ୟଙ୍କୁ ଗୋବିନ୍ଦ ବାରିକଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ପାତ୍ର ଏକ ଖବରଦାତା ସମ୍ମିଳନୀ କରିଥିଲେ। ରାଜ୍ୟ ସଭାପତିପାତ୍ର ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ଜାତି ଜନଗଣନା, ସ୍ୱତନ୍ତ୍ର ଓବିସି ଆରକ୍ଷଣ ସୁନିଶ୍ଚିତ କରିବା, ଶତକଡା ୫୨ ଭାଗ ସଂରକ୍ଷଣ ବ୍ୟବସ୍ଥା ଉଚ୍ଚ ଶିକ୍ଷା କ୍ଷେତ୍ରରେ ଲାଗୁ କରିବା, ଓବିସି ବର୍ଗର ସାମାଜିକ, ଅର୍ଥନୈତିକ, ଶିକ୍ଷା ବିକାଶପାଇଁ ସ୍ୱତନ୍ତ୍ର ନିଗମ ଓ ମନ୍ତ୍ରଣାଳୟ ଗଠନ, ରାଜନୈତିକ କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ଆଦି ଦାବିଗୁଡିକ ସରକାର ଅବିଳମ୍ବେ ପୂରଣ କରନ୍ତୁ।

# ଅଦିନିଆ ବର୍ଷା ଯୋଗୁ ଚିନ୍ତାରେ ଚାଷୀ

**ବୌଦ୍ଧ, ୭।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଏକ କୃଷିପ୍ରଧାନ ଜିଲା । ମୁଖ୍ୟ ଚାଷ କହିଲେ ଧାନ। ବର୍ତ୍ତମାନ ଧାନ ପାଚି ଆସିବାରୁ ଅମଳ ପାଇଁ ଚାଷୀ ପ୍ରସ୍ତୁତ ହେଉଥିବା ବେଳେ ଏବେ ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତା ବଢାଇଛି । ଜିଲାରେ ବର୍ଷା ୩ ଦିନ ହେଲା ଲାଗି ରହିଥିବାରୁ ପାଚିଲା ଧାନ ନଷ୍ଟ ହେବା ଦେଖି ଚାଷୀ ମହଲରେ ନୈରାଶ୍ୟ ପ୍ରକାଶ ପାଇଛି। ଅନେକ ବିଲରେ ଧାନ କଟା ହୋଇ ପଡିଥିବା ବେଳେ ଅଦିନିଆ ବର୍ଷାରେ ଧାନ ନଷ୍ଟ ହୋଇଯାଇଛି । ଏଭଳି ସମୟରେ ବୌଦ୍ଧ କୃଷିବିଭାଗ ପକ୍ଷରୁ ଜିଲାର ସଦର ମହକୁମାରେ କୃଷି ଓ ଯନ୍ତ୍ରପାତି ମେଳା କାହା ସ୍ୱାର୍ଥରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ବର୍ତ୍ତମାନ ଚାଷୀଙ୍କ ପାଖରେ ଠିଆ ହୋଇ ଫସଲ ରକ୍ଷା କରିବାକୁ ବୈଷୟିକ ପରାମର୍ଶ ଦେବା, ଚାଷୀଙ୍କ କ୍ଷତି ଆକଳନ କରିବା ପରିବର୍ତ୍ତେ ଜିଲା କୃଷିବିଭାଗ ମେଳାରେ ବ୍ୟସ୍ତ ରହିଛି। ଯଦି କୃଷି ମେଳାରେ ଚାଷୀଙ୍କ ଦେଖାନାହିଁ ତାହେଲେ ଏହି ମେଳା କାହା ପାଇଁ ବୋଲି ସାଧାରଣରରେ ମତ ପ୍ରକାଶ ପାଇଛି ।

# ବୌଦ୍ଧ ଡିଷ୍ଟିଲାରି ଉପରେ ଆୟକର ବିଭାଗର ଚଢ଼ାଉ ଜାରି

**ବୌଦ୍ଧ,୭।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ରାମ୍ପିକଟା ଠାରେ ଥିବା ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ୍‌ରେ ଆୟକର ବିଭାଗ ପକ୍ଷରୁ ଦୁଇ ଦିନ ହେଲା ଚଢାଉ ଜାରି ରହିଛି। ଗତ ବୁଧବାର ଭୋରରୁ ଆୟକର ବିଭାଗର ୨୦ରୁ ଅଧିକ ଅଧିକାରୀ ଓ କର୍ମଚାରୀ ଚଢ଼ାଉ ଆରମ୍ଭ କରିଥିବା ବେଳେ ଗୁରୁବାର ଦିନ ମଧ ଚଢାଉ ଜାରି ରଖିଛନ୍ତି। ଆୟକର ବିଭାଗ ପକ୍ଷରୁ କାରଖାନା ଆଗରେ ସିଆଇଏସ୍ଏଫ୍ ଯବାନ ଓ ପୋଲିସ ମୁତୟନ ରଖିଥିବା ବେଳେ ଭିତରକୁ କାହାକୁ ଛାଡୁନାହାନ୍ତି ।

# ମହିଳା କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ବିନିକା, ୭।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଜୁନିୟର ମହିଳା କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ନଗରପାଳ ସୁବାଷ ଚନ୍ଦ୍ର ବୁଏ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର ଯୋଗଦେଇ ଛାତ୍ରୀମାନଙ୍କୁ ଯୁବ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଅଧ୍ୟାପିକା ବୈଜୟନ୍ତି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଗୀତାଞ୍ଜଳି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ନୋଡାଲ ଅଫିସର ସବ୍ୟସାଚୀ ଦନ୍ତ, ଅଧ୍ୟାପିକା ସଙ୍ଗୀତା ପୁରୋହିତ, ବିଦ୍ୟୁଲତା କର, ଅଧ୍ୟାପକ ଅଶୋକ ବିଶି, ନାରାୟଣ ମେହେର, ଗ୍ରନ୍ଥାଗାରିକ ପ୍ରଦୀପ କୁମାର ମିଶ୍ର, ମୁଖ୍ୟ କିରାଣୀ ଚୈତନ୍ୟ ମେହେରଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ସାମାଜିକ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୁବର୍ଣ୍ଣପୁର ଜିଲାସ୍ତରୀୟ ଭଲିବଲ ଟିମ ଚୟନ

**ସୋନପୁର,୭।୧୨(ମୃତ୍ୟୁଞ୍ଜୟ ଶତପଥୀ):** ଅଲ ଓଡ଼ିଶା ଭଲିବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ସୁବର୍ଣ୍ଣପୁର ଜଲାସ୍ତରୀୟ ଟିମ ଚୟନ କରାଯାଇଛି। ଏଥିପାଇଁ ଡୁଙ୍ଗୁରିପାଲି ବ୍ଲକ ସୋହେଲା ହାଇସ୍କୁଲ ପଡିଆରେ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୫୩ ଜଣ ଖେଳାଳତ ଭାଗ ନେଇଥିଲେ। ସେଥି ମଧ୍ୟରୁ ୧୨ ଜଣ ଖେଳାଳିଙ୍କୁ ଚୟନ କରଯାଇଛି। ଶୁକ୍ରବାରଠାରୁ ଫୁଲବାଣୀଠାରେ ଆରମ୍ଭ ହେବାକୁ ଥିବା ୭୦ତମ ସିନିୟର୍ ପୁରୁଷ ବିଭାଗ ଭଲିବଲ ଚାମ୍ପିୟନଶିପରେ ସୁବର୍ଣ୍ଣପୁର ଜିଲା ଟିମ ଭାଗ ନେବ। ଅଲ ଓଡ଼ିଶା ଭଲିବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନମେଣ୍ଟରେ ଯାଜପୁର, ନୂଆପଡ଼ା, କଳାହାଣ୍ଡି, ଖୋର୍ଦ୍ଧା ଓ ପୁରୀ ଜିଲା ସହିତ ସୁବର୍ଣ୍ଣପୁର ଜିଲା ଭଲିବଲ ଟିମ ୫ ଗୋଟି ଲିଗ ମ୍ୟାଚ ଖେଳିବାକୁ ଅଭ୍ୟାସ ଆରମ୍ଭ କରିଛି ବୋଲି ଜିଲା କ୍ରୀଡା ସଂଘ ସମ୍ପାଦକ ପୀୟୁଷ ପଣ୍ଡା, ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ ଓ ଜିଲା ଭଲିବଲ ସଂଘ ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଜିଲା ଟିମ ପାଇଁ ଚୟନ ଶିବିର ରେ କ୍ରୀଡା ସଂଘର ବିକାଶ ପଣ୍ଡା, ସତ୍ୟ ନାରାୟଣ ରାଓ, ସନ୍ତୋଷ ପାଢ଼ୀ, ପୁରନ୍ଦର ନାଏକ, ସୁମନ ମିଶ୍ର ଓ ଚନ୍ଦନ ବେହେରା ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥଲେ।

# ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର

**ସୋନପୁର,୭।୧୨(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୋନପୁର ସହରସ୍ଥିତ ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଗୁରବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିନରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସରୋଜ କୁମାର ପଟେଲ, ଫାର୍ମାସିଷ୍ଟ ହୃଷୀକେଶ ମିଶ୍ର ଓ ସ୍ୱାସ୍ଥ୍ୟକର୍ମୀ ଶୁଭଲକ୍ଷ୍ମୀ ବାଘ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ହାତ ଧୁଆ ପ୍ରଣାଳୀ ଶିକ୍ଷା ଦିଆଯିବା ସହ ଡେଙ୍ଗୁ ଓ ମ୍ୟାଲେରିଆ ବିଷୟରେ ସ୍ୱାସ୍ଥ୍ୟ ସଚେତନତା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଲିଖିତା ପଟ୍ଟନାୟକ, ଚେୟାରମ୍ୟାନ୍ ଡ. ଜ୍ୟୋତିରଞ୍ଜନ ବହିଦାରଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ ସହକର୍ମୀ ବୃନ୍ଦ ଉପସ୍ଥିତ ରହି ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ସୋନପୁର,୭।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୋନପୁର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି।



ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏହି ଶିବିର ଆୟୋଜିତ ହୋଇଥିଲା। ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଶିବିରରେ ୪୦୭ ଜଣ ନାମ ପଞ୍ଜିକରଣ କରିଥିଲେ। ବିଶେଷଜ୍ଞ ଡାକ୍ତର ନରେନ୍ଦ୍ର କୁମାର ମେହେର, ଡାକ୍ତର ରଶ୍ମି ରଞ୍ଜନ ହୋତା, ଡାକ୍ତର ଦିଲ୍ଲିପ କୁମାର ପୁରୋହିତ, ଡାକ୍ତର ଟିକିନା ବେହେରା, ଡାକ୍ତର ଭାଗ୍ୟଶ୍ରୀ ପ୍ରଧାନ, ଡାକ୍ତର କୃତ୍ତିବାସ ସୁବୁଦ୍ଧି, ଡାକ୍ତର ଏ କେ ଲେଙ୍କା ଓ ଡାକ୍ତର ପି ମିଶ୍ର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଶେଷଜ୍ଞ ଡାକ୍ତରଙ୍କ ରିପୋର୍ଟ ପରେ ଚଳନ ବାଧିତ ଭିନ୍ନକ୍ଷମତା, ବୌଦ୍ଧିକ ଭିନ୍ନକ୍ଷମତା, ମାନସିକ ଅସୁସ୍ଥତା, ଶ୍ରବଣ ବାଧିତ ଭିନ୍ନକ୍ଷମତା ଓ ଦୃଷ୍ଟି ବାଧିତ ଭିନ୍ନକ୍ଷମତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ମୁଖ୍ୟ ଅତିଥି ଓ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ଏବଂ ଏବିଡିଓ ଶଶୀଭୂଷଣ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ୪ ଜଣଙ୍କୁ ତିନିଚକିଆ ସାଇକେଲ, ୧୪ଜଣଙ୍କୁ ଶ୍ରବଣ ଯନ୍ତ୍ର, ୩ ଜଣଙ୍କୁ କ୍ରଚେସ, ଜଣଙ୍କୁ ୱାକିଂଷ୍ଟିକ୍ ଓ ୨୮ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବସ୍‌ପାସ ପ୍ରଦାନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୁଧିଷ୍ଠିର ଭୋଇ, ଅମରଜିତ ସାହୁ ଓ ଆଶୁତୋଷ କୁଅଁର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଟ୍ୱିଙ୍କିଲ ବାଳିକା, ଅଜିତ ବାଳକ ଚାମ୍ପିୟନ

**ଅମରପାଲି,୭।୧୨(ପୀତାମ୍ବର ସାହୁ)**


ଖେଳକୁଦ ପ୍ରତିଯୋଗିତାରେ ଅଂଶ୍ରହଣ କରିଥିବା ଛାତ୍ରୀମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଛୁଣ୍ଡି ପଞ୍ଚାୟତର ଭୁଡିଆପାଲି ସ୍ଥିତ ପରମେଶ୍ୱରୀ ହାୟର ସେକେଣ୍ଡାରୀ ସ୍କୁଲରେ କ୍ରୀଡା ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଖେଳକୁଦ ପ୍ରତିଯୋଗିତାକୁ କଲେଜ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଖେଳକୁଦ ପ୍ରତିଯୋଗିତାରେ ୧୦୦ମିଟର, ୨୦୦ମିଟର, ୪୦୦ମିଟର ଦୌଡ଼, ସର୍ଟପୁଟ ଥ୍ରୋ, ଡିସକସ ଥ୍ରୋ, ଜାଭଲିନ ଥ୍ରୋ, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା ଉଭୟ ବାଳିକା ଓ ବାଳକ ବର୍ଗରେ ହୋଇଥିଲା। ଏହା ସହିତ ଉଭୟ ବର୍ଗରେ କବାଡି ,ଭଲିବଲ ଓ କ୍ରିକେଟ ଆଦି ଖେଳ ହୋଇଥିଲା। କ୍ରୀଡା ଅଧ୍ୟାପକ ସୁଦାମ ଚରଣ ମହାକୁର ଓ କଲିମ ଅହମ୍ମଦ ସମସ୍ତ ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ବିଷ୍ଣୁ ଚରଣ ବେହେରା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଚାନ୍ଦ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ଭୁଡିଆପାଲି କଲେଜରେ କ୍ରୀଡ଼ା ଓ ଖେଳକୁଦ ପ୍ରତିଯୋଗିତା

କଲେଜ ଅଧ୍ୟକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରାଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ମେଡାଲ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। କଲେଜର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ଟ୍ୱିଙ୍କିଲ ଧଳ ବାଳିକା ବିଭାଗ ଏବଂ ଅଜିତ କୁମାର ମହାକୁର ବାଳକ ବିଭାଗ ଚାମ୍ପିୟନ ହୋଇଥିବାରୁ ତାଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଶରତ ଦଳେଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଶେଫାଳୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବନମାଳୀ ଦାସ ଓ ନୀଳାମ୍ବର ଗୁରୁ ପୁରସ୍କାର ବିତରଣରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୁଣି ଦନ୍ତା ହାତୀ ଭାଙ୍ଗିଲା ଘର, ଖଳାରୁ ଖାଇଲା ଧାନ



**କୁତ୍ରା,୭।୧୨(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା ବଡ଼ଗାଁ ବନାଞ୍ଚଳ କୁତ୍ରା ବ୍ଲକର ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୁଣି ହାତୀ ଉପଦ୍ରବ ଦେଖାଦେଇଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାତୀ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେଲାଣି ହାତୀ ଆତଙ୍କ ଜାରି ରହିଛି । ବୁଧବାର ରାତିରେ ଏକ ଦନ୍ତା ହାତୀ ନୂଆଗାଁ ନଦିପଡାରେ ଆସି ଗ୍ରାମର ଗଣେଶ ସିଂଙ୍କ ଘର ଭାଙ୍ଗି ଦେଇଛି। ପରେ କୁଲସର ଗ୍ରାମର ଅର୍ଜୁନ ଲାକଡାଙ୍କ ଖଳାରେ ଥିବା କଟାଧାନ ଦଳିଚକଟି ନଷ୍ଟ କରିବା ସହ କଦଳୀ ବଗିଚାରେ ପଶି କଦଳି ଖାଇବା ସହ ଗଛ ଭାଙ୍ଗି ଚାଲିଯାଇଛି। ସେହିପରି ବସନ୍ତ ମାଝୀଙ୍କ ଗୁଲଜି ଚାଷକୁ ମଧ୍ୟ ଦଳିମକଚି ନଷ୍ଟ କରି ଦେଇଛି। ବନବିଭାଗ ଏ ଦିଗରେ ଦୃଷ୍ଟି ଦେଇ କ୍ଷତିପୂରଣ ପ୍ରଦାନ ସହ ହାତୀ ଘଉଡାଇବା ପାଇଁ ଦାବି ହେଉଛି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବା ବେଳେ ହାତୀପଲ ଆସି ଲୋକଙ୍କ ଧାନକୁ ଖାଇଯିବା ସହ ଦଳି ନଷ୍ଟ କରି ଦେଉଥିବାରୁ ଚାଷୀ ମହଲରେ ଭାଳେଣି ପଡିଯାଇଛି । ହାତୀପଲ କେତେବେଳେ ଘର ଭାଙ୍ଗୁଛନ୍ତି ତ କେତେବେଳେ ଫସଲ ନଷ୍ଟ କରୁଛନ୍ତି। ଫଳରେ ଅଞ୍ଚଳବାସୀଙ୍କ ଚିନ୍ତା ବଢିବାରେ ଲାଗିଛି ।

### ଖବରଦାତାଙ୍କ ମାତୃ ବିୟୋଗ



**ସୁନ୍ଦରଗଡ,୭।୧୨(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଧରିତ୍ରୀ ଖବରଦାତା ତଥା ସ୍ଥାନୀୟ ଓକିଲ ସଂଘର ସଭାପତି ଆଡଭୋକେଟ ଅଶୋକ କୁମାର ପାଣି ଙ୍କ ମାଆ ଲକ୍ଷ୍ମୀପ୍ରିୟା ପାଣିଙ୍କ ଗୁରୁବାର ଅପରାହ୍ନ ୨ଟାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ବୋହୂ, ଝିଅ ଜ୍ୱାଇଁ ଓ ନାତିନାତୁଣୀମାନେ ଥିଲେ। ତାଙ୍କ ପରଲୋକ ଖବର ପାଇ ରାଜଗାଙ୍ଗପୁର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମ୍ପର୍କୀୟମାନେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଶୁକ୍ରବାର ସକାଳେ ରାଉରକେଲା ବେଦବ୍ୟାସ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ଜଣାଯାଇଛି ।

# ଲଘୁଚାପଜନିତ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

**କୁଆଁରମୁଣ୍ଡା,୭।୧୨(ମହେନ୍ଦ୍ର କୁମାର ସାହୁ)**

- ସ୍କୁଲକୁ ଦିନକ ପାଇଁ ଛୁଟି ଘୋଷଣା
- ବର୍ଷାରେ ବିଭିନ୍ନ ପନିପରିବା ଫସଲ ନଷ୍ଟ

ଲଘୁଚାପଜନିତ ଲଗାଣ ବର୍ଷାରେ କୁଆଁରମୁଣ୍ଡା ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ଗୁରୁବାର ସକାଳ ଠାରୁ ବର୍ଷା ଲାଗି ରହିଥିବାରୁ କୁଆଁରମୁଣ୍ଡା ବଜାର ଜନଶୂନ୍ୟ ହୋଇପଡିଛି। ଏପରି ସ୍ଥଳେ କେତେକ ଉଠା ଜଳଖିଆ ଦୋକାନୀ ସେମାନଙ୍କ ଖାଦ୍ୟ ସାମଗ୍ରୀ ବିକ୍ରୀ କରି ନ ପାରି ହଟହଟା ହୋଇ ଘରକୁ ଫେରିଛନ୍ତି। ସେହିପରି ଲଗାଣ ବର୍ଷା ଯୋଗୁ ବ୍ଲକ ଅଞ୍ଚଳର ପନିପରିବା ଚାଷ ବିଶେଷ କରି ଫୁଲକୋବି, ବନ୍ଧା କୋବି,ବିଲାତି ବାଇଗଣ, କୋଶଲା ଶାଗ ଇତ୍ୟାଦି ନଷ୍ଟ ହୋଇଛି। ଲଗାଣ ବର୍ଷାକୁ ଲକ୍ଷ୍ୟ ରଖି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଦିନକ ପାଇଁ ଛୁଟି ଘୋଷଣା କରାଯାଇଛି। ହେଲେ ସକାଳୁଆ ଚାଲୁଥିବା କେତେକ ଇଂରାଜୀ ମାଧ୍ୟମ ସ୍କୁଲର ଛାତ୍ରୀଛାତ୍ରମାନେ ସ୍କୁଲ ବସରେ ସ୍କୁଲରେ ପହଞ୍ଚିବା ପରେ ସ୍କୁଲ କର୍ତ୍ତୃପକ୍ଷ ଛୁଟି ଘୋଷଣା କରିବାରୁ ସେମାନେ ପାଠ ପଢ଼ି ନ ପାରି ଘରକୁ ଫେରିଛନ୍ତି। ସେହିପରି ବ୍ଲକ, ତହସିଲ କାର୍ଯ୍ୟାଳୟ ଇତ୍ୟାଦିରେ କେବଳ କର୍ମଚାରୀଙ୍କ ବ୍ୟତୀତ ସାଧାରଣ ଲୋକଙ୍କୁ ଦେଖିବାକୁ ମିଳି ନ ଥିଲା।



ଲଗାଣ ବର୍ଷା ଯୋଗୁ ଗୁରୁବାର ସନ୍ଧ୍ୟାରେ କୁଆଁରମୁଣ୍ଡା ବ୍ଲକ ଲିଙ୍କ୍‌ରୋଡ ଜନଶୂନ୍ୟ ହୋଇପଡିଛି ।



ବ୍ରଜରାଜନଗର ଅଞ୍ଚଳରେ ବର୍ଷାପାଣିରେ ବୁଡିରହିଛି ଧାନଫସଲ ।

## ଅଦିନିଆ ବର୍ଷା ଉଜାଡ଼ିଲା ଫସଲ

**ବ୍ରଜରାଜନଗର,୭।୧୨(ବିଜୟ ବରାଡ଼)**

ଗତ ତିନିଦିନ ହେଲା ଅଦିନିଆ ବର୍ଷା ଲାଗି ରହିଥିବାରୁ ବ୍ରଜରାଜନଗର ଅଞ୍ଚଳରେ ଧାନଫସଲ ଉଜୁଡିବାକୁ ବସିଛି। କ୍ଷେତରେ ପଡିଥିବା ଧାନ ଗଜା ହେବା ଆଶଙ୍କା କରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଚଳିତବର୍ଷ ଅଞ୍ଚଳରେ ଭଲ ଧାନ ଫସଲ ହୋଇଥିବା ବେଳେ ଏହି ଅଦିନିଆ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗିଦେଇଛି। ଧାନ ଫସଲର କ୍ଷୟକ୍ଷତି ଆକଳନ କରାଯାଇ ଜିଲା ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଯୋଗାଇବା ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତି। ସେହିପରି ଦୈନିକ ବଜାରକୁ ଆସୁଥିବା ନିତ୍ୟ ବ୍ୟବହୃତ ପରିବା ଫସଲ ମଧ୍ୟ ଅଦିନିଆ ବର୍ଷାରେ ନଷ୍ଟ ହୋଇଛି। ଏଥିଯୋଗୁ ପରିବା ମୂଲ୍ୟ ବୃଦ୍ଧି ହେବାରେ ଲାଗିଛି। ପରିବା ଫସଲ ନଷ୍ଟ ହେବା ଯୋଗୁ ଚାଷୀ ଚିନ୍ତାରେ ପଡିଲେଣି। ଏଥିପ୍ରତି ସରକାର ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଶଶୁର ହତ୍ୟାକାରୀ ଜ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ

**ସୁନ୍ଦରଗଡ,୭।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାସ ଗୁରୁବାର ଏକ ହତ୍ୟା ମାମଲାର ଶୁଣାଣି କରି ଶଶୁର ହତ୍ୟାକାରୀ ଅଭିଯୁକ୍ତ ଜ୍ୱାଇଁ ଲଳିତ ଓରାମଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡାଦେଶ ପାଇଁ ଅତିରିକ୍ତ ଜିଲା ଦୌରାଜଜ୍ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ପ୍ରକାଶ ଯେ, ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଦନାର୍ଦ୍ଦନପୁର ଗ୍ରାମର ବିଶେଶ୍ୱର ନାଗଙ୍କ ଝିଅଙ୍କୁ ଅଭିଯୁକ୍ତ ଲଳିତ ବିବାହ କରିଥିଲେ। ନିଜ ସ୍ତ୍ରୀ, ପିଲା ସହ ଶଶୁର ଘରେ ରହୁଥିଲେ। ଗତ ୯।୪।୨୦୨୦ରେ ରାତି ପ୍ରାୟ ୧୧ଟା ବେଳେ ଲଳିତ କୌଣସି କାରଣରୁ ଶଶୁରଙ୍କୁ ପାଟିତୁଣ୍ଡ କରିଥିଲେ। ପରେ ଶଶୁର ଶାଶୁ ଓ ସ୍ତ୍ରୀ ଛୁଆ ଶୋଇଥିବା ଘର କବାଟ ଭାଙ୍ଗି ଶଶୁର ବିଶେଶ୍ୱରଙ୍କୁ ଏକ ବାଉଁଶ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ଏହି ସମୟରେ ଶାଶୁ ଓ ତାଙ୍କ ସ୍ତ୍ରୀ ପିଲାଙ୍କୁ ଧରି ଘରର ଏକ ଭଙ୍ଗା କାନ୍ଥ ଦେଇ ବାହାରକୁ ଯାଇ ଗାଁ ଲୋକଙ୍କୁ କହିଥିଲେ। ଗାଁ ଲୋକ ଘଟଣାସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ବିଶେଶ୍ୱରଙ୍କ ମୃତ୍ୟୁ ହୋଇ ସାରିଥିଲା। ଏହି ସମୟରେ ସେଠାରୁ ଦୌଡି ପଳାଇ ଯାଉଥିବା ଜ୍ୱାଇଁ ଲଳିତଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ୱାର୍ଡ ମେମ୍ବର ବସନ୍ତ କୁଜୁରଙ୍କ ଏତଲାକ୍ରମେ ଲେଫ୍ରିପଡା ଥାନା ପୋଲିସ ନଂ ୫୭/୨୦୨୦ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ କୁମାର ପଟେଲ ମାମଲାର ପରିଚାଳନା କରୁଥିଲେ।

## ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

**ବିଶ୍ରା,୭।୧୨(ବଟକୃଷ୍ଣ ସ୍ୱାଇଁ):** ସୁନ୍ଦରଗଡ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ଦରେଇକେଲା ଗ୍ରାମ ପଞ୍ଚାୟତର ଭୂମିଯତୋଲା ଗ୍ରାମରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ପଡିଥିବା ଦେଖିବାକୁ ମିଳିଛି। ଏହି ଟ୍ରାନ୍ସଫର୍ମର ରାସ୍ତା କଡ଼ରେ ଥିବା ବେଳେ ବିଦ୍ୟୁତ ବିଭାଗ ପକ୍ଷରୁ ସୁରକ୍ଷା କ୍ଷେତ୍ରରେ ଅଣଦେଖା କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ ଉକ୍ତ ରାସ୍ତା ଦେଇ ଗ୍ରାମବାସୀ ଗୋରୁଗାଈଙ୍କୁ ଜଙ୍ଗଲକୁ ଚରାଇବା ପାଇଁ ଯାଉଥିବା ବେଳେ ଟ୍ରାନ୍ସଫର୍ମର ମୁକୁଳା ପଡିଥିବାରୁ ବିପଦ ଆଶଙ୍କା ରହିଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରବି ନାରାୟଣ ମହାନ୍ତିଙ୍କୁ ପଚାରିବାରେ ଖୁବଶୀଘ୍ର ପାଚେରି ନିର୍ମାଣ କରାଯିବ ବୋଲି କହିଥିଲେ ।

## ଗୋରୁ ବୋଝେଇ ଭ୍ୟାନ୍ ପୋଡ଼ି ଦେଲେ

**ସୁନ୍ଦରଗଡ଼,୭।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ହେମଗିରି ଥାନା ଅନ୍ତର୍ଗତ ଜୁଲୁମବାହାଲ ଗ୍ରାମ ପଞ୍ଚାୟତର ବେହେରାମୁଣ୍ଡାଠାରେ ଏକ ଗୋରୁ ବୋଝେଇ ଭ୍ୟାନ୍‌କୁ ନିଆଁ ଲଗାଇ ପୋଡି ଦିଆଯାଇଥିବା ଖବର ମିଳିଛି। ମିଳିଥିବା ସୂଚନା ମୁତାବକ, ଓଡି ୧୬ ବି ୨୩୯୫ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ ଭ୍ୟାନ ରେ ଝାରସୁଗୁଡା ଜିଲା କନକତୁରା ଦେଇ ଗୋରୁ ଚାଲାଣ ହେଉଥିବା ଖବରପାଇ କେତେଜଣ ବ୍ୟକ୍ତି ଭ୍ୟାନ୍‌ର ପିଛା କରିଥିଲେ । ସେମାନେ ବେହେରାମୁଣ୍ଡାଠାରେ ଭ୍ୟାନ୍‌ରେ ବନ୍ଧା ହୋଇଥିବା ଗୋରୁଗୁଡିକୁ ଜଙ୍ଗଲରେ ଛାଡି ଦେବା ପରେ ଗାଡ଼ିରେ ନିଆଁ ଲଗାଇ ଦେଇଥିବା ଖବର ମିଳିଛି । ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଛି । ଏନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ସୂଚନା ମିଳିଛି।



ପୋଡି ଯାଇଥିବା ଭ୍ୟାନ୍ ।

# ଜୋନ୍‌ସ୍ତରୀୟ ‘ସର୍ଗି ଫୁଲ’ କାର୍ଯ୍ୟକ୍ରମ ଆରମ୍ଭ

**ସୁନ୍ଦରଗଡ,୭।୧୨(ଜୟ ନାରାୟଣ ମେଣ୍ଡୁଲି)**




ସର୍ଗି ଫୁଲ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ, ବିଧାୟିକା ବିଧାୟକ ଓ ଅନ୍ୟ ଅତିଥିମାନେ ।

**୧୫ଟି ଜିଲାର ୬୩୮ ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଅପୂର୍ବ ସୁଯୋଗ**

ଜନଜାତି ବର୍ଗର ସ୍କୁଲ ଛାତ୍ରୀଛାତ୍ରଙ୍କ ଭିତରେ ରହିଥିବା ପ୍ରତିଭାକୁ ଚିହ୍ନଟ ଓ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଉଛି ବାର୍ଷିକ ଶିଶୁ ମହୋତ୍ସବ ‘ସର୍ଗି ଫୁଲ’। ଗୁରୁବାର ଦିନ ସୁନ୍ଦରଗଡ ଜିଲା ସଂସ୍କୃତି ଭବନଠାରେ ଉତ୍ତର ଓ ଜୋନସ୍ତରୀୟ ‘ସରଗି ଫୁଲ’ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି। ସୁନ୍ଦରଗଡରେ ଆୟୋଜିତ ଏହି ତିନିଦିନିଆ ଜୋନସ୍ତରୀୟ କାର୍ଯ୍ୟକ୍ରମରେ ୧୫ଟି ଜିଲାର ୬୩୮ ଜଣ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଜନଜାତି ସଂପ୍ରଦାୟ ରାଜ୍ୟର ଗର୍ବ। ଏହି ବର୍ଗର ଛାତ୍ରୀଛାତ୍ରଙ୍କ ଭିତରେ ଅନେକ ଅନନ୍ୟ ପ୍ରତିଭା ରହିଛି। ସରଗି ଫୁଲ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ବିଶେଷ ସୁଯୋଗ ଦିଆଯାଉଛି। ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଦ୍ୱାରା ପିଲାମାନଙ୍କ ଭିତରେ ସର୍ଜନାତ୍ମକ ପ୍ରତିଭାର ବିକାଶ ସହ ପ୍ରତିଯୋଗିତାମୂଳକ ମନୋଭବ, ଯୋଗାଯୋଗ ଦକ୍ଷତା ଏବଂ ନେତୃତ୍ୱ ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ନାୟକ କହିଛନ୍ତି। ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଭବାନୀପୁରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା କରାଯାଉଛି। ଗୁରୁବାର ଦିନ ପିଲାମାନଙ୍କ ଭିତରେ ବକ୍ତୃତା, କୁଇଜ, ଏକକ ସଙ୍ଗୀତ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଚଳିତବର୍ଷ ପ୍ରଥମ ଥର ପାଇଁ ଜୋନସ୍ତରୀୟ ସର୍ଗି ଫୁଲ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜିଲାସ୍ତରୀୟ କାର୍ଯ୍ୟକ୍ରମରୁ ଉତ୍ତୀର୍ଣ୍ଣ ହୋଇ ଆସିଥିବା ଛାତ୍ରୀଛାତ୍ରମାନେ ଏଥିରେ ଭାଗ ନେଇଛନ୍ତି। ପରେ ସେମାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ନିଜର ପ୍ରତିଭା ଦେଖାଇବାର ସୁଯୋଗ ପାଇବେ। ସରଗି ଫୁଲ ଭଳି ଆମ ଜନଜାତି ପିଲାମାନଙ୍କର ସ୍ୱପ୍ନ, ପ୍ରତିଭା ଓ ଦକ୍ଷତାକୁ ଆକଶଛୁଆଁ କରିବା ଲାଗି ସୁଯୋଗ ଦେବା ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରାର ବିଧାୟକ ଭବାନୀ ଶଙ୍କର ଭୋଇ, ରାଜଗାଙ୍ଗପୁର ବିଧାୟକ ଡକ୍ଟର ସି ଏସ ରାଜେନ ଏକ୍କା, ସୁନ୍ଦରଗଡ ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଭାଗନେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ।

ସୁନ୍ଦରଗଡ ଜିଲାର ବିଭିନ୍ନ ସରକାରୀ ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଆକର୍ଷଣୀୟ କ୍ୟାରିୟର ବିଷୟରେ ସୂଚନା ଦେବା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଏକ ଭିଡିଓ ସିଡିଜ ପ୍ରସ୍ତୁତ କରାଯାଇଛି। ଏଥିରେ ସଫଳତା ହାସଲ କରିଥିବା ବିଭିନ୍ନ ବର୍ଗର ଲୋକଙ୍କର ସାକ୍ଷାତକାର ରହିଛି। ସର୍ଗିଂକି ଫୁଲ କାର୍ଯ୍ୟକ୍ରମ ଅବସରରେ ଏହି ଭିଡିଓ ସିଡି ଉନ୍ମୋଚନ କରାଯାଇଥିଲା। ଏହି ଭିଡିଓକୁ ଜିଲାରେ ଚାଲିଥିବା ଭର୍ଚୁଆଲ କ୍ଲାସ ବ୍ୟବସ୍ଥା ମାଧ୍ୟମରେ ଏକ ସମୟରେ ୩୧୫ ସ୍କୁଲରେ ପ୍ରସାରଣ କରାଯିବ। ଫଳରେ ୧୫ ହଜାରରୁ ଅଧିକ ପିଲାଙ୍କ ପାଇଁ ଏହା ଉପାଦେୟ ହେବ।

## ବରପାଲିରେ ୪୯ତମ ଗୋକୁଳାଷ୍ଟମୀ ଯାତ୍ରା

**ବ୍ରଜରାଜନଗର,୭।୧୨(ବିଜୟ ବରାଡ଼)**

ଝାରସୁଗୁଡ଼ା ବ୍ଲକ ବରପାଲି ଗ୍ରାମଠାରେ ୪୯ତମ ଗୋକୁଳାଷ୍ଟମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ହରିନାମ ଓ ଭଜନ କୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରାଯାଇଥିଲା। ପଣ୍ଡିତ ମନୋଜ ମିଶ୍ର ପୂଜକ ଓ ନିର୍ମଳ ସିଂଦେଓ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ବିଶାଳ ସାଏ ସହଯୋଗ କରିଥିଲେ। ଗ୍ରାମବାସୀ ନିଜ ଘର ଆଗରେ ଦୀପ ଜଳାଇ ରାଧାକୃଷ୍ଣଙ୍କୁ ଭୋଗ ଅର୍ପଣ କରିଥିଲେ। ଗୋଧୂଳି ସମୟରେ ବିମାନ ଗୋକୁଳାଷ୍ଟମୀର ଗୋଧନ ବାହୁଡା ପଡିଆକୁ ଯାଇଥିଲା। ସେଠାରେ ଲୋକେ ରାଧାକୃଷ୍ଣଙ୍କ ପ୍ରତିମାକୁ ପୂଜାର୍ଚ୍ଚନା କରିବା ପରେ ଗୋରୁଙ୍କୁ ଖେଚୁଡ଼ି ଭୋଗ ଖୁଆଇଥିଲେ। ପରମ୍ପରା ଅନୁସାରେ ଉପସ୍ଥିତ ୨୦୦୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଗୋ-ମାତାଙ୍କ ଅଇଁଠାକୁ ପ୍ରସାଦ ଭାବରେ ପାଇ ପରିବାରର ଆରୋଗ୍ୟ ଓ ସମୃଦ୍ଧି କାମନା କରିଥିଲେ। କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଘଣ୍ଟ ବାଦ୍ୟ, କୀର୍ତ୍ତନ ମଣ୍ଡଳୀ, ସମ୍ପ୍ରଦା, ଗଉଡ ବାଡି ସହିତ ପାରମ୍ପରିକ ବାଦ୍ୟ ଲୋକଙ୍କୁ ଆକର୍ଷିତ କରିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁନିଲ ସିଂ ଲାଲୁ, ହେମନ୍ତ ବଗାର, ସଞ୍ଜୀବ ସିଂଦେଓ, ହେମନ୍ତ ଧୁରୁଆ, ପୂର୍ଣ୍ଣ ଚନ୍ଦ୍ର ରାଉତ, ପ୍ରଫୁଲ୍ଲ ବଢ଼ାଇ, ସୁଶିଲ ବଢ଼ାଇ ପ୍ରମୁଖ ସହଯୋଗ କରିଥିଲେ।



ଗୋରୁଙ୍କୁ ଖେଚୁଡି ଭୋଗ ଦିଆଯାଉଛି।

# ଋଣ ଖିଲାପକୁ ନେଇ ଉଦ୍‌ବେଗ

**କୋଲାବିରା ସେବା ସମବାୟ ସମିତିର ମାସିକ ବୈଠକ**

- ଧାନ କିଣାରେ ମିଲର୍ସ ସହଯୋଗ କରୁନାହାନ୍ତି

**କୋଲାବିରା,୭।୧୨ (ଚିନ୍ମୟ କୁମାର ବହିଦାର)**

କୋଲାବିରା ପ୍ରାଥମିକ ସେବା ସମବାୟ ସମିତିର ଚତୁର୍ଥ ମାସିକ ବୋର୍ଡ ବୈଠକ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କୀର୍ତ୍ତିଚନ୍ଦ୍ର ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପରିଷଦର ଉପ-ସଭାପତି ଦୀନବନ୍ଧୁ ଛତ୍ରିଆ, ନିର୍ଦ୍ଦେଶକ ହୃଦାନନ୍ଦ ପଟେଲ, ଭିକାରୀ ଚରଣ ନାୟକ, ଅକ୍ଷୟ କୁମାର ନାୟକ, ଗୋପାଳ ଚନ୍ଦ୍ର ନାୟକ, କମଳ ଧୁରୁଆ, ହୃଦାନନ୍ଦ ପଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚାନ କରିଥିଲେ। ସମ୍ପାଦକ ଦେବରାଜ କୁମରା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଋଣ ଖିଲାପକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଶେଷ କରି ବକେୟା ଋଣ ସଂଗ୍ରହ ହେଉ ନ ଥିବାରୁ ସମିତିକୁ ସେମାନଙ୍କ ସୁଧ ବ୍ୟାଙ୍କକୁ ପରିଶୋଧ କରିବାକୁ ପଡୁଛି। ଫଳରେ ସମିତି ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛି। ମାତ୍ର ଋଣ ନେଇଥିବା ହିତାଧିକାରୀ ପରିଶୋଧ କରିବା ଦିଗରେ ତତ୍ପରତା ପ୍ରକାଶ କରୁ ନ ଥିବାରୁ ଋଣ ଅଂଶଧନ ଆଦାୟ ହେଇପାରୁନାହିଁ। ଏ ସଂକ୍ରାନ୍ତରେ ଋଣ ଆଦାୟର ପ୍ରକ୍ରିୟାକରଣ ସମାଧାନର ବ୍ୟବସ୍ଥା ସକାଶେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲାଇକେରା ଶାଖା ପରିଚାଳକ କୌଶିକ ପ୍ରଦାନ ଓ ନିରୀକ୍ଷକ ଗଣନାଥ ଖରସେଲ ଯୋଗଦେଇ ବ୍ୟାଙ୍କିଂ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାଛଡା ଧାନ କିଣା ସମୟରେ ମିଲର୍ସଙ୍କ ପ୍ରତିନିଧି ଆସୁନାହାନ୍ତି। ଫଳରେ ଏଠୁ ଓଜନକରି ମିଲକୁ ନେଲା ବେଳକୁ ଅଯଥା କଟ୍‌ନୀଛଟ୍‌ନୀର ଶିକାର ହେବାକୁ ପଡୁଛି ଏବଂ ସମିତି ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛି। ବୈଠକ କରାଯାଇ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନେଇ ସହମତି ପାରିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମିତି କର୍ମଚାରୀ କୁନୁ ଅମାତ, ସୁବ୍ରତ ପଟେଲ, ଦିଲିପ ପ୍ରଧାନ, ଭୋଜରାଜ ମହାନନ୍ଦିଆ, ଶିବ କୁମରା ପ୍ରମୁଖ ସହଯୋଗ କରିଥିଲେ।



ବୈଠକରେ ଯୋଗଦେଇଥିବା ବୋର୍ଡ ସଦସ୍ୟ ଅନ୍ୟମାନେ।

# ବିସ୍ମୟ ଶିଶୁ କନ୍ୟା ବୈଷ୍ଣବୀ

**ବଡ଼ଗାଁ,୭।୧୨(ଅଶୋକ ଷଡ଼ଙ୍ଗୀ)**

**ଅନର୍ଗଳ ଗାଇ ପାରୁଛନ୍ତି ଶ୍ଳୋକ, ସ୍ତୋତ୍ର, ମନ୍ତ୍ର ଓ ଭଜନ**

ଯେଉଁ ବୟସରେ ଶିଶୁ ମା’ କୋଳରେ ବସି ଗପ ଶୁଣେ, ମାଟି ଗୋଡି ବାଲିରେ ଗଡ଼ି ଖେଳେ, ଖେଳନା କଣ୍ଢେଇ ନ ଦେଲେ ଅଝଟ କରେ, ସେହି ବୟସରେ ସ୍ପଷ୍ଟ ଭାବେ କଥା କହିପାରୁ ନ ଥିବା ଶିଶୁ ମୁହଁରୁ ଶୁଣାଯାଉଛି ଅନର୍ଗଳ ସଂସ୍କୃତ ଶ୍ଳୋକ, ମନ୍ତ୍ର ଓ ସ୍ତୋତ୍ର। ସେ ହେଲେ ମା’ ମଞ୍ଜୁଲତା ରଣା ଓ ବାପା ଅଜିତ୍ କୁମାର ରଣାଙ୍କ ସାଢ଼େ ତିନି ବର୍ଷର ଝିଅ ବୈଷ୍ଣବୀ । ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିକିଲିପଡା ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ ସଂସ୍କୃତ ଶିକ୍ଷୟିତ୍ରୀ ମଞ୍ଜୁଲତାଙ୍କ ପୈତୃକ ଘର ସୋନପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଦିଗଶିରା ଗ୍ରାମରେ। ସେ କୁହନ୍ତି, ମାତ୍ର ଦୁଇ ବର୍ଷ ବୟସରୁ ବୈଷ୍ଣବୀ ଶୁଣି ଶୁଣି ସଂସ୍କୃତ ଶ୍ଳୋକ, ମନ୍ତ୍ର ଓ ସ୍ତୋତ୍ର ପାଠ କରିବା ସହିତ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠରେ ଥିବା କୁଇଜ ଓ ଗୀତ କଣ୍ଠସ୍ଥ କରି ପାରିଥିଲା। ଲେଖି ପଢି ଜାଣି ନ ଥିବା ବୈଷ୍ଣବୀ ପ୍ରଥମ ଶ୍ରେଣୀ ବହିରେ ଥିବା କାଉ ରାବିଲା କା କା, ଜନି ଜନି ୟେସ ପାପା, ମଛଳି ଜଲ କି ରାନୀ ହେ, ତୃତୀୟ ଶ୍ରେଣୀ ସାହିତ୍ୟରେ ଥିବା ତୁମ ପରି ଛୋଟ ପିଲାଟିଏ ଖୁବ ସୁନ୍ଦର ଭାବେ ଗାଇ ପାରୁଛନ୍ତି । ଏହାଛଡା ସାଧାରଣ ଜ୍ଞାନ, ଜାତୀୟ ସଙ୍ଗୀତ, ସୂର୍ଯ୍ୟଙ୍କ ଅର୍ଘ୍ୟଦାନ, ଶ୍ରୀମଦ୍ ଭାଗବତ ଗୀତାର ପ୍ରଥମ ଅଧ୍ୟାୟର ୨୦ଟି ଶ୍ଳୋକ, ଦ୍ୱିତୀୟ ଅଧ୍ୟାୟର ୧୦ଟି ଶ୍ଳୋକ, ଦ୍ୱାଦଶ ଅଧ୍ୟାୟର ୨୦ଟି ଶ୍ଳୋକ ସହିତ ଜଗନ୍ନାଥାଷ୍ଟକ, ଏକାତ୍ମତା ସ୍ତୋତ୍ର, ଗାୟତ୍ରୀ ଚାଳିଶା, ଚାଣକ୍ୟ ନୀତି ଶ୍ଳୋକ, ସଂସ୍କୃତ ଗୀତ, ଜଗନ୍ନାଥ ଓ ଗାୟତ୍ରୀ ଭଜନ କଣ୍ଠସ୍ଥ କରିଛନ୍ତି ବୈଷ୍ଣବୀ। ଏହି କୁନି ଝିଅକୁ ଭେଟି ଏ ସମ୍ପର୍କରେ ପଚାରିବାରୁ ସେ ଶିଶୁ ସୁଲଭ ଭଙ୍ଗୀରେ ଶ୍ଳୋକ, ମନ୍ତ୍ର, ସ୍ତୋତ୍ର ପାଠ କରି ଶୁଣାଇବା ସହିତ ସାଧାରଣ ଜ୍ଞାନ ଉପରେ ଅନେକ ପ୍ରଶ୍ନର ଦେଇଥିଲେ।



ମା’ଙ୍କ ସହ ବୈଷ୍ଣବୀ।

# ମଦଭାଟିରୁ ବାହାରିଲାଣି ୨୦୦କୋଟିରୁ ଊର୍ଦ୍ଧ୍ୱ





ଆଲମିରାରେ ଭର୍ତ୍ତି ଟଙ୍କା(ବାମ)। ବଲାଙ୍ଗୀର ମଦଭାଟି ମ୍ୟାନେଜର ରାଜେଶ ଓ ବଣ୍ଟି ଏସବିଆଇ ବ୍ୟାଙ୍କକୁ ଯାଉଛନ୍ତି(ମଝି)। ଟ୍ରକରେ ବଲାଙ୍ଗୀର ଏସବିଆଇ ଶାଖାକୁ ଜବତ ଟଙ୍କା ଅଣାଯାଉଛି।

- ସୁଦପଡା ଭାଟି, କ୍ଲବ୍‌ପଡା ଭାଟି କାର୍ଯ୍ୟାଳୟରୁ ବସ୍ତା ବସ୍ତା ଟଙ୍କା ଜବତ
- ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟଶାଖାରେ ଚାଲିଛି ଜବତ ଟଙ୍କା ଗଣତି
- ୨୫ରୁ ଊର୍ଦ୍ଧ୍ୱ ଆୟକର ବିଭାଗ ଅଧିକାରୀ କରୁଛନ୍ତି ଚଢ଼ାଉ
- ଟଙ୍କା ଗଣିବାକୁ ଲାଗିବ ୩/୪ ଦିନ

**ବଲାଙ୍ଗୀର,୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ମଦଭାଟିରୁ ୨୦୦ କୋଟିରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଆୟକର ବିଭାଗ ଜବତ କରିବା ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ମଦଭାଟିକୁ ଏତେ ପରିମାଣର ଟଙ୍କା କୁଆଡୁ ଆସିଲା ତାକୁ ନେଇ ଏବେ ଘନ ଘନ ଚର୍ଚ୍ଚା ଜାରି ରହିଛି। ଟିକସ ଫାଙ୍କି ସନ୍ଦେହରେ ବୁଧବାରଠାରୁ ବଲାଙ୍ଗୀର ଓ ଟିଟିଲାଗଡ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଆୟକର ବିଭାଗର ଏହି ଚଢ଼ାଉ ଅଭିଯାନ ଗୁରୁବାର ମଧ୍ୟ ଜାରି ରହିଛି। ବୁଧବାର ରାତି ସୁଦ୍ଧା ଆୟକର ବିଭାଗ ବଲାଙ୍ଗୀର ସହରର ସୁଦପଡା ଦେଶୀ ମଦଭାଟି ଏବଂ କ୍ଲବ୍‌ପଡା କାର୍ଯ୍ୟ କାର୍ଯ୍ୟାଳୟ ସମେତ ଟିଟିଲାଗଡ ସହରର ତିନୋଟି ସ୍ଥାନରୁ ବସ୍ତା ବସ୍ତା ଟଙ୍କା ଜବତ କରିଥିବା ଜଣାପଡିଥିଲା।

ଆୟକର ବିଭାଗ ଅଧିକାରୀମାନେ ଏହି ଚଢ଼ାଉ ସମ୍ପର୍କରେ ମୁହଁ ଖୋଲୁ ନ ଥିଲେ ମଧ୍ୟ ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସୁଦପଡା ମଦଭାଟି ଏବଂ କ୍ଲବ୍‌ପଡା ମଦ କାର୍ଯ୍ୟାଳୟରୁ ୧୫୬ଟି ବ୍ୟାଗ୍ ଓ ବସ୍ତାଭର୍ତ୍ତି ଟଙ୍କା ଟ୍ରକ୍ ଯୋଗେ ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖା ଓ କ୍ଷେତ୍ରୀୟ ବ୍ୟବସାୟିକ ଶାଖାକୁ ଆଣିଥିଲେ। ଗୁରୁବାର ସକାଳୁ ୫ଟି ଟଙ୍କାଗଣା ମେଶିନ୍‌ରେ ଜବତ ଟଙ୍କା ଗଣିବା ଆରମ୍ଭ କରାଯାଇଥିଲା। ମିଳିଥିବା ସୂଚନା ମୁତାବକ ପ୍ରଥମ ଗୋଟିଏ ବ୍ୟାଗ୍‌ରୁ ଅଢ଼େଇ କୋଟି ଟଙ୍କା ବାହାରିଥିବା ଜଣାପଡିଛି। ଗୁରୁବାର ଆୟକର ବିଭାଗ ଆଡିସନାଲ ଡାଇରେକ୍ଟର ଗୁରପ୍ରୀତ ସିଂ ବଲାଙ୍ଗୀର ଏସବିଆଇ ଶାଖାକୁ ପହଞ୍ଚି ଟଙ୍କା ଗଣତି ପ୍ରକ୍ରିୟା ତଦାରଖ କରିଥିବା ଜଣାପଡିଛି। ମଦଭାଟି ଭିତରେ ୯ଟି ଆଲମିରା ଓ କିଛି ବସ୍ତା ଭର୍ତ୍ତି ଟଙ୍କା ଜବତ କରାଯାଇଥିବାବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆୟକର ବିଭାଗ ଜବତ କରିଥିବା ଜଣାପଡିଛି। ତେବେ ଏହି ମଦଭାଟିରେ ଆଉ କ'ଣ ଜିନିଷ ପତ୍ର ରହିଛି ଓ ଅନ୍ୟ କେଉଁଠି ଟଙ୍କା ରହିଛି କି ନାହିଁ ତାକୁ ନେଇ ତନାଘନା ଚାଲିଛି। ସୁଦପଡା ମଦଭାଟି ଏବଂ କ୍ଲବପଡା ଅଫିସକୁ ଆୟକର ବିଭାଗ ଅଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ନିଜ ଅଧୀନରେ ରଖିଛନ୍ତି। ସେଠାରେ କାମ କରୁଥିବା ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ମଧ୍ୟ କେହି କୁଆଡେ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁଦପଡା ମଦଭାଟି ମ୍ୟାନେଜର ରାଜେଶ ସାହୁ ଓ ବଣ୍ଟି ସାହୁଙ୍କୁ ଗୁରୁବାର ବ୍ୟାଙ୍କକୁ ଅଣାଯାଇ ତାଙ୍କରି ଉପସ୍ଥିତିରେ ଟଙ୍କା ଗଣା ପ୍ରକ୍ରିୟା ଆରମ୍ଭ କରାଯାଇଛି। ବଲାଙ୍ଗୀର ଆଡିସନାଲ ଏସ୍‌ପି ସୁରେଶ ନାଏକ, ଡିଏସ୍‌ପି ଯୋଗେଶ୍ୱର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ମାତ୍ର ୧୦ଟି ବ୍ୟାଗ୍‌ର ଟଙ୍କା ଗଣାଯାଇଥିବା ଜଣାପଡିଛି। ବୁଧବାର ଭୁବନେଶ୍ୱରର ୩୦ ଜଣିଆ ଆୟକର ଟିମ୍ ବଲାଙ୍ଗୀର ଓ ଟିଟିଲାଗଡର ଏକାଧିକ ସ୍ଥାନରେ ଚଢ଼ାଉ କରିଥିଲେ। ଟିଟିଲାଗଡର ଜଣାଶୁଣା ମଦ ବ୍ୟବସାୟୀ ସଞ୍ଜୟ ସାହୁ ଓ ଦୀପକ ସାହୁଙ୍କ ଘରେ ଆୟକର ବିଭାଗର ଚଢ଼ାଉ ପରେ ବଲାଙ୍ଗୀର ସୁଦପଡା ମଦଭାଟି ଓ କ୍ଲବ୍‌ପଡା ମଦ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା। ଝାରଖଣ୍ଡର ବଲଦେବ ସାହୁ ଆଣ୍ଡ ସନ୍ସ କମ୍ପାନୀ ପରିଚାଳିତ ମଦଭାଟି ଗୁଡିକରେ ଟିକସ ଫାଙ୍କିକୁ ନେଇ ଆୟକର ବିଭାଗର ଏକକାଳୀନ ଚଢ଼ାଉ ପରେ ଶତାଧିକ କୋଟି ଟଙ୍କା ଜବତ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ନରସିଂହଙ୍କ ସହ ପଶ୍ଚିମ ଓଡ଼ିଶା ଅଘରିଆ ସମାଜ କର୍ମକର୍ତ୍ତାଙ୍କ ଆଲୋଚନା



ବିଧାୟକ ନରସିଂହ ମିଶ୍ରଙ୍କ ସହ ଆଲୋଚନା ସମୟରେ ଅଘରିଆ ସମାଜ ସଦସ୍ୟ।

**ବଲାଙ୍ଗୀର,୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ପଶ୍ଚିମ ଓଡ଼ିଶା ଅଘରିଆ ସମାଜର ବଲାଙ୍ଗୀର ଜିଲା କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ବିଧାୟକ ନରସିଂହ ମିଶ୍ରଙ୍କୁ ତାଙ୍କ ବାସଭବନରେ ସାକ୍ଷାତ ଆଲୋଚନା କରିଥିଲେ। ସଭାପତି ଶୁଭ୍ରାଂଶୁ ଶେଖର ପଟେଲ ଓ ସମ୍ପାଦକ ଦିଗାମ୍ବର ନାଏକଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀ ଅଘରିଆ ସମାଜକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ଅଧ ଏକର ଜମି ଓ ୩ କୋଟି ଟଙ୍କା ଉପରେ ଆଲୋଚନା କରିଥିଲେ। ଅଘରିଆ ସମାଜ ବଦଳରେ ଅଗ୍ରଗାମୀ ନାମକ ଏକ ଅନୁଷ୍ଠାନ ଉକ୍ତ ଜମି ଓ ଅନୁଦାନ ଟଙ୍କା ନେଇଥିବା ଏକ ଷଡଯନ୍ତ୍ର ବୋଲି କହିଥିଲେ। ଉକ୍ତ ସଙ୍ଗଠନଟି କେବଳ କିଛି ସରକାରୀ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନେଇ ଗଠିତ ବୋଲି ସମାଜ ସଦସ୍ୟମାନେ ଅଭିଯୋଗ କରିଥିଲେ। ଉକ୍ତ ସଙ୍ଗଠନ ପ୍ରକୃତରେ ତୃଣମୂଳ ସ୍ତରରୁ ପଶ୍ଚିମ ଓଡିଶାର ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଏ ଅଞ୍ଚଳରେ ରହୁଥିବା ଅଘରିଆ ମାନଙ୍କ ପାଇଁ କୌଣସି କାମ କରେ ନାହିଁ। ତେଣୁ ଏହି ଜମି ଓ ଅନୁଦାନ ଅଘରିଆ ମାନଙ୍କ ପ୍ରକୃତ ସଙ୍ଗଠନ ପଶ୍ଚିମ ଓଡିଶା ଅଘରିଆ ସମାଜକୁ ପ୍ରଦାନ କରାଯାଉ ବୋଲି ପୂର୍ବରୁ ମଧ୍ୟ ସରକାରଙ୍କଠାରେ ଦାବି କରିଥିବା ଜଣାଇଥିଲେ। ସରକାରଙ୍କଠାରେ ଦାବି କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବିଧାୟକ ମିଶ୍ରଙ୍କୁ ଭେଟି ଏସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ସିଦ୍ଧାର୍ଥ ପଟେଲ, ରାମେଶ୍ୱର ନାଏକ, ସଞ୍ଜୟ ସାଏ, ହରେକୃଷ୍ଣ ପଟେଲ, ଲକ୍ଷ୍ମୀ ସାଏ, ରଞ୍ଜନ ରାଉତ, ଚିତ୍ତ ପଟେଲ, ମାନଭଞ୍ଜନ ପଟେଲ, ବିଶିକେଶନ ପଟେଲ, ଶ୍ରୀନିବାସ ନାଏକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଖପ୍ରାଖୋଲ, ୭।୧୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧକ୍ଷ ଭୁବନେଶ୍ୱର ପୁରୋହିତ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷା ନିରୂପମା ପଟେଲ, ଖପ୍ରାଖୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ବଳଭଦ୍ର ଦାଶ ଯୋଗଦେଇଥିଲେ। ଅଧ୍ୟାପକ ମୁରାରି ପ୍ରସାଦ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରବୀନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ କୃଷକ ସାଥୀ

**ଲୋଇସିଂହା,୭।୧୨(ସୁଶାନ୍ତ ବାରିକ)**

ଲୋଇସିଂହା ବ୍ଲକ ଅଞ୍ଚଳରେ ମିଗଜୋମ୍ ପ୍ରଭାବରେ ବୁଧବାର ଓ ଗୁରୁବାର ଦୁଇଦିନରେ ୨୮ ମିମି ବର୍ଷା ହୋଇଛି। ଖେତରେ ପାଣି ଭରି କଟା ଧାନ ଭିଜି ଯାଇଛି। କୃଷି ଓ ରାଜସ୍ୱ ବିଭାଗ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉଚିତ ସରକାରୀ ସହାୟତା ଯୋଗାଇବା ସହ ଶସ୍ୟବିକ୍ରି ବେଳେ ଚାଷୀ ଯେପରି ଉପଯୁକ୍ତ ମୂଲ୍ୟ ପାଏ ସେ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ। ଅଦିନିଆ ବର୍ଷାରେ ଖରିଫ ଧାନ ସହ ପରିବା ଚାଷ ନଷ୍ଟ ହୋଇଥିବା ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ଅପରପକ୍ଷେ ବୁର୍ଡା ପଞ୍ଚାୟତ କୃଷକ ସାଥୀ ବାଳଗୋପାଳ ସାହୁ ଓ ଯାଦବ ମହାକୁର ବାବନିବାହାଲ, ଭୁଡ୍ରାବାହାଲ,କଟାଁତଳଭାଗ ଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଥିଲେ।

### ୧୦ ଦାଦନ ଶ୍ରମିକ ଉଦ୍ଧାର

**ଲାଠୋର, ୭।୧୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ପିପଲବାହାଲ ଗ୍ରାମର ଏକ ଫାର୍ମ ହାଉସରୁ ବୁଧବାର ରାତିରେ ବାହାର ରାଜ୍ୟକୁ ଚାଲାଣ ପାଇଁ ରଖା ଯାଇଥିବା ୧୦ଜଣ ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି। ଚାଲାଣରେ ସମ୍ପୃକ୍ତ ସର୍ଦ୍ଦାର ସତ୍ୟନାରାୟଣ ଚିରାଗୁଲଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଦଫା ୩୭୦, ୩୭୪, ୪୧୭, ୧୨୦(ବି)୨୫ ଆଇଏସଏମଡବ୍ଲ୍ୟୁ ଆକ୍ଟରେ ଏକ ମାମଲା(୨୦୦/୨୩)ରୁଜ୍ଜୁ ହୋଇଥିବା ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି। ତୁରେକେଲା ଥାନା ଅଧୀନ ଗାଇନ୍ଦିମାଲ ଗ୍ରାମର ସର୍ଦ୍ଦାର ଚିରାଗୁଲ ପିପଲବାହାଲ ଗ୍ରାମର ଏହି ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଫାର୍ମ ହାଉସରେ ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢାଉ କରି ଶ୍ରମିକମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସେମାନଙ୍କ ଘରକୁ ପଠେଇ ଥିଲେ।

## ପଞ୍ଚାୟତ ସମସ୍ୟା ନେଇ ଦାବିପତ୍ର



ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ଦେବାକୁ ଆସିଥିବା ସଂଗଠନର କର୍ମକର୍ତ୍ତା

**ଗୁଡଭେଲା, ୭।୧୨(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ନୂଆପଡା ଗ୍ରାମପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଅବଗତ କରିଛି ପଶ୍ଚିମ ଓଡ଼ିଶା ସେବା ସଂଘ ଓ ବିଭିନ୍ନ ମହିଳା ସଂଗଠନ। ଗୁରୁବାର ନୂଆପଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ସରପଞ୍ଚ କୁଞ୍ଜବିହାରୀ ସାହୁଙ୍କ ସହ ଆଲୋଚନା କରିବା ପରେ ତାଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ନୂଆପଡା ଗ୍ରାମ ପଞ୍ଚାୟତରେ ପିଇବା ପାଣି ସମସ୍ୟା ରହିଛି। ନଳକୂପଗୁଡିକ ଅଚଳ ଅବସ୍ଥାରେ ପଡି ରହିଥିବାରୁ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ମହିଳାମାନଙ୍କୁ ପ୍ରାୟ ଏକ କିଲୋମିଟର ଯାଇ ପିଇବା ପାଣି ସଂଗ୍ରହ କରିବାକୁ ପଡୁଛି। ଅପରପକ୍ଷରେ ନୂଆପଡ଼ା ଗ୍ରାମରେ ପାଇପ ଯୋଗେ ପାଣି ଯୋଗାଇ ଦେବା ବ୍ୟବସ୍ଥା ଅଛି। ହେଲେ ଦାୟିତ୍ୱରେ ଥିବା କର୍ମଚାରୀ ମନଇଛା ଜଳଯୋଗାଣ କରୁଛନ୍ତି। ସକାଳୁ ୨ ଘଣ୍ଟା ଓ ସନ୍ଧ୍ୟାରେ ୨ ଘଣ୍ଟା ନିୟମିତ ଜଳ ଯୋଗାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହା ସହିତ ଗାଁର କେତେକ ଅଞ୍ଚଳରେ ପାଇପ ପାଣି ଆସୁନାହିଁ। ସେହି ସ୍ଥାନଗୁଡିକୁ ତୁରନ୍ତ ଚିହ୍ନଟ କରି ପାଣି ଯୋଗାଇ ଦେବାକୁ ଦାବିପତ୍ରରେ କୁହାଯାଇଛି। ଦାବିଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପଶ୍ଚିମ ଓଡ଼ିଶା ସେବା ସଂଘ ସଭାପତି ରାଜେଶ ବଗର୍ତ୍ତୀ, ଜମ୍ବୋବତି ଥନାପତି, ଗୁଳାପୀ ସେଲମା, କାନ୍ତି ବଗର୍ତ୍ତୀ, ବେଲମତି ସେଲମା, ବିନୋଦିନୀ ସେଲମା, ଡୁଲେଶରୀ ମାନହିର ପ୍ରମୁଖ ଉପସ୍ଥିତ ଥିଲେ।

## ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ମୃତ

**ବେଲପଡା,୭।୧୨(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ କାନୁଟ ହାଇସ୍କୁଲ ନିକଟରେ ଗୁରୁବାର ମଧ୍ୟାହ୍ନରେ ପିକ୍‌ଅପ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ବୁଢ଼ାଭଟା ଗାଁର ହୃଦାନନ୍ଦ ବାଗ(୨୭) ବୋଲି ଜଣାପଡିଛି। ଅଭିଯୋଗ ଅନୁଯାୟୀ ମୃତକ ଓ ତାଙ୍କ ସମ୍ପର୍କୀୟ ଭାଇ ଗୁପ୍ତେଶ୍ୱର ଦୀପ ବାଇକ(ଓଡି-୦୩ଇଉ-୨୨୮୩) ଯୋଗେ କଣ୍ଟାବାଞ୍ଜିରୁ ନିଜ ଘରକୁ ଫେରୁଥିବା ବେଳେ କାନୁଟ ମୁଖ୍ୟରାସ୍ତାର ହାଇସ୍କୁଲ ନିକଟରେ ଏକ ପିକ୍‌ଅପ ଭ୍ୟାନ(ଓଆର୍ ୦୩ ସି୧୫୩୯) ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ବାଇକ ଚାଳକ ହୃଦାନନ୍ଦଙ୍କ ଘଟଣାସ୍ଥଳରେ ମୃତ୍ୟୁଘଟିଥିବା ବେଳେ ଗୁପ୍ତେଶ୍ୱରଙ୍କୁ ଗୁରତର ଅବସ୍ଥାରେ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇ ଥିବା ପିକ୍‌ଅପ ଭ୍ୟାନକୁ ପୋଲିସ ଜବତ କରି ଥାନାକୁ ଆଣିଛି।

## ମୁରିବାହାଲ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ




ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

**ମୁରିବାହାଲ, ୭।୧୨(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ପାଇଁ ଗୁରୁବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ମୁରିବାହାଲ ରାଧକୃଷ୍ଣ ମନ୍ଦିରଠାରୁ ସଂକୀର୍ତ୍ତନ ମଧ୍ୟମରେ ଶୁଭସ୍ତମ୍ଭ ଧରି ନଗର ପରିକ୍ରମା କରି ଧନୁଯାତ୍ରା ପଡିଆକୁ ନିଆଯାଇଥିଲା। ସେଠାରେ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ପୂଜକ ଭାବେ କାଶୀନାଥ ଦାସ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତାଭାବେ ଲକ୍ଷ୍ମୀ ଧରୁଆ ଓ ତାଙ୍କ ଧର୍ମପତ୍ନୀ ଶୁଭକେଶି ଧରୁଆ ଦାୟିତ୍ୱ ନିର୍ବାହ କରିଛନ୍ତି। ଧନୁଯାତ୍ରା ଆସନ୍ତା ୨୮ରୁ ୨ତାରିଖ ପର୍ଯ୍ୟନ୍ତ ମୁରିବାହାଲ ଧନୁଯାତ୍ରା ପଡିଆରେ ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ସଭାପତି ଶ୍ରୀବତ୍ସ ବେହେରା ସୂଚନା ଦେଇଛନ୍ତି। ଶୁଭସ୍ତମ୍ଭ ସ୍ଥାପନ ଅବସରରେ କମିଟିର କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ମହାନ୍ତି, ବିଶ୍ୱବିହାରୀ ଯୋଶୀ, ସୁଦାମ ସାହୁ, ଉପସଭାପତି, ନାରାୟଣ ସାହୁ, ଘନଶ୍ୟାମ ଝାଙ୍କର, ଦିବ୍ୟଲୋଚନ ସାହୁ, ସାଧାରଣ ସମ୍ପାଦକ ତରୁଣ ପୋଢ଼, ସମ୍ପାଦକ ଭାରତ ଦାସ, ପ୍ରେମାନନ୍ଦ ମାଝି, ସଂଯୋଜକ ସୁଧାଂଶୁ ଶେଖର ପୋଢ଼ ଯାଦବ, କୋଷାଧକ୍ଷ ରାମଞ୍ଜନ ପାତ୍ର, ପଦ୍ମଲୋଚନ ସାହୁ, ସଂସ୍କୃତିକ ସମ୍ପାଦକ ରମେଶ ଚନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଓଭରଲୋଡିଂ, ଫାଟିଗଲା ମିନିଟ୍ରକ୍ ଚକ

**ବଲାଙ୍ଗୀର,୭।୧୨(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ସହର ତୁଳସୀନଗର-ସର୍କିଟ ହାଉସ ରାସ୍ତାରେ ଗୁରୁବାର ପୂର୍ବାହ୍ନରେ ଏକ ମିନିଟକ୍ରର ଚକ ଫାଟି ଯାଇଥିଲା। ଚକ ଫାଟି ଯିବାରୁ ଗାଡି ରାସ୍ତାରେ ଭାରସାମ୍ଯ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଆଶଙ୍କ ସୃଷ୍ଟି ହୋଇଥିଲା। କେଉଁ କାରଣରୁ ମିନିଟ୍ରକ୍‌ର ଚକ ଫାଟିଲା ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଗାଡିରେ ଓଭରଲୋଡିଂ ସମସ୍ୟା କାରଣରୁ ଏଭଳି ଅବସ୍ଥା ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ରାସ୍ତା ଉପରେ ବହୁ ଗାଡି ଓଭରଲୋଡିଂ କରି ଯିବା ଆସିବା କଲେ ମଧ୍ୟ ଆଞ୍ଚଳିକ ପରିବହନ ବିଭାଗ କି ଟ୍ରାଫିକ୍ ପୋଲିସ କିଛି ଦୃଷ୍ଟି ହେଉନାହିଁ। ମିନିଟ୍ରକ୍‌ର ଚକ ଫାଟି ଦୁର୍ଘଟଣା ଅବସ୍ଥା ସୃଷ୍ଟି ହେଉଥିଲେ ମଧ୍ୟ ଆରଟିଓ ଓ ପୋଲିସ ବିଭାଗ ଏଦିଗରେ ଧ୍ୟାନ ଦେଉନାହାନ୍ତି। ବଲାଙ୍ଗୀର ସହରର ବ୍ୟସ୍ତବହୁଳ ରାସ୍ତା ଗୁଡିକରେ ଓଭରଲୋଡିଂ ଯାନବାହନ ଯାତାୟାତ କରୁଥିବାରୁ ଦୁର୍ଘଟଣା ଭୟ ଲାଗି ରହୁଛି।

## ଟିଟିଲାଗଡ଼କୁ ଜିଲା, ହଳଦୀକୁ ବ୍ଲକ ମାନ୍ୟତା ଦିଅ

**ମୁରିବାହାଲ,୭।୧୨(ଶ୍ରୀବତ୍ସ ବେହେରା)**

ଟିଟିଲାଗଡ଼କୁ ଜିଲା ମାନ୍ୟତା ଓ ହଳଦୀକୁ ବ୍ଲକ ମାନ୍ୟତା ଦାବିରେ ମୁରିବାହାଲ ବ୍ଲକ ଅଞ୍ଚଳ ରେ ଗୁରୁବାର ବନ୍ଦ ପାଳିତ ହୋଇଯାଇଛି। ବନ୍ଦ ପ୍ରଭାବରେ ହଳଦୀରେ ଥିବା ବ୍ୟାଙ୍କ, ହାଇସ୍କୁଲ ଓ ଦୋକାନ ବଜାର ବନ୍ଦ ରହିଥିଲା। ଆନ୍ଦୋଳନକାରୀ ହଳଦୀ ଛକରେ ଜାତୀୟ ରାଜପଥ ୫୯କୁ ଅବରୋଧ କରିଥିଲେ। ହଳଦୀ ସମିତି ସଭ୍ୟ ଟୁନାମାନୀ ମହାନନ୍ଦଙ୍କଙ୍କ ନେତୃତ୍ୱରେ ଦୀନେଶ କୁମ୍ଭାର, ଚତୁର ମହାନନ୍ଦ, ଉତ୍ତମ ମହାନନ୍ଦ, ରୁକୁ ମହାନନ୍ଦ, ଅଲେଖ ପଶାୟତ, ସାରଥୀ ହାତୀ, ଚନ୍ଦ୍ରମଣି ହାତୀ, ଉପେନ୍ଦ୍ର ଦୀପ, ପପୁ ବାଗ, ପ୍ରସନ୍ନ ମହାକୁର ପ୍ରମୁଖ ସାମିଲ ହୋଇଥିଲେ। ବନ୍ଦର ପ୍ରଭାବ ହଳଦୀରେ ଅନୁଭୂତ ହୋଇଥିବାବେଳେ ମୁରିବାହାଲ ଅଞ୍ଚଳରେ ଅନୁଭୂତ ହୋଇ ନ ଥିଲା।

## ରତାଖଣ୍ଡିରେ ବିଷ୍ଣୁ-ମା' ଲକ୍ଷ୍ମୀଙ୍କ ରଥଯାତ୍ରା

**ଦେଓଗାଁ,୭।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ ରତାଖଣ୍ଡି ଟିକ୍ରିପଡାରେ ଲକ୍ଷ୍ମୀ ନାରାୟଣ ପୂଜା କମିଟି ଆନୁକୂଲରେ ମାଣବସା ପ୍ରଥମ ଗୁରୁବାରଠାରୁ ଲକ୍ଷ୍ମୀ ପୂଜନୋତ୍ସବ ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ବର୍ଷ ମାଣବସା ଦ୍ୱିତୀୟ ଗୁରୁବାର ମା' ଲକ୍ଷ୍ମୀ ଠାକୁରାଣୀଙ୍କ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ । ଚଳିତବର୍ଷ ଏଠାରେ ୧୭ ତମ ବିବାହୋତ୍ସବ ଅବସରରେ ଏହିଦିନ ଶେଷଦେବ ଅର୍ଥାତ ବିଷ୍ଣୁ ଭଗବାନଙ୍କୁ ରଥାରୁଢ଼ କରି ଶ୍ରଦ୍ଧାଳୁମାନେ ଏକ ଭବ୍ୟ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ପରେ ମା' ଲକ୍ଷ୍ମୀ ଓ ବିଷ୍ଣୁ ମହାପ୍ରଭୁଙ୍କ ବିବାହତ୍ସୋବ ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ଧିରେନ୍ଦ୍ର ପଧାନ ଓ ଧର୍ମପତ୍ନୀ ସବିତା ପଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅର୍କେଶ ନାରାୟଣ ସିଂଦେଓ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ସ୍ଥାନୀୟ ସରପଞ୍ଚ ରଞ୍ଜିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ପୂଜା କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରୁଛନ୍ତି ।

## ଜିଲା ଦାବିରେ ୧୨ଘଣ୍ଟା ଟିଟିଲାଗଡ଼ ବନ୍ଦ

**ଟିଟିଲାଗଡ଼, ୭।୧୨(ଶରତ ମିଶ୍ର)**

ଦୀର୍ଘ ୩୨ବର୍ଷର ଟିଟିଲାଗଡ଼ ଜିଲା ଦାବିକୁ ରାଜ୍ୟ ସରକାର ଅଣଦେଖା କରି ଆସୁଛନ୍ତି। ଦାବିକୁ ଅଧିକ ଶାଣିତ କରିବା ପାଇଁ ପୂର୍ବ ନିଷ୍ପତ୍ତି ଅନୁସାରେ ଗୁରୁବାର ଆହୂତ ୧୨ଘଣ୍ଟିଆ ଟିଟିଲାଗଡ଼ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ବନ୍ଦରେ କେବଳ ଜରୁରୀ ସେବାକୁ ବାଦ୍ ଦିଆଯାଇଥିବା ବେଳେ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସକାଳ ୬ଟାରୁ ବନ୍ଦ ପାଳନକାରୀ ସହରର କଚେରୀ ଛକ ସମେତ ବିଭିନ୍ନ ଛକରେ ଧାରଣା, ପ୍ରଦର୍ଶନ କରିଥିଲେ। ଦୀର୍ଘ ୩୨ ବର୍ଷ ଧରି ଟିଟିଲାଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ନେଇ ଜାରି ରହିଥିବା ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି। ବନ୍ଦରେ ସାମିଲ ନେତୃବୃନ୍ଦ ଜିଲା ନହେଲେ ଭୋଟ ବର୍ଜନ କରାଯିବ, କାହାକୁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଦିଆଯିବନି ବୋଲି ଚେତାବନୀ ଦେଇଛନ୍ତି। ପଦ୍ମପୁରକୁ ଜିଲା ଗଠନ



ବାଇକ ରାଲିରେ ବାହାରି ଥିବା ବନ୍ଦ ସମର୍ଥକ।

ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସେଠାରେ ଜିଲାପାଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ଆରଡ଼ିସିସ୍ତରୀୟ ଅଧିକାରୀ ସ୍ଥାନ ନିରୂପଣ କରିସାରିଲେଣି। ହେଲେ ଅନେକବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ଟିଟିଲାଗଡ଼ ଜିଲା ହୋଇପାରି ନାହିଁ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଆନ୍ଦୋଳନରେ ଜିଲା କ୍ରିୟାନୁଷ୍ଠାନ କମିଟି ଯୁଗ୍ମ ଆବାହକ ଆଇନଜୀବୀ ମହେଶ ମହାନ୍ତି, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ଷଡ଼ଙ୍ଗୀ, ଘିନୁ ଆଡ଼ୁଆଡ଼, ତ୍ରିନାଥ ସରାଫ, ରଣଜିତ ପୃଷ୍ଟି, ବୀରେନ୍ଦ୍ର ବାଗ, ବାଳକୃଷ୍ଣ ଷାଣ୍ଡ, ମୁକେଶ ଜୈନ, ମହେନ୍ଦ୍ର ଠାକୁର, ନବୀନ ଜୈନ, ହରିନାରାୟଣ ମିଶ୍ର, ଅଶୋକ ମିଶ୍ର, ବୁଦ୍ଧିଆ ଆଚାର୍ଯ୍ୟ, ସୂର୍ଯ୍ୟ ଚୌଧୁରୀ, ଦେବସିଂ ମାଝି, ଦେବେନ୍ଦ୍ର ଜୈନ, କାହ୍ନା ଦାଶ, ପବିତ୍ର ସାହୁ, ଈଶ୍ୱର ଜୈନ, ଦେବାନନ୍ଦ ସାହୁ, ଟିକେଲାଲ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଟିଟିଲାଗଡ଼ ବିକାଶ ସେନା ସଭାପତି ଅମ୍ଳାନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ ଶୋଭାଯାତ୍ରା ବନ୍ଦ ସମର୍ଥନରେ ସହର ପରିକ୍ରମା କରିଥିଲା। ବନ୍ଦକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ଏସ୍‌ଡିପିଓ ଗୌରାଙ୍ଗ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଟିଟିଲାଗଡ଼ ଥାନା ଆଇଆଇସି ମନୋଜ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଆଇଆରବି ପୋଲିସ ସହରର ବିଭିନ୍ନ ଛକରେ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବରପାଲି, ୭।୧୨(ଚିତ୍ତରଞ୍ଜନ ସାହୁ):** ବରପାଲି ଥାନା ଅନ୍ତର୍ଗତ କୁଶନପୁରୀଠାରେ ଟାଟା ପାୱାରର କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ରାଜେଶ ସେଠ(୧୯)। ସେ ଭେଡେନ ଥାନା ଅନ୍ତର୍ଗତ ବକଟି କୁଶନପୁରୀ ଖାଲିଆଟିକ୍ରାର ହୋଇଥିବା ଜଣାପଡିଛି। ୮ଜଣ କର୍ମଚାରୀ କାମ କରୁଥିବାବେଳେ ରାଜେଶ ଏକ ଟ୍ରାନ୍ସଫର୍ମରରେ କାମ କରୁଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛିଟିକି ପଡ଼ିଥିଲେ। ତାଙ୍କ ସହିତ କାମ କରୁଥିବା ବ୍ୟକ୍ତିମାନେ ଉଦ୍ଧାର କରି ବାଇକ୍ ଯୋଗେ ବରପାଲି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାଜେଶଙ୍କ ପିତା ମକାରୁ ସେଠଙ୍କୁ ଖବର ଦେବାରୁ ସେ ରାୟପୁରଠାରେ ରହୁଥିବାରୁ ନିଜ ସମ୍ପର୍କୀୟ ଲୋକଙ୍କୁ ଡାକ୍ତରଖାନାକୁ ପଠାଇଥିଲେ। ବରପାଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୋଲିସକୁ ଖବର ଦିଆଯିବା ପରେ ପୋଲିସ ଆସି ଏହାର ତଦନ୍ତ କରିଛି। ପୋଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା।

### ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବାକୁ ଦାବି

**ପଦ୍ମପୁର, ୭।୧୨ (ପ୍ରଦୀପ୍ତ ଦାଶ):** ପଦ୍ମପୁର ବିଦ୍ୟୁତ୍ ବିଭାଗ ଅଧିନ ବାଦିକଟା ଗ୍ରାମ ପଞ୍ଚାୟତ ସାପଲହର ଗ୍ରାମର ସମଲାଇପୁର ପଡାରେ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ବିଦ୍ୟୁତ୍ କର୍ମଚାରୀଙ୍କୁ ସମଲାଇପୁର ପଡାବାସୀ ଧ୍ୟାନ ଦେବାକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ସାପଲହର ସମଲାଇ ଯୁବକ ସଂଘ ସଭାପତି ଉତ୍କଳ ପଟେଲଙ୍କ ସମେତ ପଡାବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳି ପାରୁନାହିଁ ବୋଲି ସେମାନେ କହିଛନ୍ତି। ବିଭାଗୀୟ ଏସ୍‌ଡିଓ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### ଗାନ୍ଧିଛକରେ କୋଶଲ କ୍ରାନ୍ତୀ ସେନାର ଅନଶନ

**ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ହେଉ**

ବରଗଡ଼,୭।୧୨(ପ୍ରେମାନନ୍ଦ ଖମାରୀ)– ବରଗଡ଼ରେ ଆସନ୍ତା ୨୦୨୪ ଜାନୁୟାରୀ ୧୫ରୁ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। ତେବେ ଏଥର ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ ଭାଷାରେ କରିବାକୁ ଦାବି ଜୋର୍ ଧରିଛି। ଏହି କ୍ରମରେ ଗୁରୁବାରରୁ କୋଶଲ କ୍ରାନ୍ତୀ ସେନା ପକ୍ଷରୁ ବରଗଡ଼ ଗାନ୍ଧିଛକରେ ଅନଶନ ଆରମ୍ଭ ହୋଇଛି। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ଧରି ଗାନ୍ଧିଛକକୁ ଆସି କୋଶଲ କ୍ରାନ୍ତୀ ସେନାର ମୁଖ୍ୟ ସୁଶାନ୍ତ ମିଶ୍ର, ସଦସ୍ୟ ଧରଣୀଧର ରୋହିଦାସ, ନାଗାର୍ଜୁନ କମ୍ପ, ଡୋଲାମଣି ମହାପାତ୍ର, ଅଭିଷେକ ନାୟକ ଅନଶନରେ ବସିଛନ୍ତି। ସଂକଳ୍ପ ପରିବାର, ଜନ କଲ୍ୟାଣ ସେବା ଟ୍ରଷ୍ଟ, କୋଶଲ ଝଟକା, ଅଭିଭାବକ ମହାସଂଘ, କୃଷକ ସଙ୍ଗଠନ, ବରିଷ୍ଠ ନାଗରିକ ସଂଘର ପ୍ରତିନିଧିମାନେ ଅନଶନସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଥିଲେ। ଅନଶନରେ କୋଶଲ କ୍ରାନ୍ତୀ ସେନାର ଅନ୍ୟ ସଦସ୍ୟଙ୍କ ସମେତ ବିଭିନ୍ନ କୋଶଲବାଦୀ ସଙ୍ଗଠନର ପ୍ରତିନିଧିମାନେ ସାମିଲ ହୋଇଛନ୍ତି। ଧନୁଯାତ୍ରା ମହୋତ୍ସବ ସମିତି କିମ୍ବା ଜିଲା ପ୍ରଶାସନ ପକ୍ଷରୁ ରାତି ୮ଟା ସୁଦ୍ଧା ଅନଶନସ୍ଥଳକୁ କେହି ପହଞ୍ଚି ନ ଥିବାବେଳେ ଅନଶନ ଜାରି ରହିଥିବା ସୂଚନା ମିଳିଛି ।

# କ୍ଷେତରେ ଜମିଛି ବର୍ଷାପାଣି

**ପଦ୍ମପୁର, ୭।୧୨(ପ୍ରଦୀପ୍ତ ଦାଶ)**

- ପବନ ଯୋଗୁଁ ଶୋଇପଡିଛି ଧାନଗଛ
- କୋହଲା ପାଗ ଜାରି ରହିଲେ ପରିବା ଫସଲ ନଷ୍ଟ ଆଶଙ୍କା
- ଶହଶହ ବସ୍ତା ଧାନ ଖଳାରେ ପଡିଛି

ଅଦିନିଆ ବର୍ଷା ତଥା କୋହଲା ପାଗ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳର ଚାଷୀଙ୍କ ନିଦ ହଜାଇ ଦେଇଛି। ସୋମବାର ରାତିଠାରୁ ଅଞ୍ଚଳରେ ଝିପିଝିପି ବର୍ଷା ସାଙ୍ଗକୁ ପବନ ଯୋଗୁ କ୍ଷେତରେ ଲହଡି ମାରୁଥିବା ଧାନ ଫସଲ ଶୋଇପଡିଛି। ଧାନ ଉପରେ ବର୍ଷା ପାଣି ଲହଡି ମାରୁଛି। ସେହିପରି କୋବି, ବାଇଗଣ, ଟମାଟୋ ସମେତ ଅନ୍ୟ ପରିବା ଚାଷ ଏହି ବର୍ଷାରେ ପ୍ରଭାବିତ ହେବା ଦେଖାଦେଇଛି। ପାଗ ଯଦି ଆଗକୁ କୋହଲା ରଖେ ପରିବା ଫସଲ ନଷ୍ଟ ହେବ ବୋଲି ଚାଷୀମାନେ କହିଛନ୍ତି। ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ ବୁଧବାର ଉପଖଣ୍ଡର ପଦ୍ମପୁର ବ୍ଲକରେ ୧୪ ମି.ମି., ବିଜେପୁର ବ୍ଲକରେ ୩୦ ମି.ମି, ଗାଇସିଲେଟ ବ୍ଲକରେ ୯ ମିମି, ସୋହେଲା ବ୍ଲକରେ ୪୪ ମି.ମି., ପାଇକମାଲ ବ୍ଲକରେ ୨୨ ମି.ମି. ଓ ଝାରବନ୍ଧ ବ୍ଲକରେ ୩୧ ମି.ମି. ବର୍ଷା ହୋଇଥିବା ରେକର୍ଡ ହୋଇଛି। ପଦ୍ମପୁର ବ୍ଲକ ବୁଧାପାଲି ଗ୍ରାମର ଲୋକନାଥ ପଟେଲ, ଲମ୍ବର ଜୁନା ଗ୍ରାମର ଶିବ କମନିଆଁ ଭଳି ଅନେକ ଚାଷୀଙ୍କ ପେଟା ଧାନ କ୍ଷେତରେ ପଡିଛି। ସେହିପରି ଟୋକନ ସମସ୍ୟା ଯୋଗୁଁ ଅନେକ ଚାଷୀଙ୍କ ଶହଶହ ବସ୍ତା ଧାନ ଖଳାମାନଙ୍କରେ ପଡିଛି। ସେମାନେ ତାରପୋଲିନ ଢାଙ୍କି ଧାନକୁ ରଖିବା ପାଇଁ ଚେଷ୍ଟା କରିଛନ୍ତି। ମାତ୍ର ଧାନର ମାନ ନଷ୍ଟ ହେବା ଚିନ୍ତାରେ ଅଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ଗ୍ରହଣ କରି କ୍ଷୟକ୍ଷତିର ନିର୍ଭୁଲ ଆକଳନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।



ପାଚିଲା ଧାନରେ ବର୍ଷା ପାଣି ଲହଡି ମାରୁଛି।

## ଫସଲ କ୍ଷୟକ୍ଷତି ଆକଳନ ପାଇଁ ତହସିଲଦାରଙ୍କୁ ଚାଷୀଙ୍କ ଦାବିପତ୍ର



ତିଲେଇମାଲର ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

**ବରପାଲି, ୭।୧୨(ଚିତ୍ତରଞ୍ଜନ ସାହୁ)**

ଗତ ଦୁଇ ଦିନ ହେଲା ଲଘୁଚାପଜନିତ ବର୍ଷା ଯୋଗୁ ବରଗଡ଼ ଜିଲା ବରପାଲି ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। ବିଲରେ ଧାନ କଟା ହୋଇ ପଡ଼ିଛି ତ କେଉଁଠି ଅମଳ ହୋଇ ଖଳାରେ ପଡିଛି। ଅପରପକ୍ଷରେ ଅମଳ ସରିଥିଲେ ବି ଟୋକନ ଧାର୍ଯ୍ୟ ସମୟ ହୋଇ ନ ଥିବାରୁ ମଣ୍ଡିରେ ଧାନ ବିକି ପାରୁ ନାହାନ୍ତି ଚାଷୀ। ଏହି ପରିସ୍ଥିତିରେ ବର୍ଷା ଦାଉ ସାଜିଛି। ଚାଷୀମାନେ କ୍ଷୟକ୍ଷତିର ଠିକ୍ ଆକଳନ କରି ରିପୋର୍ଟ ପ୍ରଦାନ, ଇନପୁଟ ସବ୍‌ସିଡି ଦାବି କରିଛନ୍ତି। ଏହି ଦାବିନେଇ ଗୁରୁବାର ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଟିକାୟତ ମହନ୍ତଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଉପସଭାପତି ବିରୋସନ ସାହୁଙ୍କ ନେତୃତ୍ୱରେ ତିଲେଇମାଲର ବହୁ ଚାଷୀ ତହସିଲଦାରଙ୍କୁ ସାକ୍ଷାତ କରି ଅନୁରୂପ ଦାବିପତ୍ର ପ୍ରଦାନ କରିଛନ୍ତି।

## ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି

**ସରଣ୍ଡା,୭।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ବର୍ଷା ଲାଗି ରହିଛି। ଫଳରେ ଚାଷ ଓ ଚାଷୀ ଦୁର୍ଦ୍ଦଶା ସମ୍ମୁଖୀନ ହୋଇଛନ୍ତି। ଅତାବିରା ବ୍ଲକ ଅଞ୍ଚଳରେ ୭୦ ରୁ ୮୦ ପ୍ରତିଶତ ଧାନ ଅମଳ ହୋଇଥିଲେ ବି ବିକ୍ରି ହୋଇ ନ ପାରି ଏବେ ବି କିଛି ମଣ୍ଡିରେ ତ ଆଉ କେତେ ଖଳା ବା କ୍ଷେତ ଏବଂ ଶୁଖାଇବା ପାଇଁ ରାସ୍ତାକଡ଼ରେ ପଡ଼ିରହିଛି। ଆଉ ୩୦ ପ୍ରତିଶତ ଧାନ କ୍ଷେତରେ ପେଟା ଓ ଅମଳ ଅପେକ୍ଷାରେ ପଡ଼ି ରହିଛି । ମଙ୍ଗଳବାର ସନ୍ଧ୍ୟାରୁ ଲଗାଣ ବର୍ଷା ପବନ ଯୋଗୁ ଧାନ ଏବେ ଗଜା ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ସ୍ଥଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି ଉଠିଛି। ଗୁରୁବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଅତାବିରା ଅଗ୍ରସେନ ଭବନଠାରେ ଖବରଦାତା ସମ୍ମିଳନୀ କରି କ୍ଷତିପୂରଣ ପାଇଁ ଦାବି କରାଯାଇଛି। ବିଭାଗ ପକ୍ଷରୁ ମିଳିତଭାବେ କ୍ଷୟକ୍ଷତିର ଆକଳନ କରି ସମ୍ପୃକ୍ତ ଚାଷୀଙ୍କୁ ବୀମା ଓ ସବସିଡି ପ୍ରଦାନ କରିବା, ଅଦିନିଆ ବର୍ଷାରେ ଭିଜିଯାଇଥିବା ଚାଷୀଙ୍କ ଧାନକୁ ବିକ୍ରିରେ ଥିବା ନିୟମର କୋହଲ କରି ଯଥାଶୀଘ୍ର କିଣି ନେବାକୁ ଖବରଦାତା ସମ୍ମିଳନୀ ମଧ୍ୟରେ ସରକାରଙ୍କୁ ଦାବି କରାଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ ନ କଲେ ଜିଲାରେ ସଙ୍ଗଠନ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସଭାପତି ବୀରେନ୍ଦ୍ର କର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁରେଶ କର୍ଣ୍ଣ, ବୁଦ୍ଧଦେବ ନନ୍ଦ, ସଂକ୍ରାନ୍ତି ବାବୁ, ସମୀର ପ୍ରଧାନ, ଅମୂଲ୍ୟ ସ୍ୱାଇଁ, ଭୁବନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ଏହି ପ୍ରତିନିଧି ଦଳ ଅତାବିରା ତହସିଲଦାର ବ୍ରଜକିଶୋର ସାହୁଙ୍କୁ ସାକ୍ଷାତ କରି ଚାଷୀଙ୍କ ବାତ୍ୟାଜନିତ ବର୍ଷାରେ କ୍ଷୟକ୍ଷତି ନେଇ ଆଲୋଚନା କରିଥିଲେ। ଶେଷରେ ତହସିଲଦାର ବ୍ରଜକିଶୋର ସାହୁ ନିଜେ କ୍ଷେତ୍ର ପରିଦର୍ଶନ କରିଥିଲେ।

## ଜୈବ ବିବିଧତା ପରିଚାଳନା ସମିତିର ଦକ୍ଷତା ବୃଦ୍ଧି କର୍ମଶାଳା

**ପାଇକମାଲ, ୭।୧୨(ବଡ ଶତପଥି)**

ବରଗଡ଼ ଜିଲା ନୃସିଂହନାଥ ଆଇଓସିଲ ଯାତ୍ରୀନିବାସ ପରିସରରେ ଗୁରୁବାର ଗନ୍ଧମାର୍ଦ୍ଦନ ପାହାଡ଼କୁ ନେଇ ହୋଇଥିବା ଜୈବବିବିଧତା ପରିଚାଳନା ସମିତିର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଉପରେ ଏକ କର୍ମଶାଳା ହୋଇଯାଇଛି। ଓଡ଼ିଶା ଜୈବବିବିଧତା ବୋର୍ଡ ଭୁବନେଶ୍ୱର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏବଂ ଜିଲା ଜଙ୍ଗଲ ସୁରକ୍ଷା ଓ ପରିଚାଳନା ଫୋରମ ବଲାଙ୍ଗୀରର ସହଯୋଗରେ ବରଗଡ଼ ଜିଲାର ସମସ୍ତ ପଞ୍ଚାୟତସ୍ତରୀୟ ସମିତିର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ସହକାରୀ ବନ ସଂରକ୍ଷଣ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ବୈଜ୍ଞାନିକ ଡକ୍ଟର ପ୍ରସାଦ କୁମାର ଦାସ, ସତ୍ୟରଞ୍ଜନ ବେହେରା, ଶୁଭ୍ରାଂଶୁ ନାୟକ ଯୋଗ ଦେଇ ଜୈବ ବିବିଧତା ଉପରେ ଗନ୍ଧମାର୍ଦ୍ଦନ ପର୍ବତରେ କି କି ପ୍ରକାର ଜୀବଜନ୍ତୁ ଓ କିକି ପ୍ରକାରର ଔଷଧୀୟ ଗୁଳ୍ମରାଜୀ ରହିଛି ସେ ନେଇ ବିଷଦ ଭାବରେ ଆଲୋକପାତ କରିଥିଲେ। ଜିଲା ଜଙ୍ଗଲ ସୁରକ୍ଷା ଓ ପରିଚାଳନା ଫୋରମ ଆବାହକ କୁଳମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରକୃତିବନ୍ଧୁ ବିଭୂତି ମୁଣ୍ଡ, ବଡଶତପଥୀ, ବଇଦ ବିଜାରୁ ଧାରୁଆ, ଆଦିକନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜସ୍ୱ ମତବ୍ୟକ୍ତ କରିଥିଲେ। ପ୍ରକୃତିବନ୍ଧୁ ଧିରେନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଗନ୍ଧମାର୍ଦ୍ଦନ ପାହାଡ଼କୁ ନେଇ ହୋଇଥିବା ଏହି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଗନ୍ଧମାର୍ଦ୍ଦନର ସୁରକ୍ଷା ସହ ଜୀବଜନ୍ତୁ ଶରୀସୃପ, ବୃକ୍ଷଲତା, ବନୌଷଧିର ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏହି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ୧୦ଟି ଗ୍ରାମର ଜୈବ ବିବିଧତା ପରିଚାଳନା ସମିତିର ସଦସ୍ୟଗଣ ଯୋଗଦାନ କରିଥିଲେ।

## ଯୁବ ବିକାଶ କାର୍ଯ୍ୟକ୍ରମ ତରଫରୁ ସ୍ୱଚ୍ଛତା ଅଭିଯାନ

**ବରପାଲି, ୭।୧୨(ଚିତ୍ତରଞ୍ଜନ ସାହୁ)**

ବରପାଲି ମହାବିଦ୍ୟାଳୟ ନୂଆ ଓ ଯୁବ ବିକାଶ କାର୍ଯ୍ୟକ୍ରମ ୨୦୨୩ ତରଫରୁ ସ୍ୱଚ୍ଛତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଅଧ୍ୟକ୍ଷା ଜୟନ୍ତୀ ଦାଶ ଓ ଯୁକ୍ତ ତିନି ନୋଡାଲ ଅଫିସର୍ ପ୍ରାଧ୍ୟାପକ ସୁଶୀଲ କୁମାର ଶତପଥୀ ଓ ଯୁକ୍ତ ଦୁଇ ନୋଡାଲ ଅଫିସର୍ ପ୍ରାଧ୍ୟାପିକା ମମତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ଓ ଡ. ଭଗବାନ ମହାନନ୍ଦ(ଯୁକ୍ତ ଦୁଇ) ଏବଂ ଅଧ୍ୟାପକ ଅଲେଖ ମହାନନ୍ଦ ଓ ଅଧ୍ୟାପିକା ନତାସା ସିକନ୍ଦରଙ୍କ (ଯୁକ୍ତ ତିନି) ସଂଯୋଜନାରେ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ପ୍ରଥମେ ଶ୍ୟାମା ଛକ, ଗାନ୍ଧୀ ଛକ ଦେଇ ସୁବଳ ସାହୁ ଶିଶୁ ଉଦ୍ୟାନରେ ପହଞ୍ଚିଥିଲା। ସେଠାରେ ବରିଷ୍ଠ ସମାଜସେବୀ ଟିକାଏତ ମହନ୍ତ ଓ ନଗରପାଳ ଦିନେଶ କୁମାର ଗହୀର ତଥା ଅଧ୍ୟକ୍ଷା ଜୟନ୍ତୀ ଦାଶ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ସଫେଇ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଶିଶୁ ଉଦ୍ୟାନର ସଫେଇ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସାମିଲ ଥିଲେ।




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ଅଧ୍ୟାପିକା, ଅଧ୍ୟାପକ ଛାତ୍ରୀଛାତ୍ର।

## ମୋବାଇଲ ଚୋରି ଘଟଣାରେ ୫ ଗିରଫ

**ବରଗଡ଼, ୭।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ମୋବାଇଲ ଚୋରି ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ୱାର୍ଡ଼ ନଂ.୯ ନିବାସୀ ନିଳମଣି ଓରଫ ସମୀର ହରିପାଲ, ଆଦର୍ଶ କୁମ୍ଭାର, ୱାର୍ଡ଼ ନଂ.୧୬ ନିବାସୀ ଦେବାଶିଷ ବାଗ, ଘୁଲିପାଲି ନିବାସୀ ମାନସ ପ୍ରଧାନ ଏବଂ ଭଟଲି ରୋଡ୍ ଓଭରବ୍ରିଜ ନିବାସୀ କାର୍ତ୍ତିକ ସମୱନି। ସେମାନଙ୍କ ପାଖରୁ ୨୫ଟି ମୋବାଇଲ ଏବଂ ଏକ ସ୍କୁଟି ନଂ.ଓଡ଼ି୧୭ଏକ୍ସ ୩୦୬୧ ଜବତ ହୋଇଛି। ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡରେ ଗିରଫ ଅଭିଯୁକ୍ତମାନେ ମୋବାଇଲ ଲୁଟ୍ କରିଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା(ନଂ.୬୯୨/୨୦୨୩) ରୁଜୁ କରି ତଦନ୍ତ କରିଥିଲା । ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

## ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ବୌଦ୍ଧର ଅଭିଷେକ ସିଂ




କୋଣାର୍କଠାରେ ବୌଦ୍ଧର ଅଭିଷେକ ସିଂଙ୍କ ବାଲୁକା କଳା ।

**ବୌଦ୍ଧ,୭।୧୨( ଅଜିତ କୁମାର ବାରିକ)**

କୋଣାର୍କ ଠାରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ସହର ବାବୁସାହିର ଅଭିଷେକ ସିଂ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରାୟ ୭ଟି ଦେଶର ପ୍ରାୟ ୧୪୫ ଜଣ ବାଲୁକା ଶିଳ୍ପୀ ଭାଗ ନେଇଥିଲେ । ସେ ପ୍ରଥମ ଦିନ କୋଣାର୍କ ମନ୍ଦିର, ଦ୍ୱିତୀୟ ଦିନରେ ଜୈବ ପର୍ଯ୍ୟଟନ, ତୃତୀୟ ଦିନରେ ମହିଳା ସଶକ୍ତୀକରଣ, ଚତୁର୍ଥ ଦିନରେ ଜଳବାୟୁ ପରିବର୍ତ୍ତନ ଓ ପଞ୍ଚମ ଦିନରେ ପାତାଳୀ ଶ୍ରୀକ୍ଷେତ୍ର ଉପରେ ବାଲୁକା କଳା ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ ।

## ଆଜିଠାରୁ କୁଚ୍ ବିହାର ଟ୍ରଫି କ୍ରିକେଟ୍

**ବରଗଡ଼,୭।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ୧୧ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଏବଂ ହାଇଦ୍ରାବାଦ ମଧ୍ୟରେ ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ସ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। କୁଚ୍ ବିହାର ଟ୍ରଫି ପାଇଁ ୨ଦିନ ତଳୁ ଓଡ଼ିଶା ଏବଂ ହାଇଦ୍ରାବାଦ ଟିମ୍ ଏଠାକୁ ପହଞ୍ଚି ୨ପୃଥକ ହୋଟେଲରେ ଅବସ୍ଥାନ କରୁଛନ୍ତି। ମ୍ୟାଚ ଅଫିସିଆଲମାନଙ୍କ ରହଣି ପାଇଁ ଅନ୍ୟ ଏକ ହୋଟେଲରେ ବ୍ୟବସ୍ଥା କରାଯାଇଛି। ଏହି ମ୍ୟାଚ ପାଇଁ ବିସିସିଆଇ ପକ୍ଷରୁ ଅମିତ ଶର୍ମା ମ୍ୟାଚ ରେଫେରୀ ନିଯୁକ୍ତ ହୋଇଛନ୍ତି। ସେହିପରି ପ୍ରେମଦୀପ ଚାଟାର୍ଜୀ, ରବି ଶଙ୍କର ଅମ୍ପାୟାର ଏବଂ ପରମବୀର ସିଂ ଅନଲାଇନ ସ୍କୋରର ଦାୟିତ୍ୱ ତୁଲାଇବେ। ଉକ୍ତ ମ୍ୟାଚ ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଖବରଦାତା ସମ୍ମିଳନୀରେ ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, କ୍ରୀଷ୍ଣା ବିକାଶର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା, ଜିଲା କ୍ରିକେଟ ଆସୋସିଏଶନର ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର ପ୍ରତିନିଧିବୃନ୍ଦ।

# କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଚାଷୀମାନଙ୍କ ଫେରାଦ

**ବର୍ଷାରେ ଉଜୁଡ଼ିଲା ଧାନ**

**ବରଗଡ଼,୭।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ବର୍ତ୍ତମାନ ଖରିଫ ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଅନ୍ୟପଟେ ଗତ ୩ଦିନ ହେଲା ଅଦିନିଆଁ ବର୍ଷା ଲାଗି ରହିଛି। ଏଥିରେ ଚାଷୀଙ୍କ ଅମଳ ଧାନ ଯଥେଷ୍ଟ ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି। ଏହି କ୍ରମରେ ଗୁରୁବାର ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ସୋହେଲା, ସରଲା ଆଦି ଗ୍ରାମର ଅନେକ ଚାଷୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କୁ ଭେଟି ସେମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ। କ୍ଷୟକ୍ଷତିର ଉପଯୁକ୍ତ ଆକଳନ କରି ଫସଲବୀମା କ୍ଷତିପୂରଣ, ଇନପୁଟ୍ ସବସିଡ଼ି ପ୍ରଦାନ ସହିତ ବିନା କଟନୀଛଟନୀରେ ସମସ୍ତ ଅମଳ ଧାନ କିଣିବାକୁ ଚାଷୀମାନେ ଦାବି କରିଛନ୍ତି। ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ଲୁହା କହିଥିଲେ।

ପ୍ରକାଶ ଯେ, ମଙ୍ଗଳବାରରୁ ଜିଲାରେ ଅଦିନିଆ ବର୍ଷା ଲାଗି ରହିଛି। ଧାନ ଅମଳ ସମୟରେ ବର୍ଷାଯୋଗୁ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି । ଗୋଟିଏ ପଟେ ଟୋକନ କଟକଣା ଯୋଗୁ ଧାନବିକ୍ରିରେ ବିଳମ୍ବ ଏବଂ ଅନ୍ୟପଟେ ଏଭଳି ଅଦିନିଆଁ ବର୍ଷା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚାଷୀମାନେ ଧାନ ଅମଳ କରିସାରି ଥିଲେ ସୁଦ୍ଧା ଟୋକନ କଟକଣା ଯୋଗୁ ତାକୁ ଖଳାରେ ଗଦା କରି ରଖିଛନ୍ତି। ସେହିପରି କ୍ଷେତରେ କଟା ହୋଇଥିବା ଧାନ ପଡ଼ି ରହିଛି। କେତେକ ସ୍ଥାନରେ ଧାନରୁ ଗଜା ବାହାରି ଥିବାବେଳେ ଆଉ କେତେକାଂଶରେ ଧାନ ପଚିବାକୁ ବସିଛି।

ଚାଷୀଙ୍କ ଅମଳ ସମସ୍ତ ଧାନ ସରକାରୀ ସହାୟକ ମୂଲ୍ୟରେ କିଣିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଦାବି ଜୋର୍ ଧରିଛି। ଦାବି ପୂରଣ ନ ହେଲେ ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି । ଜୟ କିଷାନ ଆନ୍ଦୋଳନର ସଭାପତି ସୁଶିଲ ସାହୁ, ସମ୍ପାଦକ ହର ବଣିଆଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଅଫିସକୁ ଆସିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା କ୍ଷତିଗ୍ରସ୍ତ ଚାଷୀବୃନ୍ଦ ।

## ସଂକ୍ଷେପରେ

### ଆର୍‌ଜିଏଚ୍ ପରିସରରୁ ସ୍କୁଟି ଚୋରି ଘଟଣାରେ ୨ ଗିରଫ

ରାଉରକେଲା, ୭।୧୨(ସଙ୍ଗୀତା ଜେନା): ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ସେକ୍ଟର-୧୮ ଅଞ୍ଚଳର ପ୍ରଶାନ୍ତ ଦାସ ନିଜ ପିତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବାକୁ ଆସି ସ୍କୁଟି ନଂ. ଓଡ଼ି୧୪ଜି ୮୮୭୭କୁ ରଖିଥିଲେ। ପେଡ୍ ପାର୍କିଂରେ ଗାଡ଼ି ଥିବା ଯୋଗୁ ଟିକେଟ୍ ନେଇଥିଲେ। ହେଲେ ମେଡ଼ିକାଲ ଯାଞ୍ଚ ପରେ ସ୍କୁଟି ନ ଥିବା ଦେଖି ଖୋଜାଖୋଜି କରିଥିଲେ। ଏ ନେଇ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ୨ଜଣଙ୍କୁ ଗୁରୁବାର ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବେଣୁଧର ସତନାମୀ ଓ ଆଦିତ୍ୟ ସାହୁ। ପୋଲିସ ଏକ ମାମଲା (ନଂ. ୪୪୭/୨୩) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

### କଳିଙ୍ଗବିହାର ହନୁମାନ ମନ୍ଦିର ନିକଟରୁ କ୍ୟାବିନ୍ ଚୋରି

ରାଉରକେଲା, ୭।୧୨(ସଙ୍ଗୀତା ଜେନା): ଛେଣ୍ଡ ଥାନା ଅନ୍ତର୍ଗତ କଳିଙ୍ଗବିହାର ହନୁମାନ ମନ୍ଦିର ନିକଟରେ ଥିବା ଏକ ଫାଷ୍ଟଫୁଡ୍ କ୍ୟାବିନ୍ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଥାନାରେ ଏତଲା ହୋଇଛି। ଅଭିଯୋଗକାରୀ ସନ୍ତୋଷ ମହାରଣାଙ୍କ ସୂଚନା ଅନୁସାରେ, ସେ ଚିକିତ୍ସିତ ହେବାକୁ ରାଉରକେଲାରୁ ନଭେମ୍ବର ୧୧ ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଅନ୍ୟତ୍ର ଯାଇଥିଲେ। ୬ ତାରିଖ ସହରକୁ ଆସିବା ପରେ ତାଙ୍କ କ୍ୟାବିନ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏଥିରେ ରୋଷେଇ ଉପକରଣ, ଗ୍ୟାସ ସିଲିଣ୍ଡର ଆଦି ଥିବା ମହାରଣା ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା (ନଂ.୧୮୯/୨୩) ରୁଜୁ କରି ତଦନ୍ତ କରୁଛି।

### ଘର ସମ୍ମୁଖରୁ ବାଇକ୍ ଚୋରି, ଥାନାରେ ଏତଲା

ରାଉରକେଲା, ୭।୧୨(ସଙ୍ଗୀତା ଜେନା): ଉଦିତନଗର ଥାନା ଅନ୍ତର୍ଗତ ବିଶ୍ରା ଡାହାର ପଣ୍ଡାକଲୋନୀରୁ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ବାଇକ ଚୋରି ହୋଇଛି। ଏ ନେଇ ସେ ଥାନାରେ ଏତଲା କରିଛନ୍ତି। ସୂଚନାଯୋଗ୍ୟ, ପଣ୍ଡାକଲୋନୀରେ ରହୁଥିବା ରୋଷନ ସୋନୀ ମଙ୍ଗଳବାର ରାତିରେ ଘର ସମ୍ମୁଖରେ ବାଇକ ନଂ. ଓଡ଼ି୧୪ଟି ୯୨୨୮ ରଖିଥିଲେ। ହେଲେ କେହି ଦୁର୍ବୃତ୍ତ ଏହାକୁ ଚୋରି କରିନେଇଥିଲା। ଥାନାରେ ଏତଲା ହେବା ପରେ ପୋଲିସ ଏକ ମାମଲା (ନଂ. ୪୦୩/୨୩) ରୁଜୁ କରି ତଦନ୍ତ କରୁଛି।

### ଫାଶ ଲଗାଇ ମହିଳା ମୃତ

ରାଉରକେଲା,୭।୧୨(ଦିନେଶ ମିଶ୍ର): ଜଲଦାଫାଣ୍ଡି ଅନ୍ତର୍ଗତ ଦେଓଗାଁ ଗଞ୍ଜାମପଡା ବସ୍ତିରେ ବାସ କରୁଥିବା ଜଣେ ମହିଳା ବେକରେ ଫାଶି ଲଗାଇ ଗୁରୁବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ ସୁଦିପା ପଣ୍ଡା(୨୩)। ଗଞ୍ଜାମପଡା ବସ୍ତିରେ ସୁଦିପା ପରିବାର ସହ ବାସ କରନ୍ତି। ସେ ଉଦିତନଗରସ୍ଥିତ ଜେପି ମେଡିସିନ୍ ଦୋକାନରେ କାମ କରି ନିଜର ପରିବାର ଭରଣପୋଷଣ କରୁଥିଲେ। ଗତ ୩ ଦିନ ଧରି କୌଣସି ସମସ୍ୟାକୁ ନେଇ ଦୋକାନ ଆସି ନ ଥିଲେ। ଗୁରୁବାର ସନ୍ଧ୍ୟାରେ ଘରେ କେହି ନ ଥିବାବେଳେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଦୃଶ୍ୟ ସ୍ୱାମୀ ଉଜଲ ଦେଖି ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସାଲାଗି ଆର୍‌ଜିଏଚରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ: ବସ୍ତିରେ ପଶିଲା ପାଣି

## ଧସିଗଲା ମାଟିଘର, ଭାଙ୍ଗିଲା ଗଛ

ରାଉରକେଲା,୭।୧୨(ଦିନେଶ ମିଶ୍ର)


ରାଉରକେଲାରେ ଏକ ରାସ୍ତାରେ ପାଣି ଜମି ରହିଛି।


ଜେଲ ରୋଡ ରାସ୍ତାକଡରେ କେତେକ ଗଛ ଭାଙ୍ଗି ଯାଇଛି।

ବଙ୍ଗୋପସାଗରରେ ଆସିଥିବା ସାମୁଦ୍ରିକ ବ୍ୟାତ୍ୟା 'ମିଗ୍‌ଜୋମ୍'ର ପ୍ରଭାବ ଷ୍ଟିଲସିଟି ରାଉରକେଲାରେ ଦେଖିବାକୁ ମିଳିଛି। ସହରରେ ମଙ୍ଗଳବାର ସନ୍ଧ୍ୟାଠାରୁ ଝିପିଝିପି ବର୍ଷା ଜାରି ରହିଥିବାବେଳେ ଆଜିକୁ ଦୁଇଦିନ ଧରି ଏହି ବର୍ଷାର ପ୍ରଭାବ ସହରରେ ଦେଖିବାକୁ ମିଳିଛି। ବର୍ଷାଯୋଗୁ ବିଭିନ୍ନ ରାସ୍ତାଘାଟ ଶୁନଶାନ୍ ହୋଇ ପଡିଥିବାବେଳେ ପାଗ ସମ୍ପୂର୍ଣ୍ଣ କୋହଲା ସାଙ୍ଗକୁ ଥଣ୍ଡା ପବନ ଜାରି ରହିଛି। ଅତି ଜରୁରୀ କାମ ନ ଥିଲେ ଲୋକେ ବାହାରକୁ ବାହାରୁ ନ ଥିବା ଜଣାପଡିଛି। ବର୍ଷା ଯୋଗୁ ରାଉରକେଲା ସହରରେ ଥିବା ବିଭିନ୍ନ ବସ୍ତିରେ ପାଣି ପଶିଛି। ଜାମିଆ କଲୋନୀ, ଜଗନ୍ନାଥ କଲୋନୀ, ମଛଲି ବସ୍ତି, ପାଢୀ କଲୋନୀ, ୱାସିଙ୍ଗଲାଇନ ବସ୍ତି, ବାଲୁଘାଟ ବସ୍ତି, ଦୁର୍ଗାପୁର କୁଷ୍ଠକଲୋନୀ ବସ୍ତି ଅଞ୍ଚଳରେ ରାଜରାସ୍ତାରେ ପାଣି ଜମି ରହିଛି। ବସ୍ତିବାସୀଙ୍କ ଘରେ ପାଣି ପଶିଥିବା ଅଭିଯୋଗ ହୋଇଛି। ବସ୍ତି ଅଞ୍ଚଳଗୁଡିକରେ ଲଗାଣ ବର୍ଷା ଯୋଗୁ ଡ୍ରେନ ଗୁଡିକର ପାଣି ରାଜରାସ୍ତା ଉପରେ ଭାସୁଥିବା ଦେଖିବାକୁ ମିଳିଛି। ଏହି ବର୍ଷାପାଣି ବସ୍ତି ଭିତରେ ଜମି ହୋଇ ରହିଥିବାରୁ ବିଭିନ୍ନ ଲୋକଙ୍କୁ ଯାତାୟତରେ ଅସୁବିଧା ସୃଷ୍ଟି ହୋଇଛି। ସେହିଭଳି ଶୀତଳପଡା ସ୍ଥିତ ବଲାଙ୍ଗିର ବସ୍ତିରେ ବାସ କରୁଥିବା ସୁନିତା କୁମ୍ଭାରଙ୍କ ମାଟିଘର ଦୁଇ ଦିନିଆ ଲଘୁଚାପଜନିତ ବର୍ଷାଯୋଗୁ ଭୁଶୁଡ଼ି ପଡି ଘରୋଇ ବହୁ ଆସବାବପତ୍ର ନଷ୍ଟ ହୋଇଛି। ପାନପୋଷସ୍ଥିତ ଜାମିଆ କଲୋନୀରେ ଅଧାରୁ ଅଧିକ ଘରେ ବୁଧବାର ରାତିରେ ପାଣି ପଶିଛି। ରାସ୍ତା ଉପରେ ବର୍ଷା ପାଣି ରହିଛି। ଫଳରେ ସ୍ଥାନୀୟ ଲୋକେ ଯାତାୟତ ପାଇଁ ଘର ଦୁଆଁର ମୁହଁରେ ବଡ ଗେଟିମାନ ପକାଇ ଯାତାୟତ କରୁଛନ୍ତି। ଶୀତ ଦିନରେ ଏଭଳି ବର୍ଷା ଯୋଗୁ ସହରରେ ଅଧିକ ଥଣ୍ଡା ଲାଗିବା ସହ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସହରରେ ଲୁହାକେରା, ବାଗୁଡି ବସ୍ତି ଓ ପ୍ରଧାନପାଲି ଅଞ୍ଚଳରେ ଥିବା କ୍ଷେତଗୁଡିକରେ ବିଭିନ୍ନ ଚାଷୀମାନେ ଧାନ କାଟି ଜମିରେ ରଖିଥିବାବେଳେ ଭିଜି ଯାଇଛି। ଫଳରେ ଏହି ଧାନଗୁଡିକ ଖଳାକୁ ଆଣିବାରେ ଚାଷୀମାନେ ଅକ୍ଷମ ହୋଇଛନ୍ତି। ଅନ୍ୟପକ୍ଷେ ସାମୁଦ୍ରିକ ବ୍ୟାତ୍ୟା ପ୍ରଭାବରେ ରାଉରକେଲା ବାଇପାସ୍ ରାସ୍ତାକଡ ଓ ଜେଲ ରୋଡ ରାସ୍ତାକଡରେ କେତେକ ଗଛ ଭାଙ୍ଗି ଯାଇଛି। ରାଉରକେଲା ଆରଏମ୍‌ସିର ଉପାୟୁକ୍ତ ସୀତାଦେବୀ ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ଲଗାଣ ବର୍ଷାଯୋଗୁ ସେହିଭଳି ବିଶେଷ କିଛି ପ୍ରଭାବ ପଡିନାହିଁ। ତଥାପି ଆମେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଏକ ସ୍କ୍ୱାଡ୍ ଗଠନ କରିବା ସହ ଓଡ୍ରାଫଟିମ୍‌ଙ୍କୁ ଏନେଇ ସଜାଗ ରଖିଛୁ। ଯଦି ସେହିଭଳି କୌଣସି ଅତି ଆବଶ୍ୟକୀୟ ପରିସ୍ଥିତି ପଡେ ତାହାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛୁ। ଗୁରୁବାର ସକାଳେ ଆମର ଏକ ଟିମ୍ ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ବୁଲି ପାଣିଜମି ରହିଥିବା ସ୍ଥାନରେ ଜଳନିଷ୍କାସନ କରିଛି ବୋଲି ମାଝି କହିଥିଲେ।

### ରାଉରକେଲାରେ ପହଞ୍ଚିଲା ଅଯୋଧ୍ୟାରୁ ଅକ୍ଷତ କଳସ

ରାଉରକେଲା,୭।୧୨(ସଙ୍ଗୀତା ଜେନା)

ଆସନ୍ତା ମାସରେ ଉତ୍ତରପ୍ରଦେଶ ଅଯୋଧ୍ୟାରେ ରାମମନ୍ଦିର ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହାପାଇଁ ପ୍ରସ୍ତୁତି ଚୂଡ଼ାନ୍ତରେ ପହଞ୍ଚିଛି। ଏହି କ୍ରମରେ ଗୁରୁବାର ସନ୍ଧ୍ୟାରେ ସମ୍ବଲପୁରରୁ ରାଉରକେଲା ପହଞ୍ଚିଛି ରାମ ମନ୍ଦିରରୁ ଆସିଥିବା ଅକ୍ଷତ କଳସ। ଏହାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହାକୁ ପାଛୋଟି ନେଇ ସେକ୍ଟର-୩ ସୀତାରାମ ମନ୍ଦିରରେ ରଖାଯାଇଥିଲା। ଭିଏଚ୍‌ପି ଜିଲା ଉପସଭାପତି ଜଗଦୀଶ ଜେସୱାଲ, ଜିଲା ସହ ସମ୍ପାଦକ ଅନୀଲ ସିହ୍ନା, ପ୍ରାନ୍ତୀୟ ଉପସଭାପତି ଅମୂଲ୍ୟ ମିଶ୍ର, ରାଜେଶ ସିଂହ, ଆଚାର୍ଯ୍ୟ ବିନୟ ସମେତ ଶତାଧିକ କର୍ମୀ ସ୍ୱାଗତ କରିଥିଲେ। ଆସନ୍ତା ୧-୧୫ ତାରିଖ ପର୍ଯ୍ୟନ୍ତ ଦୁଆର ଦୁଆର ବୁଲି ଏହି ଅକ୍ଷତ ବଣ୍ଟନ ସହ ରାମଲଲାଙ୍କୁ ଦର୍ଶନ କରିବାକୁ ନିମନ୍ତ୍ରଣ ପତ୍ର ବଣ୍ଟନ ସହରବାସୀଙ୍କୁ କରାଯିବ ବୋଲି ଭିଏଚ୍‌ପି ରାଉରକେଲା ଶାଖା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଜାତୀୟ ଶିଶୁ ବୈଜ୍ଞାନିକ ପ୍ରତିଯୋଗିତାରେ ଡିଏଭି ବିଦ୍ୟାର୍ଥୀଙ୍କ ସଫଳତା


ସଫଳତା ପାଇଥିବା ଡିଏଭି ବିଦ୍ୟାର୍ଥୀଙ୍କ ସହ ଶିକ୍ଷକ।

ରାଉରକେଲା, ୭।୧୨(ଦିନେଶ ମିଶ୍ର)

ସେକ୍ଟର-୧୮ସ୍ଥିତ ଦୀପିକା ଶିକ୍ଷା ସଦନ ପରିସରରେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଆନୁକୂଲ୍ୟରେ ପୌରାଞ୍ଚଳସ୍ତରୀୟ ଜାତୀୟ ଶିକ୍ଷା ଶିଶୁ ବୈଜ୍ଞାନିକ ପ୍ରତିଯୋଗିତା-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଉରକେଲାର ୮୮ଟି ସ୍କୁଲର ୩୧୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପୁଷ୍ଟିକର ଖାଦ୍ୟ ମାଣ୍ଡିଆ ଓ ତାହାର ଉପଯୋଗିତା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବାସନ୍ତୀ କଲୋନୀସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୪ ଛାତ୍ରୀଛାତ୍ର ଯଥା ସପ୍ନା ଦାଶ, ନିଶାନ୍ତ ବେହେରା, ସ୍ୱର୍ଣ୍ଣିମା ପ୍ରିୟଦର୍ଶିନୀ ଭାଗନେଇ ନିଜ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ସ୍କୁଲ ଅଧ୍ୟକ୍ଷ ତଥା ଡିଏଭି ସ୍କୁଲ ସମୂହ ଓଡିଶା ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ଖୁସି ବ୍ୟକ୍ତ କରିବା ସହ ପିଲାମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସ୍କୁଲର କମ୍ପ୍ୟୁଟର ଶିକ୍ଷକ ପ୍ରଭଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

### ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଧ୍ୱଂସକଲେ ସୁରକ୍ଷା ବଳ

ରାଉରକେଲା, ୭।୧୨(ସଙ୍ଗୀତା ଜେନା)

ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀଙ୍କ ଉପଦ୍ରବ ଜାରି ରହିଛି। ପ୍ରତିବନ୍ଧିତ ମାକପା ମାଓବାଦୀ ସଙ୍ଗଠନର ଶୀର୍ଷ ନେତା ବିଶିର ବେସରା, ପତିରାମ ମାଝି ଓ ଅସୀମ ମଣ୍ଡଳ ଆଦି ୩ ଜଣ କେନ୍ଦ୍ରୀୟ ସମିତି ସଦସ୍ୟ ସୀମାନ୍ତ ସରଣ୍ଡା ଜଙ୍ଗଲରେ ସକ୍ରିୟ ଥିବା ଗୁପ୍ତ ସୂଚନା ମିଳିଥିଲା ସୁରକ୍ଷାବଳକୁ। ଏହାକୁ ନେଇ ଗତ ୫ରୁ ଏକ ସଂଯୁକ୍ତ ଅଭିଯାନ କରାଯାଇଥିଲା। ଛୋଟନାଗପୁର ଥାନା ଓ ଜରେଇକେଲା ଥାନାର ସୀମାବର୍ତ୍ତୀ ଜଙ୍ଗଲରେ ଏହା ଆରମ୍ଭ କରାଯାଇଥିଲା। ବୁଧବାର ଅପରାହ୍ନରେ ମାଓବାଦୀମାନେ ଜଙ୍ଗଲରେ ପରିଭ୍ରମଣ କରୁଥିବାର ଖବର ପାଇ ତୁରନ୍ତ ଆକ୍ରମଣମୁଡ଼ରେ ଆସିଥିଲା ସୁରକ୍ଷାବାହିନୀ। ଉଭୟ ପକ୍ଷରୁ ଗୁଳିବିନିମୟ ପରେ ମାଓବାଦୀମାନେ ଘଞ୍ଚ ଜଙ୍ଗଲ ଦେଇ ଫେରାର ହୋଇଯାଇଥିଲେ। କୋମ୍ବିଂ ଅପରେସନରେ ଉକ୍ତ ଅଞ୍ଚଳରେ ୫୦-୬୦ ଜଣ ମାଓବାଦୀ ରହିବା ଭଳି କ୍ୟାମ୍ପ ଠାବ କରାଯାଇଥିଲା। ସେଥିରୁ ୧୫ଟି ଡେଟୋନେଟର ଗନ୍, ବ୍ୟାଟେରୀ, କନେକ୍ଟର, ମ୍ୟାଗାଜିନ୍, ମାଓବାଦୀ ପୋଷାକ, କ୍ୟାମ୍ପ ନିର୍ମାଣ ସାମଗ୍ରୀ ସମେତ ବିପୁଳ ନିତ୍ୟବ୍ୟବହୃତ ଜିନିଷ ଜବତ କରାଯାଇଥିଲା। ଏହାକୁ ସୁରକ୍ଷାବଳ ପକ୍ଷରୁ ନଷ୍ଟକରାଯାଇ ସୀମାନ୍ତରେ ସର୍ଚ୍ଚଅପରେସନ ଜୋରଦାର କରାଯାଇଥିବା ଗୁରୁବାର ସିଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

## ରେଳଷ୍ଟେଶନ ପରିଦର୍ଶନ କଲେ ଦକ୍ଷିଣ-ପୂର୍ବ ରେଳପଥ ଜିଏମ୍


ରାଉରକେଲା ଷ୍ଟେଶନ ପରିସରରେ ଜିଏମ୍‌ଙ୍କୁ ସ୍ୱାଗତ କରାଯାଉଛି।

ରାଉରକେଲା, ୭।୧୨(ସଙ୍ଗୀତା ଜେନା)

ଦକ୍ଷିଣ-ପୂର୍ବ ରେଳପଥର ଜିଏମ୍ (ମହାପ୍ରବନ୍ଧକ) ଅନୀଲ ମିଶ୍ର ବୁଧବାର ରାତିରେ ଆସି ରାଉରକେଲା ଷ୍ଟେସନ ପରିଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଷ୍ଟେସନରେ ନବନିର୍ମିତ ପ୍ଲାଟଫର୍ମ ପରିଦର୍ଶନ କରିବା ସହ ସ୍ୱଚ୍ଛ, ପରିମଳ ଆଦି ବିଷୟରେ ଯାଞ୍ଚ କରିଥିଲେ। ତାଙ୍କ ସହ ଚକ୍ରଧରପୁର ଡିଭିଜନର ରେଳପ୍ରବନ୍ଧକ ଏ.ଜେ ରାଠୋଡ଼,ବରିଷ୍ଠ ରେଳବାଇ ସୁରକ୍ଷା ବଳର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଜିଏମ୍ ମିଶ୍ର ବିମଲାଗଡ଼ ସହ ରାଉରକେଲାରେ ବିଭିନ୍ନ ଯୋଜନା ପରିଦର୍ଶନ କାର୍ଯ୍ୟକ୍ରମ ଥିଲା। ବିମଲାଗଡ଼ ସେକ୍ସନର କାର୍ଯ୍ୟଧାରା ଯାଞ୍ଚ ଓ ଉଚ୍ଚାଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଏଥିରେ ବିଳମ୍ବ ହୋଇଥିବାରୁ ରାଉରକେଲାକୁ ରାତିରେ ଆସି ପହଞ୍ଚିଥିଲେ। ତେବେ ରାଉରକେଲାର ନୂତନ ପ୍ଲାଟଫର୍ମ ୬ ଓ ୭ କିଛି ଦିନ ମଧ୍ୟରେ କାର୍ଯ୍ୟସମ୍ପୂର୍ଣ୍ଣ ହେବ ବୋଲି ଜିଏମ୍ ମିଶ୍ର ସୂଚନା ଦେଇଥିଲେ।

## ମାନବ ଅଧିକାର ପକ୍ଷରୁ ସ୍ୱର୍ଗରଥ ଉଦ୍‌ଘାଟିତ

ରାଉରକେଲା,୭।୧୨(ଦିନେଶ ମିଶ୍ର)



ସ୍ୱର୍ଗରଥ ଗାଡିକୁ ଉଦ୍‌ଘାଟନ କରାଯିବା ମୂହୁର୍ତ୍ତ।

ବାସନ୍ତୀ କଲୋନୀସ୍ଥିତ ଏଲ ବ୍ଲକରେ ଥିବା ଅନ୍ତର୍ଜାତୀୟ ମାନବାଧିକାର କାର୍ଯ୍ୟାଳୟ ପକ୍ଷରୁ ରାଉରକେଲା ସହରବାସୀଙ୍କ ପାଇଁ ଏକ ନିଶୁଳ୍କ ସ୍ୱର୍ଗରଥ ଗାଡିକୁ ଉଦ୍‌ଘାଟନ କରାଯାଇଛି। ଅନ୍ତର୍ଜାତୀୟ ମାନବାଧିକାର କାର୍ଯ୍ୟାଳୟ ଅଧକ୍ଷ ବିଶ୍ୱଜିତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏହି ଉତ୍ସବରେ ସମାଜସେବୀ ଚନ୍ଦ୍ରଦୀପ ସାହୁ, ସୁନୟନା ସାହୁ, ଭାଜପାର ଜିଲା ସଭାପତି ଧୀରେନ ସେନାପତି, ଏକ୍ସଆର୍ମି ବଳରାମ ଚମ୍ପତିରାୟ, ନରେନ୍ଦ୍ର ସିଂ କଲାହ, ଏକ୍ସଆର୍ମି ସଂଘର ସମ୍ପାଦକ ଧନେଶ୍ୱର ଦାସ, ଦିଲୀପ କୁମାର ଅତିଥି ଭାବେ ଯୋଗଦେଇ ଏହି ଯାନକୁ ଉଦ୍‌ଘାଟନ କରିଥିଲେ। ଏହି ଯାନଟି ସହରରେ ଥିବା ବିଭିନ୍ନ ଲୋକଙ୍କୁ ଅନ୍ତିମଯାତ୍ରା ସମୟରେ ସହାୟତା ହେବ ବୋଲି ଅତିଥିଗଣ କହିଥିଲେ। ସମାଜସେବାରେ ଏହି ଯାନଟି ମାଗଣାରେ ବ୍ୟବହାର ହେବା ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ କିଭଳି ସମାଜର ବିଭିନ୍ନ ଉନ୍ନତିକାମ କରିବେ ସେନେଇ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ କର୍ମୀ ପରିଚାଳନାରେ ସହଯୋଗ କରିଥିଲେ।

## ମଦ ବ୍ୟବସାୟୀଙ୍କ ସହ ଯୋଗେଶଙ୍କ ଲିଙ୍କ୍

**ଅଭିଯୋଗ କଲେ ବିଧାୟିକା କୁସୁମ**

**ଅଭିଯୋଗକୁ ଯୋଗେଶଙ୍କ ଖଣ୍ଡନ**

ସୁନ୍ଦରଗଡ଼,୭।୧୨(ଜୟ ନାରାୟଣ ମେଣ୍ଡୁଲି)

ରାଜ୍ୟରେ ମଦ ବ୍ୟବସାୟୀଙ୍କ ଘରେ ଆୟକର ବିଭାଗର ଚଢ଼ାଉ ଜାରି ରହିଛି। ସୁନ୍ଦରଗଡ଼ର ମଦ ବ୍ୟବସାୟୀ ରାଜକିଶୋର ଜୟସ୍ୱାଲଙ୍କ ସହିତ ପୂର୍ବତନ ବିଧାୟକ ଯୋଗେଶ ସିଂହଙ୍କ ସମ୍ପର୍କ ରହିଛି ବୋଲି ବିଧାୟିକା କୁସୁମ ଟେଟେ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ଯୋଗେଶଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ଏକ ଜମିରେ ଜୟସ୍ୱାଲଙ୍କ ମଦଦୋକାନ ରହିଛି। ଏପରି କି ତାଙ୍କ ସହିତ ବ୍ୟବସାୟିକ ପାର୍ଟନରଶିପ୍‌ରେ ମଧ୍ୟ ମଦ ବ୍ୟବସାୟ ଚାଲିଛି। ହେଲେ ଏଭଳି ଅଭିଯୋଗକୁ ପୂର୍ବତନ ବିଧାୟକ ଯୋଗେଶ ସିଂହ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ବିଧାୟିକାଙ୍କ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓଏହା ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଯୋଗେଶ କହିଛନ୍ତି। ଆୟକର ବିଭାଗ ଆଇନ ଅନୁଯାୟୀ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅଯଥା ବଦନାମ କରିବା ପାଇଁ ଏଭଳି ହୀନ ଉଦ୍ୟମକୁ ଯୋଗେଶ ନିନ୍ଦା କରିଛନ୍ତି।

## ନାଟକ 'ଅପରାହ୍ନର ଆକାଶ' ପ୍ରଦର୍ଶିତ

ରାଉରକେଲା,୭।୧୨(ଦିନେଶ ମିଶ୍ର)

**ଇସ୍ପାତ ନାଟ୍ୟ ମହୋତ୍ସବ ସପ୍ତମ ସନ୍ଧ୍ୟା**

ସେକ୍ଟର-୧୯ ସ୍ଥିତ ସିଭିକସେଣ୍ଟର ପରିସରରେ ଏକତ୍ର ରାଉରକେଲା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପ୍ରଥମ ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ର ସପ୍ତମ ସନ୍ଧ୍ୟାରେ ବରିଷ୍ଠ ନାଗରିକ ଉପରେ ଆଧାରିତ ନାଟକ 'ଅପରାହ୍ନ ଆକାଶ' ପ୍ରଦର୍ଶିତ ହୋଇଛି। ଏହି ନାଟକର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ଲଲାଟେନ୍ଦୁ ରଥ ଯୋଗଦେଇ ସମାଜକୁ ଦିଗଦର୍ଶନ ଦେବାରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କେଟିଏଚ୍ ହସ୍ପିଟାଲର ଅସ୍ଥି ବିଶେଷଜ୍ଞ ଡକ୍ଟର ଉତ୍ତମ କୁମାର ଜେନା ଉଦ୍‌ଘାଟକ ଭାବେ ଯୋଗଦେଇ ନାଟକକୁ ଶୁଭାରମ୍ଭ କରିଥିଲେ। ସମାଜସେବୀ ପ୍ରଶାନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଦିଲୀପ ମହାନ୍ତି ସଂଯୋଜକ ଭାବେ ପରିଚାଳନା କରିଥିଲେ। ନିର୍ଦ୍ଦେଶକ ଲଲାଟେନ୍ଦୁ ରଥଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶିତ ହୋଇଥିବା ଅପରାହ୍ନ ଆକାଶରେ ଅସୀମ ବେହେରାଙ୍କ ଅଭିନୟ ବେଶ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଏକ ବ୍ୟକ୍ତିର ଶେଷ ପର୍ଯ୍ୟାୟ ବୃଦ୍ଧ ଅବସ୍ଥାରେ କିଭଳି ସଂସାର ଭିତରେ ତାର ଜୀବନଟି ଭାରି ଭାରି ଲାଗେ ତାହା ଉପରେ ପ୍ରଦର୍ଶିତ ହୋଇଥିଲା। ନାଟକରେ ସଂଯୋଜକ ପ୍ରଶାନ୍ତ ପତି ସଂଯୋଜନା ଓ ଗୁଲାପ ଓ ପ୍ରମୋସ ସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚସଜ୍ଜା ପ୍ରଳୟ ଶତପଥୀ କରିଥିଲେ। ନାଟକରେ ରମାକାନ୍ତ ମହାରଣା ଓ ସୌମ୍ୟଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲେ।

# ଅଦିନିଆ ବର୍ଷା, ଉଜାଡ଼ିଲା ଫସଲ

ସୁନ୍ଦରଗଡ,୭।୧୨(ଜୟ ନାରାୟଣ ମେଣ୍ଡୁଲି)


ବର୍ଷାରେ ଭିଜି ଯାଇଥିବା ଧାନକୁ ଚାଷୀ ଅମଳ କରିବାରେ ବ୍ୟସ୍ତ।

ବୁଧବାରଠାରୁ ଅଦିନିଆ ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ସୁନ୍ଦରଗଡରେ ଜନଜୀବନ ବାଧାପ୍ରାପ୍ତ ହୋଇଛି। ତୁହାକୁ ତୁହା ଝିପି ଝିପି ଲଗାଣ ବର୍ଷା ଲାଗିରହିବାରୁ ଗୁରୁବାର ଗୋଟିଏ ଦିନ ପାଇଁ ଜିଲାପାଳ ଡା.ଗାଭାଲି ପରାଗ ହର୍ଷଦ ସମସ୍ତ ସ୍କୁଲ, ଅଙ୍ଗନବାଡିଗୁଡିକୁ ଛୁଟି ଘୋଷଣା କରିଥିଲେ। ଅଦିନିଆ ବର୍ଷା ଯୋଗୁ ବିଶେଷ କରି ଅମଳ ହେବାକୁ ଥିବା ଧାନ ଫସଲ, ମାଣ୍ଡିଆ ଓ ପନିପରିବା ଚାଷ ନଷ୍ଟ ହୋଇଛି। ଜିଲାର କେତେକ ସ୍ଥାନରେ ହାତୀ ଉପଦ୍ରବ ଯୋଗୁ ଧାନ ଫସଲ ନଷ୍ଟ ହେଉଥିବା ବେଳେ ଅଦିନିଆ ବର୍ଷାରେ ପୁଣି ଧାନ ଫସଲ ନଷ୍ଟ ହେବା ନେଇ ଚାଷୀ ମାନେ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଆଉ କେତେକ ଚାଷୀ ଧାନ ଅମଳ କରି ଖଳାରେ ଗଦା କରି ରଖିଥିବା ବେଳେ ବର୍ଷାରେ ଭିଜିଯାଇଛି। ଜିଲାର ୧୭ଟି ବ୍ଲକ ମଧ୍ୟରେ ଗୁରୁଣ୍ଡିଆ ବ୍ଲକରେ ସର୍ବାଧିକ ୪୦ମିମି ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ସେହିପରି ଲାଠିକଟାରେ ୩୮.୨, ବିଶ୍ରାରେ ୩୭.୧, କୁତ୍ରାରେ ୩୫.୬, ନୂଆଗାଁରେ ୩୫.୩, ହେମଗିରରେ ୩୩, ସୁନ୍ଦରଗଡରେ୨୧.୮, ଟାଙ୍ଗରପାଲିରେ ୧୪, ଲେଫ୍ରିପଡାରେ ୧୫.୪, ସବଡେଗା ରେ ୧୫, ବାଲିଶଙ୍କରାରେ ୧୩ମିମି, ବଡଗାଁରେ ୧୩.୪, ରାଜଗାଙ୍ଗପୁରରେ ୨୮.୨, କୁଆଁରମୁଣ୍ଡାରେ ୩୨.୪, ବଣାଇରେ ୨୦, ଲହୁଣୀପଡାରେ ୩୨.୬, କୋଇଡାରେ ୨୬ ଓ ରାଉରକେଲା ମହାନିଗମ ଅଞ୍ଚଳରେ ୩.୨ମିମି ବର୍ଷା ହୋଇଥିବା ଜିଲା ପାଣିପାଗ କାର୍ଯ୍ୟାଳୟରୁ ସୂଚନା ମିଳିଛି।

# ଅଦିନିଆ ବର୍ଷା, ଚାଷୀ ମୁଣ୍ଡରେ ଚଡ଼କ

## କ୍ଷତିପୂରଣ ଦାବିକଲା ଭାଜପା କୃଷକ ମୋର୍ଚ୍ଚା ଓ କୃଷକ ସଙ୍ଗଠନ



ଜିଲାପାଳଙ୍କ ଅଫିସରେ ଭାଜପା କୃଷକ ମୋର୍ଚ୍ଚା କର୍ମକର୍ତ୍ତା।

ସମ୍ବଲପୁର,୭।୧୨(ବି.ଶଙ୍କର)

ରାଜ୍ୟର ବିଭିନ୍ନ ସ୍ଥାନ ବିଶେଷ କରି ପଶ୍ଚିମ ଓଡ଼ିଶାରେ ଗତ ଦୁଇଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗିରହିଛି। ସମ୍ବଲପୁର ଜିଲାରେ ଲଗାଣ ବର୍ଷା ଯୋଗୁ ଚାଷୀ ମୁଣ୍ଡରେ ଚଡକ ପଡିଛି । ଧାନ ଅମଳ ସମୟରେ ଏହି ବର୍ଷା ଚାଷୀକୁଳକୁ କ୍ଷତି ପହଞ୍ଚାଇଛି। ବିଲରେ ଧାନ କଟାହୋଇ ପଡିଥିବାବେଳେ ତାହା ପାଣିରେ ବୁଡିରହିଛି। ସେହିପରି ଆଉ କେତେକ ଚାଷୀଙ୍କ ଧାନ ଖଳାରେ ଭିଜି ରହିଛି। ଚାଷୀ କୁଳର ସାମଗ୍ରିକ ହିତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାକୁ ଭାଜପା ଦାବି କରିଛି। ଭାଜପା କୃଷକ ମୋର୍ଚ୍ଚା ସମ୍ବଲପୁର ଜିଲା ସଭାପତି ସମୀର ରଞ୍ଜନ ବାବୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଯଥାଶୀଘ୍ର ରାଜସ୍ୱ ଓ କୃଷି ବିଭାଗର ଅଧିକାରୀ, କର୍ମଚାରୀ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନ, ଚାଷୀକୁଳକୁ ପ୍ରଧାନମନ୍ତ୍ରୀ କୃଷକ ବୀମାରେ ମିଳୁଥିବା ଲାଭ ପ୍ରଦାନ ପାଇଁ ସରକାରୀ ତନ୍ତ୍ରକୁ ତ୍ୱରାନ୍ୱିତ କରିବା, ଯେଉଁମାନଙ୍କର ଧାନ ବିକ୍ରି କରିବା ସମୟ ୧୫/୨୦ ଦିନ ପରେ ଅଛି ସେମାନଙ୍କ ଧାନ ଶୀଘ୍ର ବିକ୍ରି କରିବା ବ୍ୟବସ୍ଥା କରାଯାଉ। ଏହିସବୁ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିନିଧିମାନେ ଅନୁରୋଧ କରିଥିଲେ। ପ୍ରତିନିଧି ଦଳରେ କୃଷକ ମୋର୍ଚ୍ଚା ଜିଲା ଉପସଭାପତି ନରେନ୍ଦ୍ର ମିଶ୍ର, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ପ୍ରଧାନ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ପ୍ରଶାନ୍ତ ପଣ୍ଡା, ଅରୁଣ କୁମାର ଦାସ ପ୍ରମୁଖ ସାମିଲ ଥିଲେ । ସେହିପରି କୃଷକ ସଙ୍ଗଠନର ଜିଲା ସଭାପତି ଉମେଶ ମିଶ୍ର, ଦେବେନ୍ଦ୍ର ପ୍ରଧାନ, ସନ୍ତୋଷ ତେଲେଙ୍ଗା, ବ୍ୟୋମକେଶ ଠାକୁର ପ୍ରମୁଖ ଜିଲାପାଳଙ୍କୁ ଭେଟି ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

## ବଢ଼ିଲା ଚାଷୀଙ୍କ ଦୁର୍ଦ୍ଦଶା

**କୁଚିଣ୍ଡା, (ବିରଞ୍ଚି ଦର୍ଶୀ) :** ଦୁଇଦିନ ଧରି ଲଗାଣ ବର୍ଷା ଫଳରେ କୁଚିଣ୍ଡା ଉପଖଣ୍ଡରେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ବିଲରେ ପାଚିଲା ଧାନ ସବୁ ପାଣି ଭିତରେ ବୁଡିଯାଇଛି। ଏଭଳି ସ୍ଥିତିରେ ଧାନସବୁ ଗଜା ହେବା ଯଥେଷ୍ଟ ଆଶଙ୍କା ରହିଛି। ଚାଷୀ କରଜ କରି ଖରିଫ ଧାନ ଚାଷ କରିଥିବା ବେଳେ ଅମଳ ସମୟରେ କଷ୍ଟୋପାର୍ଜିତ ଫସଲ ସବୁ ଉଜୁଡିଯାଇଛି।ଏହାଛଡା ବହୁ କଷ୍ଟରେ କରିଥିବା ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଯାଇଛି। ଫୁଲକୋବି, ବନ୍ଧାକୋବି, ରସୁଣ, ପିଆଜ, ବାଇଗଣ, ଟମାଟୋ, ଭେଣ୍ଡି, ମୂଳା ଆଦି ପରିବା କିଆରିରେ ଆଣ୍ଠୁଏ ପାଣି ଜମିରହିଥିବାରୁ ପରିବାସବୁ ଶଢିବା ଆରମ୍ଭ ହେଲାଣି। ତେଣୁ କୃଷି ବିଭାଗ ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀ ମହଲରେ ଦାବି ହେଉଛି।



କୁଚିଣ୍ଡା ଅଞ୍ଚଳରେ ପାଣିରେ ବୁଡ଼ିରହିଥିବା ପାଚିଲା ଧାନ।

## ଖଳାରେ ଭିଜିଲା ଧାନ

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନି)

ଗତ ୩ଦିନ ହେଲା କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଜମନକିରା ବ୍ଲକ ଅଞ୍ଚଳ ଧାନଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଚାଷୀ ଧାନ ଅମଳ କରି ଖଳାରେ ପଲିଥିନ ଢାଙ୍କି ରଖିଥିବା ସତ୍ତ୍ୱେ ବର୍ଷାରେ ଭିଜିଯାଇଛି। ଓଦା ଧାନକୁ ସେମାନେ ବିକ୍ରି ପାଇଁ ମଣ୍ଡିକୁ ନେଇପାରୁ ନାହାନ୍ତି। କେବେ ଶୁଖିବ ଆଉ କେବେ ବିକିବେ ସେ ନେଇ ଚିନ୍ତାରେ ଚାଷୀ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଟୋକନ ଅବଧି ସମାପ୍ତ ପରେ ଚାଷୀଙ୍କୁ ଧାନ ବିକିବା ପାଇଁ ଆଉ କିଛି ବିକଳ୍ପ ନାହିଁ। ଆଉ କେତେକ ସ୍ଥାନରେ ଚାଷୀ କ୍ଷେତରୁ ଧାନ ଆଣିପାରି ନାହିଁ। ତାହା ଓଦାହୋଇ ରହିଥିବାରୁ ଗଜା ହେବାର ସମ୍ଭାବନା ଦେଖା ଦେଇଛି। ଗତ ରାତିର ବର୍ଷା ଚାଷୀର ମେରୁଦଣ୍ଡ ଦୋହଲାଇ ଦେଇଛି ବୋଲି ଚାଷୀ ନେତା ଦିଲୀପ ପଟେଲ ପ୍ରକାଶ କରିଛନ୍ତି। ଏଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହେଉଛି।



ଜମନକିରା ଅଞ୍ଚଳର ଏକ ଖଳାରେ ଥିବା ଧାନ ଭିଜିଯାଇଛି।

# ଜିଏମ୍‌ୟୁ ପ୍ରେକ୍ଷାଳୟରେ ଅଗ୍ନିକାଣ୍ଡ

ସମ୍ବଲପୁର,୭।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହା ଦେଖି ଛାତ୍ରୀଛାତ୍ର ତତ୍କ୍ଷଣାତ ବାହାରକୁ ଚାଲିଯାଇଥିଲେ। ଫଳରେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚିବା ପୂର୍ବରୁ ନିଆଁକୁ ଆୟତ୍ତ କରାଯାଇ ସାରିଥିଲା ବୋଲି ଜିଏମ୍‌ୟୁ ଉପକୁଳ ସଚିବ ଡ. ଉମା ଚରଣ ପତି କହିଛନ୍ତି। ସେ କହିଥିଲେ, ସ୍ନାତକୋତ୍ତର ଛାତ୍ରୀଛାତ୍ର ବସି ପାଠ ପଢ଼ିବା ଆରମ୍ଭ କରିବା ପୂର୍ବରୁ ପ୍ରେକ୍ଷାଳୟରେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ଶର୍ଟ ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ସେ କହିଥିଲେ।

# ମଣ୍ଡଳ ଜେଲରୁ ଫେରାର କଏଦୀ ଧରାପଡ଼ିଲେ

ସମ୍ବଲପୁର,୭।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ମଣ୍ଡଳ ଜେଲ୍‌ରୁ ଗତ ୩୦ ତାରିଖରେ ଫେରାର ହୋଇଥିବା କଏଦୀ ଜିଲା ପୋଲିସ ହାତରେ ଧରାପଡିଛନ୍ତି। ସେ ହେଲେ ମହୁଲପାଲି ଥାନା ଉଲୁଣ୍ଡା ଗ୍ରାମ ମତୁଆଲପଡ଼ାର ସଞ୍ଜୀବ କିଷାନ (୨୩)। ସଞ୍ଜୀବ ବାହାର ରାଜ୍ୟକୁ ଫେରାର ହୋଇଯିବାକୁ ଟ୍ରେନ୍‌କୁ ଅପେକ୍ଷା କରିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ସମ୍ବଲପୁର ସିଟି ଷ୍ଟେଶନରୁ ପୋଲିସ ତାଙ୍କୁ ଗିରଫ କରିଛି। ଗୁରୁବାର ସନ୍ଧ୍ୟାରେ ଧନୁପାଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୨ରେ ଏକ ନାବାଳିକା ବଳାତ୍କାର ମାମଲାରେ ସଞ୍ଜୀବ ବିଚାରାଧୀନ କଏଦୀ ଭାବେ ସମ୍ବଲପୁର ମଣ୍ଡଳ ଜେଲ୍‌ରେ ଥିଲେ। ଗତ ୩୦ ତାରିଖରେ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ ଖବର ପାଇ ସେ ଭୟଭୀତ ହୋଇ ଜେଲରୁ ଫେରାର ମାରିଥିବା ପୋଲିସକୁ କହିଥିବା ଏସ୍‌ଡିପିଓ ସାହୁ କହିଛନ୍ତି। ଉକ୍ତ ଦିନ ସେ ଶୌଚାଳୟ ଯିବା ବାହାନାରେ ଛାତକୁ ଚଢ଼ି ସେଠାରୁ ବାହାରକୁ ଡେଇଁ ଫେରାର ମାରିଥିଲେ। ଡିସେମ୍ବର ୧ରେ ଜେଲ୍ ଅଧୀକ୍ଷକ ଅନୀଲ କୁମାର ସାହୁଙ୍କ ଏତଲାକ୍ରମେ ଧନୁପାଲି ଥାନାରେ କେସ୍ ନମ୍ବର ୪୨୩/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତାଙ୍କୁ ଧରିବା ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିଲା। ଗିରଫ ପରେ ସଞ୍ଜୀବଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା



ନିଯୁକ୍ତି ମେଳାରେ ଯୋଗଦେଇଥିବା ଯୁବତୀଯୁବକ।

ନାକଟିଦେଉଳ,୭।୧୨(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ବିଦ୍ୟାଧର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବ୍ଲକର ସମସ୍ତ ୧୪ଟି ଯାକ ଗ୍ରା.ପ.ରୁ ୧୫୦ଜଣ ବେକାର ଯୁବତୀଯୁବକ ଓ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକରଣ କରିଥିଲେ। ଏଥିରେ ଜିଲା ଓ ଜିଲା ବାହାରୁ ୯ଟି ସଂସ୍ଥା ଯୋଗଦେଇ ନିଜ ସଂସ୍ଥାରେ ରହିଥିବା ସୁବିଧାସୁଯୋଗ, ନାମଲେଖା, ତାଲିମ ଓ ନିଯୁକ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ବଲପୁର ଆଞ୍ଚଳିକ ନିଯୋଜନ ସହକାରୀ ନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ ମେଳାକୁ ପରିଚାଳନା କରିଥିଲେ। ଏହି ଅନ୍ୟମାନଙ୍କ ମଧ୍ୟରେ ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି, ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ଦେବକୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରେଡକ୍ରସ୍ ଶାଖାର କାର୍ଯ୍ୟନିର୍ବାହୀ କମିଟି ବୈଠକ




ବୈଠକରେ ଅଧିକାରୀ ଓ ସଦସ୍ୟମାନେ।

ସମ୍ବଲପୁର,୭।୧୨(ବି.ଶଙ୍କର)

ସମ୍ବଲପୁର ଜିଲା ରେଡକ୍ରସ ଶାଖାର କାର୍ଯ୍ୟନିର୍ବାହୀ କମିଟି ବୈଠକ ଗୁରୁବାର ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ନଭେମ୍ବର ୩୦ ପର୍ଯ୍ୟନ୍ତ ରେଡକ୍ରସ କାର୍ଯ୍ୟକଳାପ, ଆର୍ଥିକ ଲକ୍ଷ୍ୟ ଓ ସଫଳତା, ରେଡକ୍ରସ ଲାଇଫର ନୂଆ ସଦସ୍ୟଙ୍କ ନାମଲେଖା, ବୁର୍ଲାରେ ରେଡକ୍ରସ ବିଶ୍ରାମ ଗୃହ, ବୁର୍ଲାର ମାର୍କେଟ କମ୍ପ୍ଲେକ୍ସ, ମହାପ୍ରୟାଣ ବାହନର ପରିଚାଳନା, ରେଡକ୍ରସ ଆକାଉଣ୍ଟ ଅଡିଟ ଓ ଜିଲା ରେଡକ୍ରସ ଶାଖା ପାଇଁ ୱେବ୍‌ସାଇଟ ଆଦି ବିଷୟରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ରେଡକ୍ରସ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଦ୍ୟାଳୟକୁ ପ୍ରଶଂସାପତ୍ର ପ୍ରଦାନ କରିବା ପାଇଁ କମିଟିକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ରେଡକ୍ରସ ଶାଖା ସମ୍ପାଦକ ଜୟ ଜର୍ଜ, ରେଡକ୍ରସ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ବସ୍‌ଷ୍ଟାଣ୍ଡ ଦୋକାନୀ ସଂଘ ପକ୍ଷରୁ ଦାବିପତ୍ର

ସମ୍ବଲପୁର,୭।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡ ଦୋକାନୀ ସଂଘ ପକ୍ଷରୁ ଗୁରୁବାର ବିଭିନ୍ନ ଦାବି ନେଇ ସମ୍ବଲପୁର ମହାନଗର ନିଗମ ଅତିରିକ୍ତ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ସଫେଇ ଠିକ୍ ଭାବରେ ହେଉ ନ ଥିବାରୁ ଏଣେତେଣେ ଆବର୍ଜନା ପଡ଼ିରହୁଥିବା ନେଇ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାସହ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ଅସୁବିଧା ସମ୍ମୁଖୀନ ହେଉଥିବା, ଷ୍ଟ୍ରିଟ୍‌ଲାଇଟ ଜଳୁ ନ ଥିବା ଆଦି ସମସ୍ୟା ବିଷୟରେ ଅତିରିକ୍ତ କମିଶନରଙ୍କୁ ଅବଗତ କରିଥିଲେ। ଅତିରିକ୍ତ କମିଶନର ଦୋକାନୀ ସଂଘର ସଦସ୍ୟମାନଙ୍କ ସହ ଆଲୋଚନା କରିବା ପରେ ସମସ୍ତ ସମସ୍ୟାର ସମାଧାନ ଅତିଶୀଘ୍ର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ସଂଘ ସଭାପତି ମୋହନ ସାହା, ସମ୍ପାଦକ ପ୍ରଦୀପ ମହାନ୍ତି, ସଞ୍ଜୟ ନାୟକ, ଗୌରାଙ୍ଗ ମିତ୍ର, ଉପେନ୍ଦ୍ର ବରଗଡ଼ି, ଆନନ୍ଦ ମିଶ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ଏମ୍‌ସିଏଲ୍‌ରେ ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ

ସମ୍ବଲପୁର,୭।୧୨(ପ୍ରମୋଦ ବହିଦାର)




ବୈଠକରେ ପୁରସ୍କୃତ କରୁଛନ୍ତି ଅଧ୍ୟକ୍ଷ।

ବୁର୍ଲାସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟ ସହିତ ବିଭିନ୍ନ ଖଣିକ୍ଷେତ୍ରରେ ରାଜଭାଷା କାର୍ଯ୍ୟକାରୀ ସମିତିର ୭୮ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ କେଶବ ରାଓ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧିତ କରି କହିଲେ ଯେ, ଏମ୍‌ସିଏଲ୍ 'ଗ' କ୍ଷେତ୍ରରେ ରହିଥିଲେ ସୁଦ୍ଧା ହିନ୍ଦୀର ବିକାଶ ତଥା ପ୍ରଚାର ପ୍ରସାରରେ ଏହାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉତ୍ସାହର ସହିତ ସହଯୋଗ କରୁଛନ୍ତି। ତେବେ ରାଜଭାଷାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପ୍ରଦତ୍ତ ଦାୟିତ୍ୱର ସଫଳ ରୂପାୟନ ସକାଶେ କାର୍ଯ୍ୟାଳୟରେ ନିୟମିତ ଭାବେ ଅଧିକରୁ ଅଧିକ ହିନ୍ଦୀ ଭାଷା ପ୍ରୟୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଏମ୍‌ସିଏଲ୍ ମହାପ୍ରବନ୍ଧକ (ରାଜଭାଷା) କୃଷ୍ଣମୁରାରୀ ପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୨୦୨୩ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜଭଷାକୁ ନେଇ ପ୍ରସ୍ତୁତ ତିନିମାସର ତୁଳାନାତ୍ମକ ରିପୋର୍ଟର ସମୀକ୍ଷା କରାଯାଇଥିଲା। ଏହାସହ ଏହି ଅବଧି ମଧ୍ୟରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅଧ୍ୟକ୍ଷ ରାଓ ପୁରସ୍କୃତ କରିଥିଲେ। ଏଥିରେ ଏମ୍‌ସିଏଲ୍ ମୁଖ୍ୟାଳୟର ମହାପ୍ରବନ୍ଧକ, କ୍ଷେତ୍ରୀୟ କାର୍ମିକ ପ୍ରବନ୍ଧକ, ରାଜଭାଷା ଅଧିକାରୀ ଯୋଗ ଦେଇଥିଲେ।

# ରେଳ ମଣ୍ଡଳରେ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ସମ୍ବଲପୁର,୭।୧୨(ବି.ଶଙ୍କର)

ସମ୍ବଲପୁର ରେଳମଣ୍ଡଳରେ ୭୮ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଗତି ରିପୋର୍ଟର ସମୀକ୍ଷା କରିଥିଲେ। ହିନ୍ଦୀ ଭାଷାରେ କାମ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଅତିରିକ୍ତ ବିଭାଗୀୟ ରେଳ ପରିଚାଳକ ଆନନ୍ଦ ସିଂ ଗତ ମାସରେ ଆୟୋଜିତ ରାଜଭାଷା କାର୍ଯ୍ୟକଳାପ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଭାଗର ସମସ୍ତ ଶାଖା ଅଧିକାରୀ ଉପସ୍ଥିତ ଥିଲେ। ରାଜଭାଷା ଅଧିକାରୀ ଉପେନ୍ଦ୍ର କୁମାର ସିଂ ସଂଯୋଜନା କରିଥିଲେ।

# ରବି ଫସଲ ପାଇଁ ଚାଷୀଙ୍କୁ ବିହନ ବିତରଣ

କୁଚିଣ୍ଡା, ୭।୧୨ (ବିରଞ୍ଚି ଦର୍ଶୀ)

ରବି ଫସଲ ଚାଷ ପାଇଁ କୃଷି ବିଭାଗ ସହଯୋଗରେ ଆନ୍ତର୍ଜାତୀୟ ସଂସ୍ଥା ଇକ୍ରିସାଟ ଓ ଓସ୍ୱାର ଦ୍ୱାରା କୁଚିଣ୍ଡା ବ୍ଲକର ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଛି। ୧୭ଗୋଟି ପଞ୍ଚାୟତରୁ ଗୁରୁବାର ବାଙ୍କେ, ପାରୁଆଭାଡ଼ି, ଅର୍ଡାବାହାଲ, ଟାଇଁସର, କୁନ୍ତରା, ହାଡିପାଲି ଓ ସାଲେଭାଡି ପଞ୍ଚାୟତରେ ଚାଷୀମାନଙ୍କୁ ବିହନ ବିତରଣ କରାଯାଇଛି। କୃଷି ଅଧିକାରୀ, ଜନ ପ୍ରତିନିଧି, ମହିଳା ଗୋଷ୍ଠୀ ଓ କୃଷକ ସାଥୀ, କୃଷି ମିତ୍ରଙ୍କ ଉପସ୍ଥିତିରେ ପ୍ରସ୍ତାବିତ ଜମି ପାଇଁ ସୋରିଷ, ଚଣା, ମସୁର ଆଦି ବିହନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କିଣ୍ଡିରାଠାରେ ହାଡ଼ିପାଲି ସରପଞ୍ଚ ମନ୍ଦାକିନୀ ନାଏକ ମୁଖ୍ୟ ଅତିଥି ଭାବରେ ଉଦ୍‌ଘାଟନ କରିଥିଲେ। ଜିଲା କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ବ୍ଲକ କୃଷି ଅଧିକାରୀ ଶାନ୍ତନୁ କରାଲି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୋପ, ଓସ୍ୱା କର୍ମଚାରୀ, କୃଷି ବିଭାଗର ଗ୍ରାମ୍ୟ କୃଷି କର୍ମଚାରୀ ସୌଦାମିନୀ କିଷାନଙ୍କ ସମେତ କୃଷକ ସାଥି ସହଯୋଗ କରିଥିଲେ।

# ଏବିସିଡି ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ




ସମ୍ବଲପୁର,୭।୧୨(ପ୍ରମୋଦ ବହିଦାର)

ସମ୍ବଲପୁରସ୍ଥିତ ନିଶୁଳ୍କ ଶିକ୍ଷାକେନ୍ଦ୍ର ଏବିସିଡି ଚାରିଟେବୁଲ୍ ଟ୍ରଷ୍ଟର ୭ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଟ୍ରଷ୍ଟର ଗୋବିନ୍ଦତୋଲା, ଦଲଦଲିପଡ଼ା ଓ ହୀରାକୁଦ ଶାଖାରେ ଏକକାଳୀନ ଉତ୍ସବ ପାଳନ କରାଯାଇଛି। ସମସ୍ତ ଶାଖାରେ କେକ୍ କଟାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଦଲିପଡ଼ା ଶାଖାରେ ଆୟୋଜିତ ଉତ୍ସବରେ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟଅତିଥି, ସେଣ୍ଟ ଜାଭିୟର୍ସ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶୁଭମୟୀ ମିଶ୍ର ମୁଖ୍ୟବକ୍ତା ଓ ସୁଧୀର ବହିଦାର, ଦେବାଶିଷ ପ୍ରଧାନ, ଅସୀତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ହୀରାକୁଦ ଶାଖାରେ ଆୟୋଜିତ ଉତ୍ସବରେ ଓଡ଼ିଶା କମ୍ପ୍ୟୁଟର ଏକାଡେମୀର ସନ୍ତୋଷ କୁମାର ପାଳ, ହିଣ୍ଡାଲ୍‌କୋର ସରୋଜ ଆଚାର୍ଯ୍ୟ, ଉମା ଶଙ୍କର ଗଡ଼ତିଆ ଯୋଗଦେଇଥିଲେ। ଗୋବିନ୍ଦତୋଲାରେ ଆୟୋଜିତ ଉତ୍ସବରେ ଧର୍ମେନ୍ଦ୍ର ପଟ୍ଟନାୟକ, ମୋହିତ ନାୟକ, ବିଶ୍ୱଜିତ ମହାନ୍ତି, ଅମିତ ମୁଦୁଲି, ଅମର ତାଣ୍ଡିଆ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ସତନାମୀ ଅଧ୍ୟକ୍ଷତା କରିଥିବା ବେଳେ ଅଜୟ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା।

# ଡିଏସ୍ଏସ୍ ବ୍ୟାଡ୍‌ମିଣ୍ଟନ ହଲ୍‌ରେ ଫି ବୃଦ୍ଧିର ପ୍ରତିବାଦ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖେଳାଳିଙ୍କ ସ୍ମାରକପତ୍ର

ସମ୍ବଲପୁର,୭।୧୨(ବି.ଶଙ୍କର)

ଓଡିଶା ସରକାରଙ୍କର ଅଧୀନରେ ଥିବା କ୍ରୀଡାଙ୍ଗନ ଓ ଇଣ୍ଡୋର ହଲଗୁଡିକରେ ଖେଳିବା ସକାଶେ ଡିସେମ୍ବର ୧ରୁ ୱେବ୍‌ସାଇଟ ମାଧ୍ୟମରେ ଅନ୍‌ଲାଇନ ବୁକିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହା ମାଧ୍ୟମରେ ସୁଲଭ ମୂଲ୍ୟରେ ଖେଳାଳିମାନେ ସ୍ଲଟ ବୁକିଂ କରି ଖେଳିପାରିବେ। ଏହି ପେ ଆଣ୍ଡ ପ୍ଲେ ନିୟମ ଡିସେମ୍ବର ୨୦୨୩ରୁ ଲାଗୁ ହୋଇଛି। ପୂର୍ବରୁ ବୀର ସୁରେନ୍ଦ୍ର ସାଏ, ଇଣ୍ଡୋର ବ୍ୟାଡ୍‌ମିଣ୍ଟନ ହଲରେ ଖେଳାଳିମାନେ ମାସକୁ ୩୦୦, ୬୦୦ ଟଙ୍କା ଫି ଦେଇ ଖେଳିବା ସୁବିଧା ପାଉଥଲେ। ଏବେ ଏହା ୧ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ପ୍ରତିବାଦରେ ସମ୍ବଲପୁରର ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ଗୁରୁବାର ସମ୍ବଲପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅନନ୍ୟା ଦାସଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ହଲରେ ଖେଳାଳିମାନଙ୍କ ସକାଶେ ସରକାରଙ୍କ ଦ୍ୱାରା ଅହେତୁକ ଫି ବୃଦ୍ଧି କରାଯିବା କ୍ଷୋଭର ବିଷୟ। ଏ ବିଷୟରେ ସରକାର ଏବଂ କ୍ରୀଡା ଓ ଯୁବ ସେବା ବିଭାଗ ପୁନର୍ବିଚାର ପୂର୍ବକ ତୁରନ୍ତ ଖେଳାଳିଙ୍କୁ ସୁହାଇଲା ଭଳି ଫି ଧାର୍ଯ୍ୟ କରାଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏଥିସହ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ବୀର ସୁରେନ୍ଦ୍ର ସାଏ ଇନଡୋର ହଲର ଆନୁଷଙ୍ଗିକ ଅବ୍ୟବସ୍ଥା ବିଷୟରେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସ୍ମାରକପତ୍ରର ନକଲ ଉତ୍ତରାଞ୍ଚଳ ରାଜସ୍ୱ କମିଶନର, କ୍ରୀଡା ଓ ଯୁବ ବ୍ୟାପାର ବିଭାଗୀୟ ମନ୍ତ୍ରୀ, ସଚିବ, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ଅଧ୍ୟକ୍ଷ-୫ଟିଙ୍କୁ ପଠାଯାଇଛି। ବିଶ୍ୱଜିତ ଦୋରା, ପ୍ରଣବ ପଟ୍ଟନାୟକ, ମହମ୍ମଦ ସାଦିକ ଶାହ, ସୂର୍ଯ୍ୟ ପାଣିଗ୍ରାହୀ, ପ୍ରକାଶ ନାୟକ, ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ସତ୍ୟ ଦାଶ, ସ୍ୱରୂପ କୁମାର ପୁରୋହିତ, ଅଶ୍ୱିନୀ କୁମାର ସା, ସରୋଜ ଆଚାର୍ଯ୍ୟ, ବିନୟ କୁମାର ପଟ୍ଟଯୋଶୀ ପ୍ରମୁଖ ଉପସ୍ଥିତ ରହିଥିଲେ ।



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି।

# ଟିମ୍ ଇଣ୍ଡିଆର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ

**ଆସନ୍ତା ବର୍ଷ ଭାରତୀୟ କ୍ରିକେଟ ଦଳର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି। ଏହି ବର୍ଷ ୫୨ଟି ଅନ୍ତର୍ଜାତୀୟ ମ୍ୟାଚ ସହ ଟି୨୦ ବିଶ୍ୱକପ ଖେଳିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଚକ୍ରରେ ମୋଟ ୧୦ଟି ମ୍ୟାଚ ଖେଳିବ ଟିମ୍ ଇଣ୍ଡିଆ। ଦକ୍ଷିଣ ଆଫ୍ରିକା ଗସ୍ତର ୨ ଟେଷ୍ଟ ସହ ଟିମ୍ ଇଣ୍ଡିଆର ୨୦୨୪ ଟେଷ୍ଟ ଚାମ୍ପିୟନଶିପ୍ ଚକ୍ର ଆରମ୍ଭ ହେବ...**



ନିର୍ମଳ କୁମାର ମିଶ୍ର



ରୋହିତ ଶର୍ମା

ଭାରତୀୟ ଦଳର ଦୁଇ ଦୁଇଟି ବିଶ୍ୱକପର ପରାଜୟର କାରଣ ଖୋଜୁଛି ବିସିସିଆଇ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଭଲ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା ଟିମ୍ ଇଣ୍ଡିଆ। ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଖେଳାଯାଇଥିବା ମୋଟ ୭୦ଟି ଟେଷ୍ଟ ମ୍ୟାଚରେ ୯ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ୨୦୯ ରନ୍‌ରେ ଟିମ୍ ଇଣ୍ଡିଆକୁ ପରାସ୍ତ କରି ଚାମ୍ପିୟନ ହେବା ସହ ଏକମାତ୍ର ଦଳ ରୂପେ ଆଇସିସିର ସମସ୍ତ ଟ୍ରଫିରେ ବିଜୟ ହାସଲ କରି ରେକର୍ଡ କରିଥିଲା। ଏହି ଟ୍ରଫିରେ ଆଫଗାନିସ୍ତାନ, ଆୟର୍ଲାଣ୍ଡ ଏବଂ ଜିମ୍ବାୱେ ଭାଗ ନେଇଥିଲେ। ଅଷ୍ଟ୍ରେଲିଆ ମୋଟ ୧୯ଟି ଏବଂ ଭାରତ ୧୮ଟି ଟେଷ୍ଟମ୍ୟାଚ ଖେଳିଥିଲା। ଅଷ୍ଟ୍ରେଲିଆ ୧୯ଟିରୁ ୧୧ଟି ବିଜୟ ଏବଂ ୩ଟି ପରାଜୟ ଏବଂ ୩ଟି ମ୍ୟାଚ ଡ୍ର ରଖିଥିଲା। ଭଲ ପ୍ରଦର୍ଶନ କରି ମଧ୍ୟ ଟିମ୍ ଇଣ୍ଡିଆ ଫାଇନାଲରେ ବଡ ବ୍ୟବଧାନରେ ପରାସ୍ତ ହୋଇଥିଲା। ଆଗାମୀ ଟି୨୦ ବିଶ୍ୱକପ୍‌ରେ ଭାରତ ଟ୍ରଫି ଜିତିବା ଆଶା ରଖିଛି। ତେବେ ଗତ ଏକଦିବସୀୟ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି କ୍ରମାଗତ ୧୦ ମ୍ୟାଚ ଜିତିବା ସହିତ ଫାଇନାଲରେ ପୁଣି ଥରେ ଅଷ୍ଟ୍ରେଲିଆଠାରୁ ପରାଜିତ ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ ବିସିସିଆଇ ଏବଂ ଚୟନ କମିଟି ଆଗାମୀ ଟି୨୦ ବିଶ୍ୱକପ୍ ଯାହାକି ୱେଷ୍ଟଇଣ୍ଡିଜ ଏବଂ ୟୁଏସ୍‌ରେ ଆଗାମୀ ଜୁନ୍ ଏବଂ ଜୁଲାଇ ମାସରେ ଖେଳାଯିବ ସେଥିପାଇଁ ଏବେଠାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ୩ଟି ଫର୍ମାଟ୍ ପାଇଁ ତିନି ଜଣ ଅଧିନାୟକ ଫର୍ମୁଲାରେ ବିଶ୍ୱାସ ରଖି ପରୀକ୍ଷା ନିରୀକ୍ଷା କରିଛି। ଅନ୍ୟ ପକ୍ଷରେ ୫ଟି ଟି୨୦ ମ୍ୟାଚ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ମନୋନୀତ କରି ଘରୋଇ ସିରିଜରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୪-୧ରେ ପରାସ୍ତ କରି ମଧୁର ପ୍ରତିଶୋଧ ନେଇଛି। ସମସ୍ତ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇ ଏହି ସଫଳତା ହାସଲ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ୍, ଜିତେଶ ଶର୍ମା, ଶ୍ରେୟସ ଆୟାର, ସୂର୍ଯ୍ୟକୁମାର ଯାଦବ, ରବି ବିଷ୍ଣୋଇ, ମୁକେଶ କୁମାର ଏବଂ ଅକ୍ଷର ପଟେଲ ଚମତ୍କାର ପ୍ରଦର୍ଶନ କରି ଭାରତର ସମ୍ମାନ ରକ୍ଷା କରିଛନ୍ତି।

ଇତି ମଧ୍ୟରେ ବିଦେଶ ମାଟିରେ ଆଉ ଏକ ୩ ଫର୍ମାଟ୍ ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତ କରିଛି ଟିମ୍ ଇଣ୍ଡିଆ।

ମୋଟାମୋଟି ଦେଖିବାକୁ ଗଲେ ୨୦୨୩ ଦୁଇଟି ଫାଇନାଲ ବିଫଳତାକୁ ଛାଡିଦେଲେ ସମସ୍ତ ଫର୍ମାଟ୍‌ରେ ଦଳ ଭଲ ପ୍ରଦର୍ଶନ କରିଛି। ୨୦୨୩ ଶେଷ ହେବାକୁ ଯାଉଛି। ଆସନ୍ତା ବର୍ଷ ଦଳର ବ୍ୟସ୍ତବହୁଳ କ୍ରିକେଟ ସିଜନ୍ ରହିଛି। ଇତି ମଧ୍ୟରେ ଆଇପିଏଲ୍‌ର ୧୭ ତମ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏହି ଲିଗ୍ ସମ୍ଭବତଃ ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇ ମେ ୧୯ ପର୍ଯ୍ୟନ୍ତ ଚାଲିବ। ୨୦୨୪ରେ ଭାରତ ୫୨ଟି ଅନ୍ତର୍ଜାତୀୟ ମ୍ୟାଚ ସହିତ ଟି ୨୦ ବିଶ୍ୱକପ ଖେଳିବ। ଆସନ୍ତା ବର୍ଷ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଚକ୍ରରେ ମୋଟ ୧୦ଟି ମ୍ୟାଚ ଖେଳିବାକୁ ରହିଛି। ଦକ୍ଷିଣ ଆଫ୍ରିକା ଗସ୍ତର ୨ ଟେଷ୍ଟ ସହ ଟିମ୍ ଇଣ୍ଡିଆର ୨୦୨୪ ସିଜନ୍ ଚକ୍ର ଆରମ୍ଭ ହେବ। ଜାନୁୟାରୀ ୩ରୁ ୭ ତାରିଖ ୨ୟ ଟେଷ୍ଟ ଖେଳିସାରି ଭାରତୀୟ ଦଳ ସ୍ୱଦେଶ ଫେରିବ। ଏହି ଗସ୍ତ ପାଇଁ ଟେଷ୍ଟ ଦଳରେ ସିନିୟର ଖେଳାଳି ଭାବରେ ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ. ରାହୁଲ, ରବିଚନ୍ଦ୍ରନ ଅଶ୍ୱିନ, ରବିନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା ରହିଥିବା ବେଳେ କେତେକ ଯୁବ ଖେଳାଳି ମଧ୍ୟ ସ୍ଥାନ ପାଇଛନ୍ତି।

ଟିମ୍ ଇଣ୍ଡିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ ଡିସେମ୍ବର ୧୦, ୧୨ ଏବଂ ୧୪ରେ ଖେଳାଯିବାକୁ ଥିବା ବେଳେ ଡିସେମ୍ବର ୧୭ରୁ ଏକଦିବସୀୟ ସିରିଜ ଆରମ୍ଭ ହେବ। ୨ୟ ଏକଦିବସୀୟ ମ୍ୟାଚ ୧୯ ଓ ତୃତୀୟ ମ୍ୟାଚ ୨୧ ତାରିଖରେ ଖେଳାଯିବ। ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ୨୬ ଡିସେମ୍ବରରୁ ଆରମ୍ଭ ହୋଇ ୩୦ ପର୍ଯ୍ୟନ୍ତ ଚାଲିବ। ଏଥି ନିମନ୍ତେ ଟେଷ୍ଟ ପାଇଁ ରୋହିତ ଶର୍ମା ଓ ଏକଦିବସୀୟ ଲାଗି ଲୋକେଶ ରାହୁଲ ଏବଂ ଟି୨୦ ସିରିଜ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ସମସ୍ତ ଫର୍ମାଟ୍ ପାଇଁ ଋତୁରାଜ ଗାଏକ୍ୱାଡ୍, ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍, ଶ୍ରେୟାସ ଆୟାର, ମୁକେଶ କୁମାରଙ୍କ ପରି ଅଭିଜ୍ଞ ଖେଳାଳି ସ୍ଥାନ ପାଇଥିବା ବେଳେ ସଞ୍ଜୁ ସାମସନଙ୍କ ପରି ଅଣଦେଖା ଖେଳାଳିଙ୍କୁ କେବଳ ଏକଦିବସୀୟ ପାଇଁ ଦଳରେ ମନୋନୀତ କରାଯାଇଛି। ମାତ୍ର ଅଶ୍ଚର୍ଯ୍ୟର କଥା ଚେତେଶ୍ୱର ପୂଜାରା ଏବଂ ଅଜିଙ୍କ୍ୟ ରାହାନେଙ୍କୁ ସ୍ଥାନ ମିଳିନାହିଁ। ଏଥିରୁ ପ୍ରମାଣିତ ହେଉଛି ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦେବା ସହିତ ଟି୨୦ ବିଶ୍ୱକପ ଏବଂ ଆଗାମୀ ୨୦୨୩ରୁ ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି ଟିମ୍ ଇଣ୍ଡିଆ।

ଆସନ୍ତା ବର୍ଷ ଇଂଲଣ୍ଡ କ୍ରିକେଟ ଦଳ ମଧ୍ୟ ଭାରତ ଗସ୍ତରେ ଆସି ୫ଟି ଟେଷ୍ଟ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ ବର୍ଷ ଶେଷ ବେଳକୁ ଭାରତର ଅଷ୍ଟ୍ରେଲିଆ ଗସ୍ତ ରହିଛି, ଯେଉଁଥିରେ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ୫ଟି ଟେଷ୍ଟ ମ୍ୟାଚ ମଧ୍ୟ ଖେଳିବ। ନଭେମ୍ବରରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ବାଂଲାଦେଶ ଦଳ ମଧ୍ୟ ଆସନ୍ତା ବର୍ଷ ସେପ୍ଟେମ୍ବର, ଅକ୍ଟୋବରରେ ଭାରତ ଗସ୍ତରେ ଆସି ୨ଟି ଟେଷ୍ଟ ଏବଂ ୩ଟି ଟି୨୦ ମ୍ୟାଚ ଖେଳିବ। ଅକ୍ଟୋବର-ନଭେମ୍ବରରେ ମଧ୍ୟ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ୩ଟି ଫର୍ମାଟ୍ ପାଇଁ ଭାରତ ଗସ୍ତରେ ଆସିବ। ଟେଷ୍ଟ ସିରିଜ ବ୍ୟତୀତ ଭାରତ ୨୧ଟି ଏକଦିବସୀୟ ଏବଂ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଜାନୁୟାରୀ ୨୦୨୪ରେ ଆଫଗାନିସ୍ତାନ ଭାରତ ଗସ୍ତରେ ଆସି ୩ଟି ଟି୨୦ ମ୍ୟାଚ ଖେଳିବ। ଆଇପିଏଲ୍ ପରେ ଜୁଲାଇ-ଅଗଷ୍ଟରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତରେ ଯାଇ ୩ଟି ଏକଦିବସୀୟ ଓ ୩ଟି ଟି୨୦ ଖେଳିବ।

୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ମୋଟ ୧୯ଟି ଟେଷ୍ଟ ଖେଳିବା କାର୍ଯ୍ୟସୂଚୀ ରହିଛି। ତେବେ ପାକିସ୍ତାନ ଏବଂ ଶ୍ରୀଲଙ୍କା ସହ କୌଣସି ଟେଷ୍ଟ ମ୍ୟାଚ ଖେଳିବାର ନାହିଁ। ଘରୋଇ ମାଟିରେ ୧୦ଟି ଟେଷ୍ଟ ମ୍ୟାଚ ଥିବା ବେଳେ ୯ଟି ମ୍ୟାଚ ବିଦେଶ ମାଟିରେ ରହିଛି। ରୋହିତ, ବିରାଟ, ଅଶ୍ୱିନ, ଶାମି, ପୂଜାରା, ରାହାନେ, ଜାଡେଜାଙ୍କ ପରି ଖେଳାଳି କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ତେବେ ସେମାନଙ୍କ ଫିଟନେସ୍ ଭଲ ଥିଲେ ଯୁବ ଖେଳାଳିଙ୍କ ସହ ଅଭିଜ୍ଞଙ୍କୁ ସାମିଲ କରାଗଲେ ସୁଫଳ ମିଳିବ ବୋଲି ଆଶା କରାଯାଉଛି।



---

**ନିଜ ଖେଳରେ ଉତ୍କର୍ଷ ପାଇଁ ଅନେକ ସମୟରେ ଆଲୋଚନା ପରିସରକୁ ଆସୁଥିବା ଭାରତୀୟ ଚେସ୍‌ର ଦୁଇ ପରିଚିତ ନାମ ଆର୍. ପ୍ରଜ୍ଞାନନ୍ଦ ଓ ଆର୍. ବୈଶାଳୀ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଭଉଣୀ-ଭାଇଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ଦୁହେଁ ସ୍ୱତନ୍ତ୍ର ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି, ଯାହାକି ବିଶ୍ୱରେ ପ୍ରଥମ।**

# ଗ୍ରାଣ୍ଡମାଷ୍ଟର ଭଉଣୀ-ଭାଇ

**ବିସ୍ମୟ ବାଳକ ପ୍ରଜ୍ଞାନନ୍ଦ:** ଚେସ୍‌ର ୬୪ ଘର ମଧ୍ୟରେ ନିଜ ଜୀବନ ଅତିବାହିତ କରନ୍ତି ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ। ୧୮ ବର୍ଷୀୟ ଏହି ଭାରତୀୟ ଖେଳାଳି ଚେସ୍ ବିଶ୍ୱକପରେ ଅବିଶ୍ୱସନୀୟ ପ୍ରଦର୍ଶନ କରିଛନ୍ତି। ନିକଟରେ ଆର. ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବା ସହିତ ବିଶ୍ୱର ପ୍ରଥମ ଭାଇ ଭଉଣୀ ଯୋଡି ଭାବେ ଇତିହାସ ରଚିଛନ୍ତି। ଉଭୟଙ୍କ ପିତା ରମେଶ ବାବୁ ଜଣେ ବ୍ୟାଙ୍କ ଅଫିସର ଭାବରେ କାମ କରନ୍ତି। ତେବେ ଉଭୟଙ୍କ ଚେସ୍ ଖେଳ ସଂଯୋଗ ବଶତଃ ହୋଇଥିଲା। ପିଲାବେଳୁ ବୈଶାଳୀ ଅଧିକ ଟିଭି ଦେଖୁଥିଲେ। ତାଙ୍କ ଅଭ୍ୟାସ ଛଡ଼ାଇବା ପାଇଁ ଚେସ୍ ଖେଳାଇବା ଆରମ୍ଭ କରିଥିଲେ ରମେଶ ବାବୁ। ଉଭୟ ପ୍ରଜ୍ଞାନନ୍ଦ ଓ ବୈଶାଳୀଙ୍କୁ ଚେସ୍ ଖେଳ ପସନ୍ଦ ଆସିଥିବା ବେଳେ ବର୍ତ୍ତମାନ ଉଭୟ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ପ୍ରଜ୍ଞାନନ୍ଦଙ୍କ କ୍ୟାରିୟରର ପ୍ରଥମ କୋଚ୍ ଏସ୍. ତ୍ୟାଗରାଜନଙ୍କ ବ୍ଲୁମ୍ ଚେସ୍ ଏକାଡେମୀରେ ଉଭୟ ବୈଶାଳୀ ଓ ପ୍ରଜ୍ଞାନନ୍ଦ ପ୍ରଶିକ୍ଷଣ ନେଉଥିଲେ। ପ୍ରଜ୍ଞାନନ୍ଦ ସାଢେ ୪ ବର୍ଷ ଓ ବୈଶାଳୀ ୭ ବର୍ଷର ଥିଲେ। ସେ ସମୟରେ ହିଁ ଉଭୟଙ୍କ ସ୍ୱତନ୍ତ୍ର ଦକ୍ଷତା ସମ୍ପର୍କରେ ଜଣାପଡିଥିଲା। ତେବେ ତୁଳସୀ ଦୁଇ ପତ୍ରରୁ ବାସିବା ପରି ଉଭୟ ନିଜ ପ୍ରତିଭା ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

ପ୍ରଜ୍ଞାନନ୍ଦ ୧୦ ବର୍ଷ ବୟସରେ ସେ ସମୟର ସର୍ବକନିଷ୍ଠ ଖେଳାଳି ଭାବରେ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ଟାଇଟଲ୍ ହାସଲ କରିଥିଲେ। ଏହାର ଦୁଇ ବର୍ଷ ପରେ ସର୍ବ କନିଷ୍ଠ ଖେଳାଳି ଭାବରେ ଗ୍ରାଣ୍ଡମାଷ୍ଟର ଟାଇଟଲ ମଧ୍ୟ ହାସଲ କରିଥିଲେ। ଫେବୃୟାରୀ ୨୦୨୨ରେ ୧୬ ବର୍ଷୀୟ ପ୍ରଜ୍ଞାନନ୍ଦ ଏକ ର୍‍ୟାପିଡ୍ ଚେସ୍ ଇଭେଣ୍ଟରେ ବିଶ୍ୱର ନମ୍ବର ୱାନ ଖେଳାଳି ମାଗ୍ନସ୍ କାର୍ଲସେନଙ୍କୁ ପରାସ୍ତ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହା କେବଳ ଆରମ୍ଭ ହିଁ ଥିଲା। ୨୦୨୩ରେ ଚେସ୍ ବିଶ୍ୱକପ୍‌ର ଫାଇନାଲରେ କାର୍ଲସେନଙ୍କୁ ଭେଟିଥିଲେ। ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ତଥା ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିବାର ରେକର୍ଡ କରିଥିଲେ ପ୍ରଜ୍ଞାନନ୍ଦ। ଫାଇନାଲରେ ପରାଜିତ ହୋଇଥିଲେ ହେଁ ସେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଜ୍ଞାନନ୍ଦଙ୍କ ସର୍ବୋଚ୍ଚ ଫିଡେ ରେଟିଂ ୨୭୪୧ ତାଙ୍କୁ ନଭେମ୍ବର ୨୦୨୩ରେ ମିଳିଥିଲା।

**ହମ୍ପି ଓ ହାରିକାଙ୍କ ପରେ ବୈଶାଳୀ:** ୭ ବର୍ଷ ବୟସରୁ ଚେସ୍ ଖେଳିବା ଆରମ୍ଭ କରିଥିଲେ ବୈଶାଳୀ। ୨୨ ବର୍ଷ ବୟସରେ ଭାରତର ତୃତୀୟ ମହିଳା ଖେଳାଳି ଭାବରେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ତାଙ୍କ ପୂର୍ବରୁ କୋନେରୁ ହମ୍ପି ଓ ଡି. ହାରିକା ଏହି ଗୌରବ ପାଇଥିଲେ। ବିଶ୍ୱର ପ୍ରଥମ ଭାଇ-ଭଉଣୀ ଯୋଡି ଭାବରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ଇତିହାସ ରଚିଥିବା ବେଳେ ପ୍ରଥମ ଭାଇ-ଭଉଣୀ ଯୋଡି ଭାବରେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବୟସ ବର୍ଗରେ ବିଶ୍ୱ ଚାମ୍ପିୟନ ହୋଇଥିଲେ। ୨୦୧୩ରେ ଚେନ୍ନାଇରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଆୟୋଜନ ହୋଇଥିଲା। ଏଥିରେ ସିମୁଲ୍ କମ୍ପିଟେସନରେ ମାଗ୍ନସ୍ କାର୍ଲସେନଙ୍କୁ ପରାସ୍ତ କରିଥିଲେ ବୈଶାଳୀ। ୨୦୧୬ରେ ୨୩୦୦ ରେଟିଂ ପଏଣ୍ଟ ଅତିକ୍ରମ କରିବା ସହିତ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ହୋଇଥିଲେ। ୨୦୧୮ରେ ଲାଟଭିଆରେ ଅନୁଷ୍ଠିତ ରିଗା ଟେକ୍ନିକାଲ ୟୁନିଭରସିଟି ଓପନ ଟାଇଟଲ ବିଜୟୀ ହେବା ସହିତ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ହୋଇଥିଲେ। ଆଇଲ୍ ଅଫ୍ ମ୍ୟାନ୍‌ରେ ଅନୁଷ୍ଠିତ ଫିଡେ ମହିଳା ଗ୍ରାଣ୍ଡ ସ୍ୱିସ୍ ଟୁର୍ନାମେଣ୍ଟ ଜିତିବା ସହ ୨୫୦୦ ଇଲୋ ରେଟିଂ ଅତିକ୍ରମ କରିଥିଲେ। ଏହା ସହ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଡିସେମ୍ବରରେ ଏଲ୍ ଲିଓବ୍ରେଗାଟ ଓପନରେ ବୈଶାଳୀ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କଲେ।



ପ୍ରଜ୍ଞାନନ୍ଦ ଓ ବୈଶାଳୀ

---

## ପରଫର୍ମାନ୍ସ

ଉଗାଣ୍ଡା ଟ୍ୱେଣ୍ଟି ଟ୍ୱେଣ୍ଟି ବିଶ୍ୱକପ
କ୍ୱାଲିଫାଏ କରି ଷଣ୍ଢ
ର୍ୱାଣ୍ଡା ବିପକ୍ଷରେ ମ୍ୟାଚ ୱିନ୍ କରି
ଏ ଟିମ୍ ପଞ୍ଚମ ମୁଣ୍ଡ
ଆଫ୍ରିକୀୟ ରାଷ୍ଟ୍ର ଧଣ୍ଡ
ୟୁଏସ୍ଏ, ନାମ୍ବିଆ, ଓମାନ ପରିକା
ଟ୍ୱେଣ୍ଟି ଦେଶ ହେବେ ରୁଣ୍ଡ।

କ୍ରିକେଟ ପରି କ୍ରୀଡ଼ା ଇଭେଣ୍ଟରେ ଏବେ
ବ୍ରେକ୍ ଡ୍ୟାନ୍ସ ହେବ ଗଣା।
ପ୍ୟାରିସ ଅଲିମ୍ପିକ୍ସରେ ବ୍ରେକିଂ ସାମିଲ
ଶୁଣି କିଏ ବାଟ ବଣା
କିଏ ପିଏ ଭାଙ୍ଗ ପଣା
ନାଚି ନାଚି ଅଲିମ୍ପିଆନ ବନିବା
ଏ ଇଜି ଉପାୟ ବୀଣା।

ଫାଷ୍ଟ ଏସୀୟ ଡ୍ରାଇଭିଂ ଲାଇସେନ୍ସଧାରୀ
ଥିରୁଭାନନ୍ତପୁରମ ବେଟି
ହାତ ନ ଥାଇ କାର୍ ଚଳାଇ ରେକର୍ଡ
ଗୋଡ ତା'ର ହାତ ଏଠି
ଧନ୍ୟ ମାରିଏଟ୍ ଦୃଷ୍ଟି
ଆମ ଲେଜି ୟଙ୍ଗ୍ ସମୟ ବିତାନ୍ତି
ଖେଳି ଲୁଡୁ ଗେମ୍, ବାଟି।

–ସୁବାସ ଚନ୍ଦ୍ର ପ୍ରଧାନ

---

# ଲକ୍ଷ୍ୟ ପଥରେ ନୀରଜ

ସ୍ୱାଗତ ସମ୍ପଦ

**ଜାଭେଲିନ ଥ୍ରୋ ସର୍କିଟ୍‌ର ଚର୍ଚ୍ଚିତ ଚେହେରା ନୀରଜ ଚୋପ୍ରା ଚଳିତ ବର୍ଷ ବିଶ୍ୱ ଚାମ୍ପିୟନ ହେବା ସହ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତେବେ ୯୦ମିଟର ଛୁଇଁବା ତାଙ୍କ ପାଇଁ ଏକ ଚାଲେଞ୍ଜ ହୋଇପଡ଼ିଛି। ୨୦୨୪ରେ ସେ ଏହା ହାସଲ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି।**



୨୦୨୧ଟୋକିଓ ଅଲିମ୍ପିକ୍ସ ଜାଭେଲିନ୍ ଥ୍ରୋ ଚାମ୍ପିୟନ ନୀରଜ ଚୋପ୍ରା ଚଳିତ ସିଜନ୍‌ରେ ତାଙ୍କ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ନୁହନ୍ତି। ଚଳିତ ବର୍ଷ ସେ ବିଶ୍ୱ ଚାମ୍ପିୟନ ହେବା ସହ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ। ସେହିପରି ଡାଇମଣ୍ଡ ଲିଗ୍ ଫାଇନାଲ୍ସରେ ରୌପ୍ୟ ପଦକ ଜିଣିଥିଲେ। ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ସେ ୮୬. ୭୭ମିଟର ଦୂରତା ହାସଲ କରିଥିଲେ। ବୁଦାପେଷ୍ଟ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ ଜାଭେଲିନ୍ ଥ୍ରୋରେ ସେ ୮୮. ୧୭ମିଟର ସହ ଚାମ୍ପିୟନ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ କିନ୍ତୁ ୮୮. ୭୭ମିଟର ଦୂରତା ହାସଲ କରିଥିଲେ। ତେଣୁ ହାଙ୍ଗ୍‌ଝୋରେ ପାଇଥିବା ଦୂରତା ନୀରଜଙ୍କ ପାଇଁ ଉତ୍ସାହଜନକ ନ ଥିଲା। ଏହାଥିଲା ନୀରଜଙ୍କ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବେଶ୍ ପଛରେ। ଜୁରିଚ୍ ଡାଇମଣ୍ଡ ଲିଗ୍ ମିଟ୍‌ରେ ମଧ୍ୟ ନୀରଜ ପୂର୍ଣ୍ଣଦକ୍ଷତା ପ୍ରଦର୍ଶନରେ ବିଫଳ ହୋଇଥିଲେ। ତାଙ୍କ ଥ୍ରୋ ଦୂରତା ଥିଲା ୮୫. ୭୧ମିଟର। ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ମିଟ୍ ଚାମ୍ପିୟନ ହୋଇଥିଲେ ଚେକ୍ ରିପବ୍ଲିକର ଜାକ୍ୟୁବ୍ ଭାଦଲେକ୍। ସେ ମଧ୍ୟ ତାଙ୍କ ଶ୍ରେଷ୍ଠ ଦୂରତାରୁ ପଛରେ ରହି ୮୫. ୮୬ମିଟର ହାସଲ କରିଥିଲେ। ଭାରତରେ ନୀରଜଙ୍କର ଜାତୀୟ ରେକର୍ଡ ଥିଲା ୮୯. ୩୦ମିଟର। ଏହାକୁ ସେ ୨୦୨୨ଷ୍ଟକହାମ୍ ଡାଇମଣ୍ଡ ଲିଗ୍‌ରେ ଅତିକ୍ରମ କରିଥିଲେ। ଷ୍ଟକହାମ୍‌ରେ ନୀରଜ କ୍ୟାରିୟରର ସର୍ବାଧିକ ୮୯. ୯୪ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ବିଜେତା ହୋଇଥିଲେ। ୯୦ମିଟର ଛୁଇଁବା ତାଙ୍କ ପାଇଁ ଏକ ଚାଲେଞ୍ଜ ହୋଇପଡ଼ିଛି। ଚଳିତ ବର୍ଷ ଏହି ଦୂରତା ହାସଲ କରିବେ ବୋଲି ଆଶା କରାଯାଉଥିଲା, ହେଲେ ତାହା ସମ୍ଭବ ହୋଇନାହିଁ। ୨୦୨୪ସିଜନ୍‌ରେ ଏହା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ନୀରଜ ତାଙ୍କ ପ୍ରସ୍ତୁତି ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛନ୍ତି। ଜର୍ମାନୀ ପ୍ରଶିକ୍ଷକ କ୍ଲଜ୍ ବାର୍ଟୋନିଜ୍‌ଙ୍କ ପରାମର୍ଶ ଅନୁସାରେ ସେ ଗତି କରୁଛନ୍ତି। ଏବେ ନୀରଜ ଦକ୍ଷିଣ ଆଫ୍ରିକାରେ ଅଛନ୍ତି। ଜର୍ମାନୀ ପରେ ଏହା ତାଙ୍କର ଅନ୍ୟତମ ପ୍ରିୟ ପ୍ରଶିକ୍ଷଣ ସ୍ଥଳ। ଏବେ ନୀରଜଙ୍କ ଟାର୍ଗେଟ୍ କେବଳ ପ୍ୟାରିସ ଅଲିମ୍ପିକ୍। ୨୦୨୪ଡାଇମଣ୍ଡ ଲିଗ୍ ପେସାଦାର ସର୍କିଟ୍ ମଧ୍ୟ ତାଙ୍କର ଲକ୍ଷ୍ୟ। ନୀରଜ କନିଷ୍ଠ ବିଶ୍ୱକପ୍, ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନ ହୋଇ ଗୋଲଡେନ୍ ଗ୍ରାଣ୍ଡସ୍ଲାମ୍ ହାସଲ କରିବାରେ ଭାରତ ସମେତ ଏସିଆ ମହାଦେଶର ପ୍ରଥମ ଖେଳାଳି। ତଥାପି ପୂର୍ବ ବିଶ୍ୱ ଚାମ୍ପିୟନମାନେ ଯେଉଁ ଦୂରତା ହାସଲ କରିଥିଲେ ତାହା ନିଶ୍ଚିତ ଭାବେ ସ୍ତୁତ୍ୱକାରୀ। ଜାଭେଲିନ୍ ଇଭେଣ୍ଟର ସେହି ୩ଜଣ ଜଣେ ଜଣେ କିମ୍ବଦନ୍ତୀ ଖେଳାଳି। ଶୀର୍ଷରେ ଅଛନ୍ତି ଜର୍ମାନୀର ଜନାଥନ୍ ଭିଟର୍। ତାଙ୍କ ଥ୍ରୋ ଦୂରତା ୯୭. ୭୬ମିଟର। ଏହି ବିଶ୍ୱ ରେକର୍ଡ ଅଦ୍ୟାବଧି ଅତୁଟ ରହିଛି। ଜର୍ମାନୀର ଥୋମାସ ରୋଲର ଓ ଫ୍ରାନ୍ସର ଜାନ୍ ଜାଲେନୀ ଯଥାକ୍ରମେ ୯୩. ୯୦ମିଟର ଓ ୯୪. ୭୪ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିବାକୁ ସକ୍ଷମ ହୋଇଥିଲେ। ଥୋମାସ ରୋଲର ୨୦୧୭ ଦୋହା ଡାଇମଣ୍ଡ ଲିଗ୍‌ରେ ୯୩. ୯୦ମିଟର ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଜାନ୍ ଜାଲେନୀ ୧୯୯୨ ବାର୍ସେଲୋନା ଅଲିମ୍ପିକ୍‌ରେ ୯୪. ୭୪ମିଟର ଦୂରତା ପାଇ ଚାମ୍ପିୟନ୍ ହୋଇଥିଲେ। ନୀରଜ ଭାରତର ମିଶନ ଅଲିମ୍ପିକ୍ ସେଲ୍ ଅଧୀନରେ ଅଛନ୍ତି। ୨୦୧୮ରେ ଅର୍ଜୁନ ପୁରସ୍କାର ଓ ୨୦୨୨ରେ ଖେଳରତ୍ନ ପୁରସ୍କାର ଜିଣିଥିଲେ। ନୀରଜଙ୍କର ପ୍ରଶିକ୍ଷକ କ୍ଲଜ୍ ବାର୍ଟୋନିଜ୍ ହେଉଛନ୍ତି ଜଣେ ଶରୀର ବିଶେଷଜ୍ଞ। ୨୦୧୯ରେ ଅନ୍ୟତମ ଜର୍ମାନୀ ପ୍ରଶିକ୍ଷକ ୱେ ହନ୍‌ଙ୍କୁ ବିଦାୟ ଦେଇ ବାର୍ଟୋନୀଜ୍‌ଙ୍କୁ ଗ୍ରହଣ କରିଥିଲେ। ୱେ ହନ୍ ମଧ୍ୟ ଜଣେ ବିଶ୍ୱ ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟର୍। ତାଙ୍କ ଅଧୀନରେ ରହି ନୀରଜ କନିଷ୍ଠ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲେ। ତେବେ ବାର୍ଟୋନୀଜ୍ ନୀରଜଙ୍କ କ୍ୟାରିୟରର ପ୍ରକୃତ ବିଦ୍ଧାଣୀ ସାବ୍ୟସ୍ତ ହୋଇଛନ୍ତି।

**ଏସ୍ମା ଲାଗୁ ସରକାରଙ୍କ ଅଜଣା ଡର: ଭାଜପା**

ଭୁବନେଶ୍ୱର, (ସୁନୀତି ମିଶ୍ର): ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ସେବିକା, ଫାର୍ମାସିଷ୍ଟ, ଅନ୍ୟାନ୍ୟ ବୈଷୟିକ କର୍ମଚାରୀ, ମଧ୍ୟ ଶ୍ରେଣୀ, ୪ର୍ଥ ଶ୍ରେଣୀ ବର୍ଗର କର୍ମଚାରୀ ନିଜର ଆବଶ୍ୟକତା ପୂରଣ ପାଇଁ ଧାରଣା ଦେଇଥାନ୍ତି। କିନ୍ତୁ ଏବେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନ ଥିବାବେଳେ 'ଏସ୍ମା' ଲାଗୁ କରିବା ରାଜ୍ୟ ସରକାରଙ୍କ ଅଜଣା ଡରକୁ ପ୍ରକାଶ କରୁଛି ବୋଲି ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି।

# ନାରୀ ନିର୍ଯାତନା, ଅପରାଧୀଙ୍କୁ ସୁରକ୍ଷା ଦେବାରେ ବିଜେଡି ଆଗରେ: କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତ୍ରୀ।

**ଭୁବନେଶ୍ୱର, ୭।୧୨(ସୁନୀତି ମିଶ୍ର)**

ନାରୀ ନିର୍ଯାତନା ଏବଂ ଅପରାଧୀଙ୍କୁ ସୁରକ୍ଷା ଦେବାରେ ବିଜେଡି ସରକାର ସବୁବେଳେ ଆଗରେ। ବେବିନା, କୁନ୍ଦୁଲି, ଟିକିରି ଶିକ୍ଷୟିତ୍ରୀ, ପରୀ, ପିଣ୍ଟୁ, ମମିତା ମେହେର, ସୁଜାତା ଏବଂ ମାହାଙ୍ଗା ଡବଲ ମର୍ଡର ମାମଲାରେ ରାଜ୍ୟ ସରକାରଙ୍କ ବିଧାୟକ ଓ ମନ୍ତ୍ରୀ ସମ୍ପୃକ୍ତ ଥିବାର ଅଭିଯୋଗ ଥାଇ ମଧ୍ୟ ସରକାରଙ୍କ ନୈରାଶ୍ୟ ଦେଖିବାକୁ ମିଳୁଛି। ନାରୀ ଓ ଶିଶୁ ନିର୍ଯାତନାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପରବର୍ତ୍ତୀ ସମୟରେ ଦଳର ଉଚ୍ଚସ୍ତରୀୟ ପଦବୀରେ ବିଜେଡି ଥଇଥାନ କରିଥିବାର ଦେଖିବାକୁ ମିଳିଛି ବୋଲି କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଶ୍ମି କହିଛନ୍ତି, ବିଜେଡିର ମା'ଙ୍କୁ ସମ୍ମାନ ଗାଁକୁ କାମ କେବଳ ସ୍ଲୋଗାନ ହୋଇ ରହିଯାଇଛି। ସନ୍ଦେହ ବଳୟରେ ଥିବା ରାଜନେତାଙ୍କୁ ଟିକେଟ ଦିଆଯାଉଛି। ତେଣୁ ଅପରାଧୀମାନଙ୍କୁ ପ୍ରୋତ୍ସାହିତ କରିବାରେ ରାଜ୍ୟ ସରକାର ମାହିର। ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ମହିଳାଙ୍କ ଉପରେ ଅତ୍ୟାଚାର ୨୦୨୧ରେ ୧୩୮୯ ମାମଲା ବୃଦ୍ଧି ହୋଇଥିବା ବେଳେ ୨୦୨୨ରେ ୧୪୦୨ ମାମଲା ବୃଦ୍ଧି ପାଇଛି। ସମଗ୍ର ଦେଶରେ ମଧ୍ୟ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ଶିଶୁମାନଙ୍କ ଉପରେ ଅତ୍ୟାଚାର ୮.୭ ବୃଦ୍ଧି ପାଇଛି। ମହିଳାମାନଙ୍କ ଉପରେ ଅତ୍ୟାଚାର କ୍ଷେତ୍ରରେ ଓଡ଼ିଶା ଦେଶରେ ୭ ନମ୍ବରରେ ପହଞ୍ଚିଛି ଏବଂ ଆହୁରି ମଧ୍ୟ ରାଜ୍ୟରେ ଅର୍ଥନୈତିକ ଅପରାଧ, ସାଇବର ଅପରାଧ ୨୪.୪% ବୃଦ୍ଧି ପାଇଛି। ସେହିଭଳି ବିଭିନ୍ନ ଠକେଇ ଅପରାଧରେ ୧୧.୮ ଯାହାକି ରାଜ୍ୟ ସରକାର ନିୟନ୍ତ୍ରଣ ଉପରେ ବିଫଳତା ସୂଚାଉଥିବା ସେ କହିଛନ୍ତି।

# ଅଟୋ ଚଳାଇଲେ ଜୁନାଗଡ଼ ବିଧାୟକ

**ଭବାନୀପାଟଣା,୭।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ହେଲିକେପ୍ଟର, ଉଡାଜାହାଜ ଚଳାଇବା କଥା ସମସ୍ତେ ଜାଣନ୍ତି। ହେଲେ ସେ ଅଟୋରିକ୍ସା ଚଳାଇ ଏବେ ବେଶ ଚର୍ଚ୍ଚାକୁ ଆସିଛନ୍ତି। ଜୁନାଗଡ ବ୍ଲକ ତଳଜାରିଙ୍ଗ ଠାରେ ନିର୍ମାଣ ହୋଇଥିବା ଇଣ୍ଡିଆନ୍ ପଟାସ୍ ଲିମିଟେଡର ଇଥାନଲ୍ ଫାକ୍ଟ୍ରିର ଏକ ସିଏସଆର କାର୍ଯ୍ୟକ୍ରମରେ ବୁଧବାର ଯୋଗଦେଇ କମ୍ପାନୀ ପକ୍ଷରୁ ଇ-ଅଟୋରିକ୍ସାକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଉପସ୍ଥିତ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ନିଜେ ସେ ଅଟୋରିକ୍ସା ଚଳାଇବା ସହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସହଯୋଗୀଙ୍କୁ ବସାଇ କିଛି ସମୟ ବୁଲାଇଥିଲେ।



ଅଟୋ ଚଲାଉଛନ୍ତି ବିଧାୟକ ଦିବ୍ୟଶଙ୍କର ମିଶ୍ର।

# ବିଜେଡି ସନାତନ ଧର୍ମ ବିରୋଧୀ: ସମୀର



ସମୀର ମହାନ୍ତି

**ଭୁବନେଶ୍ୱର, ୭।୧୨(ସୁନୀତି ମିଶ୍ର):** ବିଶ୍ୱର ଚାରିଧାମ ମଧ୍ୟରୁ ଶ୍ରେଷ୍ଠ ଧାମ ପୁରୀ ଶ୍ରୀକ୍ଷେତ୍ର। ସେହି ଧାମର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଶ୍ରୀମନ୍ଦିର ପରିଚାଳନା ଓ ନୀତିକାନ୍ତିକୁ ନେଇ କ୍ଷୋଭ ପ୍ରକାଶ କରିବା ଚିନ୍ତାଜନକ। ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ପରିଚାଳନା କମିଟି ଶଙ୍କରାଚାର୍ଯ୍ୟଙ୍କୁ ଅଣଦେଖା କରିବା ଅର୍ଥ ସନାତନ ସଂସ୍କୃତିକୁ ବିରୋଧ କରିବା ସହ ସମାନ ବୋଲି ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସମୀର କହିଛନ୍ତି, ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିର ପରିଚାଳନା କାର୍ଯ୍ୟ ହୋଇଥାଏ ବୋଲି ମାଦଳାପାଞ୍ଜିରେ ଲିପିବଦ୍ଧ ଅଛି। ଏହାକୁ ମଧ୍ୟ ସୁପ୍ରିମକୋର୍ଟ ତର୍ଜମାକରି ସମ୍ମତି ପ୍ରଦାନ କରିଛନ୍ତି। କିନ୍ତୁ ଶଙ୍କରାଚାର୍ଯ୍ୟଙ୍କୁ ରାଜ୍ୟ ସରକାର ଅଣଦେଖା କରିବା ଅର୍ଥ ସନାତନ ସଂସ୍କୃତିକୁ ବିରୋଧ କରିବା। ପୁରୀର ସୌନ୍ଦର୍ଯ୍ୟକରଣକୁ ବିରୋଧ କରାଯାଉନାହିଁ। କିନ୍ତୁ ସୌନ୍ଦର୍ଯ୍ୟ ନାଁରେ ପୁରୀ ଧାମର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ନଷ୍ଟ ନ କରି ରାଜ୍ୟ ସରକାର ତାହା ବଜାୟ ରଖନ୍ତୁ ବୋଲି ସମୀର କହିଛନ୍ତି।

# ବିଶ୍ୱକର୍ମା ଯୋଜନାରେ 'ପାରମ୍ପରିକ ଓ କୌଳିକ ବୃତ୍ତିଧାରୀ' ସାମିଲ ହୁଅନ୍ତୁ: ଭାଜପା

**ଭୁବନେଶ୍ୱର, ୭।୧୨(ସୁନୀତି ମିଶ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱକର୍ମା ଯୋଜନାରେ ପାରମ୍ପରିକ ଓ କୌଳିକ ବୃତ୍ତିଧାରୀ ବଢ଼େଇ, କମାର, କୁମ୍ଭକାର, ବଣିଆ, ଭଣ୍ଡାରୀ, ମୂର୍ତ୍ତିକାର ଆଦି ଅନେକ ପଛୁଆବର୍ଗ ବିଶେଷଙ୍କୁ ସାମିଲ କରାଯାଇଛି । ଏହି ଯୋଜନା ଜରିଆରେ ସେମାନେ ତାଙ୍କ ପାରମ୍ପରିକ ଓ କୌଳିକ ବୃତ୍ତିକୁ ଅଭିବୃଦ୍ଧି କରି କୁଶଳୀ ଓ ସମ୍ପନ୍ନ ହେବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ସେମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ବିଭାଗ ତରଫରୁ ପ୍ରଶିକ୍ଷଣ ଦେବା ସହ ଆର୍ଥିକ ସହାୟତା ଏବଂ କମ୍ ସୁଧରେ ଋଣ ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ଅଧିକରୁ ଅଧିକ ବୃତ୍ତିଧାରୀଙ୍କୁ ସଚେତନ କରାଇ ତାଲିକାରେ ଅନ୍ତର୍ଭୁକ୍ତ କରିବା ହେଉଛି ପ୍ରାଥମିକତା । ବିଶ୍ୱକର୍ମା ଯୋଜନାରେ 'ପାରମ୍ପରିକ ଓ କୌଳିକ ବୃତ୍ତିଧାରୀ' ସାମିଲ ହୁଅନ୍ତୁ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଆହ୍ୱାନ ଦେଇଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଓବିସି ମୋର୍ଚ୍ଚାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ସୁରଥ କହିଛନ୍ତି, ବିଶ୍ୱକର୍ମା ଯୋଜନାରେ ଉପକୃତ ହେବାକୁ ଅଧିକାଂଶ ହିତାଧିକାରୀ ଓବିସି ଜାତିବର୍ଗ ଅନ୍ତର୍ଭୁକ୍ତ ହୋଇଥିବା କାରଣରୁ ସେମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି। ଏକ ଦାୟିତ୍ୱବାନ ରାଜନୈତିକ ଦଳ ଭାବେ ଭାଜପା ଓବିସି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ସମସ୍ତ ଅଞ୍ଚଳ ଗସ୍ତ କରି ଓବିସି ବର୍ଗବିଶେଷଙ୍କୁ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅବଗତ କରିବେ ବୋଲି ସେ କହିଛନ୍ତି।

# ସରକାର ଯେଉଁ ଇନ୍‌ପୁଟ ସହାୟତା ଦେବେ ତାହା ସମୁଦ୍ରକୁ ଶଙ୍ଖେ: କଂଗ୍ରେସ

**ଭୁବନେଶ୍ୱର, ୭।୧୨(ସୁନୀତି ମିଶ୍ର):** ସାମୁଦ୍ରିକ ଝଡ଼ ମିଗ୍‌ଜୋମ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଅନ୍ୟ ଜିଲାଗୁଡ଼ିକରେ ଧାନ, କପା ଓ ଅନ୍ୟାନ୍ୟ ପନିପରିବା ଫସଲ ବିପୁଳ ଭାବରେ ପ୍ରଭାବିତ ହୋଇଛି। ବର୍ଷା ଓ ବାତ୍ୟା ପୂର୍ବରୁ ସରକାର କେବଳ ଚାଷୀଙ୍କୁ ସତର୍କତା ସୂଚନା ଆଦେଶାବଳୀ ଜାରି କରିବା ଛଡ଼ା ଫସଲ ସୁରକ୍ଷା ପାଇଁ କୌଣସି ଜରୁରିକାଳୀନ ସହାୟତା ଯୋଗାଇ ନ ଦେବା ଫଳରେ ଫସଲର ପ୍ରଭୃତ କ୍ଷୟକ୍ଷତି ଘଟିଛି। ସବୁଠାରୁ ଧାନ ଫସଲରେ ବ୍ୟାପକ କ୍ଷତି ହୋଇଛି। କଟାହୋଇ ପଡ଼ିଥିବା ଧାନ ବର୍ଷା ଜଳରେ ଭିଜି ଗଜାହେଲାଣି। ହେଲେ ସରକାର ଧର୍ମକୁ ଆଖିଠାର ପରି ଫସଲ କ୍ଷୟକ୍ଷତି ନେଇ ଆସନ୍ତା ୧୨ ସୁଦ୍ଧା ଆକଳନ କରିବା ପରେ ଯେଉଁ କୃଷି ଇନ୍‌ପୁଟ ସହାୟତା ଦେବେ ତାହା ସମୁଦ୍ରକୁ ଶଙ୍ଖେ। ଏହା ଚାଷୀର ତତ୍‌କ୍ଷଣାତ କ୍ଷତିଭରଣାରେ ସହାୟକ ହୋଇପାରିବ ନାହିଁ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମିୟ କୁମାର ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅମିୟ କହିଛନ୍ତି, ସରକାରଙ୍କୁ ସର୍ତକ କରିବା ସହ ତୁରନ୍ତ ପ୍ରତି କ୍ଷେତ୍ରସ୍ତରରୁ ଚାଷୀଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନକରି କ୍ଷତିଗ୍ରସ୍ତଙ୍କୁ ପ୍ରତି ଏକର ପିଛା ୨୫ ହଜାର ଟଙ୍କା କ୍ଷତିପୂରଣ ସହାୟତା, ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, ପ୍ରଚଳିତ କୃଷି ଇନ୍‌ପୁଟର ସବ୍‌ସିଡର ଦେଢ଼ ଗୁଣା ବୃଦ୍ଧି, ପନିପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ଶତ ପ୍ରତିଶତ ସହାୟତା ଓ ଚଳିତ ରବି ଚାଷ ପାଇଁ ମାଗଣାରେ ଆଳୁ, ପିଆଜ, ତୈଳବୀଜ ଓ ଡାଲିଜାତୀୟ ବିହନ ୭୦ ପ୍ରତିଶତ ରିହାତିରେ ଯୋଗାଇ ଦେବାକୁ କଂଗ୍ରେସ ପକ୍ଷରୁ ସେ ଦାବି କରିଛନ୍ତି।

# ଭାଜପାରେ ମିଶିଲେ କଂଗ୍ରେସ କର୍ମୀ



ଭାଜପା ନେତାଙ୍କ ସହ ଦଳରେ ଯୋଗଦେଇଥିବା ନୂତନ ସଦସ୍ୟ।

**ନିମାପଡ଼ା,୭।୧୨**
**(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ପୁରୀ ଜିଲା ନିମାପଡ଼ା ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ନିମାପଡ଼ା ଡିହବାରୀ ରାସ୍ତାର ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ ଦଳର ବରିଷ୍ଠ ନେତା ଦିଲୀପ ନାୟକ ଯୋଗଦେଇ ଖୁବଶୀଘ୍ର ନିମାପଡ଼ାରେ ଏକଚ୍ଛତ୍ରବାଦୀ ଶାସନର ଅବସାନ ଘଟିବ। ଆଗାମୀ ନିର୍ବାଚନରେ ଭାଜପା ବିଜୟର ଧ୍ୱଜା ଉଡ଼ିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ, ମଣ୍ଡଳ ସଭାପତି ମାନସ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଅଜୟ ଭୋଇ, ନିରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ସନ୍ତୋଷ ରଥ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଯୋଜନାକୁ ଗାଁର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ମିଶ୍ରଣପର୍ବରେ ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତ ଦଳିତ ସାହିର ୩୦ଟି କଂଗ୍ରେସ ପରିବାର ଦଳତ୍ୟାଗ କରି ସୁଦର୍ଶନ ଭୋଇ, ସମୀର ରାଉତ, ଜିତେନ୍ଦ୍ର ଦାସ, ଦାମୋଦର କାଣ୍ଡି ପ୍ରମୁଖଙ୍କ ନେତୃତ୍ୱରେ ଭାଜପାରେ ସାମିଲ ହୋଇଥିଲେ। ଦଳରେ ଯୋଗ ଦେଇଥିବା ନୂତନ କର୍ମୀଙ୍କୁ ଭାଜପା ନେତୃବୃନ୍ଦ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।


**ODISHA STATE AGRICULTURAL MARKETING BOARD (OSAMB)**
(A Statutory Organisation of Govt. of Odisha)
Plot No.1800(P), Baramunda, Post-Khandagiri,
Near Indian Oil Petrol Pump, Bhubaneswar
Ph.No.0674-2952410, Email: osamboard99@yahoo.com
No.01/Engg.78/2023-24 Dated 23.05.2023

**REQUEST FOR PROPOSALS FOR ENGAGEMENT OF STATE PSU/ CENTRAL PSU/DEPARTMENTAL UNDER TAKING AS PROJECT MANAGEMENT CONSULTANT FOR ESTABLISHMENT OF CAPITAL REGION AGRICULTURAL MARKET AT MAHURA UNDER BHUBANESWAR MUNICIPALITY"**

**No.CAD-3176:**Engagement of State PSU/ Central PSU/ Departmental under taking as Project Management Consultant for Establishment of Capital Region Agricultural Market at Mahura under Bhubaneswar Municipality"
The RFP documents covering the details of information, eligibility criteria, selection process and other terms & conditions can be downloaded from https://osamb.odisha.gov.in from 07.12.2023. The last date for submitting the RFP documents alongwith processing fees of Rs.11,800/- (Rupees Eleven Thousand Eight Hundred) only in shape of DD in favour of "OSAMB" payable at Bhubaneswar through Regd/ Speed Post is 28.12.2023 by 5.00 P.M. The technical bids will be opened on 29.12.2023 at 11.30 A.M. The date of opening of financial bids will be intimated subsequently. The Authority reserves the right to reject any / all proposals without assigning any reason thereof.

Sd./- General Manager
OSAM Board, Bhubaneswar
OIPR-01444/11/0015/2324



**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର**
**ବିଜ୍ଞାପନ**
No.M-62: (କେବଳ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ଉଦ୍ଦିଷ୍ଟ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ ଜିଲ୍ଲାଙ୍କ ତରଫରୁ ୨୧ ଗୋଟି ସହଚର ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| ପଦବୀ | ଅନୁସୂଚିତ ଜାତି ବର୍ଗ | ଅନୁସୂଚିତ ଜନଜାତି ବର୍ଗ | ମୋଟ |
|---|---|---|---|
| ସହଚର | ୦୫ (ମହିଳା-୦୨) | ୧୬ (ମହିଳା-୦୫) | ୨୧ (ମହିଳା-୦୭) |

ଖାଲିଥିବା ୨୧ (ଏକୋଇଶ) ଗୋଟି ସହଚର ପଦବୀ ମଧ୍ୟରୁ ୦୧ ଗୋଟି ପଦବୀ ଶାରୀରିକ ଅକ୍ଷମ, ୦୧ ଗୋଟି ପଦବୀ ପୂର୍ବତନ ସାମରିକ କର୍ମଚାରୀ, ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଗଞ୍ଜାମ, ବ୍ରହ୍ମପୁର (Chief District Veterinary Officer, Ganjam, Berhampur) ଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିବେ ।

ଆବେଦନପତ୍ର ଦାଖଲ କରିବାର ଏହି ବିଜ୍ଞାପନଟି ଗଞ୍ଜାମ ଜିଲ୍ଲାର www.ganjam.nic.in ୱେବସାଇଟ ରେ ମଧ୍ୟ ଉପଲବ୍ଧ । ପ୍ରକାଶଥାଉକି, ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ଅଛି ।

OIPR-06032/11/0003/2324



**OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I, CUTTACK**
E-mail I.D.- eepwdcuttack@gmail.com, Tele/Fax No. (0671)- 2304128
**GOVERNMENT OF ODISHA**
No.B-1393 **('e' PROCUREMENT NOTICE)**
**Bid identification No. S.E. CTC (R&B)-45 of 2023-24**
**TENDER CALL NOTICE**

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Road works as mentioned below.
2. No. of Work :- **12 Nos.**
3. Nature of work :- **Road works**
4. Class of Contractor :- **"D" & "C", "C" & "B" and "B" Class**
5. Tender Paper Cost :- **Rs.4000/- & Rs.6000/- (Online)**
6. Available of bid documents in the website :- **From 08.12.2023 to 5PM of 18.12.2023**
7. Date of Opening of Bid :- **11 AM of 19.12.2023**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- (Er. P.K. Majhi), Superintending Engineer,
Cuttack (R&B) Division No.I
OIPR-34091/11/0043/2324



**OFFICE OF THE COLLECTOR & DISTRICT MAGISTRATE, BOUDH**
(ST & SC Development Section)
Email Id. dwobdh@gmail.com
**No. 2129/Date 01.12.2023**
**ADVERTISEMENT FOR THE POST OF LADY MATRONS**

No. V-59:- Applications are invited in prescribed proforma from intending widow/ divorcee / single member family women / married women candidates of ST/SC/SEBC category of age 35 years & above as on 1st January 2023 of Boudh district only for engagement of 03 No's of Lady Matrons/ Jr. Lady Matron purely on contractual basis with a monthly consolidated remuneration of Rs. 10,000/- in 03 Girls Hostels/ Schools functioning under ST & SC Development Department is details below. The application should be superscribed as **"Application for the post of Lady Matron/Jr.Lady Matron"** on the top of the envelope. Separate applications form should be submitted by the candidates applying for more than one school/hostel. The detail advertisement, eligibility criteria, educational qualification, service condition, process of selection, duties and responsibility of the post and prescribed application form can be downloaded from the District website **www.boudh.nic.in**.

Sd./- District Welfare Office, Boudh
OIPR-24377/11/0002/2324



**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳ**
ଓଡ଼ିଶା ସରକାର
**Special Development Council, Kandhamal**
TEL-06842-254149 E-mail: itdaphulbani@gmail.com
No. 2703 Date: 24th Nov. 2023
**TENDER CALL NOTICE**

No. CAD-3166:- Sealed tenders are invited by Special Development Council (SDC), Kandhamal from the intending Regd. reputed Firms/ Agencies for supply of "**T-Shirts**" for the Tribal Youth towards Marathon & Sports person as per the specification annexed at **Annexure-I** empanelled under Special Development Council of Kandhamal district with following terms and condition. The detailed tender documents "Annexure-A" will be available in the Office of P.A., I.T.D.A, Phulbani from **28.11.2023** to **14.12.2023** during office hour or can be downloaded from the Kandhamal N.I.C. website, www.kandhamal.nic.in. Interested bidders may be submit their sealed tender documents in the prescribed Format superscribed "**Tender for T-shirts**" on the envelope to the **Project Administrator, Integrated Tribal Development Agency, Phulbani** on or before **14.12.2023** by **5.00 PM** through registered Post/ Speed Post/ Courier service with technical Bid & the same will be opened on the next day at **15.12.2023** at **11.30 A.M.** in the office chamber of P.A.,I.T.D.A., Phulbani in presence of Firms/ Agencies/ Dealers or their authorized representatives before the tender committee. The Bidders are required to submit Technical Bid and Financial Bid in separate envelopes enclosed in a common envelope superscribed "**Tender for T-shirts**" on the cover of the envelope along with the samples with required specifications.

Sd./- Collector-cum-CEO,
Special Development Council, Kandhamal, Phulbani
OIPR-26040/11/0009/2324



**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳ**
**Special Development Council, Kandhamal**
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ
ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର
**OFFICE OF THE PROJECT ADMINISTRATOR, ITDA, PHULBANI**
**ST & SC DEVELOPMENT DEPARTMENT, GOVERNMENT OF ODISHA**
TEL-06842-254149 E-mail: itdaphulbani@gmail.com
No. 2759 Date: 02.12.2023
**TENDER CALL NOTICE**

No. CAD-3164:- Sealed tenders are invited by Special Development Council (SDC), Kandhamal from the intending reputed Firms/ Agencies for "**Supply of Sports Kit**" for distribution to the Tribal Youth for sports empanelled under Special Development Council of Kandhamal district with following terms and condition. The detailed tender documents "**Annexure-A**" will be available in ITDA, Phulbani from **04.12.2023** to **15.12.2023** during office hour or can be downloaded from the district website **www.kandhamal.nic.in**. Interested bidders may submit their sealed tender documents in the prescribed format superscribed **"Tender paper for Sports kits"** on the cover of the envelope to the **Project Administrator, Integrated Tribal Development Agency, Phulbani** on or before **15.12.2023** by **5.00 PM** through registered Post/ Speed Post/ Courier service and technical Bid will be opened on the next day on **16.12.2023 at 11.00 A.M.** in the office chamber of PA, ITDA, Phulbani in presence of Firms/ Agencies/ Dealers or their authorized representatives before the tender committee. The Bidders are required to submit Technical Bid and Financial Bid in separate envelopes enclosed in a common envelope superscribed "**Tender for Sports kit**" on the cover of the envelope along with the samples of the Sports Equipment.

Sd./- Collector-cum-CEO, SDC, Kandhamal
OIPR-26040/11/0010/2324



**GOVERNMENT OF ODISHA**
**ODIA LANGUAGE, LITERATURE & CULTURE DEPARTMENT**
**HAREKRUSHNA MAHTAB STATE LIBRARY, BHUBANESWAR**
**ADVERTISEMENT**
**No-ASD-Estt.-II-13/2023/2295/HKMSL.** **Dated.- 06.12.23**

No. RR-58:- Applications are invited from the retired Government Officers/ Employees for engagement as OSDs for 02 posts in the Harekrushna Mahtab State Library, Bhubaneswar on contractual basis against the following vacant posts for a period of one year or till the vacancy is filled up, whichever is earlier as per the terms and conditions as stated below.

| Sl. No | Name Of the Post | Nos of post |
|---|---|---|
| 01 | Assistant Librarian | 01 |
| 02 | Library Attendant | 01 |
| | | **Total - 02** |

1. Officers who have retired from Government service on attaining the age of superannuation and below the age of sixty five years having good service records and are physically fit shall be eligible to be considered for engagement.
2. Officers against whom department proceeding or criminal cases are pending or contemplated or who have been penalized for misconduct during the period of preceding five years of retirement are not eligible to apply.
3. The engagement will be made as per terms and conditions as laid down vide GA Department Resolution No. 23750/Gen. Dt.27.08.2014.
4. The Consolidated remuneration of the Consultants/OSDs will be fixed as per Finance Department O.M No. 7022/F Dt. 17.03.2018 and revised O.M. No. 24533 dt.29.09.2022.
5. The engaged officers are subject to 'Odisha Government Servants Conduct Rules, 1957 and are liable to be proceeded against for their misconduct, omissions and commissions as per the provisions under the Odisha Civil Service Pension Rules, 1992.
6. The engagement can be terminated at any time by the competent authority due to unsatisfactory performance. On the contrary if any OSD desires to resign he shall do so by giving one month's prior written notice to the competent authority.
7. On being selected, the applicant will furnish an undertaking at the time of joining the duty as regards truthfulness and correctness of the information furnished by him/her.
8. Interested retired Officers fulfilling the above criteria may apply in the enclosed format to the Director HKM State Library, Bhubaneswar through e-mail Id hkmsl@rediffmail.com / hkmsl2022@gmail.com by 13th December, 2023.

Sd./- Director, HKM State Library
OIPR-03016/11/0004/2324



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
No. O-1738 (E-Mail:- serwbpr2004@yahoo.com, Tel/Fax:- 0680-2404287)
At:- Ambapua, Po:- Engineering School, Near Income Tax Office, Berhampur-760011
**NATIONAL COMPETITIVE BIDDING THROUGH e-Procurment**
**Bid Identification No. Online Tender/83-2023-24/BPR**

| Identification No. | Name of work | No. of Works | Approx. Estimated cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 83-2023-24/ BPR | Bridge Works (BSY) for 2023-24 | 04 Nos. | From Rs.364.33 lakhs to Rs.650.93 lakhs | "A" Class, or "Special" Class as applicable | 11 (Eleven) & 18 (Eighteen Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/83-2023-24/ BPR | 12.12.2023 at 10.00 A.M. | 26.12.2023 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

Sd./- Chief Construction Engineer, R.W. Circle, Berhampur
OIPR-25071/11/0090/2324



**BHUBANESWAR DEVELOPMENT AUTHORITY**
AKASH SHOVA BUILDING
SACHIVALAYA MARG, BHUBANESWAR - 751001
PABX No. 0674-2392801/0998/6437, Fax No. 0674-2390633/085
Visit us at: http://www.bda.gov.in/
**Invitation for Bids**
**Bid Identification No.1447/EM/BDA/2023-24** **Date: 05.12.2023**

No.CAD-3161:- Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in double cover system in ONLINE MODE from eligible contractors for civil works as mentioned below:

| | | | |
|---|---|---|---|
| 1. | Nature of works | : | Civil Work (Construction of boundary Wall) |
| 2. | Total No. of works | : | 01 (one) No. |
| 3. | Amount put to tender | : | Rs.765.17 Lakh |
| 4. | Class of Contractor | : | **'A' & 'Special' Class** |
| 5. | Period of Completion | : | 06 (Six) Calendar months |
| 6. | Cost of Bid Documents | : | Rs. 10,000.00 + 18% GST= Rs. 11,800.00 (Online transfer by the last date & time for receipt of bids) |
| 7. | Earnest Money Deposit (EMD) | : | 1% of estimated cost put to tender. (Online transfer by the last date & time for receipt of bids) |
| 8. | Availability of Tender | : | **From 08.12.2023 to 5.30 PM of 22.12.2023** https://tendersodisha.gov.in |
| 9. | Date of opening of Tender | : | **Dt. 26.12.2023 at 11.30 AM** |
| 10. | Place of opening of Tender | : | O/o - Engineer Member, BDA, Bhubaneswar. |

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Engineer Member,
BDA, Bhubaneswar
OIPR-13033/11/0493/2324



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA**
Phone No.(06856)-222081(Off.) E-mail: eemirgd@ymail.com
**e-PROCUREMENT NOTICE**
**BID IDENTIFICATION NO. ONLINE - 08/MID RGD/2023-24**
**Lt. No.3375// MIDRGD // date. 02.12.2023**

No. A-953:- The Superintending Engineer, M.I. Division, Rayagada on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of work | : | Construction of new Check Dams under MATY 2023-24 |
| 2. | Total No. of works | : | **04 (Four) Nos. Only** |
| 3. | Estimated cost | : | **Varies from Rs. 24.24 to 46.62 Lakhs (Approximately)** |
| 4 | Class of contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid Document in portal | : | From 10.00 AM on 11.12.2023 and upto 5.30 PM on 22.12.2023 |
| 7. | Last date / time for receipt of Bid Document in portal | : | Upto 5.30 PM on 22.12.2023 |
| 8. | Date / Time of opening of Technical Bid | : | From 11.00 AM on 26.12.2023 At O/o S.E., M.I. Division, Rayagada on online |
| 9. | Name and Address of Officer inviting the Bid. | : | Superintending Engineer, M.I. Division, Rayagada |
| 10. | Mode of Payment of Bid cost and Bid security. | : | Online |

Sd./- Superintending Engineer,
M.I. Division, Rayagada
OIPR-32056/11/0010/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ରିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦ୍ରୁତ ଉତ୍ପାଦନ ଯୋଗୁ ରପ୍ତାନିରେ ଅଭିବୃଦ୍ଧି

- ମେକ୍ ଇନ୍ ଇଣ୍ଡିଆ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରାର ଏକ ସଫଳତା-ବୈଷ୍ଣବ
- ଉତ୍ପାଦନ ବୃଦ୍ଧି ଦେଶର ରପ୍ତାନିରେ ଅଭିବୃଦ୍ଧି ଘଟାଇଛି
- ଅଧିକ ଚାକିରି ସୁଯୋଗ ପ୍ରଦାନ କରିବ
- ଖେଳନା ରପ୍ତାନି କ୍ଷେତ୍ରରେ ସର୍ବାଧିକ ବୃଦ୍ଧି
- ଭାରତରେ ମୋବାଇଲ ଫୋନ୍ ଉତ୍ପାଦନ ୪୪ ବିଲିୟନ ଡଲାରକୁ ବୃଦ୍ଧି
- ହ୍ୟାଣ୍ଡସେଟ୍‌ର ରପ୍ତାନି ପ୍ରାୟ ୧୧ ବିଲିୟନ ଡଲାର



**ଭୁବନେଶ୍ୱର, ୭।୧୨ (ଅଭୟ ଦଶ)**

କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ଓ କାର୍ଯ୍ୟକାରିତା ଯୋଗୁ ଦେଶ ଆଜି ଉତ୍ପାଦନର କେନ୍ଦ୍ରସ୍ଥଳ ପାଲଟିଛି। ଏପରିକି ଗତ କିଛି ବର୍ଷ ମଧ୍ୟରେ ଘରୋଇ ବଜାରର ଉତ୍ପାଦନ ଦ୍ରୁତଗତିରେ ବଢ଼ିଛି। ବିଶେଷକରି ଦ୍ରୁତ ଉତ୍ପାଦନ ଯୋଗୁ ଭାରତ ରପ୍ତାନି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିଛି ବୋଲି ଗୁରୁବାର ଏକ ସ୍ୱତନ୍ତ୍ର ପ୍ରେସ୍ ବିବୃତିରେ ରେଳ, କେନ୍ଦ୍ର ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଅପରପକ୍ଷରେ ଭାରତ କେବଳ ଉତ୍ପାଦନ ନୁହେଁ, ଠିକ୍‌ଭାବେ ଜଟିଳ ଉତ୍ପାଦନ ମଧ୍ୟ କରୁଛି। ଏପରିକି ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଭାରତ ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ରସ୍ଥଳ ଭାବେ ଉଭା ହୋଇଛି। ଉତ୍ପାଦନର ଆଧାର ମଧ୍ୟ ରପ୍ତାନିରେ ଅଭିବୃଦ୍ଧି ଘଟାଉଛି ବୋଲି ବୈଷ୍ଣବ ମତପ୍ରକାଶ କରିଛନ୍ତି।

ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ସାମଗ୍ରିକ ରପ୍ତାନି ମୂଲ୍ୟ ପ୍ରାୟ ୭୭୫.୮୭ ବିଲିୟନ ଡଲାର ହୋଇଥିଲା ବେଳେ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୧୪%ରୁ ଅଧିକ ସହ ପ୍ରାୟ ୧୦୦ ବିଲିୟନ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥକ ବର୍ଷରେ ଭାରତର ବାଣିଜ୍ୟ ରପ୍ତାନି ୪୫୦.୪୩ ବିଲିୟନ ଡଲାର ଥିଲା, ଯାହା ପୂର୍ବ ଆର୍ଥକ ବର୍ଷର ଅବଧିଠାରୁ ଢେର ଅଧିକ ବୋଲି କୁହାଯାଉଛି। ବିଶେଷକରି ସେବା ରପ୍ତାନିରେ ଭାରତ ଉନ୍ନତି ଘଟାଇଥିବାବେଳେ ନିକଟ ଅତୀତରେ ବାଣିଜ୍ୟ ରପ୍ତାନିରେ ମଧ୍ୟ ଅଭିବୃଦ୍ଧି କରିପାରିଛି।

ସେହିପରି ଗତ ୯ବର୍ଷ ମଧ୍ୟରେ ଉତ୍ପାଦିତ ସାମଗ୍ରୀର ବିବିଧତା ଯଥେଷ୍ଟ ଉନ୍ନତ ହୋଇଛି। ଏପରିକି ବୈଦ୍ୟୁତିକ ଉପକରଣ, ଯନ୍ତ୍ରପାତି, ମେଶିନ ଉପାଦାନ, ଇଲେକ୍ଟ୍ରୋନିକ୍ ଉପାଦାନ ଏବଂ ଅନ୍ୟାନ୍ୟ ଜଟିଳ ଉତ୍ପାଦନ ପ୍ରକ୍ରିୟାରେ ଭାରତ ଅଭିବୃଦ୍ଧି କରିଛି। ଗୁଣବତ୍ତା ତଥା ମୂଲ୍ୟ ଦୃଷ୍ଟିରୁ ଉକ୍ତ ଶିଳ୍ପଗୁଡ଼ିକରୁ ବିଭିନ୍ନ ସାମଗ୍ରୀର ରପ୍ତାନି ନିୟମିତ ଏବଂ କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ବୈଷ୍ଣବ କହିଛନ୍ତି। ବିଶେଷକରି ମୋବାଇଲ ରପ୍ତାନି ଆଦି ବିଷୟରେ ଉଲ୍ଲେଖକରି ବୈଷ୍ଣବ କହିଛନ୍ତି, ୨୦୨୨-୨୩ରେ ଭାରତରୁ ଟେଲିକମ୍ ସାମଗ୍ରୀ ରପ୍ତାନିରେ ୧୨.୮ ବିଲିୟନ ଡଲାର ମଧ୍ୟରୁ ୧୧ ବିଲିୟନ ଡଲାର ମୋବାଇଲ୍ ଫୋନ୍ ରହିଥିଲାବେଳେ ଚଳିତ ଆର୍ଥିକ ବର୍ଷରେ ମୋବାଇଲ ଫୋନ୍ ରପ୍ତାନି ପ୍ରାୟ ୧୫ ବିଲିୟନ ଡଲାର ହେବା ସମ୍ଭାବନା ରହିଛି। ଭାରତରେ ଉତ୍ପାଦନ ଦ୍ରୁତ ଅଭିବୃଦ୍ଧି ଘଟୁଛି ବୋଲି ବୈଷ୍ଣବ କହିଛନ୍ତି।

ଅପରପକ୍ଷରେ ସରକାର ଉତ୍ପାଦନ କରିଥିବା ବିଭିନ୍ନ ପଦକ୍ଷେପ ମଧ୍ୟରେ ଇଲେକ୍ଟ୍ରୋନିକ୍ ସାମଗ୍ରୀ ସମେତ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍ଆଇ) ଯୋଜନା ଆରମ୍ଭ କରିବା, ଭାରତୀୟ ଉତ୍ପାଦକମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କରିବା, ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା, ରପ୍ତାନିକୁ ବୃଦ୍ଧି କରିବା, ଭାରତକୁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଯୋଡିବା ଏବଂ ନିର୍ଭରଶୀଳତା ଓ ଆମଦାନୀ ଆଦି ଉପରେ ହ୍ରାସ ହୋଇପାରିଛି ବୋଲି ବୈଷ୍ଣବ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଏସ୍‌ଏଏମ୍‌ଫିଏଲ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର, ୭।୧୨**

ସାମ୍‌କୋ ଆସେଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏଏମ୍‌ପିଏଲ୍)ର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ଡାଇନାମିକ ଆସେଟ ଆଲୋକେଶନ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଶିଷ୍ଟ ପୁଞ୍ଜିନିବେଶ ପାଇଁ ଏହା ସୁଯୋଗ ପ୍ରଦାନ କରୁଛି, ଏପରିକି ଆଜିର ଗତିଶୀଳ ବଜାର ପରିପ୍ରେକ୍ଷୀରେ ନିବେଶକମାନଙ୍କୁ ସ୍ଥିରତା, ଅଭିବୃଦ୍ଧି ସମ୍ଭାବନା, ବଜାର ଅସ୍ଥିରତାରୁ ସୁରକ୍ଷା ପାଇଁ ଏକ ଅନନ୍ୟ ପାଣ୍ଠି ପରିକଳ୍ପନା କରାଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଡିସେମ୍ବର ୭ ରେ ଏହି ଏନ୍‌ଏଫ୍‌ଓ ଖୋଲାଯାଇଥିବାବେଳେ ୨୦୨୩ ଡିସେମ୍ବର ୨୧ରେ ଡିଏଏଏଫ୍ ସହିତ ନିବେଶକମାନେ ଇକ୍ୟୁଟି ନିବେଶ ସୁବିଧା ଉପଭୋଗ କରିପାରିବେ ଓ ଆବଶ୍ୟକ ସମୟରେ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରିପାରିବେ। ଏ ସମ୍ପର୍କରେ ଏସ୍‌ଏଏମ୍‌ପିଏଲ୍‌ର ମୁଖ୍ୟ ବିନିଯୋଗ ଅଧିକାରୀ ଉମେଶ କୁମାର ମେହେଟା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ 'ଡାଇନାମିକ ଆସେଟ ଆବଣ୍ଟନ ପାଣ୍ଠି'ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଭାରତରେ ନିବେଶକଙ୍କ ଚିନ୍ତା ଓ ଆବଶ୍ୟକତାକୁ ସମାଧାନ କରିବା ପାଇଁ ଏହା ଆମର ପ୍ରତିବଦ୍ଧତାର ଫଳାଫଳ ଭାବେ ଉଭା ହୋଇଛି।

# ଆଜିଠୁ ୨ ଦିନିଆ ଗ୍ଲୋବାଲ ଇନ୍‌ଭେଷ୍ଟର ସମ୍ମିଟ୍

**ଉତ୍ତରାଖଣ୍ଡ,୭।୧୨**




ଉତ୍ତରାଖଣ୍ଡ ସରକାରଙ୍କ ବହୁ ପ୍ରତୀକ୍ଷିତ ନିବେଶକ ସମ୍ମିଳନୀ 'ଉତ୍ତରାଖଣ୍ଡ ଗ୍ଲୋବାଲ ଇନ୍‌ଭେଷ୍ଟର ସମ୍ମିଟ୍ (ୟୁକେଜିଆଇଏସ୍)-୨୦୨୩'ର ଆନୁଷ୍ଠାନିକ ଶୁଭାରମ୍ଭ ଚଳିତ ବର୍ଷ ଡିସେମ୍ବର ୮ରେ ହେବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଏହି ୨ ଦିନିଆ ନିବେଶକ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିସେମ୍ବର ୮ରେ ଉଦ୍‌ଘାଟନ କରିବେ ବୋଲି ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଡିସେମ୍ବର ୮ ଓ ୯ରେ ଉତ୍ତରାଖଣ୍ଡର ବନ ଅନୁସନ୍ଧାନ ପ୍ରତିଷ୍ଠାନ ଡେରାଡୁନ୍‌ଠାରେ ଆୟୋଜନ ହେବାକୁ ଯାଉଛି। ଏହି ସମ୍ମିଳନୀରେ ଦେଶ ତଥା ବିଶ୍ୱରୁ ୧ ହଜାରରୁ ଅଧିକ ନିବେଶକ ଏବଂ ପ୍ରତିନିଧି ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି, ଉକ୍ତ ନିବେଶକ ସମ୍ମିଳନୀ ପାଇଁ ସମସ୍ତ ପ୍ରସ୍ତୁତି ରାଜ୍ୟ ସରକାର ଶେଷ କରିଛନ୍ତି। ଏପରିକି ଉତ୍ତରାଖଣ୍ଡକୁ ଏକ ନୂତନ ବିନିଯୋଗ ଲକ୍ଷ୍ୟସ୍ଥଳ ଭାବେ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ସରକାର ଏଭଳି ଏକ ମେଗା ନିବେଶକ ସମ୍ମିଳନୀର ଆୟୋଜନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମ୍ମିଟ୍‌ରେ ରାଜ୍ୟ ସରକାର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ବିନିଯୋଗ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ବିଭିନ୍ନ ଶିଳ୍ପ ଗୋଷ୍ଠୀ ସହ ମଧ୍ୟ ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ ରହିଛି।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିଜୟ କୁମାର ପଟ୍ଟନାୟକ**
ସ୍ଥାନ- ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ- ୦୪।୦୭।୧୯୪୬
ତିରୋଧାନ- ୨୮।୧୧।୨୦୨୩

ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ଚିରପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନ୍‌ଙ୍କଠାରେ ପ୍ରାର୍ଥନା କରୁଛୁ।

ହତଭାଗ୍ୟ ପୁତ୍ର- ମଳୟ କୁମାର ପଟ୍ଟନାୟକ, ସମୟ କୁମାର ପଟ୍ଟନାୟକ, ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୯୭୧

## CLASSIFIED DISPLAY
MORE SPACE • SAME PRICE
TARIFF — GST 5%

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
**ANM**
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଟାଟା ପାୱାରର ନୂତନ ମାଇଲଖୁଣ୍ଟ

**ଭୁବନେଶ୍ୱର, ୭।୧୨**

ଟାଟା ପାୱାରର ଓଡ଼ିଶା ଡିସ୍‌କମ୍ ନିକଟରେ ଆଉ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଅଧିଗ୍ରହଣ ପରଠାରୁ ଡିସ୍‌କମ୍‌ଗୁଡିକର ଉନ୍ନତ ପ୍ରକ୍ରିୟା ଓ ସରଳୀକରଣ ପଦକ୍ଷେପ ଯୋଗୁ କମ୍ପାନୀ ରାଜ୍ୟରେ ମୋଟ ୧୦,୦୪୦,୨୨ ନୂଆ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିଛି। ବିଶେଷକରି ସମ୍ଭାବ୍ୟ ଗ୍ରାହକମାନେ ୱେବ୍‌ସାଇଟ୍, କଲ୍, ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍, ଇ-ମେଲ୍ ଏବଂ ଗ୍ରାହକ ସେବା କେନ୍ଦ୍ର ଭଳି ବିଭିନ୍ନ ଟଚ୍ ପଏଣ୍ଟ ଜରିଆରେ ଆବେଦନ କରିପାରିବେ। ସେହିଭଳି ସର୍ବନିମ୍ନ ଦସ୍ତାବିଜ ଆବଶ୍ୟକତା ସହ ଡିସ୍‌କମ୍‌ଗୁଡିକ ନୂଆ ସଂଯୋଗ ପ୍ରକ୍ରିୟାରେ ସମ୍ପୃକ୍ତ ପଦକ୍ଷେପଗୁଡ଼ିକୁ ଯଥେଷ୍ଟ ହ୍ରାସ କରିବା ସହ ସେଗୁଡ଼ିକୁ ଡିଜିଟାଇଜ୍ ମଧ୍ୟ କରିଛନ୍ତି, ଯାହା ଗ୍ରାହକଙ୍କ ସୁବିଧା ପାଇଁ ପ୍ରକ୍ରିୟାକୁ ବେଶ୍ ସରଳ କରିଛି। ଉକ୍ତ ପ୍ରକ୍ରିୟାରେ କେବଳ ୪ଟି ପଦକ୍ଷେପ ଅନ୍ତର୍ଭୁକ୍ତ ରହିଛି। ତାହା ହେଉଛି ପଞ୍ଜୀକରଣ, ଦସ୍ତାବିଜ ଦାଖଲ, ଦେୟ ଏବଂ ଯାଞ୍ଚ ଓ ମିଟର ସ୍ଥାପନା ଇତ୍ୟାଦି। ଉଲ୍ଲେଖଯୋଗ୍ୟ, ଟାଟା ପାୱାରର ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ଦ୍ୱାରା ନୂଆ ସଂଯୋଗ (୨୦୨୩ ନଭେମ୍ବର ୩୦ସୁଦ୍ଧା) ଓ ଡିସ୍‌କମ୍ ଅବଧି ବିଦ୍ୟୁତ୍ ସଂଯୋଗ ସଂଖ୍ୟା ଟିପିସିଓଡିଏଲ୍ ୨୦୨୦ଜୁନ୍‌ରୁ ୨୦୨୩ ନଭେମ୍ବର ୩,୭୬,୭୯୯ ସଂଯୋଗ ହୋଇଥିବାବେଳେ ଟିପିଏସ୍‌ଓଡିଏଲ୍ ୨୦୨୧ ଏପ୍ରିଲରୁ ୨୦୨୩ ନଭେମ୍ବର ୧,୭୩,୫୭୩ ସଂଯୋଗ, ଟିପିଏନ୍‌ଓଡିଏଲ୍ ୨୦୨୧ ଜାନୁୟାରୀରୁ ୨୦୨୩ ନଭେମ୍ବର ୧,୬୭,୩୪୬ ସଂଯୋଗ, ଟିପିଡବ୍ଲ୍ୟୁଓଡିଏଲ୍ ୨୦୨୧ ଜାନୁୟାରୀରୁ ୨୦୨୩ ନଭେମ୍ବର ୨,୮୬,୩୦୪ ସଂଯୋଗ ପଞ୍ଜୀକରଣ ହୋଇଛି। ଅପରପକ୍ଷରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସଂଯୋଗ ପାଇବା ସହଜ ହେବା ଫଳରେ ରାଜ୍ୟରେ ଅର୍ଥନୈତିକ କାର୍ଯ୍ୟକଳାପ ଦ୍ରୁତଗତିରେ ବୃଦ୍ଧି ପାଇଛି।

# ରିଲାଏନ୍ସ ଫାଉଣ୍ଡେଶନର ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର, ୭।୧୨**



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍)ର ସାମାଜିକ ପ୍ରତିଷ୍ଠାନ 'ରିଲାଏନ୍ସ ଫାଉଣ୍ଡେଶନ' ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ବାହାନଗା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଫାଉଣ୍ଡେଶନ ପକ୍ଷରୁ କାହାଣୀ ପ୍ରସ୍ତୁତ କରିବା, କଳାକୁ ପ୍ରେରଣା ଦେବା ଏବଂ ଛାତ୍ରୀଛାତ୍ରଙ୍କ ସହ ଖୁସି ସୃଷ୍ଟି କରିବା ଭଳି ପ୍ରମୁଖ କାର୍ଯ୍ୟକ୍ରମ 'କାହାଣୀ, କଳା ଓ ଖୁସି' ନିକଟରେ ପାଳିତ ହୋଇଯାଇଛି। ଅପରପକ୍ଷରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆକର୍ଷଣୀୟ ସ୍କୁଲ ବ୍ୟାଗ୍, କଲର ବକ୍ସ, କ୍ରେୟନ, ଆର୍ଟ ବ୍ରସ୍ ଆଦି କଳା (ଚିତ୍ରାଙ୍କନ) ସାମଗ୍ରୀ ଏବଂ ଆଉ କିଛି ଉପହାର ମଧ୍ୟ ବଣ୍ଟନ କରାଯାଇଛି। ଏହି ଅବସରରେ ବାହାନଗା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଦୁନାଥ ସିଆଳଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀ, ରିଲାଏନ୍ସ ଫାଉଣ୍ଡେଶନ ଅଧିକାରୀ ଏବଂ ରିଲାଏନ୍ସ ଜିଓ, ରିଲାଏନ୍ସ ରିଟେଲ, ଜିଓ-ବିପି ଭଳି ଅନ୍ୟ ଆର୍‌ଆଇଏଲ୍ ଗ୍ରୁପ୍ ଅଫ୍ କମ୍ପାନିଜର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# Classified Everyday
**0674-2580101, 2549949**




**SALE**

Book 3BHK, 4BHK premium flat at Saubhagya Nagar, OUAT square, Near Khimji & Narula Sweets, Handover Aug-2024. 7978584549. D-75506

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Twincity ମଧ୍ୟଭାଗରେ Grand Bazar (Nakhara NH-16) ସନ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ ଗୃହ ନିର୍ମାଣ କରନ୍ତୁ – 8249310759.** D-75276

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75072




1st Floor (1300 Sqft.) at Puri Bypass Road for Office Purpose. 9861061007, 9439917937. D-1962

**Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




**Ashirvaad Salon and SPA get good massage for your health tha best therapy. 7077181074.** D-75069

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

**Newly Healthcare benefited spa Experience Therapist in Bhubaneswar. Contact: 9938843929** D-75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

**Full Body massage by experience therapist @999 only-9078484455 (Bhubaneswar).** D-1928

Newly open spa positively Heath benefits with expert therapist. 9040286886. D-75173

## AFFIDAVIT



By virtue of an affidavit before the Executive Magistrate, Basudevpur on dt. 05.10.2023, I Smt. Madhusmita Sahoo, aged about 27 yrs., W/o- Sek Raju, D/o- Muralidhar Sahoo of Vill/P.O./P.S/ Basudevpur, Dist.- Bhadrak of State Odisha have changed my name from "Madhusmita Sahoo" to "Karisma Bibi" after getting marriage with one Sek Raju, S/o- Sek Baraktulla. Hence, I shall be known as "Karishma Bibi" instead of Madhusmita Sahoo for all purpose in the future. D-1969

By an affidavit before the Notary Public, Sambalpur, We 1- Pasala Babaji, S/o. Pasala Appa Rao and 2- Pasala Krishnaveni, W/o. Pasala Babaji both R/o. Nuagarh, Telitikira, Khandhata, Dist.- Bargarh declare that the actual name of the deponent No.1 is Pasala Babaji. But in PAN bearing No.CMCPB5108E the name has been mentioned as P Babaji. That both the names belongs to one and same person. The actual name of deponent No.2 is Pasala Krishnaveni. But in PAN bearing No. EMRPK1893L the name has been mentioned as P Krishnaveni. That both the names belongs to one and same person. D-1967


### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**I, Rakesh Bhura, S/o. Prakash Chand Bhura, resident of Plot No. 502, Sahid Nagar, Bhubaneswar, Dist.- Khordha, Bhubaneswar, PIN-751007, Odisha declare by this Affidavit No. 1970 dtd. 05/12/2023 before the Notary Public, Bhubaneswar that now onwards I shall be known as RAKESH BHURA instead of Rakesh Kumar Bhura for all future purposes.** D-71696

I, Sumitra Rani Sahoo, W/o- Himansu Sekhar Sahoo, Village of Beguniapatna, P.O- Kalikaprasad, P.S./Dist.- Nayagarh, PIN- 752079, Odisha declare by this affidavit No.-778 dtd. 06.12.2023 that now onwards I shall be known as SUMITRA SAHOO for all future purposes. D-1968

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଦିବ୍ୟାଂଶୁ ପଟ୍ଟନାୟକ (ରିକି)**
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଡାଡି, ମମି, ଦିଦିବାବା, ଦିଦିମାମା, ସାନବାବା, ସାନମାମା, ବାବା, ମାମା, ମାମୁ, ମାଇଁ, ରିଙ୍କୁଭାଇ, ସୋନୁଭାଇ, ନଁଗୁଭାଇ, ରିଚାଦିଦି, ରିଷୀଭାଇ, ଆଂସୁ, ଓମୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୦୭୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

ମୁଁ ଦେବୀ ପ୍ରସାଦ କର, ପିତା- ମହେଶ୍ୱର କର, ଧାନମଣ୍ଡଳ ଜଣାଉଅଛିକି ମୁଁ ବାଇକ୍‌ରେ ଯାଉଥିବା ବେଳେ ମୋର 'ବି ଫାର୍ମା' ସାର୍ଟିଫିକେଟ୍ ଗତ ୨୯।୦୭।୨୦୨୨ରେ କେଉଁଠି ହଜିଯାଇଛି ; ଯାହାର ରେଜିଷ୍ଟ୍ରେସନ ନମ୍ବର ୧୫୦୩୨୫୭୦୪୨। ଏଥିପାଇଁ ମୁଁ ୨୬।୦୧।୨୦୨୩ରେ ବଡ଼ଚଣା ଥାନାରେ ଅଭିଯୋଗ କରିଛି।
ଧ-୧୯୬୫

## ୪,୮୦୪.୩୫ କୋଟିର...

**ପ୍ରଥମ ପୃଷ୍ଠାରୁ...**



ବିନିଯୋଗରେ ଏକ ପେଣ୍ଟ(କେମିକାଲ) କାରଖାନା ସ୍ଥାପନ ହେବ । ଏଥିରେ ୭୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ।

ସେହିପରି ଯାଜପୁରର କଳିଙ୍ଗ ନଗରରେ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ୍ ଲିମିଟେଡ୍ ୯୭୭.୪୩ କୋଟି ଟଙ୍କା ବିନିଯୋଗ କରି ୨ଲକ୍ଷ ୨୦ ହଜାର ମେଟ୍ରିକ୍‌ଟନ୍ ଫେରୋକ୍ରୋମ୍ ଏବଂ ୨୦ ମେଗାୱାଟ୍ ଡବ୍ଲ୍ୟୁଏଚ୍‌ଆରବି ପାୱାର ପ୍ଲାଣ୍ଟ ସ୍ଥାପନ କରିବ । ଏଥିରେ ୧୧୯୦ ଜଣଙ୍କ ପାଇ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଯାଜପୁରରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ୧୫୦ କୋଟି ଟଙ୍କା ବିନିଯୋଗରେ ଇସ୍ପାତ ଶିଳ୍ପ ସ୍ଥାପନ କରିବ । ଏଥିରେ ୩୧୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । କେନ୍ଦୁଝରର ବଡବିଲରେ ୫୨,୮୦୦ ମେଟ୍ରିକ୍ ଟନ୍ ଇସ୍ପାତ କାଷ୍ଟିଂ ମିଲ୍ ଓ ରୋଲିଂ ମିଲ୍ ପ୍ରତିଷ୍ଠା ପାଇଁ କ୍ରାକର୍ସ ଇଣ୍ଡିଆ ଆଲୟେଜ୍ ଲିମିଟେଡ୍ ୧୦୧.୫୦ କୋଟି ଟଙ୍କା ବିନିଯୋଗ କରିବ । ଏହି ଇସ୍ପାତ ଶିଳ୍ପରେ ୨୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ସୁନ୍ଦରଗଡ଼ରେ ଏନ୍‌ଭାଇରୋକେୟାର ଇନ୍‌ଫ୍ରା ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍ ୧୦୦ କୋଟି ଟଙ୍କା ବିନିଯୋଗରେ ୨,୮୮,୦୦୦ ଟିପିଏ କ୍ଷମତା ବିଶିଷ୍ଟ ଏକ ମାଇଲ୍ଡ ଷ୍ଟିଲ୍ ଷ୍ଟ୍ରିପ୍ ଏବଂ ପାଇପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ । ଏଥିରେ ଷ୍ଟିଲ୍ ଡାଉନଷ୍ଟ୍ରିମ୍‌ରେ ୨୯୫ ନିଯୁକ୍ତି ସୁଯୋଗ ପ୍ରଦାନ କରିବ । ବାଲେଶ୍ୱରର ବାଲିଆପାଳ ଶିଳ୍ପାଞ୍ଚଳରେ ମୋଡୁଲସ୍ ଓଲିଓକେମ୍ ଆଣ୍ଡ ସର୍ଫେକ୍‌ଣ୍ଟାସ୍ ପ୍ରାଇଭେଟ୍ ଲିମିଟେଡ୍ ୩୧୩.୫୧ କୋଟି ବିନିଯୋଗରେ ରାସାୟନିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବା ସମ୍ଭାବନା ରହିଛି । ଟ୍ରାନ୍ସନୋଭା ଏକ୍ସପ୍ରେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାଠାରେ ୧୨୦.୩୯ କୋଟି ଟଙ୍କା ନିବେଶ କରି ଏକ କେମିକାଲ୍ ହବ୍ ସ୍ଥାପନ କରିବ । ଏଥିରେ ବଲ୍କ ଇଣ୍ଡଷ୍ଟ୍ରିଆଲ୍ କେମିକାଲ ଷ୍ଟୋରେଜ୍, ରି-ପ୍ୟାକିଂ ଏବଂ ହ୍ୟାଣ୍ଡଲିଂ ସୁବିଧା ରହିବ । ଏହି ପ୍ରକଳ୍ପରେ ୨୫୮ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ବର୍ଜର ଏହାର ଦୁଇଟି ଆନୁଷଙ୍ଗିକ କମ୍ପାନୀ ମଧ୍ୟରୁ ପ୍ରଥମଟି ଗ୍ରୋ ମ୍ୟାକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ପ୍ଲାଷ୍ଟିକ୍ ରଙ୍ଗ ବାଲ୍‌ଟି, ଢାଙ୍କୁଣି, ବୋତଲ ଓ ଡ୍ରମ୍ ଉତ୍ପାଦନ ୟୁନିଟ୍ ୫୪.୫୫ କୋଟି ଟଙ୍କା ବିନିଯୋଗରେ ସ୍ଥାପନ କରିବ । ଏହି କ୍ଷେତ୍ରରେ ୧୫୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ଦ୍ୱିତୀୟଟି ହେଉଛି ଅନୁପମ ପ୍ରଡକ୍ଟସ୍ ଲିମିଟେଡ୍, ଯାହା ଖୋର୍ଦ୍ଧାରେ ଖାଲି ମେଟାଲ ଟିଣ କଣ୍ଟେନର ପାଇଁ ୫୧ କୋଟି ଟଙ୍କାର ଉତ୍ପାଦନ ୟୁନିଟ୍ ସ୍ଥାପନ କରି ପ୍ୟାକେଜିଂ ଏବଂ ମେଟାଲ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବ । ଏଥିରେ ୨୩୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ରାଜଶ୍ରୀ ପଲିପ୍ୟାକ୍ ଲିମିଟେଡ୍ ଏବଂ କେଶବ ପ୍ଲାଷ୍ଟଟେକ୍ (ପି) ଲିମିଟେଡ୍ ଯଥାକ୍ରମେ ଖୋର୍ଦ୍ଧା ଓ ରେଙ୍ଗାଲି ସମ୍ବଲପୁର ଶିଳ୍ପାଞ୍ଚଳରେ ପ୍ଲାଷ୍ଟିକ୍ ୟୁନିଟ ସ୍ଥାପନ କରିବ । ଉଭୟ କମ୍ପାନୀ ପକ୍ଷରୁ ମିଳିତ ଭାବେ ଏଥିରେ ୧୦୨.୨୫ କୋଟି ଟଙ୍କା ବିନିଯୋଗ କରାଯିବ । ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୫୫୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ୧୯୦ କୋଟି ଟଙ୍କା ବିନିଯୋଗ ଏବଂ ଭିତ୍ତିଭୂମି କ୍ଷେତ୍ରରେ ୧୬୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସମ୍ଭାବନା ଥିବା ସୁନ୍ଦରଗଡ଼ରେ ପିଏମ୍-ଗତି ଶକ୍ତି ମଲ୍ଟିମୋଡାଲ ଟର୍ମିନାଲ ଯୋଜନା ଅଧୀନରେ ଧନସର ଗ୍ରୁପ୍ ଏକ ଘରୋଇ ମାଲ ପରିବହନ ଟର୍ମିନାଲ(ପିଏଫ୍‌ଟି) ଆରମ୍ଭ କରିବ । ସେହିପରି କୈବଲ୍ୟା ଲଜିଷ୍ଟିକ୍ ପ୍ରାଇଭେଟ୍ ଲିମିଟେଡ୍ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ଥିବା ଏକ ମଲ୍ଟିମୋଡାଲ ଆଭ୍ୟନ୍ତରୀଣ କଣ୍ଟେନର ଡିପୋ (ଆଇସିଡି)ରେ ୧୧୦ କୋଟି ଟଙ୍କା ବିନିଯୋଗ କରିବ । ଏଥିରେ ୪୮୦ ନିଯୁକ୍ତି ସୁଯୋଗ ରହିଥିବା ବେଳେ ଏହା ଖାଦ୍ୟ ଉତ୍ପାଦ, ରପ୍ତାନି ପ୍ରକ୍ରିୟାକରଣ ଏବଂ ସୀମା ଶୁଳ୍କ କ୍ଲିୟରିଂ ସୁବିଧା ପାଇଁ ଭିତ୍ତିଭୂମି ପ୍ରଦାନ କରିବ । ଆଶୀର୍ବାଦ ଫୁଡ୍ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଯାଜପୁରରେ ୫୬.୩୫ କୋଟି ଟଙ୍କା ବିନିଯୋଗରେ ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଅଟାକଳ ସ୍ଥାପନ ହେବ । ଏଥିରେ ୧୧୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ । ସୁମ୍ମା ରିୟଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାଠାରେ ୨୨୬.୫୭ କୋଟି ଟଙ୍କା ବ୍ୟୟରେ ଏକ ଆଇଟି ଭିତ୍ତିଭୂମି କମ୍ପ୍ଲେକ୍ସ ସ୍ଥାପନ କରିବ । ଏଥିରେ ୧୦ ହଜାର ଆଇଟି ପ୍ରଫେସନାଲ ନିଯୁକ୍ତି ସୁଯୋଗ ପାଇପାରିବେ । ଭବାନୀ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ନୂଆପଡ଼ାରେ ଏକ ୫ ମେଗାୱାଟ୍‌ର କୋ-ଜେନ୍ ପାୱାର ପ୍ଲାଣ୍ଟ ସହିତ ଦୈନିକ ୨୦୦ କିଲୋଲିଟର ଶସ୍ୟଭିତ୍ତିକ ଇଥାନଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛି । ଏଥିରେ ୨୩୭.୮୦ କୋଟି ଟଙ୍କା ବିନିଯୋଗ ହେବ । ଏହା ବିଜୁ ଅର୍ଥନୈତିକ କରିଡରରେ କୃଷି ପ୍ରକ୍ରିୟାକରଣରେ ଉଲ୍ଲେଖନୀୟ ଯୋଗଦାନ ଦେବା ସହ ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସେହିପରି ଜିଏଆଇଏ ନିଓ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ୮୭ କୋଟି ଟଙ୍କା ବିନିଯୋଗରେ କଟକ ବାଙ୍କୀ-ଡମପଡ଼ାରେ ବାର୍ଷିକ ୩,୬୦୦ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବ । ଏଥିରେ ୭୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

# ପାହାଡ଼ରୁ ପଥର, ମାଟି ଅତଡ଼ା ଧସି ରାସ୍ତା ଅବରୋଧ

**କୋରାପୁଟ/ନାରାୟଣପାଟଣା, ୭।୧୨(ଅମିତାଭ ବେହେରା/ ରାଜ କିଶୋର ଜେନା)**

ବାତ୍ୟା ମିଗ୍‌ଜୋମ୍ ଚାଲିଯାଇଥିଲେ ମଧ୍ୟ ଦେଇଯାଇଛି ଦୁଃଖ । ଏହା ପ୍ରଭାବରେ କୋରାପୁଟ ଜିଲାରେ ୨ ଦିନ ହେବ ବର୍ଷା ଲାଗି ରହିଥିଲା । ବର୍ଷାହେତୁ ଜିଲାର ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡି ପଞ୍ଚାୟତ ବୋରିଗୁଡ଼ା ଗ୍ରାମ ନିକଟରେ ଗୁରୁବାର ପାହାଡ଼ରୁ ପଥର ସହ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇଛି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଚଳାଚଳ ପ୍ରଭାବିତ ହୋଇଛି । ଦୀର୍ଘ ସମୟ ଧରି ଗାଡ଼ିଗୁଡ଼ିକ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଥିଲା । ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ମାଟି ଓ ପଥରଗୁଡ଼ିକୁ ହଟାଇଥିଲେ । ମାତ୍ର ବଡ଼ ବଡ଼ ପଥରଗୁଡ଼ିକୁ ଜେସିବି ମେସିନ ସାହାଯ୍ୟରେ ହଟାଇବା ପରେ ଉକ୍ତ ରାସ୍ତା ଦେଇ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି । ସୂଚନାଯୋଗ୍ୟ ଗୁରୁବାର ଜିଲାରେ ୩୨୦ ମି.ମି.ବର୍ଷା ହୋଇଛି । ଏହି ବର୍ଷା ପବନ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ୮ଟି ଘର ଭାଙ୍ଗିଥିବା ଜଣାପଡ଼ିଛି ।



# ଜାହାଜକୁ ପିଆଇସିଟି ବର୍ଥରୁ ସାଉଥ କେ ସ୍ଥାନାନ୍ତର

**୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣା**

- ୨୧ ନାବିକ ନଜରବନ୍ଦୀ ରହିଲେ
- ଏନ୍‌ଏଚ୍‌ଆରସିରେ ଅଭିଯୋଗ

**ପାରାଦୀପ,୭।୧୨ (ଶରତ ରାଉତ)**

ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଲାଗିଥିବା ଜାହାଜ 'ଏମ୍‌ଭି ଦେବୀ'ରୁ ୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣା କ୍ରମଶଃ ଜଟିଳ ହେଉଛି । ଗୁରୁବାର ଉକ୍ତ ଜାହାଜ ପିଆଇସିଟି(ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥରୁ ପାରାଦୀପ ବନ୍ଦର ସାଉଥ କେ ବର୍ଥକୁ ସ୍ଥାନାନ୍ତର କରାଯାଇଛି । ସେଠାରେ ଜାହାଜ ରହିବ । ସେଥିରେ ୨୧ ଜଣ ଭିଏତ୍‌ନାମ ନାବିକ ନଜରବନ୍ଦୀ ହୋଇ ରହିବେ । ତଦନ୍ତ ପ୍ରକ୍ରିୟା ବୃତ୍ତାନ୍ତ ପର୍ଯ୍ୟାୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ସ୍ଥିତି ସେହିଭଳି ରହିବ । ଜାହାଜରେ ବୋଝେଇ ହୋଇଥିବା କ୍ୱେସ୍‌ପିଙ୍ଗରୁ ପ୍ରାୟ ୫ହଜାର ମେଟ୍ରିକ୍ ଟନ ଷ୍ଟିଲ କାର୍ଗୋ ସେମିତି ଜାହାଜ ଭିତରେ ରହିଛି । କାର୍ଗୋକୁ ଲାସିଂ (ହଲଚଲ ନହେବା ପାଇଁ ପ୍ୟାକିଂ କରାଯିବା) କରାଯାଉଛି । ଅପରପକ୍ଷେ ଏହି କୋକେନ୍ ଘଟଣାକୁ ନେଇ ନ୍ୟାୟ ପାଇଁ ଲଢ଼େଇ ପରିବାର ସଙ୍ଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ଏନ୍‌ଏଚ୍‌ଆରସି (ଜାତୀୟ ମାନବିକ ଅଧିକାର କମିଶନ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗ ଆଧାରରେ ଏନ୍‌ଏଚ୍‌ଆରସି ୨୦୨୦୯/୨୦୨୩ ରେ ମାମଲା ରୁଜୁ ହୋଇଛି । ପାରାଦୀପ ବନ୍ଦରରେ ଏତେ ପରିମାଣରେ କୋକେନ୍ ଜବତ ହେବା ଏବଂ ଏଥିରେ ଜାତୀୟ ସ୍ୱାର୍ଥ ଥିବାରୁ ତାକୁ ନିରପେକ୍ଷ ତଦନ୍ତ କରାଯିବା ପାଇଁ ଆବେଦନ କରାଯାଇଛି ।




ପାରାଦୀପ ବନ୍ଦର ସାଉଥ କେ ବର୍ଥରେ 'ଏମ୍‌ଭି ଦେବୀ' ଜାହାଜ ରହିଛି ।

## ମଦ ସାମ୍ରାଜ୍ୟ...

ଦେଶୀ ମଦଭାଟିରୁ ପ୍ରାୟ ୮ଟି ବଡ଼ ବ୍ୟାଗରେ ଏବଂ ବଡ଼ବଜାର କାର୍ଯ୍ୟାଳୟରୁ ୨୪ଟି ବ୍ୟାଗରେ ଭର୍ତ୍ତି କରାଯାଇଥିବା ଟଙ୍କା ଜବତ କରାଯାଇଥିବା ଜଣାପଡିଛି । ଏଟିଏମ୍‌କୁ ଟଙ୍କା ପରିବହନ କରାଯାଉଥିବା ଭ୍ୟାନ ବ୍ୟବହାର କରାଯାଇ ଏସ୍‌ବିଆଇ ମୁଖ୍ୟ ଶାଖାକୁ ଟଙ୍କା ଭର୍ତ୍ତି ବ୍ୟାଗ ଅଣାଯାଇଥିଲା । ତେବେ ଗୋଟିଏ ଦିନରେ ଏସବୁ ଟଙ୍କାର ଗଣତି ସରି ନ ପାରେ ବୋଲି କୁହାଯାଉଛି । ସେପଟେ ରାୟଗଡ଼ାର ମଦ ବ୍ୟବସାୟୀ ଅରବିନ୍ଦ ସାହୁଙ୍କ ଘର ଏବଂ ଅଫିସ୍‌ରେ ଆୟକର ଟିମ୍ ଯାଞ୍ଚ ଜାରି ରଖିଥିବା ବେଳେ ବହୁ ଟଙ୍କା ଜବତ କରିଥିବା ଜଣାପଡ଼ିଛି । ଏପରିକି ଏକ ହୋଟେଲର ଜଣେ ପରିଚାଳନା କର୍ମଚାରୀଙ୍କୁ ଗୁରୁବାର ଆୟକର ଟିମ୍ ଅରବିନ୍ଦଙ୍କ ଲିଙ୍କ୍‌ରେ ପଚରାଉଚରା କରିଛି । ଅରବିନ୍ଦଙ୍କ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟରେ କୌଣସି ଆର୍ଥିକ କାରବାର ନ କରିବାକୁ ଆୟକର ବିଭାଗ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଅରବିନ୍ଦଙ୍କୁ ଉଠାଇ ନେଇ ଆୟକର ଟିମ୍ ପଚରାଉଚରା କରୁଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଏହି ଲିଙ୍କ୍‌ରେ ରାଉରକେଲା ସିଭିଲ୍‌ଟାଉନଶିପ୍‌ର ମଦ ବ୍ୟବସାୟୀ କାମେଶ୍ୱର ତିୱାରୀଙ୍କ ଘର, ଅଫିସ ଆଦିରେ ଆୟକର ବିଭାଗର ୫ଟି ଟିମ୍ ଚଢ଼ାଉ ଜାରି ରହିଛି । ଏଠାରୁ ବହୁ କାଗଜପତ୍ର ଜବତ ହୋଇଛି । ସେହିପରି ବୀରମିତ୍ରପୁରସ୍ଥିତ ମଦ ବ୍ୟବସାୟୀ ରାଜେଶ କୁମାର ସାହୁଙ୍କ ଦେଶୀ ମଦଭାଟିରେ ଯାଞ୍ଚ ଜାରି ରହିଛି । ବୌଦ୍ଧ ଡିଷ୍ଟିଲାରୀ ପ୍ରାଇଭେଟ ଲିମିଟେଡର ରାମ୍ପିକଟାସ୍ଥିତ କାରଖାନା ଓ କାର୍ଯ୍ୟାଳୟରେ ଯାଞ୍ଚ ଜାରି ରହିଥିବାବେଳେ କମ୍ପାନୀ ସହ ଲିଙ୍କ୍ ଥିବା ଅଭିଯୋଗରେ ବୌଦ୍ଧ ପୁରୁଣା କଟକର ବ୍ୟବସାୟୀ ଅଶୋକ ଅଗ୍ରୱାଲଙ୍କ ରାଣୀସତୀ ରାଇସ୍ ମିଲ୍ ଆଦିରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି । ଏଥିସହ ଏହି ସଂସ୍ଥାର ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ଅଫିସରେ ଯାଞ୍ଚ ଜାରି ରହିଛି । ସେପଟେ ସୁନ୍ଦରଗଡ଼ର ମଦ ବ୍ୟବସାୟୀ ରାଜକିଶୋର ଜୟସ୍ୱାଲ ଆୟକର ସ୍କାନ୍‌ରକୁ ଆସିଛନ୍ତି । ରାଣିବଗିଚାସ୍ଥିତ ତାଙ୍କ ଅଫିସ, ଘର ଏବଂ ସର୍ଗିପାଲିରେ ଥିବା ମଦଭାଟି ଉପରେ ମଧ୍ୟ ଆୟକର ଟିମ ଚଢ଼ାଉ ଜାରି ରଖିଛି । ବହୁଦିନ ହେଲା ସଂସ୍ଥାଗୁଡ଼ିକ ଆୟକର ଫାଙ୍କି ଆସୁଥିଲେ ବୋଲି ଅଭିଯୋଗ ରହିଛି । ଚଢ଼ାଉ ଜାରି ରହିଥିବାବେଳେ ଅଧିକ ଟଙ୍କା ଜବତ ହୋଇପାରେ ବୋଲି କୁହାଯାଉଛି ।

## ତେଲଙ୍ଗାନାରେ ରେଭନ୍ତ...

କୋମାଟିରେଡ୍ଡୀ ଭେଙ୍କଟ ରେଡ୍ଡୀ, ଦାମୋଦର ରାଜନରସିଂହା, ପୋଙ୍ଗୁଲେଟି ଶ୍ରୀନିବାସ ରେଡ୍ଡୀ, ଦନା ଅନସୂୟା, ତୁମ୍ମଲା ନାଗେଶ୍ୱର ରାଓ, କୋଣ୍ଡା ସୁରେଖା ଏବଂ ଜୁପାଲି କ୍ରିଷ୍ଣା ରାଓଙ୍କୁ ମନ୍ତ୍ରୀ ପଦ ମିଳିଛି । ଶପଥ ଗ୍ରହଣ ଉତ୍ସବରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଏବଂ ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖୱିନ୍ଦର ସିଂ ସୁଖୁ ପ୍ରମୁଖ ଉପସ୍ଥିତ ଥିବାବେଳେ ପାଖାପାଖି ଲକ୍ଷେ ଲୋକଙ୍କ ସମାଗମ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଭନ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ତେଲଙ୍ଗାନାର ପ୍ରଗତି ଲାଗି ପୂର୍ଣ୍ଣ ସମର୍ଥନ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେଲଙ୍ଗାନାରେ ପ୍ରଥମେ କଂଗ୍ରେସ ସରକାର ଗଠନ କରିଥିବାବେଳେ ଏଲ୍‌ବି ଷ୍ଟାଡ଼ିୟମରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । ଶପଥ ଗ୍ରହଣ ପାଇଁ ରେଭନ୍ତ ଏକ ଖୋଲା ଜିପ୍‌ରେ ଆସୁଥିବାବେଳେ ଲୋକଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଉଥିଲେ । ତାଙ୍କ ସହ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଜିପ୍‌ରେ ଥିଲେ, ଯାହା ଉଲ୍ଲେଖନୀୟ । ୨୦୧୪ରେ ତେଲଙ୍ଗାନା ଗଠନ ପଛରେ ସୋନିଆଙ୍କର ମୁଖ୍ୟ ଭୂମିକା ଥିଲା । ରେଭନ୍ତ ଶପଥ ଗ୍ରହଣ ପରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାବେଳେ 'ଜୟ ସୋନିଆ ଆମ୍ମା' କହିଥିଲେ ।

## ଏନ୍‌ସିଇଆର୍‌ଟି ବହିରେ...

ଏପରି ଗୁରୁତର ତ୍ରୁଟିକୁ ନେଇ କୋଣାର୍କ ଅଞ୍ଚଳର ସଂସ୍କୃତିପ୍ରେମୀ ତଥା ଆଇନଜୀବୀ ସଞ୍ଜୟ କୁମାର ବରାଳ ନିଜ ଫେସ୍‌ବୁକ୍ ପେଜ୍‌ରେ ପୋଷ୍ଟ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଓଡ଼ିଆ ଜାତିର ସ୍ୱାଭିମାନ ଓ ଓଡ଼ିଆ ଜାତିର ଅସ୍ମିତାକୁ ଧ୍ୱଂସ କରିବା ପାଇଁ ଏନ୍‌ସିଇଆର୍‌ଟି ଉଦ୍ୟମ କରୁଥିବା ସେ କହିଛନ୍ତି । ଏହାକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଲୋକେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ କଟୁ ମନ୍ତବ୍ୟ ଦେଉଥିବା ମଧ୍ୟ ଦେଖାଯାଇଛି ।

ସାରା ବିଶ୍ୱ ଜାଣିଛି, ଜୟଦେବଙ୍କ ଜନ୍ମ ଓଡ଼ିଶାରେ । ତାଙ୍କ ନାମ ଅନୁସାରେ ଖୋର୍ଦ୍ଧା ଜିଲାର ବାଲିପାଟଣା ନିର୍ବାଚନମଣ୍ଡଳୀର ନାମକୁ ପରିବର୍ତ୍ତନ କରାଯାଇ ଜୟଦେବ ରଖାଯାଇଛି । ଏପରିକି ରାଜ୍ୟ ସରକାରଙ୍କ ତରଫରୁ ୨୦୧୬ରେ ପ୍ରକାଶିତ 'ଓଡ଼ିଶା ଡିଷ୍ଟ୍ରିକ୍ଟ ଗେଜେଟିୟର-ଖୋର୍ଦ୍ଧା' ର ପୃଷ୍ଠା ୨୩୫ରେ ଖୋର୍ଦ୍ଧା ଜିଲାରେ ଜନ୍ମିତ କବି ଓ ଲେଖକଙ୍କ ତାଲିକାରେ ୧ ନମ୍ବର ସ୍ଥାନରେ ଜୟଦେବଙ୍କୁ ସ୍ଥାନ ଦିଆଯାଇଛି । ଜିଲା ଗେଜେଟିୟରରେ ଖୋର୍ଦ୍ଧା ଜିଲାର ବାଲିଅନ୍ତା ବ୍ଲକ ଅନ୍ତର୍ଗତ କେନ୍ଦୁଲି ଗ୍ରାମ ଜୟଦେବଙ୍କ ଜନ୍ମସ୍ଥାନ ବୋଲି ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି । ତେଣୁ ଏନ୍‌ସିଇଆର୍‌ଟି ବହିରେ ଜୟଦେବଙ୍କୁ ବଙ୍ଗଳାର ବୋଲି ଦର୍ଶାଇବା ଏକ ବଡ଼ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ଚର୍ଚ୍ଚା ହେଉଛି । କାରଣ ରସଗୋଲା ପରି ପୂର୍ବରୁ ମଧ୍ୟ ଜୟଦେବଙ୍କୁ ବଙ୍ଗଳାର ବୋଲି କହି କୁଚକ୍ରୀମାନେ ବିଫଳ ହୋଇଥିଲେ । ଏବେ ଏନ୍‌ସିଇଆର୍‌ଟି ଭଳି ଜାତୀୟ ସରକାରୀ ଶିକ୍ଷା ସଂସ୍ଥାର ଏଭଳି ଭୁଲ୍‌କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ରାଜ୍ୟବାସୀ । ତୁରନ୍ତ ଉକ୍ତ ବହିକୁ ପ୍ରତ୍ୟାହାର କରିବାକୁ ସବୁ ମହଲରୁ ଦାବି ଉଠିଲାଣି । ଏ ନେଇ ସଞ୍ଜୟ କହିଛନ୍ତି, ଏନ୍‌ସିଇଆର୍‌ଟି ବହି ଦେଶବ୍ୟାପୀ ସ୍କୁଲ ପିଲାଙ୍କୁ ବର୍ତ୍ତମାନ ଭୁଲ୍ ଶିକ୍ଷା ଦେଉଛି । ଆମ ରାଜ୍ୟ ସରକାରଙ୍କ ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସବୁରେ ମଧ୍ୟ ଏହି ବହି ପ୍ରଚଳନ କରାଯାଇ ଓଡ଼ିଆ ପିଲାମାନଙ୍କୁ ଏପରି ବିଭ୍ରାନ୍ତିକର ଶିକ୍ଷା ଦିଆଯାଉଛି । ଓଡ଼ିଶାର କେଉଁ ଅଧିକାରୀ ଏହି ବହିର ପ୍ରଚଳନ ପାଇଁ ଓଡ଼ିଶାରେ ସୁପାରିସ କଲେ ତୁରନ୍ତ ତାଙ୍କୁ ଗିରଫ କରାଯାଉ । କାରଣ ସେ ମଧ୍ୟ ଏ ଜାତିର ସ୍ୱାର୍ଥ, ସ୍ୱାଭିମାନ ଓ ଅସ୍ମିତାକୁ ହତ୍ୟା କରିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ପେଟ୍ରୋଲ ନିଆଁରେ...

ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଶିଶୁ ପୁତ୍ର ଗୁଗୁଲକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ଶିପୁଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷେ ଏହି ଅଗ୍ନିକାଣ୍ଡରେ ବଡ଼ପଡ଼ା ଗ୍ରାମର ତ୍ରିନାଥ ମଲିକ(୪୦) ଓ ତିଗିରିଆ ଗ୍ରାମର ତପନ ମଲିକ (୪୨) ମଧ୍ୟ ଆହତ ହୋଇଛନ୍ତି । ଆହତମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କେତେଜଣ କହୁଥିବା ବେଳେ ବରଯାତ୍ରାଙ୍କ ବାଇକ୍‌ରେ ପେଟ୍ରୋଲ ଭରିବା ସମୟରେ ସିଗାରେଟ୍ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ହେଲେ ଅଗ୍ନିକାଣ୍ଡ ପ୍ରକୃତ କାରଣ ଜଣାପଡ଼ିନାହିଁ । ଘଟଣାସ୍ଥଳରେ ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

**ई–पुर्ननिविदा आमंत्रण सूचना**

**(PR No.-294174)**

पत्रांकः– | दिनांक–

ई–निविदा संख्याः– 327/RI/2023-24/RWD / RANCHI

| क्रम सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि / अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/RANCHI/ 21/2022-23 | दालमिल गली से चन्द्रशेखर तिवारी के घर होते हुए ब्रजेश तिवारी, शैलेन्द्र सिंह, अनुज तिवारी से अमरेश सिंह के घर तक पथ निर्माण कार्य। (ल0–1.000 कि0मी0) | 1,26,64,339.00 | एक करोड़ छब्बीस लाख चौंसठ हजार तीन सौ उनचालीस रूपये मात्र। | 9 माह | द्वितीय |

1. वेबसाईट में निविदा प्रकाशन की तिथिः–**11.12.2023**
2. ई–निविदा प्राप्ति की अंतिम तिथि एवं समयः–**27.12.2023** अपराह्न 5.00 बजे तक।
3. निविदा खोलने की तिथि एवं समयः–**29.12.2023** अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग कार्य प्रमण्डल, राँची

PR 312934 REO(23-24)#D



**GOVERNMENT OF ODISHA**
**OFFICE OF THE PANCHAYAT SAMITI, PURI SADAR, PURI**
Email: ori-bpuri@nic.in
**NATIONAL COMPETITIVE BIDDING THROUGH e-Procurement**
**Bid Identification No. 05/2023-24/PURI SADAR BLOCK**

No. i-515: The **Office of the Panchayat Samiti, Puri Sadar, Puri, Odisha** on behalf of Governor of Odisha invites **Percentage Rate Bids** through **e-Procurement** in **Single Bid System** from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**. The bid should be submitted online only on the website **www.tendersodisha.gov.in** by an eligible class of contractor.

| | | | |
|---|---|---|---|
| 1 | Name of the Works | : | Transformation of Colleges of Puri under CMSA by Panchayat Samiti, Puri Sadar |
| 2 | No. of Works | : | 01 (One) No. |
| 3 | Estimated Cost (in Rs.) | : | Rs.13.19 Lakh (Approximately) |
| 4 | Period of Completion | : | Approximately 04 (Four) Calendar Months |
| 5 | Date and time of availability of Bid Documents in the portal | : | From Dt.02.12.2023 at 05.00 P.M. to Dt.09.12.2023 upto 05.00 P.M. |
| 6 | Last date/time of receipt of Bids in the portal | : | Dt.09.12.2023 upto 5.00 P.M. |
| 7 | Date of Opening of Bids | : | Dt.11.12.2023 11.00 A.M. onwards |
| 8 | Name and Address of the OIT | : | Office of the Panchayat Samiti, Puri Sadar, Puri, Odisha |

Sd./- Block Development Officer
Puri Sadar, Puri

OIPR-19380/11/0006/2324



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
**Bid Identification No. S.E.E.C. (R&B) 22/2023-24**
**No. 2621** **Date: 04.12.2023**

No. B-1405: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from Dt.08.12.2023 at 05.00 P.M. to Dt.22.12.2023 upto 05.00 P.M. The bidders must possess Compatible Digital Signature Certificate of Class II or III. Bids received online shall be opened Dt.26.12.2023 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0030/2324



केनरा बैंक Canara Bank
सिंडिकेट Syndicate

**ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ:୧୫୫୬(ପି) ଏବଂ ୧୫୬୧(ପି),କେଏଚ୍:୧୧୫୨, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦,**

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଟିକସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି ।

| କ୍ର. ନଂ. | ଶାଖାର ନାମ / ଫୋନ୍ ନଂ. | ରଣଗ୍ରହୀତାମାନଙ୍କ ନାମ/ଆକାଉଣ୍ଟ ନଂ./ରଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି |
|---|---|---|---|---|
| ୧. | ଏସ୍‌ଏମଇ ଜଗତପୁର (୩୯୬୯) ଫୋନ୍: ୭୬୦୫୦୦୯୦୭୯ | ବିଜୟ କୁମାର ରାଉତ/ ୩୯୬୯୭୬୮୦୦୦୦୩୭/ ୨୨.୦୯.୨୦୧୪ | ASHOK LEYLAND DELUXE AC SLEEPER BUS / OD 05P3131 | ଟ.୫,୪୦,୦୦୦/- / ଟ.୫୪,୦୦୦/- |
| ୨. | ଏସ୍‌ଏମଇ ଉଦ୍ୟମି ମିତ୍ର (୧୮୦୨୫) ଫୋନ୍: ୯୪୩୭୫୬୯୫୨୯ | ରୋହନ ଅଗରୱାଲ/ ୮୦୨୫୯୯୧୦୦୦୨୦୯୮/୩୧.୦୧.୨୦୧୯ | ROYAL ENFIELD CLASSIC 350 ABS / OD 05AP4384 | ଟ.୧,୦୦,୦୦୦/- / ଟ.୧୦,୦୦୦/- |
| ୩. | ପୂରଣ (୧୭୫୦) ଫୋନ୍: ୭୬୦୫୦୦୯୦୯୩ | ଅନୁପମା ଦାସ/ ୧୭୫୦୬୦୩୦୦୦୨୫୧/୨୪.୦୭.୨୦୧୯ | HONDA ACTIVA 5G / OD21K2501 | ଟ.୧୫,୦୦୦/- / ଟ.୧୫୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:**

୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "................କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ **ତା.୨୧.୧୨.୨୦୨୩ରିଖ** ସୁଦ୍ଧା ଦାଖଲ କରିବେ । ପ୍ରସ୍ତାବଗୁଡିକ **ତା.୨୨.୧୨.୨୦୨୩ରିଖ** ଦିନ ଖୋଲାଯିବ ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **କାନାରା ବ୍ୟାଙ୍କ** ସପକ୍ଷରେ **ଭୁବନେଶ୍ୱର**କୁ ପୈଠ ଦର୍ଶାଇ ଦାଖଲ କରିବେ ।
୩. ଗାଡିଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୨୧.୧୨.୨୦୨୩ରିଖ** ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ / ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି । ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର **୭ଦିନ** ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ । ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାର ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ ।

ଏହି ନୋଟିସ୍ ଦ୍ୱାରା ଗାଡିର ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ପ୍ରସ୍ତାବ ଖୋଲାଯିବା ତାରିଖ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ । ରଣଗ୍ରହୀତା/ଜାମିନ୍‌ଦାରଙ୍କୁ କୌଣସି ପରବର୍ତ୍ତି ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ ।

**ତାରିଖ: ୦୭.୧୨.୨୦୨୩, ସ୍ଥାନ: ଭୁବନେଶ୍ୱର** **କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**



इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, ଇ-ମେଲ୍: **zocuttack@indianbank.co.in**

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ରଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ରଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| କଟକ ମହାନଦୀ ବିହାର ଶାଖା/ ରଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ରଣଗ୍ରହୀତା: ୧) ଶ୍ରୀ ଭରତ ଚନ୍ଦ୍ର ସ୍ୱାଇଁ, ପିତା: ୰ ବନମାଳି ସ୍ୱାଇଁ, ୨) ଶ୍ରୀ ଦେବାଶିଷ ପ୍ରିୟଦର୍ଶୀ, ପିତା: ଶ୍ରୀ ଭରତ ଚନ୍ଦ୍ର ସ୍ୱାଇଁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୫୧୫/୮୮୫୯, ତଳସାହି ଶିଖରପୁର, ପୋ: କଲେଜ ସ୍କୋୟାର, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକ, ପିନ୍-୭୫୩୦୦୩ | ଟ.୧୬,୯୩,୮୩୫/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୫.୦୯.୨୦୨୩ / ୦୫.୧୨.୨୦୨୩ | ଶ୍ରୀ ଦେବାଶିଷ ପ୍ରିୟଦର୍ଶୀଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୬୬୦/୧୧୬୨, ପ୍ଲଟ୍ ନଂ.: ୫୧୫/୮୮୫୯, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୬୬୦/୧୫, ପ୍ଲଟ୍ ନଂ.: ୫୧୫/୨୨୨୪, **ସମୁଦାୟ ପରିମିତ କ୍ଷେତ୍ର: ଏକର୦.୦୨୭.୫ କଡି,** କିସମ: ଘରବାରୀ, ମୌଜା: କଟକ ସହର ୟୁନିଟ ୨୬, ଶିଖରପୁର, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ନଂ.: ୨୩୯, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ (ଦଲିଲ ଅନୁସାରେ) ଦକ୍ଷିଣ: ରାସ୍ତା, ଉତ୍ତର: ପ୍ଲଟ୍ ନଂ.: ୫୧୫, ପଶ୍ଚିମ: ବିକ୍ରି ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପୂର୍ବ: ସ୍ମୃତି ରଞ୍ଜନ ନାୟକ |

**ସ୍ଥାନ: କଟକ, ତାରିଖ : ୦୭.୧୨.୨୦୨୩** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**



**ପୂର୍ବ ତଟ ରେଳପଥ**

ଲେଟର ସଂ.S&T/OT/AMC-IPS-STATCON/ AMRIT BHARAT, ତା.04.12.2023ରିଖ

(1)ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMRIT-BHARAT-05-359, ତା.04.12.2023ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ପଲାସା (PSA), ଇଛାପୁରମ୍ (IPM), ଛତ୍ରପୁର (CAP), ବାଲୁଗାଁ (BALU) ଷ୍ଟେସନଗୁଡ଼ିକ ଠାରେ ଅମୃତ ଭାରତ ଷ୍ଟେସନ ସ୍କିମ୍ (ABSS) ସମ୍ବନ୍ଧୀୟ ବିଭିନ୍ନ ଦୂରସଂଚାର ଯାତ୍ରୀ ସୁବିଧାସୁଯୋଗ (CIB ଏବଂ TIB)ର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 5,23,76,730.51, EMD(ଟଙ୍କାରେ) : 4,11,900/- ।

(2)ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-IPS-STATCON-361, ତା.04.12.2023ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ ସମୟ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ M/S STATCON ELECTRONICS INDIA LIMITED ଦ୍ୱାରା ଉତ୍ପାଦିତ SMPS ଆଧାରିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 5,80,35,984.52, EMD(ଟଙ୍କାରେ) : 4,40,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/- ।

ବିକ୍ରି ଆରମ୍ଭ ହେବା ତାରିଖ : ତା.12.12.2023ରିଖ (ଉଭୟ ଟେଣ୍ଡର ନିମନ୍ତେ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.12.2023 ରିଖ 1100 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-863/O/23-24



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-347ETR, ତା.04.12.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ନୟାଗଡ଼ ଟାଉନ୍ ଷ୍ଟେସନ ଠାରେ ଗୁଡ୍‌ସ ସେଡ୍ ସାଇଡ଼ିଙ୍ଗ୍‌ର ବିଦ୍ୟୁତୀକରଣ ସମ୍ବନ୍ଧୀୟ 1X25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ସହିତ ଦଶପଲ୍ଲା ଠାରେ 01 ଗୋଟି ନୂଆ ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ(SP) ସହିତ ସମ୍ପର୍କିତ(Associated) PSI କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 186.33 ଲକ୍ଷ, EMD (ଟଙ୍କାରେ) : 2,43,200/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.12.2023 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର
PR-99/CG/23-24


See Career Appointment on every Wednesday & Saturday

## ଫୁର୍‌ସତ


ରଶ୍ମିକା ମାନ୍ଦାନା

# 'ଦି ଗର୍ଲଫ୍ରେଣ୍ଡ'ର ଶୁଟିଂ ଆରମ୍ଭ

**ମୁମ୍ବାଇ:** ବର୍ତ୍ତମାନ ସମୟରେ ଧମାଲ କରୁଛି ଅଭିନେତା ରଣବୀର କପୁରଙ୍କ ଫିଲ୍ମ 'ଆନିମଲ'। କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ଏହି ଫିଲ୍ମ ବେଶ୍ ଭଲ ପ୍ରଦର୍ଶନ କରିଛି। ସିନେମା ରିଲିଜ୍‌ର ମାତ୍ର ୩ ଦିନରେ ବକ୍ସ ଅଫିସରେ ୩୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିସାରିଛି। ଚଳଚ୍ଚିତ୍ରରେ ରଣବୀରଙ୍କ ସହିତ ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି। ଫିଲ୍ମର ସଫଳତାକୁ ନେଇ ତାଙ୍କୁ ମଧ୍ୟ ଅନେକ ଶୁଭେଚ୍ଛା ମିଳୁଛି। ତେବେ ରଶ୍ମିକା ଏବେ ତାଙ୍କ ଆଗାମୀ ଫିଲ୍ମ 'ଦି ଗର୍ଲଫ୍ରେଣ୍ଡ'ର ଶୁଟିଂ ଆରମ୍ଭ କରିଥିବା ଜଣାପଡ଼ିଛି। ଆସନ୍ତା ୨୦ ଦିନ ପର୍ଯ୍ୟନ୍ତ ସେ ହାଇଦ୍ରାବାଦ୍‌ରେ ଶୁଟିଂ କରିବେ। ରାହୁଲ ରବୀନ୍ଦ୍ରନ ଏଥିରେ ନିର୍ଦ୍ଦେଶନା ଦେଇଛନ୍ତି। ନିକଟରେ ରଶ୍ମିକା ଫିଲ୍ମ 'ଦି ଗର୍ଲଫ୍ରେଣ୍ଡ'ର ଫାଷ୍ଟଲୁକ୍ ଶେୟାର କରିଛନ୍ତି। ରଶ୍ମିକା ୨୦୧୬ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ ଜରିଆରେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ଆଗକୁ ତାଙ୍କ ପାଖରେ ଆଉ ୩ଟି ଫିଲ୍ମ ରହିଛି।

# ପବନବୃକ୍ଷରେ ବିଦ୍ୟୁତ୍ ଉତ୍ପାଦନ

**ନୂଆଦିଲ୍ଲୀ:** ବେଳକୁ ବେଳ ଶୁଦ୍ଧ ପବନର ଚାହିଦା ବଢ଼ିବାକୁ ଲାଗିଛି। ଏଭଳି ପରିସ୍ଥିତିରେ ଇକୋ ଉଦ୍ୟୋଗୀମାନେ ଘରେ ଅକ୍ଷୟଶକ୍ତି ଉତ୍ସକୁ ବ୍ୟବହାର କରିବାର ନୂତନ ଉପାୟ ମଧ୍ୟ ପ୍ରସ୍ତୁତ କରିଛନ୍ତି। ଏହି ଉଦ୍ଭାବନଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ମାଇକ୍ରୋ ପବନ ଟର୍ବାଇନ, ଯାହା ଦେଖିବାକୁ ବୃକ୍ଷ ଆକୃତିର। ଏହା ଗତିକୁ ଅନୁକରଣ କରିଥାଏ। ଫ୍ରେଞ୍ଚ, ଷ୍ଟାର୍ଟଅପ୍, ନ୍ୟୁ ୱାର୍ଲ୍ଡ ପବନ ଦ୍ୱାରା ବିକଶିତ ଏହି ପବନବୃକ୍ଷ ସେମାନଙ୍କ ଶାଖାଗୁଡ଼ିକରେ ବହୁମୁଖୀ ସବୁଜ 'ଏରୋଲିଫ୍ସ' ଥାଏ, ଯାହା ଛୋଟ, ଭୂଲମ୍ବ-ଅକ୍ଷ ପବନ ଟର୍ବାଇନ। ଏକ ଡାଟା ଅନୁସାରେ, ପବନବୃକ୍ଷ ହେଉଛି ଏକ ଷ୍ଟିଲ୍ ଆକୃତିର, ଯାହାର ଉଚ୍ଚତା ୯.୮ ମିଟର ଏବଂ ଚଉଡ଼ା ୭.୨ ମିଟର। ଏଥିରେ ମୋଟ ୩୬ଟି ଏରୋଲିଫ ସ୍ଥାପିତ କରାଯାଇଛି। ପ୍ରତ୍ୟେକ ଏରୋଲିଫ ପ୍ରାୟ ୩ ଫୁଟ ଉଚ୍ଚ ଏବଂ



ଏଥିରେ ଡବଲ ବ୍ଲେଡ୍ ରହିଥିବାବେଳେ ଭୂଲମ୍ବ ଅକ୍ଷ ସହିତ ପତ୍ର ପରି ଆକୃତିର। ଏଥିରେ ସ୍ଥାୟୀ ଚୁମ୍ବକ ସହିତ ଏକ ସନ୍ତୁଳିତ ମାଇକ୍ରୋ- ଜେନେରେଟର ରହିଛି। ଏହି ଜେନେରେଟରଗୁଡ଼ିକ ବିଦ୍ୟୁତ୍ ଉତ୍ପନ୍ନ କରେ, ଯାହା ପରେ ସିଧାସଳଖ ବିଦ୍ୟୁତ୍‌ରେ ପରିଣତ ହୁଏ। ପ୍ରତ୍ୟେକ ଗଛର କ୍ଷମତା ୧୦,୮୦୦ ୱାଟ୍ ଏବଂ ୩୬ଟି ପତ୍ରଥିବା ପ୍ରତି ଏରୋଲିଫର କ୍ଷମତା ୩୦୦ ୱାଟ୍ ରହିଛି। ସହରାଞ୍ଚଳଗୁଡ଼ିକରେ ଯେପରି ଏହି ଗଛ ଯେକୌଣସି ସ୍ଥାନରେ ଲଗାଯାଇପାରିବ ସେଥିପାଇଁ ଏହାକୁ ଏପରି ଆକୃତି କରାଯାଇଛି। ଏରୋଲିଫର ଘୂର୍ଣ୍ଣନ ବିନା କୌଣସି ବାଧକରେ ଶବ୍ଦ ସୃଷ୍ଟି କରେନାହିଁ। ଯାହା ଦୁର୍ବଳ ଏବଂ ଅଶାନ୍ତ ପବନକୁ କାବୁ କରିବାରେ ବିଶେଷ ଭାବେ ଅନୁକୂଳ ହୋଇଥାଏ। ଏରୋଲିଫକୁ ସବୁଜ ଶକ୍ତିର ଦ୍ୱିତୀୟ ଉତ୍ସ ଭାବେ ଯୋଡ଼ିବାକୁ ପତ୍ରର ତଳ ଭାଗରେ ଛୋଟ ସୌର ପ୍ୟାନେଲ ମଧ୍ୟ ଲଗାଯାଇଛି। ଏହି ଗଛକୁ ସହଜରେ ପାହାଡ଼, ଘରର ଛାତ, ବାଲକୋନିରେ ମଧ୍ୟ ସ୍ଥାପିତ କରାଯାଇପାରିବ, ଯେପରି ଗଛ ସୂର୍ଯ୍ୟକିରଣ ପାଇପାରିବ। ଏହି ଟର୍ବାଇନ ସପ୍ତାହେ ଧରି ଶକ୍ତି ଯୋଗାଇବ। ଏହି ଶକ୍ତିକୁ ମଧ୍ୟ ବ୍ୟାଟେରିରେ ଷ୍ଟୋର କରାଯାଇପାରିବ। ନ୍ୟୁ ୱାର୍ଲ୍ଡ ଆସନ୍ତା ବର୍ଷ ଜାନୁଆରୀରେ ଏହାକୁ ଲଞ୍ଚ କରିବ।

# ଚାଇନାର ଷ୍ଟ୍ରିଟ୍ ଫୁଡ୍: ବରଫ ମସଲା



**ବେଜିଂ:** ବିଶ୍ୱରେ ଏପରି ବହୁତ ଦେଶ ରହିଛି, ଯେଉଁଠାରେ ଲୋକେ ଅନେକ ଅଜବ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ତେବେ ଚାଇନା କଥା କହିବାକୁ ଗଲେ, ସେଠାରେ ଏପରି ଖାଦ୍ୟ ପ୍ରସ୍ତୁତ ହୋଇଥାଏ, ଯାହାକୁ ଆମେ କେବେ କଳ୍ପନା ବି କରି ନ ଥିବା। ଆମେ କିଛି ପାନୀୟ ପିଉଥିବାବେଳେ ସେଥିରେ ବରଫ ଖଣ୍ଡକୁ ପକାଇଥାଉ। ହେଲେ ଚାଇନାରେ ସେହି ବରଫଖଣ୍ଡ ସେଠାକାର ଷ୍ଟ୍ରିଟ୍ ଫୁଡ୍ ଭାବେ ଗଣାଯାଏ। ତେବେ ପୂର୍ବରୁ ଚାଇନାରେ ଛୋଟ ପଥର ଖଣ୍ଡକୁ ମସଲାରେ କଷି ଖାଦ୍ୟ ପ୍ରସ୍ତୁତ ହେଉଥିବା ନଜରକୁ ଆସିଥିଲା। ହେଲେ ଏହି ଖାଦ୍ୟରେ ବଡ଼ ବଡ଼ ବରଫକୁ ଖଣ୍ଡ ଖଣ୍ଡ କରାଯାଇ ସେଥିରେ ବିଭିନ୍ନ ପ୍ରକାର ମସଲା ପକାଯାଇଥାଏ। ସେହି ବରଫରେ ତେଲ ଲଗାଯାଇ ଲଙ୍କା, ଜିରା ଏବଂ ଅନେକ ମସଲା ପକାଯାଏ। ପରେ ଏହାକୁ ନିଆଁରେ ରୋଷେଇ କରାଯାଇଥାଏ। ଏହି ଖାଦ୍ୟ ବିଶେଷକରି ଉତ୍ତର-ପୂର୍ବ ଚାଇନାରେ ମିଳିଥାଏ। ପ୍ରତି ପ୍ଲେଟ୍ ପିଛା ଏହାର ମୂଲ୍ୟ ୧୭୦ ଟଙ୍କା ରଖାଯାଇଛି। ରିପୋର୍ଟ ମୁତାବକ, ୨୦୨୧ରେ ପ୍ରଥମ ଥର ଏହି ଡିସ୍‌କୁ ଆଇସ୍ ଫେଷ୍ଟିଭାଲରେ ପ୍ରସ୍ତୁତ କରାଯାଇଥିଲା। ବରଫ ଶୀଘ୍ର ତରଳୁଥିବାରୁ ଏହାକୁ କେବଳ ଅଳ୍ପ ସମୟ ପାଇଁ ରୋଷେଇ କରି ଖାଇବାକୁ ଦିଆଯାଏ।

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଅଗ୍ରଣୀ ଖବରକାଗଜ ଧରିତ୍ରୀ ପରିବାରର ମଙ୍ଗଳ କାମନା କରୁଅଛି। ଏଥି ସହିତ ରସୁଲପୁର ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତି କାମନା କରୁଅଛି ।
ରାମଚନ୍ଦ୍ର ସାହୁ
'ଏ' କ୍ଲାସ କଣ୍ଟ୍ରାକ୍ଟର ତଥା ସମାଜସେବୀ
ଅତଲାପୁର ଗ୍ରାମପଞ୍ଚାୟତ, ରସୁଲପୁର ବ୍ଲକ
ଜିଲ୍ଲା: ଯାଜପୁର

ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ବାର୍ଷିକ ଉତ୍ସବ ଅବସରରେ ଅଗଣିତ ପାଠିକାପାଠକ ଓ ଧରିତ୍ରୀ ପରିବାରକୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଦିଲ୍ଲୀପ କୁମାର ଛୋଟରାୟ
ସମାଜସେବୀ ତଥା ପୂର୍ବତନ ସରପଞ୍ଚ
ପାଲିବନ୍ଧ ପଞ୍ଚାୟତ

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ରାଜ୍ୟବାସୀଙ୍କ ସୁସ୍ଥ, ନୀରୋଗ, ନିରାମୟ ଜୀବନ କାମନା କରୁଛୁ ।
ଶ୍ରୀମତୀ ମମତା ପଣ୍ଡା
(ଅଧ୍ୟକ୍ଷା, ନେମ୍ ଆଣ୍ଡ ଫେମ୍ ପବ୍ଲିକ ସ୍କୁଲ, ପାଣିକୋଇଲି, ଜିଲ୍ଲା: ଯାଜପୁର)
ଡାକ୍ତର ବସନ୍ତ ପଣ୍ଡା
(ସ୍ୱାସ୍ଥ୍ୟ ଅଧିକାରୀ, ଆୟୁଷ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରସୁଲପୁର ବ୍ଲକ, ଯାଜପୁର)

ଦୈନିକ ଖବରକାଗଜ ଧରିତ୍ରୀର 50ତମ ବାର୍ଷିକ ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶର୍ମିଷ୍ଠା ପ୍ରଧାନ
ଗଞ୍ଜାମ ବ୍ଲକ ଅଧ୍ୟକ୍ଷା

ଅଭିନନ୍ଦନ
'ଧରିତ୍ରୀ'ର ୫୦ ବର୍ଷ ପଦାର୍ପଣ ଅବସରରେ ଏହାର ସମସ୍ତ କାର୍ଯ୍ୟକର୍ତ୍ତା, ଖବରଦାତା, ପାଠିକାପାଠକମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଧରିତ୍ରୀ ଖବରକାଗଜ ନିଜର ନିଛକ ଓ ନିର୍ଭୀକ ସତ୍ୟ ଖବର ପରିବେଷଣ ପାଇଁ ଏହିଭଳି ଜନମାନସଙ୍କ ପ୍ରିୟଭାଜନ ହୋଇ ରହିଥାଉ ଏତିକି କାମନା ।
ଜଣେ ଶୁଭେଚ୍ଛୁ
ରାୟଗଡ଼ା ଜିଲ୍ଲା

ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଓଡ଼ିଆ ଜନଜୀବନର ହୃଦୟର ଭାଷାକୁ ପ୍ରତିବିମ୍ବିତ କରୁଥିବା ଓଡ଼ିଶାର ନିରପେକ୍ଷ, ସର୍ବ ଜନାଦୃତ ଖବରକାଗଜ ''ଧରିତ୍ରୀ''ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆଳି ମହାବିଦ୍ୟାଳୟ ପକ୍ଷରୁ ଏହାର ଅଗଣିତ ଶୁଭେଚ୍ଛୁଙ୍କୁ ଆନ୍ତରିକ ଶୁଭେଚ୍ଛା ।
(ଦୁର୍ଯ୍ୟୋଧନ ମଲ୍ଲିକ)
ଅଧ୍ୟକ୍ଷ
ଆଳି ମହାବିଦ୍ୟାଳୟ, ଆଳି

ଧରିତ୍ରୀ ଏକ ନିରପେକ୍ଷ ଖବରକାଗଜ । ଲେଖା ଅତି ଉଚ୍ଚକୋଟୀର।
ଧରିତ୍ରୀର 50 ବର୍ଷ ପାଳନ ଉପଲକ୍ଷେ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା ।
ରାକେଶ ରଞ୍ଜନ ଦାସ
ବିଜେଡି ଛାତ୍ର ସଭାପତି, ଗଞ୍ଜାମ ଏନ୍‌ଏସି
ସୁଧୀର କୁମାର ପାଢ଼ୀ
ବିଜେଡି ଯୁବ ସଭାପତି, ଗଞ୍ଜାମ ଏନ୍‌ଏସି

ଅଭିନନ୍ଦନ
"ଧରିତ୍ରୀ" ଖବରକାଗଜ ୫୦ ବର୍ଷ ହେଲା ଧରିତ୍ରୀ ମାତାର ସେବା କରି ଆସିଥିବାରୁ ସମ୍ପାଦକ ଓ ଧରିତ୍ରୀ ପରିବାରକୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ମାଁ ମାହେଶ୍ୱରୀଙ୍କ ନିକଟରେ ସମସ୍ତଙ୍କର ମଙ୍ଗଳ କାମନା କରୁଛି ।
ସଂଜୀବ କୁମାର ସାହୁ
ପୂର୍ବତନ ମନ୍ତ୍ରୀ, ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ

Best Wishes
Education aids in the development of critical skills such as decision-making, mental agility, problem-solving and logical reasoning.
PATTAMUNDAI COLLEGE
KENDRAPARA

ଅଭିନନ୍ଦନ
'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ରାୟଗଡ଼ା ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ଶିବ ପଟ୍ଟନାୟକ
ଜିଲ୍ଲା ସଭାପତି, ବିଜେପି, ରାୟଗଡ଼ା

Govt. of Uttarakhand

Azadi Ka Amrit Mahotsav

*Uttarakhand on the rise*

*A land of peace, potential and prosperity*

DESTINATION UTTARAKHAND
GLOBAL INVESTORS SUMMIT 2023
8th - 9th December | Dehradun
Peace To Prosperity



Pushkar Singh Dhami
Chief Minister of Uttarakhand

# UTTARAKHAND
## Global Investors Summit 2023

*Inauguration*

by



Narendra Modi
Prime Minister

# Narendra Modi
Prime Minister

in the august presence of



## Pushkar Singh Dhami
Chief Minister, Uttarakhand

**Date: 08 December, 2023**

**Time: 9 AM | Venue: FRI, Dehradun**



Memorandum of Understanding (MoU) worth more than ₹3 lakh crore signed under Uttarakhand Global Investors Summit 2023.

More than 5,000 business representatives and ambassadors from different countries will participate.

Ground-Breaking Ceremony of projects worth more than ₹44,000 crore.

More than 27 investor-friendly policies implemented in all areas of the state. Promotion of state investment through competitive incentives, subsidies and favorable business environment.

**To register visit URL** www.destinationuttarakhand.co.in/investorsummit/visitors/visitor-register

**or scan the QR code**

/ukgis2023

**Toll Free No. 1800-309-7225**

**Watch the live telecast of the program on DD News**

Issued in Public Interest by Information & Public Relations Department, Uttarakhand | www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

ଧରିତ୍ରୀ 50 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୮/୨୦୨୩ Bhubaneswar, Friday, December 8/ 2023

# କମିଟି ଗଠନ କଲା ଓସିଏ

**କଟକ,୭।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶାକ୍ରିକେଟଆସୋସିଏସନ(ଓସିଏ)ର ପକ୍ଷରୁ କ୍ରିକେଟର ଉନ୍ନତି ଓ ସୁପରିଚାଳନା ପାଇଁ ଗୁରୁବାର ବିଭିନ୍ନ କମିଟି ଗଠନ କରାଯାଇଛି। ଗୁରୁବାର ଅର୍ଥ, ସମ୍ବିଧାନ ଓ ଅନୁବନ୍ଧନ, ଟୁର୍, ମ୍ୟାଚ୍ ସୂଚୀ ଓ ବୈଷୟିକ କମିଟି, କ୍ରିକେଟ ପରାମର୍ଶଦାତା କମିଟି, ଟୁର୍ନାମେଣ୍ଟ କମିଟି, ଶୃଙ୍ଖଳାଗତ କମିଟି ଓ ଆର୍ବିଟେସନ୍ କମିଟି ଗଠନ କରାଯାଇଛି। ଏହା ବ୍ୟତିତ କ୍ରିକେଟର ସୁପରିଚାଳନା ନିମନ୍ତେ ଓସିଏ କ୍ଲବ କମିଟି, ଏକାଡେମୀ କମିଟି, ଭିତ୍ତିଭୂମି କମିଟି ଓ କ୍ୟାମ୍ପ ଆଡମିନ କମିଟି ମଧ୍ୟ ଗଠନ କରାଯାଇଛି। ଓସିଏର ଅର୍ଥ କମିଟିରେ ଉପେନ୍ଦ୍ର ଦାସ, ସୌର୍ଯ୍ୟ ରଞ୍ଜନ ପରିଜା, ରବି ଶଙ୍କର ପ୍ରତିହାରୀ, ସରୋଜ କୁମାର ସାହୁ, ଶୁଭାଶିଷ ସାହୁ ରହିଛନ୍ତି । ଟୁର୍ଣ୍ଣାମେଣ୍ଟ କମିଟିରେ ବିରେନ୍ଦ୍ର କୁମାର ବେହେରା, ସୁଶାନ୍ତ ମହାନ୍ତି, ପ୍ରଦୀପ ସେଠୀ, ଶିବବ୍ରତ ମଲ୍ଲିକ, ଗୌତମ ଗଜପତି, ସମ୍ବିଧାନ ଓ ଅନୁବନ୍ଧନ କମିଟିରେ ଜନାର୍ଦ୍ଦନ ଦାସ, ନଳିନୀକାନ୍ତ ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ, ବିଜୟ ଦାସ, ସଚ୍ଚିଦାନନ୍ଦ ଖାଡାଙ୍ଗା, ଶୃଙ୍ଖଳା କମିଟିରେ ଜଗମୋହନ ପଟ୍ଟନାୟକ, ମେହତାବ ଖାନ, ଯୁଗଳ କିଶୋର ସାମଲ, ସଂଗ୍ରାମ କିଶୋର ଗୁମାନସିଂ, ସୁଧାଂଶୁ ଭୂଷଣ ମିଶ୍ର ରହିଛନ୍ତି । ସେହିପରି ଟୁର୍, ମ୍ୟାଚ୍ ସୂଚୀ ଓ ବୈଷୟିକ କମିଟିରେ ଶୁଭାଶିଷ ସେନାପତି, ରବୀନ୍ଦ୍ର କୁମାର ଦାସ, ଗଗନେନ୍ଦୁ ଦାଶ, ସୁଜିତ କୁମାର ପ୍ରଧାନ, ସତବୀର ସିଂହ ରହିଛନ୍ତି । ଆର୍ବିଟେସନ କମିଟିରେ ବଙ୍କିମ ଦାସ, ଶିବ ପ୍ରସାଦ ତ୍ରିପାଠୀ, ତଡିତ କୁମାର ରାଉତ, ଅର୍ଜ୍ଜୁନ ତ୍ରିପାଠୀ, ରଘୁନନ୍ଦନ ପାଢ଼ୀ, କ୍ରିକେଟ ପରାମର୍ଶଦାତା କମିଟିରେ କିଶୋର ମାଣିଆ, ଅଜିତ ଜୟପ୍ରକାଶ, ଚିନ୍ମୟାନନ୍ଦ ଜେନା ରହିଛନ୍ତି । ଟୁର୍ନାମେଣ୍ଟ କମିଟିରେ ବୀରେନ୍ଦ୍ର କୁମାର ବେହେରା, ସୁଶାନ୍ତ ମହାନ୍ତି, ପ୍ରଦୀପ ସେଠୀ, ଶିବବ୍ରତ ମଲିକ ଓ ଗୌତମ ଗଜପତି ରହିଛନ୍ତି। ଶୃଙ୍ଖଳାଗତ କମିଟିରେ ଜଗମୋହନ ପଟ୍ଟନାୟକ, ମେହତାବ ଖାନ୍, ଯୁଗଳ କିଶୋର ସାମଲ, ସଂଗ୍ରାମ କିଶୋର ଗୁମାନ ସିଂ ଓ ସୁଧାଂଶୁ ଭୂଷଣ ମିଶ୍ର ରହିଛନ୍ତି। ସେହିପରି ଆର୍ବିଟ୍ରେସନ୍ କମିଟିରେ ବଙ୍କିମ ଦାସ, ଶିବ ପ୍ରସାଦ ତ୍ରିପାଠୀ, ତଡିତ୍ ରାଉତ, ଅର୍ଜ୍ଜୁନ୍ ତ୍ରିପାଠୀ ଓ ରଘୁନନ୍ଦନ ପାଢୀ ସ୍ଥାନ ପାଇଛନ୍ତି।

ଓସିଏ କ୍ଲବ କମିଟିରେ ଆଶୀର୍ବାଦ ବେହେରା, ଅଧୀପ ଦାସ, ଧୀରେନ ପଲାଇ, ଅନୂପ ପାତ୍ର, ଓସିଏ ଏକାଡେମୀ କମିଟିରେ ବିଜୟ ଦାସ, ନିର୍ବାଣ ରାୟ, ନୃସିଂହ ଚରଣ ଚୌଧୁରୀ, ସନ୍ତୋଷ ଦାସ, ଭିତ୍ତିଭୂମି କମିଟିରେ ଧୀରେନ ପଲାଇ, ରବି ନାରାୟଣ ପଣ୍ଡା, ଅମିତ ବେହେରା, କ୍ୟାମ୍ପ ଆଡମିନ ମ୍ୟାନେଜମେଣ୍ଟ କମିଟିରେ ଦେବାଶିଷ ପାଢ଼ୀ, ଅନୀଲ ବିଶ୍ୱାଳ ଓ ବିସିସିଆଇ ଟୁର୍ ଏବଂ ଫିକ୍ସଚର କମିଟିରେ ହରି ନାରାୟଣ ପୂଜାରୀ ରହିଛନ୍ତି । ସଂଘର ଗତ ସାଧାରଣ ପରିଷଦ ବୈଠକରେ ସଭାପତି ପ୍ରଣବ ପ୍ରକାଶ ଦାସ ଏବଂ ସମ୍ପାଦକ ସଞ୍ଜୟ ବେହେରା କମିଟି ଗଠନ ନେଇ ଘୋଷଣା କରିଥିଲେ। ଏ ନେଇ ଗୁରୁବାର ଓସିଏ ପକ୍ଷରୁ ଏକ ଖବରଦାଓା ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।



ଓଜିପି ଫୁଟବଲ୍ କ୍ଲବ୍ ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଓଡ଼ିଶା ଓମେନ୍ସ ଫୁଟ୍‌ବଲ ଲିଗ୍: ଓଜିପି କ୍ଲବ ବିଜୟୀ

**ଭୁବନେଶ୍ୱର, ୭।୧୨ (ବିଜୟ ରଣା)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ଓଜିପି କ୍ଲବ ୨-୦ ଗୋଲ୍‌ରେ ସ୍ପୋର୍ଟ୍ସ ଓଡ଼ିଶାକୁ ହରାଇ ଦେଇଛି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ସୁନୀତା ସୋରେନ (୪୩ତମ ମିନିଟ) ଓ ଶ୍ରୀଜାନ ତମାଙ୍ଗ (୫୮ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ।

# ବାଲିଗୁଡ଼ାରେ ପୁରୀ, ଖୋର୍ଦ୍ଧା ବିଜୟୀ



ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ଫୁଲବାଣୀ,୭।୧୨(ରାକେଶ କୁମାର ରାଉତ)**

## ୭୦ ତମ ସିନିୟର ଓ ୨ୟ ଆନ୍ତଃ କ୍ଲବ ଭଲିବଲ୍

୭୦ତମ ସିନିୟର ଓ ୨ୟ ଆନ୍ତଃ କ୍ଲବ ଭଲିବଲ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ବୌଦ୍ଧ-କନ୍ଧମାଳ ଜିଲା କ୍ରୀଡା ସଂଘ ଓ ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ) ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଫୁଲବାଣୀ, ବାଲିଗୁଡା, ରାଇକିଆ, ଦାରିଙ୍ଗିବାଡି ଓ ବୌଦ୍ଧ ପରି ୫ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳାଯିବ। ସମୁଦାୟ ୬୮ ଦଳ ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବା ବେଳେ ୧୦୦୦ରୁ ଅଧିକ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିବେ। ଫୁଲବାଣୀର କୋରୋନେଶନ ଗ୍ରାଉଣ୍ଡରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଓଭିଏ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ, କନ୍ଧମାଳା ଆଥଲେଟିକ୍ ଆସୋସିଏନ ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଓଭିଏର ସାଧାରଣ ସମ୍ପାଦକ ତଥା କିଟ୍ ଓ କିସ୍‌ର କ୍ରୀଡା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରଥମ ଦିନରେ ୩ଟି ଭେନ୍ୟୁରେ ୧୨ ମ୍ୟାଚ୍ ଖେଳା ଯାଇଥିଲା। ଫୁଲବାଣୀରେ ୬, ରାଇକିଆରେ ୪ ଓ ବାଲିଗୁଡାରେ ୨ଟି ମ୍ୟାଚ୍ ଖେଳା ଯାଇଥିଲା। ବାଲିଗୁଡାରେ ଖେଳା ଯାଇଥିବା ମ୍ୟାଚ୍‌ରେ ଖୋର୍ଦ୍ଧା ୨-୦ରେ ସମ୍ବଲପୁରକୁ ଓ ପୁରୀ ୨-୦ରେ କଳାହାଣ୍ଡିକୁ ପରାସ୍ତ କରିଥିଲା। ରାଇକିଆରେ ଖେଳା ଯାଇଥିବା ୪ ମ୍ୟାଚରେ କୋରାପୁଟ ୨-୧ରେ କେନ୍ଦ୍ରାପଡା, ଢେଙ୍କାନାଳ ୨-୦ରେ ଝାରସୁଗୁଡା, ନୟାଗଡ ୨-୦ରେ ବଲାଙ୍ଗୀର ଓ ଢେଙ୍କାନାଳ ୨-୦ରେ କେନ୍ଦ୍ରାପଡାକୁ ହରାଇଛି। ଅନ୍ୟ ପକ୍ଷରେ ଫୁଲବାଣୀରେ ଖେଳା ଯାଇଥିବା ୬ ମ୍ୟାଚ୍‌ରେ କିଟ୍ ୨-୦ରେ ଓଡ଼ିଶା ପୋଲିସ୍, କେନ୍ଦୁ ଝର ୨-୦ରେ ଭଦ୍ରକ, ଦେବଗଡ ୨-୦ରେ କନ୍ଧମାଳ, ସମ୍ବଲପୁର ୨-୦ରେ ବରଗଡ, ସୁନ୍ଦରଗଡ ୨-୦ରେ ବୌଦ୍ଧ ଓ ଜଗତସିଂହପୁର ୨-୦ରେ କଟକକୁ ପରାସ୍ତ କରିଛି।

# କ୍ଲବ-୭୩ ଫାଇନାଲରେ

**ଭୁବନେଶ୍ୱର, ୭।୧୨ (ବିଜୟ ରଣା):** ସ୍ଥାନୀୟ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ପଣ୍ଡା ମେମୋରିଆଲ ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍‌ର ପ୍ରଥମ ସେମିଫାଇନାଲରେ କ୍ଲବ-୭୩ ୧-୦ ଗୋଲ୍‌ରେ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ଥିଲା। ଫିନିସିଂ ଅଭାବରୁ ଉଭୟ ଦଳ ଗୋଲ ସ୍କୋର କରି ବାରେ ସଫଳ ହୋଇ ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୬୮ତମ ମିନିଟ୍‌ରେ ଚିଣ୍ଟୁ ସାମଲଙ୍କ ଗୋଲ୍ ସହାୟତାରେ କ୍ଲବ -୭୩ ମ୍ୟାଚକୁ ୧-୦ରେ ଜିତି ନେଇଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଚିଣ୍ଟୁ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବା)ର ବରିଷ୍ଠ କାର୍ଯ୍ୟକାରୀ ସମିତି ସଦସ୍ୟ ପ୍ରିୟନାଥ ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଚନ୍ଦ୍ରକାନ୍ତ ବାରିକ ମ୍ୟାଚ ପରିଚାଳନା କରିଥିଲେ। ବିଜୟ ମଙ୍ଗରାଜ ଓ ଶିବ ସାମନ୍ତରାୟ ସହକାରୀ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ସୁଜିତ କୁମାର ପାତ୍ର ଚତୁର୍ଥ ରେଫରି ରହିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ କିଶୋର କ୍ଲବ ଓ ଏଜି ରିକ୍ରିଏଶନ କ୍ଲବ ମଧ୍ୟରେ ଖେଳାଯିବ।

# ଫାଓ ଏକାଡେମୀକୁ ହରାଇଲା ରାଇଜିଂ ଷ୍ଟାର



ଆର୍ଡୋର ଫୁଟ୍‌ବଲ ଏକାଡେମୀ ଏବଂ କିଟ୍/କିସ୍ ମଧ୍ୟରେ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର, ୭।୧୨ (ବିଜୟ ରଣା)**

ଫାଓ ୟୁଥ୍ ଲିଗ୍-୨୦୨୩ର ୫ମ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତନ୍ମଧ୍ୟରୁ ଦୁଇଟି ମ୍ୟାଚରେ ଆଡୋର ଫୁଟ୍‌ବଲ ଏକାଡେମୀ ବିଜୟ ଲାଭ କରିଛି। ୧୫ବର୍ଷରୁ କମ୍ କାଟେଗୋରିରେ ଆର୍ଡୋର ଫୁଟ୍‌ବଲ ଏକାଡେମୀ ଏବଂ କିଟ୍/କିସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍ ଶୂନ୍ୟ ଡ୍ର ଭାବେ ଶେଷ ହୋଇଛି। ସେହିପରି ୧୩ ବର୍ଷରୁ କମ୍ କାଟେଗୋରୀରେ ଖେଳାଯାଇଥିବା ଗୋଟିଏ ମ୍ୟାଚରେ ରାଇଜିଂ ଷ୍ଟାର କ୍ଲବ ୨-୦ ଗୋଲ୍‌ରେ ଫାଓ ଏକାଡେମୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଶୁଭମ ଦାସ ୧୦ମ ମିନିଟ୍‌ରେ ଏବଂ ସୁନୀଲ କୁମାର ଦାସ ୫୬ତମ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି କାଟେଗୋରିରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଆର୍ଡୋର ଫୁଟ୍‌ବଲ ଏକାଡେମୀ ୪-୦ ଗୋଲ୍‌ରେ କିଟ୍/କିସ୍‌କୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ଶ୍ରୀଜଲ କିସ୍‌କୁ (୧୭ତମ, ୪୪ତମ ଓ୫୦ତମ ମିନିଟ) ତିନୋଟି ଗୋଲ୍ ସ୍କୋର କରିଥିବା ବେଳେ ମେହୁଲ ଭରଦ୍ୱାଜ ୪୧ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ।

# ପେନାଙ୍ଗ ଇଣ୍ଟରନ୍ୟାଶନାଲ ଚେସ୍‌ରେ ଭାଗନେବେ ସୌମ୍ୟ

**ଭୁବନେଶ୍ୱର, ୭।୧୨ (ତପନ ସ୍ୱାଇଁ)**

ଓଡ଼ିଶା ଚେସ୍‌ର ଚର୍ଚ୍ଚିତ ଚେହେରା ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ରଙ୍କ ପାଇଁ ଆସିଛି ଏକ ବଡ଼ ସୁଯୋଗ। ମାଲେସିଆରେ ଚଳିତ ମାସ ୧୭ରୁ ୨୩ ପର୍ଯ୍ୟନ୍ତ ହେବାକୁ ଯାଉଥିବା ପେନାଙ୍ଗ ଇଣ୍ଟରନ୍ୟାଶନାଲ ଚେସ୍ ଟୁର୍ନାମେଣ୍ଟରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତ ବ୍ୟତୀତ ବିଭିନ୍ନ ଦେଶରୁ ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର ଓ ଅନ୍ୟ ଟାଇଟଲଧାରୀ



ଅଂଶଗ୍ରହଣ କରିବେ। ତେଣୁ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ର୍ୟାଙ୍କପ୍ରାପ୍ତ ଖେଳାଳିଙ୍କ ବିପକ୍ଷରେ ନିଜ ଅଭିଜ୍ଞତାକୁ ଅଧିକ ପରିପକ୍ୱ କରିବାର ସୁଯୋଗ ପାଇବେ ସୌମ୍ୟ। ରାଜ୍ୟରେ ୭୯ଟି ଓପନ ଟାଇଟଲ ହାସଲ କରି ରେକର୍ଡ ପଥରେ ଥିବା ସୌମ୍ୟ ଆଗାମୀ ପ୍ରତିଯୋଗିତାର ଓପନ ବିଭାଗରେ ଅଂଶଗ୍ରହଣ କରିବେ। ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଖେଳିବାକୁ ସୁଯୋଗ ପାଇଥିବାରୁ ସେ ସ୍ୱାଭାବିକ ଭାବେ ଖୁସି ପ୍ରକାଶ କରିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ତାଙ୍କ ନିଯୁକ୍ତି ସଂସ୍ଥା ପୋଷ୍ଟାଲ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

# ସ୍ପେନ୍ ନିକଟରୁ ହାରିଲା ଭାରତ

**କୁଆଲାଲାମ୍ପୁର,୭।୧୨(ପି.ଟି.)**

ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପରେ ଭାରତ ୧-୪ରେ ସ୍ପେନ୍ ନିକଟରୁପରାଜିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ କୋରିଆକୁ ପରାସ୍ତ କରିଥିବା ଭାରତୀୟ ଦଳ ପରାଜୟ ସହ ପୁଲ୍‌ସିରେ ୩ ନମ୍ବର ସ୍ଥାନରେ ରହିଛି। ସ୍ପେନ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଗୋଲ ବ୍ୟବଧାନରେ ଆଗୁଆ ରହି କୋରିଆ ଦ୍ୱିତୀୟ ସ୍ଥାନରେ ରହିଛି। ଶନିବାର ଭାରତ ଏହାର ଅନ୍ତିମ ମ୍ୟାଚ କାନାଡା ସହିତ ଖେଳିବ। ସ୍ପେନ୍ ପକ୍ଷରୁ କାବ୍ରେ ଭେର୍ଡିଏଲ(୧ ଓ ୪୧) ମିନିଟ ଏବଂ ରାଫି ଆଣ୍ଡ୍ରିଏସ୍(୧୮ ଓ ୬୦) ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ଭାରତ ପକ୍ଷରୁ ୩୩ ତମ ମିନିଟରେ ରୋହିତ ଏକମାତ୍ର ଗୋଲ ଦେଇଥିଲେ।

# ପାକିସ୍ତାନ ଦଳ ପ୍ରତି ଲାଇଭ୍ ଟିଭିରେ ରେସିଷ୍ଟ ଶବ୍ଦ

**କାନବେରା, ୭।୧୨ (ପି.ଟି.):** ଅଷ୍ଟ୍ରେଲୀୟ ଟିଭି ଚ୍ୟାନେଲରେ ପାକିସ୍ତାନ କ୍ରିକେଟ ଦଳ ଉଦ୍ଦେଶ୍ୟରେ ରେସିଷ୍ଟ ଶବ୍ଦର ପ୍ରୟୋଗ କରାଯାଇଛି। ପାକିସ୍ତାନୀମାନଙ୍କୁ ଅପମାନସୂଚକ ଶବ୍ଦ ଭାବରେ ପାକି ବ୍ୟବହାର ହେଉଥିବା ବେଳେ ଏକ ଟିଭି ଚ୍ୟାନେଲରେ ସମାନ ଶବ୍ଦ ବ୍ୟବହାର କରାଯାଇଥିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରଥମ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଏକାଦଶ ସହିତ ଅଭ୍ୟାସ ମ୍ୟାଚ୍ ଖେଳିଥିଲା ପାକିସ୍ତାନ। ଫକ୍ସ କ୍ରିକେଟ ଚ୍ୟାନେଲରେ ମ୍ୟାଚର ସ୍କୋର କାର୍ଡରେ ହିଁ ଏଭଳି ନାମ ଦେଖିବାକୁ ମିଳିଥିଲା। ସାଧାରଣତଃ ପାକିସ୍ତାନ ଖେଳୁଥିବା ସମୟରେ ପାକ୍ ଲେଖା ଯାଇଥାଏ। ତେବେ ଏହି ମ୍ୟାଚ୍‌ରେ ସ୍କୋର କାର୍ଡ ସମ୍ମୁଖରେ ପାକ୍ ବଦଳରେ ପାକି ଲେଖା ଯାଇଥିଲା। ମ୍ୟାଚ୍ ସମୟରେ କେହି ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା ବେଳେ ମ୍ୟାଚ୍ ପରେ ସାମ୍ବାଦିକ ଡାନି ସଇଦ୍ ଏହାର ଏକ ସ୍କ୍ରିନ୍‌ଶଟ୍ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଥିଲେ। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ତୁରନ୍ତ ଏହି ଘଟଣାକୁ ନେଇ କ୍ଷମାପ୍ରାର୍ଥନା କରାଯାଇଥିଲା। ଅନ୍ୟ ଜଣେ ଡାଟା ପ୍ରୋଭାଇଡରଙ୍କ ପକ୍ଷରୁ ଏହି ତଥ୍ୟ ଆସିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଅଭିଯୋଗ ଆସିବାର ତୁରନ୍ତ ପରେ ଏହାକୁ ସଂଶୋଧନ କରାଯାଇଥିବା କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଥିଲା।

# ବିନ୍ନି ହେଲେ ଡବ୍ଲ୍ୟୁପିଏଲ୍ କମିଟି ମୁଖ୍ୟ

**ନୂଆଦିଲ୍ଲୀ, ୭।୧୨ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ୮ଜଣ ସଦସ୍ୟ ବିଶିଷ୍ଟ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) କମିଟି ଗଠନ କରିଛି। ବିସିସିଆଇ ସଭାପତି ରୋଜର ବିନ୍ନିଙ୍କୁ ଏହାର ଅଧ୍ୟକ୍ଷ କରାଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହାଙ୍କୁ ଏହାର ଆବାହକ କରାଯାଇଛି। କମିଟିର ଅନ୍ୟ ସଦସ୍ୟମାନେ ହେଲେ ଅରୁଣ ଧୂମଲ (ଆଇପିଏଲ୍ ଅଧ୍ୟକ୍ଷ), ରାଜୀବ ଶୁକ୍ଳା (ବିସିସିଆଇ ଉପସଭାପତି), ଆଶିଷ ଶେଲାର (ବିସିସିଆଇ କୋଷାଧ୍ୟକ୍ଷ), ଦେବଜିତ ସାଇକିଆ (ବିସିସିଆଇ ଯୁଗ୍ମ ସମ୍ପାଦକ), ମଧୁମତୀ ଲେଲେ ଓ ପ୍ରଭତେଜ ଭାଟିଆ। ଏହି କମିଟି ଡବ୍ଲ୍ୟୁପିଏଲରେ ଅଂଶୀଦାର, ଖେଳାଳି ଏବଂ ପ୍ରଶଂସକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିବ। ଡବ୍ଲ୍ୟୁପିଏଲ୍-୨୪ ପାଇଁ ନିଲାମି ଡିସେମ୍ବର ୯ରେ ମୁମ୍ବାଇରେ ହେବ। ଲିଗ୍‌ର ତାରିଖ ଓ ଭେନ୍ୟୁ ଶୀଘ୍ର ଘୋଷଣା କରାଯିବ ବୋଲି ଆଶା କରାଯାଉଛି।

# ସ୍ୱାଧୀନ ରୌପ୍ୟ, ଜୟନ୍ତୀ ବ୍ରୋଞ୍ଜ



ସ୍ୱାଧୀନ ମାହାର



ଜୟନ୍ତୀ ବେହେରା

## ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସ

**ଭୁବନେଶ୍ୱର, ୭।୧୨ (ସରୋଜ ଜେନା)**

ଥାଇଲାଣ୍ଡର ନାଖୋନ ରାଚାସିମାରେ ଚାଲିଥିବା ୱାର୍ଲ୍ଡଆବିଲିଟି ସ୍ପୋର୍ଟଗେମ୍ସରେ ଜୟନ୍ତୀ ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ସ୍ୱାଧୀନ ମାହାର ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ୧୦୦ ମିଟର ଟି-୪୭ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଜୟନ୍ତୀ ଗୁରୁବାର ଦ୍ୱିତୀୟ ବ୍ରୋଞ୍ଜ ହାସଲ କରିଛନ୍ତି। ଥାଇଲାଣ୍ଡର ସାସିରାୱାନ ଇଥାଚୋଟ ୨୬.୦୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଇଣ୍ଡୋନେସିଆର ନନ୍ଦାମେଇ ଶୋଲିହା ୨୭.୦୫ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଜୟନ୍ତୀ ବେହେରା ୨୭.୨୨ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଲଙ୍ଗ ଜମ୍ପର ସ୍ୱାଧୀନ ଟି-୪୨/୪୪/୪୬/୪୭ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସ୍ୱାଧୀନ ୫.୯୩ ମିଟରର ଦୂରକୁ ଜମ୍ପ କରିଥିଲେ। ଥାଇଲାଣ୍ଡର ସିରିମୋଙ୍ଗଖୋଲ ଚାଇୱାଟ ୬.୦୩ ମି. ଓ ଇଣ୍ଡୋନେସିଆର ପାର୍ଟିନ ୫.୬୭ ମିଟରର ଜମ୍ପ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ।


# ଜନ୍ମଦିନ ବିଶେଷାଙ୍କ ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):** ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ